# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, February 23/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 91 | ମୂଲ୍ୟ₹୭/-


DSPL-698

ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା



## ଉଦୀୟମାନ ଯୁବକଯୁବତୀଙ୍କୁ 'ଯୁବ ଉଦ୍ୟୋଗୀ' ରେ ପରିଣତ କରିବା ପାଇଁ ଆମ ସରକାରଙ୍କ ନୂଆ ଯୋଜନା

# 'ସ୍ୱୟମ୍'

swayam.odisha.gov.in

## ଲାଭଜନକ ବ୍ୟବସାୟ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ

### ଯୋଜନା

- ନୂଆ କିମ୍ବା ଚାଲୁ ରହିଥିବା ବ୍ୟବସାୟ ବଢ଼ାଇବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ।
- ଋଣର ସୁଧଭାର ବହନ କରିବେ ସରକାର ।
- ବ୍ୟବସାୟ ପାଇଁ ଆବଶ୍ୟକ ଟଙ୍କାର ମାତ୍ର ୫ % ମୂଳ ଜମା ଆକାରରେ ଦାଖଲ କରିବାକୁ ପଡିବ ।
- ଋଣ ନିମନ୍ତେ କୌଣସି ବଂଧକ ରଖିବାକୁ ପଡିବ ନାହିଁ କିମ୍ବା ପ୍ରୋସେସିଂ ଫି ଦେବାକୁ ପଡିବ ନାହିଁ ।
- ଋଣ ପରିଶୋଧ କରିବାର ୪ ବର୍ଷ ସମୟ ସୀମା ମଧ୍ୟରେ ବ୍ୟାଙ୍କର ପ୍ରଚଳିତ ନିୟମାନୁଯାୟୀ ୩ ରୁ ୬ ମାସ ପର୍ଯ୍ୟନ୍ତ ଋଣ ପରିଶୋଧ ଅବଧି ରିହାତି ।

### ଯୋଗ୍ୟତା

- ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଆଗ୍ରହୀ ଯୁବକଯୁବତୀ ।
- ଅନୁସୂଚିତ ଜାତି / ଜନଜାତି / ଭିନ୍ନକ୍ଷମ / କିନ୍ନର ଋଣଗ୍ରହୀତାଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୪୦ ବର୍ଷ ।
- 'କାଳିଆ', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ରେ ଅନ୍ତର୍ଭୁକ୍ତ ହୋଇଥିବା ପରିବାର କିମ୍ବା ଗ୍ରାମାଞ୍ଚଳରେ ୨ ଲକ୍ଷ ଟଙ୍କା ଏବଂ ସହରାଞ୍ଚଳରେ ୩ ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାର ।
- 'ଉଦ୍ୟମ' ଯୋଜନାରେ ପଞ୍ଜିକୃତ କିମ୍ବା ସହାୟକ ନମ୍ବରଧାରୀ ଯୁବକଯୁବତୀ ।

### ଆବଶ୍ୟକ କାଗଜ ପତ୍ର

- ଆବେଦନକାରୀଙ୍କ ପାସ୍‌ପୋର୍ଟ ସାଇଜ ଫଟୋ ।
- ବୟସ ପ୍ରମାଣପତ୍ର (ଆଧାର କାର୍ଡ଼ / ଭୋଟର ଆଇ.ଡି / ପ୍ୟାନ କାର୍ଡ଼ / ଦଶମ ବୋର୍ଡ଼ ସାର୍ଟିଫିକେଟ / ଜନ୍ମ ପ୍ରମାଣପତ୍ର) ।
- ବାସସ୍ଥାନ ପ୍ରମାଣପତ୍ର (ଆଧାର କାର୍ଡ଼ / ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ବାସସ୍ଥାନ ପ୍ରମାଣପତ୍ର / ଭୋଟର ଆଇ.ଡି / ଡ୍ରାଇଭିଂ ଲାଇସେନ୍ସ / ବିଦ୍ୟୁତ ବିଲ୍ / ରାସନ କାର୍ଡ଼) ।
- ବାର୍ଷିକ ଆୟ ପ୍ରମାଣପତ୍ର / 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କାର୍ଡ଼ / 'କାଳିଆ' ଯୋଜନା କାର୍ଡ଼ ।
- UDYAM ରେଜିଷ୍ଟ୍ରେସନ / ଆସିଷ୍ଟେଡ଼ ସାର୍ଟିଫିକେଟ ।
- ଜାତି / ଭିନ୍ନକ୍ଷମ ପ୍ରମାଣପତ୍ର ।
- ସହରାଞ୍ଚଳ କିନ୍ନରଙ୍କ ଦ୍ୱାରା ଘୋଷଣାପତ୍ର ।

### ଆବେଦନ ପ୍ରକ୍ରିୟା

- ଆବେଦନକାରୀ **swayam.odisha.gov.in** ୱେବ୍‌ସାଇଟ୍ ଅଥବା **'ମୋ ସେବା କେନ୍ଦ୍ର'** ସହାୟତାରେ ଆବେଦନ କରିପାରିବେ ।
- ସହରାଞ୍ଚଳ ଆବେଦନକାରୀ ନିଜ ଋଣ ଦରଖାସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ/ ପୌର ପରିଷଦ/ମହାନଗର ନିଗମ କାର୍ଯ୍ୟାଳୟରେ ମଧ୍ୟ ଦାଖଲ କରିପାରିବ ।
- ଆବେଦନକାରୀ ଯେଉଁ ବ୍ୟାଙ୍କରୁ ଋଣ ନେବାକୁ ଇଚ୍ଛୁକ, ତାହା ଆବେଦନ ସମୟରେ ଦର୍ଶାଇବେ ।
- ଆସନ୍ତା ତା ୨୩/୦୨/୨୪ ରିଖରୁ ଆବେଦନ ଗ୍ରହଣ କରାଯିବ ।

OIPR-19001/13/0088/2324

## ସ୍ୱାବଲମ୍ବୀ ଯୁବଗୋଷ୍ଠୀ, ନବୀନ ଓଡ଼ିଶାର ଶକ୍ତି ।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ Bhubaneswar, Friday, February 23/2024







# ସତ୍ୟପାଳଙ୍କ ଘରେ ସିବିଆଇ ଚଢ଼ାଉ

## କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୨୨।୨(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୨,୨୦୦ କୋଟି ଟଙ୍କାର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଦୁର୍ନୀତି ମାମଲାରେ ଗୁରୁବାର ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ବାସଭବନ ସମେତ ଅନ୍ୟ ୨୯ଟି ସ୍ଥାନରେ ଚଢ଼ାଉ କରିଛି। ସିବିଆଇର ପ୍ରାୟ ୧୦୦ ଜଣ ଅଧିକାରୀ ଜମ୍ମୁ-କଶ୍ମୀର, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ସମେତ ଦିଲ୍ଲୀ ଓ ମୁମ୍ବାଇରେ ଥିବା ୩୦ଟି ସ୍ଥାନରେ ଚଢ଼ାଉ କରଛନ୍ତି। ସତ୍ୟପାଳଙ୍କ ଆର୍.କେ. ପୁରମ୍, ଦ୍ୱାରକା, ଦିଲ୍ଲୀର ଏସିଆନ୍ ଗେମ୍ସ ଭିଲେଜ, ଗୁରୁଗ୍ରାମ ଏବଂ ବାଗପତ୍ ଘରେ ତଦନ୍ତକାରୀ ଅଧିକାରୀମାନେ ପହଞ୍ଚି ଖାନତଲାସ ଚଳାଇଥିଲେ। ଏହା ବ୍ୟତୀତ ସତ୍ୟପାଲ୍ଙ୍କ ସହଯୋଗୀ ତଥା ଚେନାବ ଭ୍ୟାଲି ପାୱାର ପ୍ରୋଜେକ୍ଟ ପ୍ରା.ଲିଃର ପୂର୍ବତନ ଅଧ୍ୟକ୍ଷ ନବୀନ କୁମାର ଚୌଧରୀ ଏବଂ ପଟେଲ ଇଞ୍ଜିନିୟରିଂ ଲିମିଟେଡ୍ର ଅଧିକାରୀଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଥିବା ସିବିଆଇ ଅଧିକାରୀମାନେ କହିଛନ୍ତି। ଗତ ମାସରେ ମଧ୍ୟ ଦିଲ୍ଲୀ ଓ ଜମ୍ମୁର ୮ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା।


ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ

ଚଢ଼ାଉ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି ସତ୍ୟପାଲ କହିଛନ୍ତି ସରକାରୀ ଏଜେନ୍ସି ଜରିଆରେ ଏକଚ୍ଛତ୍ରବାଦୀଙ୍କ ଦ୍ୱାରା ତାଙ୍କ ଘରେ ଚଢ଼ାଉ କରାଯାଉଛି। ସେ ୩-୪ ଦିନ ହେଲା ଅସୁସ୍ଥ ଥାଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସତ୍ତ୍ୱେ ଏକଚ୍ଛତ୍ରବାଦୀ ଚଢ଼ାଉ କରୁଛନ୍ତି। ତାଙ୍କ ଡ୍ରାଇଭର ଓ ସହାୟକଙ୍କୁ ମଧ୍ୟ ବାଦ୍ ଦିଆଯାଉ ନାହିଁ। ଅଯଥାରେ ସେମାନଙ୍କୁ ହଇରାଣ କରାଯାଉଥିବା ସତ୍ୟପାଲ କହିଛନ୍ତି। ସେ ଜଣେ ଚାଷୀ ପୁଅ ଏବଂ ଚାଷୀମାନଙ୍କ ସହ ରହିଥିବା ସତ୍ୟପାଲ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ସତ୍ୟପାଲ ୨୦୧୮ ଅଗଷ୍ଟ ୨୩ରୁ ୨୦୧୯ ଅକ୍ଟୋବର ୩୦ ଯାଏ ☞ପୃଷ୍ଠା-୭

# ଆଜି ଦେଶବ୍ୟାପୀ କଳାଦିବସ

## କୃଷକଙ୍କ ଉପରକୁ ଗୁଳିମାଡ଼ର ପ୍ରତିବାଦ

ଭୁବନେଶ୍ୱର,୨୨।୨(ବନ୍ଦନା ସେଠୀ)

ପଞ୍ଜାବ-ହରିୟାଣା ସୀମା ଖାନାଉରିଠାରେ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା କରୁଥିବା କୃଷକଙ୍କ ଉପରକୁ ରବର ଗୁଳିମାଡ଼ ଭଳି ବର୍ବର ଆକ୍ରମଣକୁ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ୟୁନିୟନଗୁଡ଼ିକର ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେଶନ ସମୂହ ଓଡ଼ିଶା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହି ଗୁଳିରେ ପଞ୍ଜାବର ଭଟିଣ୍ଡା ଜିଲା ବାଲନ୍ ଗ୍ରାମର ଯୁବଚାଷୀ ଶୁଭ କରଣ ସିଂ(୨୩)ଙ୍କ ମୃତ୍ୟୁ ଘଟିଛି। ସେହିପରି ୬ଜଣ ଗୁରୁତର ଏବଂ ଅନେକ ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ୨୩ ତାରିଖକୁ 'କଳାଦିବସ' ଭାବେ ପାଳନ କରାଯିବା ନେଇ ସୂଚନା ଦିଆଯାଇଛି। ଓଡ଼ିଶାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସବୁଠି 'କଳାଦିବସ' ପାଳନ କରାଯିବ। କଳାପଟି ପରିଧାନ, ବିକ୍ଷୋଭ, ପତୁଆର ସହ ସଭା ଆଦି ମାଧ୍ୟମରେ କୃଷକଙ୍କୁ ଗୁଳିମାଡ଼ ଘଟଣାର ତୀବ୍ର ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଛି। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରତିବାଦ କାର୍ଯ୍ୟକ୍ରମ ସଂଗଠିତ ହେବ। ସେହିପରି ଗୁଳିକାଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା ପୋଲିସ ମୁଖ୍ୟ ଓ ସମ୍ପୃକ୍ତ ଅଧିକାରୀଙ୍କ ☞ପୃଷ୍ଠା-୭




# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ | Bhubaneswar, Friday, February 23/2024 | ପୃଷ୍ଠା-୧







# ୩ ବର୍ଷ ବଢ଼ିଲା 'କାଳିଆ' ଯୋଜନା

ଭୁବନେଶ୍ୱର,୨୨।୨(ଅନିଲ ଦାସ)

ରାଜ୍ୟ ସରକାର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି 'କାଳିଆ' ଯୋଜନା ଅବଧିକୁ ଆଉ ୩ ବର୍ଷ ବଢ଼ାଇଛନ୍ତି। ଏଥିସହିତ ଭୂମିହୀନ ଚାଷୀଙ୍କୁ ୨ ହଜାର ଟଙ୍କା ଅତିରିକ୍ତ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। କାଳିଆ ସହାୟତା ବର୍ଷର ଯେକୌଣସି ସମୟରେ ମଧ୍ୟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି।

କାଳିଆ (ଜୀବିକା ଓ ଆୟବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା) ଯୋଜନା ୨୦୧୮-୧୯ରୁ କାର୍ଯ୍ୟକାରୀ ହୋଇଆସୁଛି। ରାଜ୍ୟ ସରକାର ଏହାର ଅବଧିକୁ ୨୦୨୪-୨୫ରୁ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିପାଇଁ ୬୦୨୯.୭୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। କୃଷକମାନଙ୍କୁ ଆର୍ଥିକ ପ୍ରଗତିର ମୁଖ୍ୟ ସ୍ରୋତରେ ସାମିଲ




କରିବା ସହ ରାଜ୍ୟର ଆର୍ଥିକ ବୃଦ୍ଧିରେ ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ କାଳିଆ ଅବଧି ବଢ଼ାଯାଇଛି। ଏହା ଦ୍ୱାରା ରାଜ୍ୟର ସମସ୍ତ କାଳିଆ ହିତାଧିକାରୀ କୃଷକ ପରିବାର ଉପକୃତ ହେବେ। କାଳିଆ ହିତାଧିକାରୀ ପିଲାଙ୍କ ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୃତ୍ତିଗତ ତଥା ବୈଷୟିକ ଶିକ୍ଷା ଗ୍ରହଣ ନିମନ୍ତେ କାଳିଆ ଛାତ୍ରବୃତ୍ତି କାର୍ଯ୍ୟକାରୀ କରାଯାଉଛି। ଏହା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ପରିବାରଙ୍କର ମେଧାବୀ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ ହେବେ। ଚାଷୀ ପରିବାରର ଭବିଷ୍ୟତ ସେମାନଙ୍କ ପିଲାମାନଙ୍କର ବିକାଶ ଉପରେ ନିର୍ଭର କରୁଥିବାରୁ କାଳିଆ ଛାତ୍ରବୃତ୍ତି ସାମାଜିକ ଓ ଆର୍ଥିକ ପ୍ରଗତିରେ ସହାୟକ ହେବ।

ରାଜ୍ୟର ଅଧିକାଂଶ ଲୋକ ଜୀବିକା ନିର୍ବାହ ପାଇଁ କୃଷି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ। ଏହି ଯୋଜନା ମଧ୍ୟ ଭୂମିହୀନ କୃଷି ପରିବାରର ଦାରିଦ୍ର୍ୟ ଦୂରୀକରଣରେ ପ୍ରମୁଖ

## ୧୬ ପ୍ରସ୍ତାବକୁ କ୍ୟାବିନେଟ ମୋହର

- ବର୍ଷର ଯେକୌଣସି ସମୟରେ ଦିଆଯିବ କାଳିଆ ସହାୟତା
- ଭୂମିହୀନ ଚାଷୀ ପାଇବେ ଅତିରିକ୍ତ ୨ ହଜାର ଟଙ୍କା
- ୧୦ ହଜାର ବେସରକାରୀ କଲେଜ, ହାଇସ୍କୁଲ କର୍ମଚାରୀଙ୍କୁ ମିଳିବ ୭ମ ବେତନ କମିଶନ ଦରମା

ଭୂମିକା ଗ୍ରହଣ କରିପାରୁଛି।

ରାଜ୍ୟର ସମସ୍ତ ଭୂମିହୀନ ଚାଷୀଙ୍କୁ କାଳିଆ ଯୋଜନାରେ ଉଦ୍ୟାନ ଓ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ପାଇଁ ୩ଟି କିସ୍ତିରେ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏଥିସହିତ ରାଜ୍ୟର ସମସ୍ତ ଯୋଗ୍ୟ ଭୂମିହୀନ କୃଷକ ପରିବାରଙ୍କୁ ୨୦୦୦ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସହାୟତା ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହେବ। ଏଥିସହିତ କାଳିଆ ଯୋଜନା ସହାୟତା ବର୍ଷର ଯେକୌଣସି ସମୟରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଖରିଫ ଋତୁ ପାଇଁ ଏପ୍ରିଲ ପହିଲା, ରବି ଋତୁ ପାଇଁ ସେପ୍ଟେମ୍ବର ୧ ଓ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା କାଳିଆ ସହାୟତା ପ୍ରଦାନ କରାଯାଉଥିଲା। ଏବେ କୃଷକମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ କୃଷି ଉତ୍ପାଦଗୁଡ଼ିକର ସହଜଲବ୍ଧ ଓ କ୍ରୟ ନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର ଏହି ସହାୟତା ପୂର୍ବ ପ୍ରକାଶିତ ସମୟ ବ୍ୟତୀତ ଯେକୌଣସି ସମୟରେ ପ୍ରଦାନ କରିପାରିବେ। ଏହି ସମୟରେ ଭୂମିହୀନ କୃଷି ପରିବାରଙ୍କୁ ମଧ୍ୟ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ।

ଏଥିସହିତ ବେସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ଓ କଲେଜର ପ୍ରାୟ ୧୦ ହଜାର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ୭ମ ବେତନ କମିଶନ ହାରରେ ଦରମା ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା (ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ) ସହାୟକ ଅନୁଦାନ ଆଦେଶ-୨୦୧୪ ଦ୍ୱାରା ୨୦୨୨ ପରେ ୧୦୦ ପ୍ରତିଶତ ଅନୁଦାନ ପାଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଓଡ଼ିଶା ସଂଶୋଧ ବେତନ ହାର ନିୟମ-୨୦୧୭ ଅନୁସାରେ ଏହି ବର୍ଦ୍ଧିତ ଦରମା ପ୍ରଦାନ କରାଯିବ। ଏହି ବର୍ଦ୍ଧିତ ବେତନ ହାର ୨୦୨୪ ଜାନୁୟାରୀ ପହିଲାରୁ ଲାଗୁ ହେବ। ଏହାଦ୍ୱାରା ପ୍ରାୟ ୧୭୮୯ ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ସରକାର ☞ପୃଷ୍ଠା-୭

# ଆଜିଠୁ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି

## ମାର୍ଚ୍ଚ ୨୦ ସୁଦ୍ଧା ସରିବ

କଟକ,୨୨।୨ (କାର୍ତ୍ତିକ ସାହୁ)

ଭାରତୀୟ ପ୍ରତ୍ନତତ୍ତ୍ୱ ଗବେଷଣା ସଂସ୍ଥା (ଏଏସ୍ଆଇ) ପୁରୀ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଆସନ୍ତା ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଶେଷ କରିବ। ଏହି ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି ଏଏସ୍ଆଇ ପୁରୀ ସର୍କଲ୍‌ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡ. ଗଡ଼ନାୟକଙ୍କ କହିବାନୁସାରେ, ଜାନୁଆରୀ ୧୦ ତାରିଖରେ ନାଟମଣ୍ଡପ ମରାମତି ପାଇଁ ଗଠିତ କୋର୍ କମିଟି ଏବଂ ଏଏସ୍ଆଇର ମିଳିତ ବୈଠକ ବସି ନାଟମଣ୍ଡପ ବିମ୍ ଡିଜାଇନ୍ ଚୂଡ଼ାନ୍ତ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନାଟମଣ୍ଡପ ସଂରକ୍ଷଣ କାମ ଅବିରତ ଚାଲିଛି। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ନାଟମଣ୍ଡପ



ମରାମତି କାର୍ଯ୍ୟ ସାରିବା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ତେବେ ଏଏସ୍ଆଇ ତା' ପୂର୍ବରୁ ଏହି କାମ ଶେଷ କରିବାକୁ ଆଶା ରଖିଥିବା ସେ କହିଛନ୍ତି। ପ୍ରତ୍ୟହ ଅପରାହ୍ନ ୧ଟାରୁ ସନ୍ଧ୍ୟା ୭ଟା ଯାଏ ମରାମତି କାର୍ଯ୍ୟ କରାଯିବ। ଏହି ମରାମତି ପାଇଁ ସପୋର୍ଟ ସିଷ୍ଟମ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହେବ। ସେବାୟତ ଓ ମନ୍ଦିର ପ୍ରଶାସନର ମିଳିତ ☞ପୃଷ୍ଠା-୭

# ପୃଥକ୍ ଦୁର୍ଘଟଣା: ୫ ମୃତ, ୨ ଗୁରୁତର

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ଗୁରୁବାର ପୃଥକ୍ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଘଟଣାରେ ସମ୍ବଲପୁର-ଚାଉରପୁର ରାସ୍ତାର ମହାନଦୀ ୨ୟ ପୋଲ ଉପରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ କ୍ଷେତରାଜପୁର ପୋଦ୍ଦାର କଲୋନିର କ୍ରିଷ୍ଣା ଅଗ୍ରୱାଲ (୧୫), କ୍ଷେତରାଜପୁର ମହାବୀରପଡ଼ାର ସୌର୍ଯ୍ୟ ଅଗ୍ରୱାଲ (୧୬) ଓ ମୋତିଝରଣର ମହମ୍ମଦ ସାହିଦ (୧୮)। ସେହିପରି ଦୁଇ ଆହତ ହେଲେ ସୋନାପାଲିର ଜାହିର ଖାନ (୨୦) ଓ ପେନ୍‌ସନ୍‌ପଡ଼ାର ରିତିକ ଟୋପାକି। ସୂଚନା ଅନୁସାରେ ରାତି ପ୍ରାୟ ୮ଟା ସମୟରେ ଏକ ଆକ୍ଟିଭା ସ୍କୁଟରରେ କ୍ରିଷ୍ଣା ଓ ସୌର୍ଯ୍ୟ ମହାନଦୀ ପୋଲ ଉପରେ ଯାଉଥିଲେ। ବିପରୀତ ଦିଗରୁ ଏକ ବାଇକ୍‌ରେ ୩ ଯୁବକ ଦ୍ରୁତଗତିରେ ଆସି ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲେ। ଫଳରେ ୫ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କ୍ରିଷ୍ଣା ଓ ସୌର୍ଯ୍ୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ମହମ୍ମଦଙ୍କୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାହିରଙ୍କୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଥିବା ବେଳେ ରିତିକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟ ଏକ ଘଟଣାକ୍ରମେ ବୁର୍ଲା ଥାନା କିରବା ଛକରେ ଏକ ବୁଲେଟ ଓ ଆକ୍ଟିଭା ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଉଭୟଙ୍କୁ ଭିମ୍‌ସାର ଅଣାଯାଇଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ମୃତକ ହେଲେ ବୁଲେଟ୍ ଆରୋହୀ କଣ୍ଟ୍ରାକ୍ଟର କଲୋନିର ଅକ୍ଷିତ କୁମାର ସେଠୀ (୨୮) ଓ ଆକ୍ଟିଭା ଚାଳକ ତଥା ଭିସୁର୍‌ରେ ପିଏଚ୍‌ଡି କରୁଥିବା ଆଶୀର୍ବାଦ ତ୍ରିପାଠୀ (୨୫)।


ଅଲେଖ ମହିମା ଧ୍ୱନିରେ କମ୍ପିଲା ଯୋରନ୍ଦା
ପୃଷ୍ଠା-୫

ଆଜିର ସମ୍ପାଦକୀୟ
ନଦୀ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ








# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୪୯ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ବିଧାୟକ କଲୋନୀସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ୟୁଥ୍ ଫାର୍ମା ଫେଷ୍ଟିଭାଲ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାର ଆଲୋଚନାଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକ ହତ୍ୟା ବିରୋଧରେ ଦେଶବ୍ୟାପୀ କଳା ଦିବସ ପାଳନ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଦଳିତ ଆଦିବାସୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ବୁଦ୍ଧ ବିହାର, ସମୟ: ୧୧ଟା ୩୦।
- ନ୍ୟୁଜ୍ ୧୮ ଓଡ଼ିଆର ବାର୍ଷିକୋତ୍ସବ, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ଅପରାହ୍ନ ୪ଟା ୩୦।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ରାଜ୍ୟସ୍ତରୀୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଓଡ଼ିଶୀ ଆସର', ସ୍ଥାନ: ଶ୍ରୀଲକ୍ଷ୍ମଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।
- ୨ୟ ଲୋକ ସଂସ୍କୃତି ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଫେସର ଗୋପେନ୍ଦ୍ର କିଶୋର ରଏଙ୍କ ପୁସ୍ତକ 'ଏ ଜର୍ଣ୍ଣି ଅଫ୍ ଲାଇଫ୍ ଉଇଥ୍ ଡିଭାଇନ ବ୍ଲେସିଙ୍ଗସ' ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱସ୍ତି ଗ୍ରାଣ୍ଡ ହୋଟେଲ, ମାଷ୍ଟର କ୍ୟାଣ୍ଟିନ ସମୟ: ସନ୍ଧ୍ୟା ୭ଟା।
- ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ବାର୍ଷିକୋତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ବିଜୁ ଆଦର୍ଶ କଲୋନୀ, ବାଲିଆପଟା, ରସୁଲଗଡ଼, ସମୟ: ସନ୍ଧ୍ୟା ୭ଟା।
- ଅସୀମ ଉତ୍ସବ ଅବସରରେ ମଞ୍ଚସ୍ଥ ହେବ ନାଟକ 'ନିଲଠା ନିର୍ଦ୍ଦେଶକ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ପୁରୀ

- ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ଉତ୍ସବ ସମାରୋହରେ ଆଚାର୍ଯ୍ୟ ହରିହର ବିଦ୍ୟା ନିକେତନ ପକ୍ଷରୁ ମୁଷ୍ଟିଭିକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ହେରାଗୋହରି ସାହି, ପୁରୀ, ସମୟ: ସକାଳ ୮ଟା।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ୭ମ ସାଧାରଣ ଅଧିବେଶନ, ସ୍ଥାନ: ଷ୍ଟେଶନ କଲ୍ୟାଣ ମଣ୍ଡପ, ପୁରୀ, ସମୟ: ସକାଳ ୮ଟା।
- ଭାଜପାର ଗଣ ଧାରଣା, ସ୍ଥାନ: ନିମାପଡ଼ା ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ଲୋବାଲ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ 'ପ୍ରତିବିମ୍ବ', ସ୍ଥାନ: ସମୁଦ୍ର କୂଳ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ପୁରୀ, ସମୟ: ଅପରାହ୍ନ ୩ଟା ୩୦।
- ବ୍ରିଙ୍ଗ ୟୋର ଓନ୍ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ନ ୫ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- ଶ୍ରୀଶ୍ରୀତ୍ରିନାଥ ଦେବଙ୍କ ବାର୍ଷିକ ମହୋତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କହ୍ନେଇପୁର, କଟକ, ସମୟ: ପ୍ରାତଃ ସମୟରୁ ଦିବସବ୍ୟାପୀ।
- ସପ୍ତମ ରାଜ୍ୟସ୍ତରୀୟ ଯୁବ ଅହମ୍ମଦିୟା ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: କରଡ଼ାପଲ୍ଲୀ ଖେଳ ପଡ଼ିଆ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ସାତସାହି ତୈଳିକ ସମାଜ ପକ୍ଷରୁ ପସରା ପୂଜା ଓ ଅଗ୍ନ୍ୟୁତ୍ସବ, ସ୍ଥାନ: ଟାଉନ ହଲ, କଟକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡ଼ା ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ବାଲୁଙ୍କେଶ୍ୱର ପୀଠ ପ୍ରାଙ୍ଗଣ, ସ୍ଥାନ: ଗହିରଗାଡ଼ିଆ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।
- କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଜେନେରାଲ ବଡି ବୈଠକ, ସ୍ଥାନ: କଲେଜ ପରିସର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବଡ଼କୁମାରୀ ଗ୍ରାମ, ବୋଲଗଡ଼, ସମୟ: ଅପରାହ୍ନ ୫ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଗୁଲାଇ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ-୨୦୨୪, ସ୍ଥାନ: କେ.କେ. ନୂଆଗାଁ ଖେଳପଡ଼ିଆ, ବାଲୁଗାଁ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗ ମହାପ୍ରଭୁଙ୍କର ମହାମହୋତ୍ସବ, ସ୍ଥାନ: ଚାନ୍ଦମାରିପଡ଼ିଆ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପି, ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଶିଳାନ୍ୟାସ, ସ୍ଥାନ: ବେଗୁନିଆ ଜୋର ପୋଲ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା। ବଣିଆଁଗାଁ-ଜୁଣକୋଇଲି ପୋଲ, ସ୍ଥାନ: ଅଯୋଧ୍ୟା-କାଁଶ ପୋଲ, ନୀଳଗିରି, ସମୟ: ମଧ୍ୟାହ୍ନ ୧୨। ରାଧାକିଶୋରୁର ରାସ୍ତା, ସ୍ଥାନ: ସିଙ୍ଗିରୀ-ବ୍ରହ୍ମପୁର ପୋଲ, ନୀଳଗିରି, ସ୍ଥାନ : ଅପରାହ୍ନ ୩ଟା।
- ଖଇରା ବ୍ଲକର ସାରଡାଙ୍ଗ ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ରାଶି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ଶିକ୍ଷକ ସଂଘ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବସ୍ତା ନିର୍ବାଚନ ମଣ୍ଡଳୀୟ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କାଳିପଦାରେ ଖୋଲା ମଞ୍ଚ, ସ୍ଥାନ: କାଳିପଦା ବଜାର, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଯଜ୍ଞାଧିବାସ, ସ୍ଥାନ: ବଡ଼ସାହି ବ୍ଲକ ସୁହାଗପୁରର କଉଡିଖିଣୀସ୍ଥିତ ମା' ହିଙ୍ଗୁଳା ପୀଠ, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚ୍ଚୁଆଲ୍ ମାଧ୍ୟମରେ ଫ୍ଲଡ୍ ଲାଇଟ୍ ଉଦ୍‌ଘାଟନ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଇତିହାସ ବିଭାଗର ପାଠଚକ୍ର, ସ୍ଥାନ: ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- 'ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଦାୟିତ୍ୱ କର୍ମଶାଳା', ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଟିଲୋ ତେଲିସାହି ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭର୍ଚ୍ଚୁଆଲରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କ୍ରୀଡ଼ା ଭିତ୍ତିଭୂମି ଶିଳାନ୍ୟାସ, ସ୍ଥାନ: ନେହେରୁ ଷ୍ଟାଡିୟମ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ପାଟଣା ବ୍ଲକସ୍ତରୀୟ ମିଶନ ଶକ୍ତି ସମୀକ୍ଷା ବୈଠକ, ସ୍ଥାନ: ପାଟଣା ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ଚମ୍ପୁଆ ଏନ୍‌ଏସିରେ ରାସନ କାର୍ଡଧାରୀଙ୍କୁ ଭତ୍ତା ପ୍ରଦାନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବଡ଼ବିଲ ବାର ଆସୋସିଏଶନର ନିର୍ବାଚନ ଅଧିକାରୀ ଚୟନ ପାଇଁ ବୈଠକ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ କମ୍ପ୍ଲେକ୍ସ, ବଡ଼ବିଲ, ସମୟ: ଅପରାହ୍ନ ୩ ଟା ୩୦।

## ବ୍ରହ୍ମପୁର

- ରୋଟାରୀ କ୍ଲବର ରାଲି, ସ୍ଥାନ: ପାଣିଟାଙ୍କି ରୋଡ, ସମୟ: ସକାଳ ୭ଟା।
- ଟାଟା ଷ୍ଟିଲ ପକ୍ଷରୁ ଉଡାଣ କାର୍ଯ୍ୟକ୍ରମ, ସ୍ଥାନ:ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଗର ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ସମୟ:ସନ୍ଧ୍ୟା ୫ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ମଲାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ବହୁ ମୁଖୀ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ରୋଡ, ସମୟ:ପୂର୍ବାହ୍ନ ୧୧ଟା।
- ସାବିତ୍ରୀ ମହିଳା ମହାବିଦ୍ୟାଳୟ ନୂତନ କୋଠାର ଶିଳାନ୍ୟାସ, ସ୍ଥାନ: ଭଞ୍ଜନଗର ମହିଳା କଲେଜ, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ୱାର୍ଡ ନମ୍ବର ୧୪, ସମୟ:ଅପରାହ୍ନ ୧ଟା।
- କାରଗିଲ ଭବନ ଉଦ୍‌ଘାଟନ, ସ୍ଥାନ:ଭଞ୍ଜନଗର ପ୍ରେସ କ୍ଲବ ପଡ଼ିଶା, ସମୟ: ଅପରାହ୍ନ ୧ଟା ୧୫।
- ମଞ୍ଚସ୍ଥ ହେବ ପୌରାଣିକ ନାଟକ ସତୀ ଲୁହରେ ଜଳୁଛି ଲଙ୍କା, ସ୍ଥାନ:ପଦରାଇସୁଣୀ, ସୋରଡ଼ା, ସମୟ:ସନ୍ଧ୍ୟା ୬ ଟା।

## କନ୍ଧମାଳ

- ଶ୍ରୀ ହରି ଓ ମା 'ତାରିଣୀ ପୀଠର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ:ମନ୍ଦିର ପରିସର, ଭଗମୁଣ୍ଡା, ବାଲିଗୁଡ଼ା, ସମୟ:ସକାଳ ୮ଟା।
- ତାଲିମ ଗ୍ରହଣ କରିଥିବା ୫୫ ବ୍ୟାଚ ବନରକ୍ଷୀଙ୍କ ପାସିଙ୍ଗ ଆଉଟ ପରେଡ଼ ଓ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବନପାଳ ତାଲିମ ବିଦ୍ୟାଳୟ, ଜି.ଉଦୟଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାର ପଞ୍ଚାୟତ ସ୍ତରୀୟ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ସିର୍କାବର୍ଗ ପଞ୍ଚାୟତ କାର୍ଯ୍ୟାଳୟ/ ସିଆଁଙ୍ଗବାଲି ପଞ୍ଚାୟତ, ଦାରିଙ୍ଗବାଡି, ସମୟ:ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଇନ୍‌ଡୋର ହଲ ନିର୍ମାଣ ଓ ଉନ୍ନତି କରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ:ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ:ଅପରାହ୍ନ ୪ଟା।
- ଗୁଡ୍ ଶେଫର୍ଡ଼ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର,ଜି ଉଦୟଗିରି, ସମୟ: ଅପରାହ୍ନ ୪ଟା।
- ମା' ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ:ଦାରିଙ୍ଗବାଡି ଟିଡିସିସି ସଭାଗୃହ, ସମୟ:ସନ୍ଧ୍ୟା ୭ ଟା।

## ଗଜପତି

- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ମୋହନା, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଲକ୍ଷ୍ମୀ ବସ୍ ଷ୍ଟପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ ସାନହୁମା ପଞ୍ଚାୟତର କିନିଡି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଲ୍ଟି ପରପୋଜ ହଲ୍ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ରାୟଗଡ଼ା, ଗୁଣପୁର ପୌରାଞ୍ଚଳ ଏବଂ ଗୁଡାରି ବିଜ୍ଞାପିତ ପରିଷଦ, ସମୟ: ଅପରାହ୍ନ ୪ଟା ।

## କୋରାପୁଟ

- ଜୟପୁର ବ୍ଲକ କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲାପରିଷଦ ବୈଠକ, ସ୍ଥାନ: ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ: ୧୦ଟା୩୦।
- ଜିଲା ମନିଟରିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ,କୋରାପୁଟ, ସମୟ: ଅପରାହ୍ନ ୩ଟା ୩୦।
- ପୌରପାଳିକା ପକ୍ଷରୁ ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।

## ନବରଙ୍ଗପୁର

- ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦାଢ଼ିଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ, ସ୍ଥାନ ଉମରକୋଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ଚିତ୍ରକୋଣ୍ଡା ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ : ଚିତ୍ରକୋଣ୍ଡା ବ୍ଲକ ସଭାଗୃହ , ସମୟ : ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ରାଜ୍ୟସ୍ତରୀୟ ସମ୍ବଲପୁରୀ ସମ୍ମିଳନୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ଅପରାହ୍ନ ୪ଟା।
- ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ କୁଟାସିଂହା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ: ସକାଳ ୯ଟା ୩୦।
- ପିରାମଲ ଫାଉଣ୍ଡେଶନ ପକ୍ଷରୁ ଜିଲାସ୍ତରୀୟ ମିଡ଼ିଆ କର୍ମଶାଳା, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା୩୦।
- ଟିଟିଲାଗଡ଼ ପୌର ପରିଷଦ ପକ୍ଷରୁ ବର୍ଦ୍ଧିତ ଭତ୍ତା ଓ ୧ହଜାର ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ରାଜ କନୱର୍ ପାର୍କ ଟିଟିଲାଗଡ଼, ସମୟ:ପୂର୍ବାହ୍ନ ୧୧ଟା।
- ପାଟଣାଗଡ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଆଗଲପୁର ବ୍ଲକ ଝରଣୀପଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ସଭା, ସ୍ଥାନ: ଝରଣୀପଲି ଗ୍ରାମ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାର ହଲ୍ ଟିଟିଲାଗଡ, ସମୟ: ଅପରାହ୍ନ ୪ଟା୩୦।
- ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଟିଟିଲାଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ନଟରାଜ କଳା ପରିଷଦର ପୌଷା-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା୩୦।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ହରିଜନ ପଡା, ସମୟ: ସକାଳ ୮ ଟା।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଉଦ୍‌ଯାପନୀ, ସ୍ଥାନ: ଭୁତିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ତରଭା ବ୍ଲକ ପାଇକବାହାଲ ଓ ଶିବତୁଲା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ ଅମରପାଲି: ସମୟ: ଅପରାହ୍ନ ୪ଟା।
- ସନ୍ଥ କବି ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲା ଗଠନ ଦାବିରେ ଜନ ସମାବେଶ, ସ୍ଥାନ: ପଦ୍ମପୁର ଗୋରୁ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଟେକ୍ନିକାଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନିଶମ କର୍ମଚାରୀଙ୍କ ଧାରଣା, ସ୍ଥାନ: ଅଗ୍ନିଶମ କେନ୍ଦ୍ର ସମ୍ମୁଖ,ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଧାର୍ମିକ ପ୍ରବଚନ, ସ୍ଥାନ: କମ୍ୟୁନିଟି ସେଣ୍ଟର ବସ୍ ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ରାଉରକେଲା ଟେନିସ ଆସୋସିଏଶନ ପକ୍ଷରୁ ଟେନିସ ଚାମ୍ପିୟନଶିପ୍, ସ୍ଥାନ: ସେକ୍ଟର-୯, ସମୟ: ସକାଳ ୮ଟା ।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଆମ୍ବାଗାନ, ସମୟ: ସକାଳ ୯ଟା।
- ସେକ୍ଟର-୧୬ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଇନ କଲେଜର ବାର୍ଷିକ ଆଥ୍‌ଲେଟିକ ମିଟ୍, ସ୍ଥାନ: ଆଇନ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ୱେଷା ଦି ହେଲ୍‌ପିଂ ହ୍ୟାଣ୍ଡର ସାମୂହିକ ଜନ୍ମୋତ୍ସବ, ସ୍ଥାନ: ହୋମ୍ ଆଣ୍ଡ ହୋପ୍, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧ କଂଗ୍ରେସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- ହନୁମାନ ବାଟିକାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସମୟ: ଅପରାହ୍ନ ୫ଟା ୩୦।

## ଦେବଗଡ଼

- ଦେବଗଡ଼ର ୭୦ ଜଣ ରାମ ଭକ୍ତଙ୍କ ଅଯୋଧ୍ୟାକୁ ଗସ୍ତ, ସ୍ଥାନ: ଅନୁଗୋଳ ରେଲୱେ ଷ୍ଟେଶନ, ସମୟ: ସକାଳ ୫ଟା।
- ସାଇବାବାଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ କଳସ ଯାତ୍ରା,ଜଳାଧିବାସ,ସ୍ଥାନ: ସାଇସେବା ସଂସ୍ଥାନ,ପ୍ରଧାନପାଟ,ସମୟ:ପୂର୍ବାହ୍ନ ୧୧ଟା।
- ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍, ସମୟ:ଅପରାହ୍ନ ୧ଟା।
- ଭାଜପା ପକ୍ଷରୁ ବୁଥ ସତ୍ୟାପନ କାର୍ଯ୍ୟକ୍ରମ, ସ୍ଥାନ: ମଧୁପୁର ଓ ରାଇତାବାହାଲ, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟ ପୂଜା, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୬ଟା ୫୦।
- ନିୟମ ରାଜାଙ୍କ ପରବ, ସ୍ଥାନ: ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ସେବା ଆଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାଠକୁରା ସରକାରୀ ସେବାଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବହୁ ଉଦ୍ଦେଶ୍ୟ ଖେଳର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଭବାନୀପାଟଣା ଇନ୍‌ଡୋର ଷ୍ଟାଡିୟମ୍, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ, ସ୍ଥାନ: ତରବୋଡ ଥାନାପଡା, ସମୟ: ସକାଳ ୭ଟା ୩୦।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୂଆପଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ ପୋଲିସ ପଡିଆ, ସମୟ: ସକାଳ ୯ଟା।

## ବୌଦ୍ଧ

- ବୌଦ୍ଧ ସହରର ନୂଆସାହି ଠାରେ ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ , ସ୍ଥାନ: ଭଗବତ ମନ୍ଦିର, ନୂଆସାହି, ସମୟ: ସକାଳ ୬ଟା।
- କଣ୍ଟାମାଳ ବ୍ଲକ ଶୌଣ୍ଡିକ ସମାଜର ବ୍ଲକସ୍ତରୀୟ ସୁବର୍ଣ୍ଣଗ୍ରାହୀ ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣଗ୍ରାହୀ ମନ୍ଦିର କଣ୍ଟାମାଳ, ସମୟ: ସକାଳ ୯ଟା।
- କଣ୍ଟାମାଳ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜର ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟିଗୋରା, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକର ବାଉଁଶୁଣୀ କ୍ରିକେଟ ଲିଗ୍‌ର ଅଷ୍ଟମ ଦିନ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା ।
- ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତର ଟିକରାପଡ଼ା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବାଉଁଶୁଣୀ ମହାନଦୀ ଘାଟ, ସମୟ: ସକାଳ ୯ଟା।
- କଣ୍ଟାମାଳ ବ୍ଲକ ସୁଖାମୁଣ୍ଡା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: କୁମାରଖଣ୍ଡି ସୀତାରାମ ମଠ, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ

- ସ୍କିଲ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସକାଳ ୯ଟା ୪୫।
- ଡାକ ଟିକେଟ୍ ଉନ୍ମୋଚନ ଓ ଡାକଘର ଉଦ୍‌ଘାଟନ, ସ୍ଥାନ: ଆର୍‌ଟିଓ ଅଫିସ ସନ୍ନିକଟ ଜିଲା ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୧ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଘମେଳା ପରିଦର୍ଶନ, ସ୍ଥାନ: ଯୋରନ୍ଦା, ସମୟ: ଅପରାହ୍ନ୧ଟା।
- ମାଘ ମେଳା ଓ ଅନ୍ତର୍ଜାତୀୟ ମହିମା ମହୋତ୍ସବ, ସ୍ଥାନ: ଅଙ୍ଗାରବନ୍ଧ ମହିମା ଧାମ, ସମୟ: ଅପରାହ୍ନ ୫ ଟା।

## ଅନୁଗୋଳ

- ଆସ୍ଥା ଟ୍ରେନ୍ ରେ ଅଯୋଧ୍ୟା ଅଭିମୁଖେ ଶ୍ରଦ୍ଧାଳୁଙ୍କ ଯାତ୍ରା, ସ୍ଥାନ: ଅନୁଗୋଳ ରେଳ ଷ୍ଟେଶନ, ସମୟ: ପ୍ରାତଃ ୩ଟା୨୫।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଟାକୁଆ ଗ୍ରାମ, ସମୟ: ସକାଳ ୬ଟା।
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି ସମୟ: ସକାଳ ୭ଟା୫୦।
- ଅଗ୍ନିଉତ୍ସବ, ସ୍ଥାନ: ହେମସୁରପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପରିଷଦ ସାଧାରଣ ପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୋଲିସ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାରାଜା ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ପକ୍ଷରୁ ଅନୁଗୋଳ ଇତିହାସ ଉନ୍ମୋଚନ, ସ୍ଥାନ: ଅନୁଗୋଳ ପୌରପାଳିକା କାଉନସିଲ ସମ୍ମିଳନୀ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ବାୟୁ ପ୍ରଦ୍ୟୁଷଣ ସମୀକ୍ଷା ବୈଠକ, ସ୍ଥାନ:ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।
- ବାର୍ଷିକ ଅଗ୍ନି ଉତ୍ସବ ଯାତ୍ରା, ସ୍ଥାନ: କଣିହାଁ ବ୍ଲକ ମଶୁଣିହତା ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୮ଟା।

## ଜଗତ୍‌ସିଂହପୁର

- ନାଉଗାଁ ବ୍ଲକର ନୂତନ ସମ୍ମିଳନୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥାନ: ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଡିଏସ୍ ଓ ମିଶନ ଶକ୍ତି କାର୍ଯ୍ୟକ୍ରମ ସମ୍ପର୍କିତ ମାସିକ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ରାଧାରମଣ ଦେବ ସଂକୀର୍ତ୍ତନ ମହାମଣ୍ଡଳ ନୂତନ ଗୃହ ଭୂମି ପୂଜନ ଉତ୍ସବ, ସ୍ଥାନ: ଏରସମା ବ୍ଲକ ସିହା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମୋ ଓଡ଼ିଶା ନବିନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଓଷକଣା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ଗୋଲେଇ ଟ୍ରାଫିକ, ଆରଏମ୍‌ସିର ଗୃହ ଓ ମାଛ ମାର୍କେଟ ଗୃହ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଟ୍ରାଫିକ ଛକ ନିକଟସ୍ଥ ପୁରୁଣା ଜେଲ ପଡିଆ, ସମୟ: ଅପରାହ୍ନ ୫ଟା ।
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବ୍ଲକସ୍ତରୀୟ ଉପକରଣ ବଣ୍ଟନ ମେଳା, ସ୍ଥାନ: ନୟାଗଡ଼ ପଠାଣି ସମାନ୍ତ ଜିଲା ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଯୋଜନା କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ:ନୂଆଗାଁ ବ୍ଲକର ମା'ବଡରାଉଳୀଙ୍କ ପୀଠ ଗୁଡୁପାଙ୍ଗୀ, ସମୟ:ପୂର୍ବାହ୍ନ ୮ଟା।
- ପଠାଣୀ ସାମନ୍ତ କପ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ନୟାଗଡ଼ ବନାମ ଇଟମାଟି ଫୁଟବଲ ଟିମ୍, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ।
- ନୀଳ ମାଧବ ଜୀଉଙ୍କ ମାଘ ମେଳା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞରେ ୪ର୍ଥ ଦିବସ, ସ୍ଥାନ:ନୂଆଗାଁ ବ୍ଲକର କୋରଡାଗଡ, ସମୟ:ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆରଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର, ସ୍ଥାନ: ଭାପୁର ଓ ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ନୂଆଗାଁ ବ୍ଲକର ରାମଚଣ୍ଡି କଲ୍ୟାଣ ମଣ୍ଡପ ମହିପୁର, ସମୟ:ଅପରାହ୍ନ ୧ଟା।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ:ଫୁଲେଶ୍ୱର କଲ୍ୟାଣ ମଣ୍ଡପ ବାହାଡ଼ାଖୋଲା, ସମୟ: ଅପରାହ୍ନ ୩ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀରେ ବିଜୁ ପଟ୍ଟନାୟକ ଖେଳ ଭବନ ଉଦଘାଟନ, ସ୍ଥାନ:ଓଡ଼ଗାଁ ହାଇସ୍କୁଲ ଖେଳ ପଡ଼ିଆ,ସମୟ:ଅପରାହ୍ନ ୪ ଟା ।
- ବନାଞ୍ଚଳସ୍ତରୀୟ ବନାଗ୍ନି ପ୍ରଶମନ ସଚେତନତା ଶିବିର,ସ୍ଥାନ:ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଆଳି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଲାଭାର୍ଥୀ କର୍ମଶାଳା, ସ୍ଥାନ: ୧୮ ନଂ. ଜୋନ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା ଶିବିର, ସ୍ଥାନ: ସିଙ୍ଗିରି ଓ ପତ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଆଳି ଷ୍ଟାଡିୟମ, ଆଳି, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ଆନ୍ଦୋଳନରେ ମୃତ ବ୍ୟକ୍ତିଙ୍କ ପାଇଁ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କଳା ଦିବସ ପାଳନ ଓ ବିକ୍ଷୋଭ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ମା' ବନ୍ଧମଙ୍ଗଳା ଜନ୍ମୋତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।
- ଲାଭାର୍ଥୀ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମେରଦା, ଦେଉଳପଡା ପଞ୍ଚାୟତ, ମହାକାଳପଡା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଆରୋଗ୍ୟ। ସ୍ଥାନ : ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତ ଅରଡାପାଳ ଗ୍ରାମ ମଣ୍ଡପ,ସମୟ : ସକାଳ୯ଟା।
- ନବୀନ ଓଡିଶା ଆମ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ବେରୁଵା ପଞ୍ଚାୟତର ଜଗତପୁର ମହାଦେବ ପଡ଼ିଆ, ସମୟ: ସକାଳ ୧୧ଟା।
- ରସୁଲପୁର ବ୍ଲକ ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ଗୃହ ନିର୍ମାଣର ଶିଳାନ୍ୟାସ, ସ୍ଥାନ: କଲଣ ପଞ୍ଚାୟତସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟ, ସମୟ: ଅପରାହ୍ନ ୨ଟା।
- ବୁଣାକାର ହାଟ ଲୋକାର୍ପଣ, ସ୍ଥାନ: ରସୁଲପୁର ବ୍ଲକ୍ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ନିକଟ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।
- ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ବଣ୍ଟନ, ସ୍ଥାନ: ଧର୍ମଶାଳା ବ୍ଲକ ଅଞ୍ଚଳର ୯୨ ଡିଲର ପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ଅର୍ଥ ସାହାଯ୍ୟ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ସାହାଯ୍ୟକାରୀ ମନୋବୃତ୍ତି ପୋଷଣ ଦ୍ୱାରା ଆତ୍ମୀୟଙ୍କ ନିକଟତର ହୋଇ ଶ୍ରଦ୍ଧା ଓ ସମ୍ମାନ ପାଇବେ। ଆଲୋଚନାରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଆଉଥରେ ଚିନ୍ତା କରିବା ଭଲ ହେବ।

**ବୃଷ** ପଦାଧିକାରୀଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ ଶୁଣା କଥାକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** କୌଣସି ସ୍ପର୍ଶକାତର ଘଟଣାରୁ ଦୂରେଇ ରହିବା ଶୁଭଙ୍କରୀ ହୋଇପାରେ। ସରକାରୀ ସ୍ତରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ସମ୍ଭାବନା ରହିଛି। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ** ସଂଯମତାବିହୀନ ବାକ୍ୟାଳାପ ଆପଣଙ୍କ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତଦେଇ ବସିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଲେ ମଧ୍ୟ ଲାଭ ପରିମାଣ କମିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସଫଳ ହୋଇପାରନ୍ତି।

**ସିଂହ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ପରିବାରର ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି। ଅଭାବ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**କନ୍ୟା** ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଆପଣଙ୍କ ବିପକ୍ଷରେ ଯାଇପାରେ। ବନ୍ଧୁଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଥିବା କାମଟି ପାରିବାରିକ ସମର୍ଥନ ହେତୁ ତ୍ୱରାନ୍ୱିତ ହେବ।

**ତୁଳା** ଆପଣଙ୍କ କଥା ଓ କାର୍ଯ୍ୟରେ ବିରକ୍ତିଭାବ ପ୍ରତିଫଳିତ ହୋଇ ଅନ୍ୟମାନଙ୍କ ଚକ୍ଷୁଶୂଳର କାରଣ ପାଲଟିଯିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ବିବାଦୀୟ ଘଟଣାରେ ବିଜୟୀ ହେବେ। ଯେଉଁ ଜିନିଷ ପାଇବା ପାଇଁ ଆଶା ବାନ୍ଧିଛନ୍ତି, ତାହା ଆଜି ନିଶ୍ଚିତ ଭାବେ ପାଇବେ।

**ବିଛା** ଅଧିକାଂଶ କ୍ଷେତ୍ରରେ ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପ୍ରତିକ୍ରିୟାଶୀଳ ମନୋବୃତ୍ତିର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଲେଖାପଢ଼ା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଆପଣଙ୍କ ମନକୁ ସୁହାଇଲା ଭଳି କଥା ବାହାର ଲୋକଙ୍କୁ ବାନ୍ଧି ରଖିବାରେ ସମର୍ଥ ହେବ। ବାରମ୍ବାର ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନୂତନ କାମଟି ଆରମ୍ଭ କରୁ କରୁ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ନ ପାରେ। ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସାମାଜିକ ସ୍ତରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡି ଯାଇପାରେ। ଜଣେ ବନ୍ଧୁଙ୍କ କ୍ରୂର ବ୍ୟବହାରକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସମସ୍ୟା ଭିତରେ ରହିଥିଲେ ମଧ୍ୟ ଆଜି ବିଭିନ୍ନ ସୂତ୍ରରୁ ଅଧିକ ଧନ ପାଇ ଖୁସି ହେବେ। ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପରକ୍ଷଣରେ ଭୁଲ୍ ବୁଝାମଣା ଦୂର ହୋଇଯିବ। ପରିବାରର ଅଭିଯୋଗକୁ ଠିକ୍ ଭାବେ ବୁଝି ପାରିବେ ନାହିଁ।

**ମୀନ** କର୍ମକ୍ଷେତ୍ରରେ ସତକଥା କହି ବିବାଦୀୟ ହୋଇପଡିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମ୍ବାଦିକତା କ୍ଷେତ୍ରରେ ମନ ମୁତାବକ ସୁବିଧା ସୁଯୋଗ ପାଇବେ। ଦେଣନେଣ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ।

ଆଜି ଫେବୃଆରୀ ୨୩ ତାରିଖ, ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶୁକ୍ରବାର, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୪ ଗତେ ଘ.୦୭।୦୦ ମଧ୍ୟେ, ଘ.୦୭।୪୬ ଗତେ ଘ.୦୯।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୩ ମି. ଗତେ ଘ.୧୨/୦୦ ମି. ମଧ୍ୟେ ରାହୁକାଳ।








# ଭୋଟରଙ୍କ ପାଇଁ ଚାଲିଛି ଇଭିଏମ୍, ଭିଭିପିଏଟି ସଚେତନତା

ଭୁବନେଶ୍ୱର,୨୨।୨(ସୁନିତ୍ ମିଶ୍ର)

ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଭୋଟରଙ୍କୁ ସଚେତନ କରିବାକୁ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଇଭିଏମ୍, ଭିଭିପିଏଟି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲା ସଦର ମହକୁମା ଓ ଉପଖଣ୍ଡ ସ୍ତରରେ ଏଭଳି ସଚେତନତା କେନ୍ଦ୍ର ଖୋଲାଯାଇଛି। ଏହିସବୁ କେନ୍ଦ୍ରକୁ ଭୋଟରମାନେ ବହୁସଂଖ୍ୟାରେ ଆସି ଇଭିଏମ୍, ଭିଭିପିଏଟି ମେଶିନ ଦେଖିବା ସହ ମକ୍ ପୋଲ୍‌ରେ ଅଂଶଗ୍ରହଣ କରୁଛନ୍ତି। ବିଶେଷକରି ନୂତନ ଯୁବ ଭୋଟରମାନେ ମକ୍ ପୋଲ୍‌ରେ ଭାଗ ନେଉଛନ୍ତି। ଆଗାମୀ ନିର୍ବାଚନରେ ଇଭିଏମ୍, ଭିଭିପିଏଟି ମାଧ୍ୟମରେ ଭୋଟଗ୍ରହଣ କରାଯିବ। ଏହାକୁ ନଜରରେ ରଖି ଭୋଟରମାନେ ଏହି ସଚେତନତା କାର୍ଯ୍ୟକ୍ରମ ଦେଖିବା ସହ ମକ୍ ପୋଲ୍‌ରେ ଅଂଶଗ୍ରହଣ କରିବେ। ଏହାଦ୍ୱାରା ଠିକ୍ ଓ ସହଜରେ ମତଦାନ କରିପାରିବେ। ଜିଲା ଓ ଉପଖଣ୍ଡସ୍ତରରେ ଖୋଲାଯାଇଥିବା ଇଭିଏମ୍, ଭିଭିପିଏଟି ସଚେତନତା କେନ୍ଦ୍ରକୁ ଗତ ୧୮ ତାରିଖ ସୁଦ୍ଧା ମୋଟ ୧,୨୫,୯୯୦ ଜଣ ପରିଦର୍ଶନ କରିଥିବାବେଳେ ୧,୧୮,୨୪୭ ଭୋଟର ମକ୍ ପୋଲରେ ଅଂଶଗ୍ରହଣ କରିଥିଲେ। ସବୁ ନିର୍ବାଚନମଣ୍ଡଳୀରେ ବୁଥ୍ ହୋଇଥିବା ସ୍ଥାନରେ ମଧ୍ୟ ମୋବାଇଲ୍ ଇଭିଏମ୍, ଭିଭିପିଏଟି ଗାଡ଼ି ଜରିଆରେ ସଚେତନ କରାଯାଉଛି। ଗତ ୧୮ ସୁଦ୍ଧା ମୋଟ ୩୦,୬୮୮ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ସ୍ଥାନରୁ ୨୬,୪୫୪ ଭୋଟ ଗ୍ରହଣ କେନ୍ଦ୍ର ସ୍ଥାନରେ ଇଭିଏମ୍, ଭିଭିପିଏଟି ସଚେତନତା କାର୍ଯ୍ୟକ୍ରମ ସରିଥିବା ସୂଚନା ଦିଆଯାଇଛି।

# ନିଯୁକ୍ତି ପାଇଲେ ୫୭୬ ହିନ୍ଦୀ, ସଂସ୍କୃତ ଶିକ୍ଷକ

ଭୁବନେଶ୍ୱର,୨୨।୨(ଅନିଲ ଦାସ)

ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲରେ ୫୭୬ ଜଣ ହିନ୍ଦୀ ଓ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୩୬୮ ଜଣ ହିନ୍ଦୀ ଓ ୨୦୮ ଜଣ ସଂସ୍କୃତ ଶିକ୍ଷକ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଏକ ନିଯୁକ୍ତି ପର୍ବ ଓ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ଗୋଟିଏ ଜାତିର ଚିନ୍ତା, ଚେତନାରେ ପରିବର୍ତ୍ତନ ଆଣିଥାଏ। ଛାତ୍ରୀଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦେଇଥାଏ। ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ ଅନୁପ୍ରାଣିତ କରିବା ସହ ନିଜର ଜ୍ଞାନ ଓ ମୂଲ୍ୟବୋଧ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ଲକ୍ଷ୍ୟ ନେଇ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜାରି ରହିଛି।



### ୫-ଟି ସ୍କୁଲ ରୂପାନ୍ତର ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତି ଆଣିଛି

### ପିଲାଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବାକୁ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଏହାଦ୍ୱାରା ରାଜ୍ୟର ସ୍କୁଲଗୁଡ଼ିକର ଭିତ୍ତିଭୂମି ଓ ପରିବେଶରେ ସମ୍ପୂର୍ଣ୍ଣ ରୂପାନ୍ତର ଆସିଛି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲଗୁଡ଼ିକରେ ଶିକ୍ଷାର ଗୁଣାତ୍ମକ ମାନରେ ଉଲ୍ଲେଖନୀୟ ବୃଦ୍ଧି ଆସିପାରିଛି। ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଜରିଆରେ ୪୬୦୫ଟି ନୂଆ କ୍ଲାସ୍‌ରୁମ୍,୧୬,୯୨୦ ସ୍ମାର୍ଟ କ୍ଲାସ୍‌ରୁମ୍, ୭୮୬୩ ଆଧୁନିକ ଲାବୋରେଟୋରି ଏବଂ ୭୯୨୦ ଇ-ଲାଇବ୍ରେରି ସୃଷ୍ଟି କରାଯାଇଛି। ମାଧ୍ୟମିକ ସ୍ତରରେ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ୪୭୪୨ ଜଣ ଶିକ୍ଷକ ନିଯୁକ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ୫-ଟି ମନ୍ତ୍ର ଆଧାରରେ ଶିକ୍ଷା ବିଭାଗ ଏବେ ଶୀର୍ଷରେ ପହଞ୍ଚି ପାରିଛି। ପିଲାଙ୍କ ନୈତିକ ବିଚାରଧାରାରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

ବିଭାଗୀୟ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।





Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). *Cash bonus offer is applicable on Glamour series for a limited period only. T&C Apply. T&C Apply.***Finance scheme is at the sole discretion of financiers & subject to its respective terms & conditions. T&C Apply.

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph- 6372753989.

WT.5684.2024ORI

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ



# ନଦୀ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ



ମିରେଇ ଏଣ୍ଡାରା ଦେ ହେରାସ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବାକୁ ଏକ ନୂତନ ଚୁକ୍ତି ପାଇଁ ମିଳିତ ଜାତିସଂଘ ଚେଷ୍ଟା ଜାରି ରଖିଛି ଓ ଏଥିପାଇଁ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଚୁକ୍ତିନାମାରେ କେବଳ ପ୍ଲାଷ୍ଟିକ୍ ଉତ୍ପାଦନ ହ୍ରାସ ନୁହେଁ ବରଂ ଏବକାର ପ୍ଲାଷ୍ଟିକ୍ ବର୍ଜ୍ୟ ଅପସାରଣ ଏବଂ ରିସାଇକେଲିଂ ଲାଗି ସ୍ଥାନୀୟ ପଦକ୍ଷେପକୁ ଦୃଢ଼ କରିବାରେ କାର୍ଯ୍ୟ କରିବାକୁ ସରକାରଗୁଡ଼ିକୁ ନିଶ୍ଚିତ କରିବାକୁ ହେବ। ମୁଁ ରହୁଥିବା ସହର ପାନାମା ସିଟି ଦେଇ ପ୍ରବାହିତ ଜୁଆନ ଡିଆଜ ନଦୀ କଥା ବିଚାର କରାଯାଉ। ଦୁର୍ବଳ ବର୍ଜ୍ୟ ପରିଚାଳନା କାରଣରୁ ଅନେକ ଟନ୍ ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ ଆବର୍ଜନା ନଦୀ ସ୍ରୋତରେ ପ୍ରବାହିତ ହେଉଛି। ଏହି ସମସ୍ୟାର ସମ୍ମୁଖୀନ ହେବା ପରେ ମାରିଆ ଭର୍ଡେ (ଗ୍ରୀନ୍ ଟାଇଡ) ନାମକ ଏକ ଅଣ-ଲାଭକାରୀ ସଂଗଠନ(ଏନ୍‌ପିଓ) ପ୍ରଦୂଷଣ ଦୂର ଉପରେ କାର୍ଯ୍ୟ କରୁଛି ଏବଂ ମୁଁ ଏହାର ସହ-ପ୍ରତିଷ୍ଠାତା। ୱାଣ୍ଡା ଡିଭାଇସ ନାମକ ଏକ ଆବର୍ଜନା ସଂଗ୍ରହକାରୀ ୱାଟର ହ୍ୱିଲ୍‌କୁ କାର୍ଯ୍ୟରେ ଲଗାଯାଇଛି। ନଦୀ ପାଣିରେ ପ୍ରବାହିତ ବର୍ଜ୍ୟ ସମୁଦ୍ରରେ ପହଞ୍ଚିବା ପୂର୍ବରୁ ଏହି ଯନ୍ତ୍ର ବର୍ଜ୍ୟର ସିଂହଭାଗ ସଂଗ୍ରହ କରିନେଉଛି।

ବିଶ୍ୱ ଜଳବାୟୁ ଲକ୍ଷ୍ୟଗୁଡ଼ିକ ହାସଲ କରିବା ପାଇଁ ଆମଭଳି ସ୍ଥାନୀୟ ବା ଆଞ୍ଚଳିକ ପଦକ୍ଷେପ ଆବଶ୍ୟକ। ବିଶେଷକରି ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂରକରିବା ସକାଶେ ଏହା କରାଯିବା ଦରକାର। ମୋ ମତରେ ଜାତିସଂଘର ନୂତନ ଚୁକ୍ତି ପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଛାଡ଼ି କେବଳ କ୍ଷମତାରେ ଥିବା ଲୋକେ ନେଉଥିବା ନିଷ୍ପତ୍ତି ଭଳି ପଦକ୍ଷେପଗୁଡ଼ିକରେ ସମନ୍ୱୟ ରକ୍ଷାକରିବା ଉଚିତ। ଏହା ବ୍ୟତୀତ ଏହି ଚୁକ୍ତି ପ୍ଲାଷ୍ଟିକ୍ ଉତ୍ପାଦନକୁ ହ୍ରାସ କରିବା ଏବଂ ଏହି ଉତ୍ପାଦଗୁଡ଼ିକରେ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ଉଚିତ। ପୃଥିବୀର ବିଭିନ୍ନ ଜଳପଥକୁ ବନ୍ଦ କରି ପରିବେଶକୁ କ୍ଷତି ପହଞ୍ଚାଉଥିବା ଅନେକ କୋଟି ଟନ୍ ବର୍ଜ୍ୟ ପ୍ଲାଷ୍ଟିକର ରିସାଇକେଲିଂ, ପୁନଃବ୍ୟବହାର କିମ୍ବା ରୂପାନ୍ତର ପାଇଁ ପ୍ରୟାସ କରିବା ଉଚିତ। ଅନ୍ୟଥା ୨୦୫୦ ସୁଦ୍ଧା ମହାସାଗରରେ ମାଛଠାରୁ ପ୍ଲାଷ୍ଟିକ୍‌ର ପରିମାଣ ଅଧିକ ହୋଇଯିବ। ମାଇକ୍ରୋପ୍ଲାଷ୍ଟିକ୍(ସୂକ୍ଷ୍ମ ପ୍ଲାଷ୍ଟିକ କଣିକା) ଦ୍ୱାରା ନୂଆ ରୋଗ ସୃଷ୍ଟି ହେବ। ଏହି ସୂକ୍ଷ୍ମ କଣିକା ମଣିଷ ରକ୍ତରେ ପୂର୍ବରୁ ଚିହ୍ନଟ ହୋଇସାରିଛି ଓ ଏହା ସମସ୍ତଙ୍କଠାରେ ଦେଖାଦେଇପାରେ। ଏବେସୁଦ୍ଧା ଏହି ଚୁକ୍ତି କିପରି ଭଲ ଭାବେ ଅଗ୍ରଗତି ହୋଇପାରିବ ତାକୁ ନେଇ ଅଂଶୀଦାରଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି। ଗତ ନଭେମ୍ବରରେ ନାଇରୋବିରେ ଅନୁଷ୍ଠିତ ହୋଇଥିବା ଚୁକ୍ତିନାମା ସମ୍ପର୍କିତ ଆଲୋଚନା ସମୟରେ ପ୍ଲାଷ୍ଟିକ୍ ଶିଳ୍ପ ଏବଂ କେତେକ ତୈଳ ଓ ପେଟ୍ରୋକେମିକାଲ ରପ୍ତାନିକାରୀ ଦେଶ ପ୍ଲାଷ୍ଟିକ୍ ରିସାଇକେଲିଂ ଏବଂ ପୁନର୍ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ପରିବେଶ ଅଭିଯାନକାରୀ ଏବଂ ଅନ୍ୟାନ୍ୟ ସରକାରଗୁଡ଼ିକ ପ୍ଲାଷ୍ଟିକ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ୨୦୨୪ ଶେଷ ସୁଦ୍ଧା ଏହି ଦୁଇ ପକ୍ଷ ଏହା ଉପରେ ସହମତ ହେବା ସହିତ ସ୍ଥାନୀୟ ପଦକ୍ଷେପ ସହ ବୈଶ୍ୱିକ ଲକ୍ଷ୍ୟଗୁଡ଼ିକୁ ଯୋଡ଼ିପାରୁଥିବା ଏକ ସମନ୍ୱିତ ଆଭିମୁଖ୍ୟ ଉପରେ ରାଜିହେବା ଉଚିତ।



ଅନ୍ତର୍ଜାତୀୟ ଯୋଜନା ଏବଂ ତୃଣମୂଳ ସ୍ତରର ବାସ୍ତବ ସ୍ଥିତି ମଧ୍ୟରେ ଥିବା ପାର୍ଥକ୍ୟ କିଭଳି ପ୍ରଗତିକୁ ରୋକିବା ସହ ଅବିଶ୍ୱାସବାଦ ସୃଷ୍ଟି କରେ ତାହା ସରକାରୀ ଏବଂ ଅଣ ଲାଭକାରୀ ସଂସ୍ଥାଗୁଡ଼ିକରେ କାର୍ଯ୍ୟ କରି ମୁଁ ପ୍ରଥମ ଥର ଅନୁଭବ କରିଛି । ସେଥିପାଇଁ ମାରିଆ ଭର୍ଡେ ଚିନ୍ତାଧାରାକୁ ଅନ୍ୟତ୍ର ସଫଳତାର ସହ କାର୍ଯ୍ୟକାରୀ କରାଯାଇଆସିଛି। ଆମେରିକାଠାରୁ ନାଇଜେରିଆ ଏବଂ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଆମ ପରିବେଶ ଏବଂ ସଂସ୍କୃତି ଯାଏ ଏହାକୁ ଉପଯୋଗ କରାଯାଇଛି। ଆମେ ବ୍ୟବହାର କରୁଥିବା ୱାଣ୍ଡା ଡିଭାଇସ ଏକ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତି ଉପରେ ଆଧାରିତ। ଏହି ପ୍ରଯୁକ୍ତି ଆମେରିକାରେ ଆରମ୍ଭ ହୋଇଥିଲା, କିନ୍ତୁ ଏହା ବିଶେଷକରି ଉଷ୍ମ ପରିସଂସ୍ଥା ପାଇଁ ଅନୁକୂଳ। ୱାଣ୍ଡା ଗତ ଏକ ବର୍ଷ ମଧ୍ୟରେ ଜୁଆନ ଡିଆଜ ନଦୀରୁ ୧୩୦ ଟନ୍‌ରୁ ଅଧିକ ଆବର୍ଜନା ସଂଗ୍ରହ କରିଛି। ସମୁଦ୍ର ଓ ବେଳାଭୂମିରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପଦକ୍ଷେପ ତୁଳନାରେ ଏହା ଏକ ଅଧିକ ପ୍ରଭାବଶାଳୀ । ଏହି ମଡେଲକୁ ବିଶ୍ୱ ସାରା କାର୍ଯ୍ୟକାରୀ କରାଗଲେ ଭୂପୃଷ୍ଠରେ ସୃଷ୍ଟି ହେଉଥିବା ବର୍ଜ୍ୟକୁ ଅତ୍ୟଧିକ ହ୍ରାସ କରାଯାଇପାରିବ, ଯାହା ମହାସାଗରରେ ୮୦% ପ୍ଲାଷ୍ଟିକ୍ ପ୍ରଦୂଷଣର କାରଣ ପାଲଟୁଛି।

ସୌଭାଗ୍ୟବଶତଃ ନୂତନ ପ୍ଲାଷ୍ଟିକ୍ ବର୍ଜ୍ୟକୁ ସମୁଦ୍ର ଭିତରକୁ ପ୍ରବେଶ କରାଇ ନ ଦେବା ଲାଗି ଅନ୍ୟ ସଙ୍ଗଠନଗୁଡ଼ିକ ମଧ୍ୟ ନଦୀ ସଫେଇ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ମାରିଆ ଭର୍ଡେ ସମେତ ଏହି ଗୋଷ୍ଠୀର ଆଠଟି ସଙ୍ଗଠନ କ୍ଲିନ୍ କରେଣ୍ଟସ୍ କୋଆଲିଶନ ବା ମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏହି ମେଣ୍ଟ ହେଉଛି ବିଭିନ୍ନ ପ୍ରୋଜେକ୍ଟର ଏକ ନେଟୱର୍କ, ଯାହା ସମଗ୍ର ବିଶ୍ୱରେ ନଦୀଗୁଡ଼ିକରେ ଅଭିନବ ବର୍ଜ୍ୟ ଅପସାରଣ ପ୍ରଯୁକ୍ତିକୁ ପରୀକ୍ଷଣ କରୁଛି। ଏହି ମେଣ୍ଟର ସଦସ୍ୟମାନେ ପ୍ରଯୁକ୍ତିଗତ ଜ୍ଞାନ ଶେୟାର କରିପାରିବେ ଏବଂ ମିଳିତ ଭାବରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସହିତ ପଦକ୍ଷେପକୁ ପ୍ରଭାବୀ ଢଙ୍ଗରେ ଉତ୍ସାହିତ ଏବଂ ସହଜ ମଧ୍ୟ କରିପାରିବେ।

ପ୍ଲାଷ୍ଟିକ୍ ସଙ୍କଟ ହେଉଛି ମାନବ କାର୍ଯ୍ୟକଳାପର ପରିଣାମ। ଏହାର ସମାଧାନ ପାଇଁ ସ୍ୱଭାବଗତ ପରିବର୍ତ୍ତନ ଆବଶ୍ୟକ, ଯାହା କେବଳ ସ୍ଥାନୀୟ ସମ୍ପ୍ରଦାୟ ବା ସମୁଦାୟକୁ ଜଡ଼ିତ କରାଇପାରୁଥିବା ପଦକ୍ଷେପଗୁଡ଼ିକ ମାଧ୍ୟମରେ ସମ୍ପନ୍ନ ହୋଇପାରିବ। ଉଦାହରଣ ସ୍ୱରୂପ, ମାରିଆ ଭର୍ଡେ ରିସାଇକେଲିଂ ସୁବିଧା ନ ଥିବା ଅଞ୍ଚଳରେ ବାସିନ୍ଦାମାନଙ୍କୁ ଘରକୁ ଯାଇ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ସଂଗଠିତ ଏବଂ ସଶକ୍ତ କରିଥାଏ । ଫଳସ୍ୱରୂପ ଅନେକ ଲୋକ ସେମାନଙ୍କ ଚାରିପାଖ ପରିବେଶର ଉନ୍ନତି ପାଇଁ ସେମାନଙ୍କର ଦକ୍ଷତା ବିଷୟରେ ଅବଗତ ହୋଇଛନ୍ତି। ସେମାନେ ଆଖପାଖରେ କରାଯାଉଥିବା ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିବା, ସବୁଜ ସ୍ଥାନର ପୁନରୁଦ୍ଧାର ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା ପାଇଁ ଅନ୍ୟମାନଙ୍କୁ ବୁଝାଇବା ଲାଗି ଆଗେଇ ଆସିଛନ୍ତି।

ତେବେ ପାନାମା ସମେତ ଅନେକ ବିକାଶଶୀଳ ଦେଶରେ ସ୍ଥାନୀୟ ତଥ୍ୟର ଅଭାବ ଯୋଗୁ ପ୍ରଦୂଷଣ ହ୍ରାସ ପାଇଁ ଉପଯୁକ୍ତ ଜଳବାୟୁ ନୀତି ପ୍ରଣୟନ କରିବା କଷ୍ଟକର ହୋଇପାରେ । ସେଥିପାଇଁ ପାନାମାର ନଦୀଗୁଡ଼ିକରେ ପ୍ଲାଷ୍ଟିକ୍ ଆବର୍ଜନାର ପ୍ରକାର ଓ ପରିମାଣ ଉପରେ ମାରିଆ ଭର୍ଡେ ମଧ୍ୟ ଡାଟାବେସ୍ ନିର୍ମାଣ କରୁଛି । ଏହା ତଥ୍ୟରେ ଉନ୍ନତି ଆଣିବ, ସହରୀ ଯୋଜନାରେ ସାହାଯ୍ୟ କରିବା ସହ ସଙ୍କଟର ସ୍ତର ପ୍ରଦର୍ଶନ କରିପାରିବ। ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ସମସ୍ୟାର ଆକାର ଦେଖି ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ମିଳିତ ଜାତିସଂଘର ନୂତନ ଚୁକ୍ତିରେ ପ୍ଲାଷ୍ଟିକ ଉତ୍ପାଦନ ଉପରେ କଠୋର କଟକଣା ଲଗାଇ ଉତ୍ପାଦର ବ୍ୟବହାର ବନ୍ଦ କରିବା ସହ ସ୍ୱଚ୍ଛତା ଉପରେ ଅଧିକ ପଦକ୍ଷେପ ନିଆଯିବା ଉଚିତ। ପ୍ଲାଷ୍ଟିକ୍ ସମସ୍ୟାର ମୁକାବିଲାର ଆଗରେ ରହିଥିବା ସ୍ଥାନୀୟ ସମୁଦାୟକୁ ମଧ୍ୟ ସମର୍ଥନ କରିବା ଆବଶ୍ୟକ। ଏହି ଗୋଷ୍ଠୀର ନୂତନତ୍ୱ ରଣନୀତି, ସାଧନ ଏବଂ ତଥ୍ୟ ସଂଗ୍ରହ କାର୍ଯ୍ୟ ବିଶ୍ୱ ସମୁଦାୟ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିପାରିବ। ଉଭୟ ଅନ୍ତର୍ଜାତୀୟ ନିୟମାବଳୀ ଏବଂ ସ୍ଥାନୀୟ ପଦକ୍ଷେପ ଆବଶ୍ୟକ । ତେବେ ଗୋଟିଏ ସମୁଦାୟ ଏବଂ ଗୋଟିଏ ନଦୀ ଦୃଷ୍ଟିକୋଣ ନେଇ ସ୍ଥାନୀୟ ପଦକ୍ଷେପ ସବୁ ଏବେ ଜାରି ରହିଛି ଏବଂ ଭିନ୍ନତା ପ୍ରଦର୍ଶନ କରୁଛି।

**ପାନାମାର ପୂର୍ବତନ ପରିବେଶ ମନ୍ତ୍ରୀ**

# ଧର୍ମ ଓ ବିଜ୍ଞାନ



ଉମାଶଙ୍କର ପ୍ରସାଦ

ଧର୍ମ ଓ ବିଜ୍ଞାନ ଉଭୟେ ମଣିଷର ମଙ୍ଗଳ ପାଇଁ ଅଭିପ୍ରେତ। ଉଭୟଙ୍କର ଉଦ୍ଦେଶ୍ୟ ମଣିଷ ତଥା ସମାଜକୁ ମଙ୍ଗଳମୟ କରି ଗଢ଼ିବା। ଧର୍ମ ମଣିଷର ଅନ୍ତର୍ନିହିତ ଚିତ୍ ଶକ୍ତିକୁ ଜାଗ୍ରତ କରେ, ମଣିଷକୁ ଆନନ୍ଦ ଦିଏ। ମାତ୍ର ବିଜ୍ଞାନ ମଣିଷର ଭୌତିକ ଆନନ୍ଦ ବିଧାନ କରେ। ବିଜ୍ଞାନ ଅର୍ବାଚୀନ। ଧର୍ମ ସୁପ୍ରାଚୀନ। ବିଜ୍ଞାନର ସୃଷ୍ଟି ଷୋଡ଼ଶ ଶତାବ୍ଦୀରୁ ମାତ୍ର ଧର୍ମ ମଣିଷ ଜାତିର ବିକାଶର ଆଦିକାଳରୁ। ଆଜି ସେହି ଧର୍ମ ଅବହେଳିତ ହୋଇଥିଲା ବେଳେ ବିଜ୍ଞାନ ଜଡ଼ବାଦୀ ମଣିଷମାନଙ୍କର ଏକାନ୍ତ କାମ୍ୟ ହୋଇଛି। ଧର୍ମର ଦୁର୍ଗତି ହୋଇଥିବା ବେଳେ ବିଜ୍ଞାନ ବଳୀୟାନ ହୋଇଛି। ଜୀବନର ପୂର୍ଣ୍ଣତା ପାଇଁ ଧର୍ମ ଓ ବିଜ୍ଞାନର ସମନ୍ୱୟ ହେବା ଏକାନ୍ତ ଆବଶ୍ୟକ। ଗୋଟିଏ ମଣିଷକୁ ଭୌତିକ ବିଳାସ ଦେଇଥିଲା ବେଳେ ଅନ୍ୟଟି ପ୍ରଦାନ କରିଥାଏ ଦୟା, ସ୍ନେହ ଓ ମମତା । ବିଜ୍ଞାନ ଓ ଧର୍ମର ପରିସର ସ୍ୱତନ୍ତ୍ର। ବିଜ୍ଞାନ ପରୀକ୍ଷିତ ହୁଏ ବିଜ୍ଞାନାଗାରରେ। ଏକ ନିର୍ଦ୍ଦିଷ୍ଟ ବସ୍ତୁ ମଧ୍ୟରୁ କୌଣସି ବିଷୟକୁ ଗଭୀର ଭାବେ ପରୀକ୍ଷା କରାଯାଏ ଏବଂ ପରେ ସେହି ପରୀକ୍ଷାରୁ ପ୍ରକୃତିର ନିୟମ ବାହାର କରାଯାଇଥାଏ। ଯେଉଁଠି ପରୀକ୍ଷା ବିଫଳ ହୋଇଥାଏ ସେଠାରେ ବିଶ୍ୱାସ ମଧ୍ୟ ଅସ୍ତିତ୍ୱ ହରାଇଥାଏ। ପରୀକ୍ଷାଗାରର ବାହାରେ ଅନ୍ୟ କୌଣସି ବିଷୟକୁ ସେ ମାନିବାକୁ ପ୍ରସ୍ତୁତ ନୁହେଁ। ମାତ୍ର ଧର୍ମର ପରିସର ସମ୍ପୂର୍ଣ୍ଣ ଭିନ୍ନ। ଧର୍ମର ବିଶ୍ୱାସ ଭଗବାନଙ୍କଠାରେ। ସେ ତାଙ୍କୁ ସର୍ବଶକ୍ତିମାନ୍, ସର୍ବବିଦ୍ୟମାନ୍ ଓ ସର୍ବଜ୍ଞ କର୍ତ୍ତା ଭାବେ ମାନିଥାଏ। ଧର୍ମର ପରୀକ୍ଷାଗାର ମଣିଷର ହୃଦୟ ଭିତରେ। ମନକୁ ସେ ଦୃଢ଼କରି ହୃଦ୍ ପରୀକ୍ଷାଗାରରେ ସୃଷ୍ଟିର ସତ୍ୟକୁ ପରୀକ୍ଷା କରେ।

ବିଜ୍ଞାନ କହେ ଧର୍ମ ହେଉଛି ଏକ ଅନ୍ଧବିଶ୍ୱାସ। ଏଥିରେ ବାସ୍ତବର ସ୍ଥାନ ନାହିଁ। ଏହା ସମ୍ପୂର୍ଣ୍ଣ କାଳ୍ପନିକ, ଯାହା ମଣିଷକୁ ଭୀରୁ କରିଥାଏ। ସେ ଭୟ କରିଥାଏ ଏକ ଅଦୃଶ୍ୟ ଶକ୍ତିକୁ। ଅନ୍ୟପକ୍ଷରେ ଧର୍ମ ବିଜ୍ଞାନକୁ କହିଥାଏ ଏ ଜଗତ ହେଉଛି ଈଶ୍ୱରଙ୍କ ଲୀଳାସ୍ଥଳୀ। ଏ ଜଗତରେ ସତ୍ୟ, ଶିବ, ସୁନ୍ଦର ଭଗବାନ୍ ପୂରି ରହିଛନ୍ତି। ବିଜ୍ଞାନ ଏହି ସତ୍ୟ, ଶିବ, ସୁନ୍ଦର ଜଗତକୁ ଧ୍ୱଂସ କରୁଛି। ବିଜ୍ଞାନ ତା'ର ପରିସର ମଧ୍ୟରେ ସୀମାବଦ୍ଧ ମାତ୍ର ଧର୍ମ ଅନନ୍ତ ଓ ଅସୀମ। ଅସୀମର ମହାଭାବ ପ୍ରଚାର କରେ ଧର୍ମ। ଏଥିପାଇଁ ବିଜ୍ଞାନର ବାରମ୍ବାର ଆକ୍ରମଣ ସତ୍ତ୍ୱେ ଧର୍ମ ରହିଛି ଜନମାନସରେ।

ଧର୍ମ ଚିରନ୍ତନ, ଶାଶ୍ୱତ ଏବଂ ସନାତନ। ଧର୍ମ ଶାଶ୍ୱତର କଥା କହିଥାଏ। ଭଗବାନ୍‌ଙ୍କ ସହିତ ବ୍ୟକ୍ତିର ସମନ୍ୱୟକୁ ଧର୍ମ ଶେଷ ବୋଲି କହିଥାଏ। ମାତ୍ର ବିଜ୍ଞାନ କୌଣସି କଥାକୁ ଶେଷ ବୋଲି ମାନେନାହିଁ। ବିଜ୍ଞାନାଗାରରେ ଯାହା ପରୀକ୍ଷା କରି ସେ ଯେଉଁ ସତ୍ୟରେ ଉପନୀତ ହୋଇଥାଏ ତାହା ମଧ୍ୟ ଦିନେ ଅସତ୍ୟରେ ପରିଣତ ହୋଇଯାଇଥାଏ। ଧର୍ମ ଶାଶ୍ୱତ ସତ୍ୟର ବାଣୀ ପ୍ରଚାର କରେ, ମାତ୍ର ବିଜ୍ଞାନ ଶାଶ୍ୱତ କଥା କହି ନ ଥାଏ। ଧର୍ମ କହିଥାଏ ଅପାର୍ଥିବ ଜଗତର ଅସୀମ କଥା, ମାତ୍ର ବିଜ୍ଞାନ କହେ ସସୀମ ହିଁ ମଧୁର ଏବଂ ରମଣୀୟ। ବିଜ୍ଞାନ ସ୍ଥୂଳଦୃଷ୍ଟିର ପରିଚୟ ଦେଇଥିଲା ବେଳେ ଧର୍ମ ଦିବ୍ୟଦୃଷ୍ଟିର ରହସ୍ୟ କହିଥାଏ।

ମଣିଷର ଅଛି ଆତ୍ମା। ତା'ର ଦେହ ଯେପରି ସତ୍ୟ, ଆତ୍ମା ମଧ୍ୟ ସେହିପରି ସତ୍ୟ। ଦେହ ପାଇଁ ଯେପରି ଖାଦ୍ୟପେୟ, ବସ୍ତ୍ର ଓ ବାସର ଦରକାର ପଡ଼େ ଠିକ୍ ସେଭଳି ଆତ୍ମାର ଆନନ୍ଦ ପାଇଁ ଭଗବତ୍‌ପ୍ରାପ୍ତିର ନିତାନ୍ତ ଆବଶ୍ୟକ। ତେଣୁ ଧର୍ମ ଓ ବିଜ୍ଞାନ ପରସ୍ପର ବିରୁଦ୍ଧ ହେଇ ନ ପାରନ୍ତି। ଧର୍ମ ହିଁ ସତ୍ୟ ଓ ଶାଶ୍ୱତ। ବିଜ୍ଞାନ ମଧ୍ୟ ସତ୍ୟ ଏବଂ ମଙ୍ଗଳପ୍ରଦ। ବିଜ୍ଞାନ ଦେଇଥାଏ ବଞ୍ଚିବା ପାଇଁ ଉପାଦାନ, ବିଳାସ ପାଇଁ ଅଭିନବ ପଦାର୍ଥ ମାତ୍ର ଧର୍ମ ଦେଇଥାଏ ଆଧ୍ୟାତ୍ମିକ ଆନନ୍ଦ।

ଧର୍ମଭାବ ସଞ୍ଚରିତ ହେଲେ ବିଜ୍ଞାନ ମଣିଷର ମଙ୍ଗଳ ପାଇଁ ଅଭିପ୍ରେତ ହୋଇଥାଏ। ଆଧୁନିକ ବିଜ୍ଞାନ ମଣିଷର ମଙ୍ଗଳ ପାଇଁ ବିନିଯୁକ୍ତ ହେଉଛି। ସାମ୍ପ୍ରତିକ ସମୟରେ ସୂର୍ଯ୍ୟ ଓ ନକ୍ଷତ୍ରମାନଙ୍କର ପ୍ରଚଣ୍ଡ ଜ୍ୟୋତି ସମ୍ବନ୍ଧରେ ବିଜ୍ଞାନ ଯାହା ଗବେଷଣା କରି ଦେଖାଇପାରିଛି ତାହା ଗୀତାରେ ଭଗବାନଙ୍କ ବିଶ୍ୱରୂପ ଦର୍ଶନ ବେଳେ ମଧ୍ୟ ବର୍ଣ୍ଣିତ ହୋଇଛି। ଅତଏବ ଗୀତା ମଧ୍ୟ ଆଧୁନିକ ବିଜ୍ଞାନ ଭଳି ବହୁ ଉପାଦାନ ପ୍ରଦାନ କରିଥାଏ। ବିଜ୍ଞାନ ଓ ଧର୍ମ ଉଭୟଙ୍କର ସମନ୍ୱୟରେ ଜୀବନ ମଙ୍ଗଳମୟ ହୋଇଥାଏ। ଧର୍ମ ବାସ୍ତବ ଜଗତ ବାହାରେ ଆଉ ଏକ ଅଲୌକିକ ଜଗତର କଳ୍ପନା କରିଥାଏ ମାତ୍ର ବିଜ୍ଞାନ ବାସ୍ତବ ଜଗତକୁ ଛାଡ଼ି ଆଉ କିଛି କଳ୍ପନା କରିପାରେନାହିଁ।

**ସମ୍ପାଦକ, ମାର୍ଗଦର୍ଶୀ**
**ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ଜମିବାଡ଼ି ମାମଲା ମହା ଝମେଲା। ଥରେ ଆରମ୍ଭ ହୋଇଗଲେ ପକ୍ଷ ଅଦାଲତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଆନ୍ତି। ତେବେ ଏଭଳି ୫୦,୦୦୦ ମାମଲାର ସମାଧାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଜଣେ ଜିଲାପାଳ। ଉତ୍ତରପ୍ରଦେଶ ବସ୍ତି ଜିଲାର ଜିଲାପାଳ ବମ୍‌ସି ଆନ୍ଦ୍ରା ଏକ ଅଭିଯାନ ଆରମ୍ଭ କରି ୪ ମାସରେ ୫୦ ହଜାର ମାମଲା ସମାଧାନ କରିବାରେ ସଫଳ ହୋଇପାରିଛନ୍ତି। ସେପ୍ଟେମ୍ବର ୨୦୨୩ରେ ସେ ଜିଲାପାଳ ଦାୟିତ୍ୱ ନେଇଥିଲେ। ପରେ ଜିଲାରେ ପଡ଼ିରହିଥିବା ଜମିଜମା ସମ୍ପର୍କିତ ମାମଲାଗୁଡ଼ିକର ସମାଧାନ କରିବା ଲାଗି ପଦକ୍ଷେପ ନେଇଥିଲେ। ଜମି ମାପ, ନାଳି, ଖଜଣା, ବଣ୍ଟନ, ସୀମାବିବାଦ ଆଦିକୁ ନେଇ ଏହି ସବୁ ମାମଲା ଚାଲିଥିଲା ଓ ଏଥିରେ ଲୋକଙ୍କ ଟଙ୍କା ଖର୍ଚ୍ଚ ହେବା ସହ ସମୟ ମଧ୍ୟ ନଷ୍ଟ ହେଉଥିଲା। ଏହି ଅଭିଯାନରେ ସେ ଅତିରିକ୍ତ ଜିଲାପାଳ, ଲେଖାପାଳଙ୍କ ସମେତ ସବୁ ଅଧିକାରୀଙ୍କୁ ସାମିଲ କରିଥିଲେ। ଅନେକ ସମୟରେ ଅଧିକାରୀମାନେ ଲୋକଙ୍କ ପାଖରେ ପହଞ୍ଚି ମାମଲାର ସମାଧାନ କରିଥିଲେ। ଏବେ ଆହୁରି ୧୯, ୦୦୦ ମାମଲା ପଡ଼ିରହିଛି ଓ ଏଗୁଡ଼ିକର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ କହିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୩ ଫେବୃଆରୀ ୧୯୭୫**

- ବିଶିଷ୍ଟ ସାହିତ୍ୟିକ ବାମାଚରଣ ମିତ୍ରଙ୍କ ୬୨ ବର୍ଷ ବୟସରେ ପରଲୋକ।
- ଜାତୀୟ ଆୱାମୀ ପାର୍ଟିକୁ ବେଆଇନ ଘୋଷଣା କଲାପରେ ପାକିସ୍ତାନର ଉଚ୍ଚ ସରକାରୀ ପଦବୀରେ ଥିବା ପାଖତୁନ୍‌ମାନଙ୍କୁ ବହିଷ୍କାର ଆଦେଶ।
- ସୋଭିଏତ୍ ରୁଷିଆର ବିଶିଷ୍ଟ ଲେଖକ ଭଲଡିମିର ମାରମ୍‌ଜିନ୍‌ଙ୍କୁ ସୋଭିଏତ୍ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୧୫ ବର୍ଷ ଜେଲ୍ ଦଣ୍ଡ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 1 | | | |
| | | 3 | | 2 | | | | |
| | 1 | | 9 | | | 8 | | 5 |
| | | | | 4 | 7 | | | |
| | | | | | | 2 | | 3 |
| | 7 | | | 1 | | | 9 | |
| 4 | | | 7 | 9 | | | | |
| | | | 3 | | 5 | 1 | | |
| | | 2 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 3 | 7 | 9 | 6 | 4 |
| 4 | 9 | 2 | 8 | 6 | 5 | 1 | 7 | 3 |
| 3 | 7 | 6 | 1 | 9 | 4 | 5 | 2 | 8 |
| 7 | 6 | 9 | 3 | 5 | 2 | 4 | 8 | 1 |
| 2 | 3 | 1 | 4 | 8 | 6 | 7 | 5 | 9 |
| 8 | 5 | 4 | 7 | 1 | 9 | 2 | 3 | 6 |
| 9 | 8 | 3 | 5 | 7 | 1 | 6 | 4 | 2 |
| 6 | 2 | 5 | 9 | 4 | 3 | 8 | 1 | 7 |
| 1 | 4 | 7 | 6 | 2 | 8 | 3 | 9 | 5 |

ଗତକାଲିର ଉତ୍ତର

# ଲକ୍ଷ୍ମୀଛଡ଼ା ଉପାଖ୍ୟାନ



ଡ. ମନୋରଞ୍ଜନ ପ୍ରଧାନ

ପିଲାବେଳେ ଜେଜେମା'ଙ୍କ ମୁହଁରୁ ଲକ୍ଷ୍ମୀଛଡ଼ା ଶବ୍ଦଟି ବହୁବାର ଶୁଣିଛୁ। ସାମାନ୍ୟ ତ୍ରୁଟିବିଚ୍ୟୁତି ଦେଖିଲେ ବୁଢ଼ୀମା' ତୁମେ ସବୁ ଲକ୍ଷ୍ମୀଛଡ଼ା ହୋଇଗଲଣି କହି ତାଗିଦ କରନ୍ତି। ବଡ଼ି ଭୋରରୁ ଉଠିବା ଜେଜେମା'ଙ୍କ ଅଭ୍ୟାସ, ତାହାକୁ ସେ ବ୍ରାହ୍ମ ମୁହୂର୍ତ୍ତ ବୋଲି କହେ। ସୂର୍ଯ୍ୟୋଦୟ ଢେର୍ ପୂର୍ବରୁ ସେ ଉଠି ବାସିକାମ ସାରି, ଛଡ଼ାପାଣି ପକାଇ, ଗୁହାଳ ସଫାକରି, ଠାକୁର ପୂଜା ପାଇଁ ଫୁଲତୋଳି, ଗାଧୁଆପାଧୁଆ ସାରି ପୂଜାଘରକୁ ପ୍ରବେଶ କରନ୍ତି। ତୁଳସୀ ମୂଳେ ପାଣି ଢାଳିବା ପୂର୍ବରୁ ସେ ଯେଉଁ ଘଣ୍ଟି ବଜାନ୍ତି ଆମେ ଚିଲର ପାର୍ଟି (ପିଲା ଦଳଙ୍କ) ପାଇଁ ସତର୍କ ଘଣ୍ଟି। ଘଣ୍ଟି ବାଜିବା ମାତ୍ରେ ଯଦି ଶଯ୍ୟା ତ୍ୟାଗ ନ କରିଛୁ ବୁଢ଼ୀମା' ଲକ୍ଷ୍ମୀଛଡ଼ା କହି ଭୈରବ ରଡ଼ି ଛାଡ଼ିବେ। ଠିକ୍ ସମୟରେ ନ ଗାଧୋଇଲେ ଲକ୍ଷ୍ମୀଛଡ଼ା। ଖାଇବା ଠିକ୍ ସମୟରେ ନ କଲେ ଲକ୍ଷ୍ମୀଛଡ଼ା, ଇତ୍ୟାଦି। ସେତେବେଳେ ବୁଢ଼ୀମା'ଙ୍କ ଲକ୍ଷ୍ମୀଛଡ଼ା ଦର୍ଶନର ମହତ୍ତ୍ୱ ବୁଝିପାରୁ ନ ଥିଲୁ। କିନ୍ତୁ ତାହା ଜୀବନ ପାଇଁ ଅତ୍ୟନ୍ତ ପ୍ରୟୋଜନ ଥିଲା। ଏଠାରେ କେତୋଟି ଉଦାହରଣ ଉପସ୍ଥାପନ କରୁଛି।

ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରି ଅଘଷା ଦାନ୍ତରେ ଢାଳେ ପାଣି ଚକାମାରି ବସି ଧୀରେଧୀରେ ପିଇବାକୁ ଜେଜେମା'ଙ୍କ ଫତୁଆ ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ଥିଲା। ସେ ପାଣିକୁ ଖାଦ୍ୟ ଭଳି ଓ ଖାଦ୍ୟକୁ ପାଣି ଭଳି ଖାଇବାକୁ ଉପଦେଶ ଦେଉଥିଲେ। ମାନେ ଖାଦ୍ୟକୁ ଚୋବାଇ ଚୋବାଇ ପାଣିଭଳି କରି ଢୋକିବା ଓ ପାଣିକୁ ଢକ ଢକ ନ ପିଇ ଧୀରେ ଧୀରେ ମଜା ନେଇ ନେଇ ପିଇବାକୁ କହୁଥିଲେ। ଆମେ ପିଲାଦଳ ଟିକେ ଟିକେ ଅମଙ୍ଗ ହେଉ ଜେଜେମା'ଙ୍କ ଆଗରେ ନୁହେଁ ପଛରେ। କାରଣ ଠିଆରେ ଢକଢ଼କ ପିଇ ଖେଳିବାକୁ ଦୌଡ଼ି ପଳେଇବାକୁ ଆମର ଇଚ୍ଛା। କିନ୍ତୁ ଜେଜେମା' ଉଦାହରଣ ସ୍ୱରୂପ ବୁଝେଇ ଦିଅନ୍ତି - ଆରେ ଦେଖ କୋଉ ପଶୁପକ୍ଷୀ ସୂର୍ଯ୍ୟ ଉଦୟ ପରେ ଶୋଉଛି। ସେମାନେ ପଶୁପକ୍ଷୀ ହୋଇ ମଧ୍ୟ ପ୍ରକୃତିର ନିୟମ ମାନି ଚଳୁଥିବାରୁ ସେମାନଙ୍କୁ ବେଶି ରୋଗବ୍ୟାଧି ହୁଏ ନାହିଁ। ପ୍ରକୃତିଛଡ଼ା ମଣିଷ ପ୍ରକୃତିର ନିୟମ ମାନୁ ନ ଥିବାରୁ ଅଜଣା ରୋଗରେ ଘାଣ୍ଟି ହେଉଛି। କଥା ଛଳରେ ଜେଜେମା' କହନ୍ତି ବଡ଼ି ଭୋର୍‌ରୁ ଉଠି ସୁଶୀତଳ ଜଳପାନ (ଉଷା ପାନ) କଲେ ପେଟରୋଗ ହୁଏ ନାହିଁ କି ଥଣ୍ଡା, କାଶ କେବେ ମଧ୍ୟ ହୁଏ ନାହିଁ। ଗାଧୋଇସାରି ଦୁଇ ତିନୋଟି ତୁଳସୀପତ୍ର ସେବନ କଲେ ଦେହ ନୀରୋଗ ରହେ। ଢଗ ଛଳରେ କହନ୍ତି ଗାଧୁଆ ଆଗରୁ ଲଗାଅ ତେଲ, ବଇଦ ସାଙ୍ଗରେ କରିବ ଗେଲ। ମାନେ ଶରୀରରେ ତୈଳ ମର୍ଦ୍ଦନ କରିବା ପରେ ସ୍ନାନ କଲେ ଡାକ୍ତରଖାନା ଯିବା ଦରକାର ନାହିଁ ବୋଲି ତାଙ୍କର ମତ ଥିଲା। ଖାଇବା ବେଳେ ପାଣି ପିଇଲେ ଜେଜେମା' ଗାଳି ଦିଅନ୍ତି। ଡାକ୍ତରଙ୍କ ଭଳି ଉପଦେଶ ଦେଇ କହନ୍ତି ଖାଇଲା ବେଳେ ପାଣି ପିଇଲେ ଖାଦ୍ୟ ଜୀର୍ଣ୍ଣ ହେବନାହିଁ। ଆମେ ଭାବୁଥିଲୁ ଖାଦ୍ୟ ହଜମ ସହ ପାଣି ପିଇବା କି ସମ୍ପର୍କ! ସେମିତି ସପ୍ତାହରେ ଦିନେ କଞ୍ଚା ହଳଦୀ ଟେଳାଟି ଓ ନିମ୍ବବଟା ଗୁଳାଟି ଜବରଦସ୍ତ ଖୁଆଇବେ। ଏହାର ଉପାଦେୟତା ସମ୍ବନ୍ଧରେ ଆମକୁ ବୁଝେଇ କହିବେ ହଳଦୀ ଓ ନିମ୍ବ ଖାଇଲେ କାଛୁକୁଣ୍ଡିଆ ହେବନାହିଁ। ରକ୍ତ ପରିଷ୍କାର ରହିବ। ହଜମ ଶକ୍ତି ବଢ଼ିବ ଇତ୍ୟାଦି। ପ୍ରତିଦିନ ସକାଳୁ ଗୋବର ଲିପା ଅନ୍ତତଃ ଦାଣ୍ଡ ବାଡ଼ିରେ। ଚୈତ୍ର ମାସ ଆସୁ ଆସୁ ନିମ୍ବ ଡାଳ ତୋରଣ ଭଳି ଦ୍ୱାର ବନ୍ଧରେ ଲଗେଇ ଦେବେ। କହିବେ ବସନ୍ତ, ହାଡ଼ଫୁଟିକୁ ଏ ନିମ୍ବପତ୍ର ରୋକିଦେବ। ଅପରିଷ୍କାର ପୋଷାକ ପିନ୍ଧିଲେ ଘୋଷାପଦ ଲକ୍ଷ୍ମୀଛଡ଼ାର ଛାଟ। ଯଦି କୌତୂହଳରେ ଆମେ ପଚାରୁ କି ଲକ୍ଷ୍ମୀଙ୍କ ସହ ପରିଷ୍କାର ପରିଚ୍ଛନ୍ନ ପୋଷାକ, ଘରଦ୍ୱାର, ବଡ଼ିଭୋରରୁ ଉଠିବା, ଖାଇବା ବେଳେ ପାଣି ପିଇବା, ବସିକି ଧୀରେ ଧୀରେ ପାଣି ପିଇବା, ଖାଦ୍ୟ ଚୋବେଇ ଚୋବେଇ ଖାଇବା, ଠିକ୍ ସମୟରେ ଖାଇବା, ତୈଳ ମର୍ଦ୍ଦନ ହୋଇ ଗାଧୋଇବା, ନିମ୍ବ, ହଳଦୀ ଖାଇବା ଆଦିର କି ସମ୍ପର୍କ! ଜେଜେମା' କହନ୍ତି - ଲକ୍ଷ୍ମୀ କାହାର ଦେବୀ ? ଆମେ କହୁ ଧନ, ସମ୍ପତ୍ତି ଓ ଐଶ୍ୱର୍ଯ୍ୟର। ଆଚ୍ଛା ଧନସମ୍ପଦ କେତେବେଳେ ବଢ଼ିବ? ଯଦି ଘରେ ସବୁ ଠିକ୍‌ଠାକ୍ ଥାଏ, ସମସ୍ତେ ପରିଶ୍ରମ କରନ୍ତି, ତା'ହେଲେ ଆମ ସ୍ୱାସ୍ଥ୍ୟ ସହ ଧନସମ୍ପଦର ସମ୍ପର୍କ ଅଛି କି ନାହିଁ? ଆମେ କହୁ ଅଛି। ଯଦି ପ୍ରକୃତିଛଡ଼ା ହେବ ସ୍ୱାସ୍ଥ୍ୟ ଠିକ୍ ରହିବ କି? ନାହିଁ। ଯଦି ଦେହ ଭଲ ନ ରହେ ଡାକ୍ତରଖାନାରେ ଟଙ୍କା ଖର୍ଚ୍ଚ ହେବ, ପରିବାର ଅଶାନ୍ତିରେ ରହିବ କି ନାହିଁ! ତେବେ ତୁମକୁ ଲକ୍ଷ୍ମୀଛଡ଼ା କୁହାଯିବ କି ନାହିଁ?



ଜେଜେମା'ଙ୍କ ଆଚରଣ ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ ଥିଲା। ତାଙ୍କର ପ୍ରତ୍ୟେକ କଥାରେ ଡାକ୍ତରୀ ବିଦ୍ୟା ନିହିତାର୍ଥ ଥିଲା ବୋଲି ଆଜି ହୃଦୟଙ୍ଗମ ହେଉଛି। ଖାଦ୍ୟ ନଷ୍ଟ ନ କରିବା, ରୋଷେଇ ଖାଦ୍ୟର ଆଦ୍ୟଭାଗ ପଶୁପକ୍ଷୀଙ୍କୁ ଦେବା, ଦୁଃଖୀରଙ୍କୀମାନଙ୍କୁ ଭୋଜନ ଦେବା ଆଦି ମହତ୍ କାର୍ଯ୍ୟ କେବଳ ଘରର ଶ୍ରୀ ବୃଦ୍ଧିରେ ସହାୟତା କରୁଥିଲା ତାହା ନୁହେଁ, ଶୃଙ୍ଖଳିତ ଜୀବନ, ମୂଲ୍ୟ ଆଧାରିତ ଜୀବନ ଅତିବାହିତ କରିବାର ପଥ ପ୍ରଦର୍ଶକ ଥିଲା।

ଆଜି କିନ୍ତୁ ଆଧୁନିକତା ଓ ବଡ଼ ପାଠୁଆମାନେ ଜେଜେମା'ଙ୍କ ଲକ୍ଷ୍ମୀଛଡ଼ା ଦର୍ଶନକୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ସହ ଯୋଡ଼ୁଛନ୍ତି। ନିଶାର୍ଦ୍ଧ ଯାଏ ମୋବାଇଲ ଜପି ଜପି, ଦିନ ନଅଟା ପରେ ବହୁ କଷ୍ଟରେ ଶେଯ ପରିହାର। ସୁଷମ ପୁଷ୍ଟିସାର ଖାଦ୍ୟ ପରିବର୍ତ୍ତେ ଅଖାଦ୍ୟ ଭୋଜନ। ରୂପ ମଳିନ ଭୟରେ ଦେହ ମୁଣ୍ଡରେ ତେଲ ବାଜୁନାହିଁ। ଜୀବିକା ପଛରେ ଗୋଡ଼ାଇ ଗୋଡ଼ାଇ ସୁସ୍ଥ ଜୀବନ ପାଇଁ ବସିକି ଖାଦ୍ୟ ଖାଇବାକୁ ସମୟ ନାହିଁ। ପ୍ଲାଷ୍ଟିକ୍ ଜରି, ସୁନେଲି ରୁପେଲି ଜରି ଥାଳିରେ ଆମ ଜୀବନ ଚାଲିଛି। ଖାଇବାର ସମୟ କିଛି ନାହିଁ । ପେଟଟା ଡଷ୍ଟବିନ୍ ହୋଇଗଲାଣି। ଯେଉଁଠି ଯାହା ମିଳିଲା ଗିଳି ଚାଲିଛେ। ସାମାନ୍ୟ ଅସୁସ୍ଥ ଲାଗିଲେ ଅଥୟ ହୋଇ ଔଷଧ ଦୋକାନୀଙ୍କଠାରୁ ବଟିକା କିଣି ଗିଳି ପକାଉଛେ। ଠାକୁର ପୂଜା ଆମ ପାଇଁ ପୁରୁଣାକାଳିଆ କୁପ୍ରଥା ହୋଇଗଲାଣି। ଥଣ୍ଡା କାଶରେ ସୋରିଷଦିଆ ଆମ୍ବୁଲ ବେସର ଆଉ ଆମ ପାକଶାଳାରେ ପ୍ରସ୍ତୁତ ହେଉନାହିଁ। ଆମ ଡାଲମା, ଘାଣ୍ଟ ଆଜି ମିକ୍ସ ଭେଜ୍। ଏଣ୍ଡୁରି, ପୋଡ଼ପିଠା ଜାଗାରେ ପିଜା, ବର୍‌ଗରର ରାଜୁତି। ଆମେ ଲକ୍ଷ୍ମୀଛଡ଼ା ହେବାନି ଆଉ କିଏ ହେବ! ସନ୍ଧ୍ୟା ଆଳତି ସମୟରେ ପାର୍କରେ ଚିତ୍ତବିନୋଦନ କରୁଛେ। ପିଲେ ଘରର ବୁଢ଼ୀବୁଢ଼ାଙ୍କଠାରୁ ଗପ ଶୁଣିବା ପରିବର୍ତ୍ତେ ଦିନରାତି ତଥ୍ୟ ରଟା ଚଷୁକୁଟା ପାଠରେ ଉବୁଟୁବୁ। ତେଣୁ ଛୋଟ ବୟସରୁ ସୋଡ଼ାକାଚ ଭଳି ଚଷମା। ଆମେ ଲକ୍ଷ୍ମୀଛଡା ହେବା ନି ତ ଆଉ କିଏ ହେବ! ତେଣୁ ଭଲ ଗତି ଯଦି ଅଛି ଜେଜେମା'ଙ୍କ ଲକ୍ଷ୍ମୀଛଡ଼ା ଉପାଖ୍ୟାନର ପ୍ରାସଙ୍ଗିକତାକୁ ହୃଦ୍‌ବୋଧ କରିବାର ସମୟ ଉପନୀତ। ନଚେତ୍ ଅଖା ଧୋଉଥିବା ଆଉ କପାଳ ନିନ୍ଦି ମରୁଥିବା। ଆସନ୍ତୁ ନିଜ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଆତ୍ମସମୀକ୍ଷା କରିବା ଏବଂ ଏକ ସୁସ୍ଥ ନିରାମୟ ଜୀବନ ଜିଇବାର ସଙ୍କଳ୍ପ ନେବା। ଆଶାକରେ ଜେଜେମା'ଙ୍କ କଥା ମାନିବା ଓ ଲକ୍ଷ୍ମୀଛଡ଼ା ନ ହୋଇ ଲକ୍ଷ୍ମୀବନ୍ତ ହେବା।

**ସହକାରୀ ପ୍ରାଧ୍ୟାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ପୁଣି କୃଷକ ଆନ୍ଦୋଳନ

ମହାଶୟ,

ଚାଷୀ ଅକ୍ଳାନ୍ତ ପରିଶ୍ରମ କରି ଚାଷୀ ଯେଉଁ ଫସଲ ଲଗାଇଥାଏ ତାହା ଯଦି ନଷ୍ଟ ହୁଏ ତେବେ ତାକୁ ପୂରଣ କରିବା ପାଇଁ ତା ପାଖରେ କୌଣସି ବିକଳ୍ପ ରହି ନ ଥାଏ । ଅନେକ ସମୟରେ ଚାଷୀ ଋଣ କରି ଫସଲ ଲଗାଇଥାଏ। ଋଣ ଶୁଝିବା ପାଇଁ ଚାଷୀ ପାଖରେ ସମର୍ଥ ନ ଥାଏ। ତେଣୁ ବାଧ୍ୟ ହୋଇ କୃଷକ ଆତ୍ମହତ୍ୟା କରେ। ଦୁଃଖର ବିଷୟ, କୃଷକଙ୍କୁ ସେମାନଙ୍କ ଆମଦାନୀ ବା ଉତ୍ପାଦନର ମାତ୍ର ୨୦% ମିଳୁଛି, ଯେତେବେଳେ ବ୍ୟବସାୟୀଙ୍କୁ ଉତ୍ପାଦନର ୮୦% ମିଳୁଛି । ୨୦୨୦ରେ କେନ୍ଦ୍ର ସରକାରଙ୍କ ତରଫରୁ ତିନୋଟି କୃଷି ଆଇନ ଅଣାଯାଇଥିଲା। ସେହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ନୂଆଦିଲ୍ଲୀରେ କୃଷକମାନେ ଆନ୍ଦୋଳନ କରିଥିଲେ। ତିନୋଟି କୃଷି ଆଇନକୁ ସରକାରଙ୍କୁ ପ୍ରତ୍ୟାହାର କରିବାକୁ ପଡିଥିଲା। କୃଷକମାନେ ଆନ୍ଦୋଳନରୁ ଓହରି ଯାଇଥିଲେ । ୨୦୨୪ ନିର୍ବାଚନ ପୂର୍ବରୁ କୃଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୃଷକଙ୍କ ଦାବି ହେଲା ସର୍ବନିମ୍ନ ସହାୟତା ମୂଲ୍ୟ, ଚାଷୀ ଋଣଛାଡ଼ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ କୃଷକ ଓ କୃଷି ଶ୍ରମିକଙ୍କୁ ମାସିକ ପେନ୍‌ସନ ୫୦୦୦ ଟଙ୍କା। କୃଷିରେ ବ୍ୟବହାର ହେଉଥିବା ବିଦ୍ୟୁତ୍‌ର ଦର କମ କରାଯାଉ ଏବଂ କୃଷି କାର୍ଯ୍ୟରେ ବ୍ୟବହାର ହେଉଥିବା ପିଡିଆ ବା ସାର ଦର କମ୍ କରାଯାଉ।

**- କାଳି ଦାସ, ବ୍ରହ୍ମପୁର, କଳିଙ୍ଗନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧନୀ ସାଉ ଦୋକାନରୁ
ଦି'ଅଣା ହୋଇଛି ବାକି
ସେଥିଲାଗି ଫୁସୁଲାଏ
ଦେବା ପାଇଁ ମିଛ ସାକ୍ଷୀ।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବଡ଼ଚଣା ଦେଖିପାରେ ଅମର ଲଢ଼େଇ


ଅମର ପ୍ରସାଦ ଶତପଥୀ


ଅମର ନାୟକ


ଜନ୍ମେଜୟ ଲେଙ୍କା


ରାଜ ନାରାୟଣ ମହାପାତ୍ର

**ଚଣ୍ଡିଖୋଲ,୨୨।୨(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲାର ବଡ଼ଚଣା ବିଧାନସଭା କ୍ଷେତ୍ରରୁ କିଏ କେଉଁ ଦଳରୁ ଟିକେଟ ପାଇବେ ତାହାକୁ ନେଇ ଅଙ୍କକଷା ଚାଲିଛି। କାରଣ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେଥିମଧ୍ୟରୁ ବିଜେଡି ଟିକେଟ ପାଇଁ ବେଶି ଧାଡ଼ିଛନ୍ତି। ବର୍ତ୍ତମାନ ବିଧାୟକ ଅଛନ୍ତି ବିଜେଡିର ଅମର ପ୍ରସାଦ ଶତପଥୀ। ସେ ୧୯୯୦, ୧୯୯୫, ୨୦୦୦, ୨୦୦୯, ୨୦୧୪ ଓ ୨୦୧୯ରେ ନିର୍ବାଚିତ ହୋଇ ୬ ଥର ବିଧାୟକ ହେବାର ରେକର୍ଡ ସୃଷ୍ଟି କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ୧୯୮୦, ୧୯୮୫ ଏବଂ ପରେ ୨୦୦୪ରେ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ।

ନବକୃଷ୍ଣ ଚୌଧୁରୀ ପ୍ରଥମେ ଏହି ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସୀତାକାନ୍ତ ମହାପାତ୍ର ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ। ବର୍ତ୍ତମାନର ବିଧାୟକ ଅମର ପ୍ରସାଦ ଶତପଥୀ ୨୦୦୦ରେ ନବୀନ ପଟ୍ଟନାୟକଙ୍କ ପ୍ରଥମ ପାଳିରେ କୃଷି ମନ୍ତ୍ରୀ ଓ ପରେ ମୁଖ୍ୟ ସଚେତକ ପଦବୀ ମଣ୍ଡନ କରିଥିଲେ। ଆଗାମୀ ନିର୍ବାଚନ ପାଇଁ ବର୍ତ୍ତମାନର ବିଧାୟକ ଶତପଥୀ ବିଜେଡି ଟିକେଟ ଲବିରେ ରହିଥିବା ବେଳେ ତାଙ୍କ ପୁଅ ତଥା 'ଟିମ୍ ବଡ଼ଚଣା'ର ସଭାପତି ଅଦ୍ୱିତୀୟ ଶତପଥୀ ମଧ୍ୟ ଯୁବ ନେତୃତ୍ୱ ଭାବରେ ଆଶାୟୀ ଥିବା ଜଣାପଡ଼ିଛି। ୨୦୧୯ରେ କଂଗେସ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ଜନ୍ମେଜୟ ଲେଙ୍କା ଦଳୀୟ ଟିକେଟ ପାଇଁ ଲବିରେ ଅଛନ୍ତି। ସେ ବିଭିନ୍ନ ସମୟରେ କର୍ମୀ ସମ୍ମିଳନୀ ଜରିଆରେ ପତିଆରା ଜାହିର ପାଇଁ ଉଦ୍ୟମ କରୁଛନ୍ତି।

ଭାଜପା ପକ୍ଷରୁ ଗତ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ଅମର ନାୟକ ଚଳିତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ପୁଣି ଆଶା ବାନ୍ଧି 'ଗୃହ ସମ୍ପର୍କ' ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ନେତୃତ୍ୱକୁ ବିରୋଧ କରି ଗତ ୧୧ ତାରିଖରେ ଛତିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପାର ପୂର୍ବତନ ପ୍ରାର୍ଥୀ ସିମନ୍ତିନୀ ଜେନାଙ୍କ ଯୋଗଦାନ ସୂଚାଇ ଦେଇଛି ଯେ ସେ ଆଶାରେ ଅଛନ୍ତି। ସେହିଭଳି ସମର କେତନ ଲେଙ୍କା ଆଶାୟୀ ଥିବା ଜଣାପଡ଼ିଛି।

କଂଗ୍ରେସର ବର୍ତ୍ତମାନର ପିସିସି ସମ୍ପାଦକ ତଥା ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜ ନାରାୟଣ ମହାପାତ୍ର ସଙ୍ଗଠନ କରି ଆଗାମୀ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଗତ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ଅଜୟ କୁମାର ସାମଲ ମଧ୍ୟ ଦୌଡ଼ରେ ରହିଛନ୍ତି।

ଅତୀତକୁ ଦେଖିଲେ, ବଡ଼ଚଣା ବ୍ୟତୀତ ଅନ୍ୟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ଏଠାକାର ଭୋଟର ଗ୍ରହଣ କରିନାହାନ୍ତି। ତା'ର ଦୃଷ୍ଟାନ୍ତ ୨୦୦୪ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଥିଲା। ବିଜେଡି ପକ୍ଷରୁ ଗୌତମ ରାୟଙ୍କୁ ଯାଜପୁରରୁ ଆଣି ଏଠାରେ ପ୍ରାର୍ଥୀ କରାଯିବା ଯୋଗୁ ଯାଜପୁର ଜିଲାରେ ଏହି ଆସନଟି ବିଜେଡି ହାତରୁ ଖସି ଯାଇଥିଲା। ଫଳରେ କଂଗ୍ରେସର ସୀତାକାନ୍ତ ମହାପାତ୍ର ସେତେବେଳେ ବିଜୟୀ ହୋଇଥିଲେ। ୨୦୦୯ ନିର୍ବାଚନରେ ଏନ୍‌ସିପିରୁ ପ୍ରାର୍ଥୀ ହୋଇ ଅମର ଶତପଥୀ କଂଗ୍ରେସର ସୀତାକାନ୍ତ ମହାପାତ୍ରଙ୍କୁ ହରାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଜନ୍ମେଜୟ ଲେଙ୍କା ୨୫,୪୦୯ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ପବିତ୍ର ମୋହନ ସାମନ୍ତରାୟ ମାତ୍ର ୨,୬୩୩ ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ୨୦୧୪ ନିର୍ବାଚନରେ ବିଜେଡିର ଅମର ପ୍ରସାଦ ଶତପଥୀ ବିଜୟୀ ହୋଇଥିଲେ। ସେ କଂଗ୍ରେସର ଜନ୍ମେଜୟ ଲେଙ୍କାଙ୍କୁ ହରାଇଥିଲେ। ସେତେବେଳେ ସ୍ୱାଧୀନ ପ୍ରାର୍ଥୀ ଅମର ନାୟକ ୨୬,୨୬୦ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ସିମନ୍ତିନୀ ଜେନା ୩,୫୬୪ ଭୋଟ ପାଇଥିଲେ। ତେବେ ୨୦୧୯ ନିର୍ବାଚନରେ ବିଜେଡିର ଅମର ପ୍ରସାଦ ଶତପଥୀ ବିଜୟୀ ହୋଇଥିଲେ। ସେ ୬୪,୦୮୪ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅମର ନାୟକ ୬୨, ୫୯୯ ଭୋଟ ପାଇଥିଲେ। କଂଗ୍ରେସର ଅଜୟ କୁମାର ସାମଲ ପାଇଥିଲେ ମାତ୍ର ୯,୩୨୨ ଭୋଟ। ଦେଖିବାକୁ ଗଲେ ପ୍ରତ୍ୟେକ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଏଠାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ବିଜୟୀ ହୋଇ ପାରିନାହାନ୍ତି।

# ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଦରକାର: ରାଜନାଥ


ବାରିପଦାଠାରେ ବିଜୟ ସଙ୍କଳ୍ପ ସମାବେଶରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଭାଜପା ନେତା ଓ କର୍ମୀମାନେ ଫୁଲମାଳ ସହ ସମ୍ବର୍ଦ୍ଧନା ଦେଉଛନ୍ତି।

**ନବରଙ୍ଗପୁର/ବ୍ରହ୍ମପୁର/ବାରିପଦା,୨୨।୨(ସଦାଶିବ ପ୍ରହରାଜ/ନରସିଂହ ସାହୁ/ତନୁଶ୍ରୀ ନାହାକ/ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ହେଲେ ରାଜ୍ୟର ବିକାଶ ଘଟିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଗୁରୁବାର ନବରଙ୍ଗପୁର, ଗଞ୍ଜାମ ଜିଲାର ବ୍ରହ୍ମପୁର ଓ ମୟୂରଭଞ୍ଜ ଜିଲାର ବାରିପଦାଠାରେ ବିଜୟ ସଂକଳ୍ପ ସମାବେଶରେ ଭାଜପା କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି।

ନବରଙ୍ଗପୁରରେ ସର୍କିଟ ହାଉସ୍ ନିକଟ ପଡ଼ିଆରେ ଭାଜପାର କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ସିଂ ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଲୋକ ସଭା କ୍ଷେତ୍ରର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଛନ୍ତି। ଏଥର ଓଡ଼ିଶାରେ ଭାଜପା ସରକାର ଆସିବ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ସରକାର ଗଢ଼ିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପା ସବୁବେଳେ ଯାହା ପ୍ରତିଶ୍ରୁତି ଦେଇଛି ତାହାକୁ ପାଳନ କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ବସନ୍ତ ପଣ୍ଡା, ଏମ୍‌ପି ସଙ୍ଗୀତା ସିଂଦେଓ, ବିଧାୟକ ମୁକେଶ ମହାଲିଙ୍ଗ, ବିଧାୟକ ପ୍ରଦୀପ ନାୟକ, ବିଧାୟକ ଆଦିତ୍ୟ ମାଢ଼ି ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବ୍ରହ୍ମପୁର ମହାନଗର ନିଗମର ୪୨ନଂ ୱାର୍ଡ ଅନ୍ତର୍ଗତ ଆମ୍ବପୁଆ ବିବେକ ବିହାର ପଡ଼ିଆରେ ଆୟୋଜିତ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଆଗାମୀ ନିର୍ବାଚନରେ ଓଡ଼ିଶାର ଶାସନ ଗାଦି ଦଖଲ କରିବା ଭାଜପାର ଲକ୍ଷ୍ୟ ଥିବା ସୂଚାଇଛନ୍ତି। ଏଠାରେ ଡବଲ୍ ଇଞ୍ଜିନ୍ ସରକାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଦଳର କାର୍ଯ୍ୟକର୍ତ୍ତା ଓ ତୃଣମୂଳ ସ୍ତରର କର୍ମୀମାନଙ୍କୁ କଠିନ ପରିଶ୍ରମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସିଂ ଥରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ନ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସମାବେଶରେ ଗୋପାଳପୁର ବିଧାୟକ ତଥା ବୁଧବାର ଭାଜପାରେ ଯୋଗଦେଇଥିବା ପ୍ରଦୀପ ପାଣିଗ୍ରହୀଙ୍କ ବହୁ ସମର୍ଥକ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ସମାବେଶରେ ଭୁବନେଶ୍ୱର ଏମପି ଅପରାଜିତା ଷଡ଼ଙ୍ଗୀ, ଲେଖାଶ୍ରୀ ସାମନ୍ତସିଂହାର, ସାରଦା ଶତପଥୀ, ସମ୍ବିତ୍ ପାତ୍ର ଓ ଅନ୍ୟ ରାଜ୍ୟ ନେତା ଉପସ୍ଥିତ ଥିଲେ।

ଅନୁରୂପ ଭାବେ ବାରିପଦାଠାରେ ଅନୁଷ୍ଠିତ ବିଜୟ ସଙ୍କଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ସିଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀଙ୍କୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ଦେଇଆସିଥିବା କହିଥିଲେ। ଏପରି କି ଜଣେ ଆଦିବାସୀ ମହିଳାଙ୍କୁ ଭାରତର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରାଇପାରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲାକୁ ନେଇ ଏହି ସମାବେଶ ଆୟୋଜିତ ହୋଇଥିବା ବେଳେ ଡବଲ ଇଞ୍ଜିନର ସରକାର ଗଠନ ପାଇଁ ରାଜନାଥ ଆହ୍ୱାନ ଦେଇଥିଲେ। କ୍ଷମତାରେ ରହିବା ପାଇଁ ରାଜନୀତି କରୁନାହିଁ, ଦେଶ ଗଠନ ପାଇଁ ରାଜନୀତି କ୍ଷେତ୍ରକୁ ଓହ୍ଲାଇଛୁ ବୋଲି ରାଜନାଥ ଭାଜପା କର୍ମୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଥିଲେ। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିରୁ ପ୍ରାର୍ଥୀ ପାଇଁ ତିହିଡ଼ିରୁ ଅଧିକ ଆଶାୟୀ

**ତିହିଡ଼ି,୨୨।୨ (ସଞ୍ଜିତ ବଳ)**

## ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ


ସଞ୍ଜୟ କୁମାର ଦାସ


ଦେବକୀ ଦାସ


ପ୍ରିୟବ୍ରତ ସେଠୀ

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଧାମନଗର ବ୍ଲକ ଓ ତିହିଡ଼ି ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଏଠାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ବିଜେଡି ପକ୍ଷରୁ ତିହିଡ଼ି ବ୍ଲକରୁ ଅଧିକ ଆଶାୟୀ ରହୁଥିବା ଜଣାପଡ଼ିଛି। ଗତ ଉପନିର୍ବାଚନରେ ବିଜେଡିରୁ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଧାମନଗର ସଂରକ୍ଷିତ ଆସନ ଟିକେଟ ପାଇବା ପାଇଁ ନୂଆ ଚେହେରା ଲବିରେ ଅଛନ୍ତି। ଗତ ଉପନିର୍ବାଚନରେ ଡା. ସଞ୍ଜୟ କୁମାର ଦାସ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କୁ ଟିକେଟ୍ ମିଳି ନ ଥିଲା। ଆସନ୍ତା ସାଧାରଣ ନିର୍ବାଚନରେ ସେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବାରୁ ଚାକିରିରୁ ଇସ୍ତଫା ଦେଇ ସାରିଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟମେଳା କରି ଲୋକଙ୍କ ପ୍ରିୟଭାଜନ ହେବାକୁ ସେ ଉଦ୍ୟମ ଚଳାଇଛନ୍ତି। ଦଳ ପକ୍ଷରୁ ତାଙ୍କୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲା ସଂଯୋଜକ ଦାୟିତ୍ୱ ଦିଆଯାଇଛି।

ସେହିପରି ତିହିଡ଼ି ବ୍ଲକର ଭାଟପଡ଼ା ପଞ୍ଚାୟତର ସାମାଜିକ କର୍ମୀ ଉଚ୍ଚଶିକ୍ଷିତ ଯୁବକ ପ୍ରିୟବ୍ରତ ସେଠୀ ବିଜେଡିରୁ ଟିକେଟ ପାଇବା ନେଇ ଆଶାୟୀ ଅଛନ୍ତି। ୧୯୯୫ରେ ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ଶହୀଦନଗର କଲେଜରେ ପଢୁଥିବା ବେଳେ ସେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଭାଟପଡ଼ା ପଞ୍ଚାୟତର ସମିତିସଭ୍ୟ ଭାବେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଦଳୀୟ ପ୍ରାର୍ଥୀ କରାଗଲେ ଭୋଟରମାନେ ତାଙ୍କୁ ସମର୍ଥନ କରିବେ ବୋଲି ଦାବି କରି ସେ ଟିକେଟ ଲବିରେ ଅଛନ୍ତି। ସେହିପରି ଏହି ବ୍ଲକର କାଁପଡ଼ା ପଞ୍ଚାୟତର ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ଦେବକୀ ଦାସ ମଧ୍ୟ ବିଜେଡିରୁ ଟିକେଟ ପାଇଁ ଆଶାୟୀ। ଦେବକୀ ୧୯୯୨ରେ ସମିତିସଭ୍ୟା, ୧୯୯୭ରେ ତିହିଡ଼ି ବ୍ଲକ ଉପାଧ୍ୟକ୍ଷା ଓ ୨୦୦୭ରେ ଜିଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ସଦସ୍ୟା ଓ ଜନତା ଦଳର ଜିଲା ମହିଳା ସଭାନେତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ଆଗାମୀ ନିର୍ବାଚନରେ ଦଳ ପ୍ରାର୍ଥୀ ଚୟନରେ କାହାକୁ ଗୁରୁତ୍ୱ ଦେବ ତାହା ସ୍ପଷ୍ଟ ହୋଇନାହିଁ।

# ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ମନୋରଞ୍ଜନ

**ବୈଶିଙ୍ଗା,୨୨।୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ ବୁଧବାର ଭାଜପା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ଅଣଦେଖା କରାଯାଉଥିବା କାରଣରୁ ଦଳ ଛାଡ଼ିଥିବା ଓ ଶୁକ୍ରବାର ବିଜେଡିରେ ଯୋଗଦେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୯ରେ ବୈଶିଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀର ନାମ ପରିବର୍ତ୍ତନ ହୋଇ ବଡ଼ସାହି ନିର୍ବାଚନ ମଣ୍ଡଳୀ ହୋଇଥିଲା। ମନୋରଞ୍ଜନ ବିଜେଡି ଟିକେଟରେ ଏଠାରୁ ବିଜୟୀ ହୋଇଥିଲେ। ୨୦୧୪ରେ ତାଙ୍କ ବଦଳରେ ଗଣେଶ୍ୱର ପାତ୍ରଙ୍କୁ ବିଜେଡ଼ି ଟିକେଟ ଦେଇଥିଲା। ଗଣେଶ୍ୱର ମଧ୍ୟ ଏଠାରେ ନିର୍ବାଚନ ଜିତିଥିଲେ। ଏହି ଅସନ୍ତୋଷ ବ୍ୟକ୍ତକରି ମନୋରଞ୍ଜନ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ମାତ୍ର ତୃଣମୂଳସ୍ତରର ଭାଜପା କର୍ମକର୍ତ୍ତା ତାଙ୍କୁ ଗ୍ରହଣ କରିପାରି ନ ଥିଲେ। ଫଳରେ ଭାଜପାର କୌଣସି କାର୍ଯ୍ୟକ୍ରମରେ ମନୋରଞ୍ଜନଙ୍କୁ ସାମିଲ କରାଯାଉ ନ ଥିଲା। ତେବେ ଜଣେ ପୂର୍ବତନ ବିଧାୟକ ଭାଜପା ଛାଡ଼ିବା ପରେ ରାଜନୀତି ସରଗରମ ହେବାରେ ଲାଗିଛି।


ମନୋରଞ୍ଜନ ସେଠୀ

# ଜୁନାଗଡ଼ରେ ବିଜେଡିର ମିଶ୍ରଣ ପର୍ବ

**ଭବାନୀପାଟଣା,୨୨।୨ (ଉତ୍ତମ କୁମାର ଦାଶ)**


ପୂର୍ବତନ ଜିପିଓ ରାଜେନ୍ଦ୍ର ଭୋଇ ବିଜେଡିରେ ସାମିଲ ହୋଇଛନ୍ତି।

କଳାହାଣ୍ଡି ଜିଲା ଧର୍ମଗଡସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଗୁରୁବାର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜୁନାଗଡ଼ ବ୍ଲକର ପୂର୍ବତନ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ରାଜେନ୍ଦ୍ର ଭୋଇ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ପକ୍ଷରୁ ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ସମୟରେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ଦଳ ଉପସଭାପତି ଥବିର ପ୍ରସାଦ ସାହୁ, ଜିଲା ସମ୍ପାଦକ ପ୍ରେମଲାଲ ନାଏକ, ବ୍ଲକ ସଭାପତି ଟିକମନ ଯାଦବ, ନିର୍ବାଚନ ମଣ୍ଡଳୀ ପ୍ରତିନିଧି ମାନସ ବାଗ, ବ୍ଲକ ପ୍ରତିନିଧି ସ୍ୱାଧୀନ ବାଗ, ରାଜ୍ୟ ମହିଳା ସେଲ ସମ୍ପାଦିକା ସୁଶ୍ରୀ ହୀରା ବାଗ, ଜିଲା ସମ୍ପାଦକ ଗୌରଚନ୍ଦ୍ର ଛତ୍ରିଆ, ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ସାହୁ, ଯୁବ ସଭାପତି ଦିବ୍ୟ ଜ୍ୟୋତି ମହାନ୍ତି, ଟାଉନ ସଭାପତି ମଦନ ନାଏକ, ସରକାରୀ ଓକିଲ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ଫରେଷ୍ଟର ପ୍ରେମଲାଲ ସାଗର, ଧର୍ମଗଡ ଟେଣ୍ଟ ମାଲିକ ସଂଘ ଅନିରୁଦ୍ଧ ଲହଜଲ ତଥା ଧର୍ମଗଡ ବ୍ଲକ ଓ ଜିଲା ପରିଷଦ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଶତାଧିକ ଭାଜପା ଓ କଂଗ୍ରେସ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ।

# କଂଗ୍ରେସ ସଭାରେ ରାଜ ପରିବାର ସଦସ୍ୟାଙ୍କୁ ନେଇ ଚର୍ଚ୍ଚା

**ଢେଙ୍କାନାଳ,୨୨।୨ (ରତନ ନାୟାର)**



ପୋଷ୍ଟରରେ ସୁସ୍ମିତା ସିଂହଦେଓ।

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଗତ ୨୦ ତାରିଖରେ ଗାନ୍ଧୀମନ୍ଦିରଠାରେ ନବନିଯୁକ୍ତ ଜିଲା ସଭାପତି ସୁନୀଲ ଦାଶଙ୍କ ସମ୍ବର୍ଦ୍ଧନା ସଭାରେ ଢେଙ୍କାନାଳ ରାଜ ପରିବାରର ସଦସ୍ୟା ସୁସ୍ମିତା ସିଂହଦେଓଙ୍କୁ ଦେଖିବାକୁ ମିଳିଥିଲା। ସୁସ୍ମିତା କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ଆଶାୟୀ ଥିବା ତାଙ୍କ ସମର୍ଥକଙ୍କ ମହଲରେ ଚର୍ଚ୍ଚା ହେଉଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା କାମାକ୍ଷା ପ୍ରସାଦ ସିଂହଦେଓଙ୍କ ପୁତୁରା ବୋହୂ ସୁସ୍ମିତା ସିଂହଦେଓ। ଦୀର୍ଘଦିନ ପରେ ଢେଙ୍କାନାଳ ରାଜ ପରିବାରର ଜଣେ ସଦସ୍ୟା କଂଗ୍ରେସ ରାଜନୀତିରେ ସକ୍ରିୟ ହେବା ଘଟଣା ସହରରେ ବେଶ୍ ଆଲୋଚନାର ବିଷୟ ହୋଇଛି। ସେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି। ଏ ସମ୍ପର୍କରେ ସୁସ୍ମିତା କହିଛନ୍ତି, ବଡ଼ ବାପା (କାମାକ୍ଷା ପ୍ରସାଦ ସିଂହଦେଓ)ଙ୍କ ଆଶୀର୍ବାଦ ମୋ ଉପରେ ରହିଛି। ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ସେ ଉତ୍ସାହିତ କରିଛନ୍ତି। ବିଶେଷକରି ମହିଳାଙ୍କ ସମ୍ମାନକୁ ସଦାବେଳେ ଅଗ୍ରାଧିକାର ଦେଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ଢେଙ୍କାନାଳର ରାଣୀ ତଥା ପୂର୍ବତନ ବିଧାୟିକା ରତ୍ନପ୍ରଭା ଦେବୀ ତାଙ୍କର ଆଦର୍ଶ ବୋଲି ସେ କହିଛନ୍ତି। ଏଥିସହିତ ସେ ସବୁବେଳେ ମହିଳାଙ୍କ ସମ୍ମାନ ପାଇଁ କାମ କରିବେ ବୋଲି କହିଛନ୍ତି। ରାଜନୀତିରେ ସକ୍ରିୟ ହେବାରେ ତାଙ୍କର ସ୍ୱାମୀ ରାଜୀବ ଲୋଚନ ସିଂହଦେଓଙ୍କର ବହୁ ସହଯୋଗ ରହିଛି ବୋଲି ସୁସ୍ମିତା ପ୍ରକାଶ କରିଛନ୍ତି। ବିଭିନ୍ନ ସ୍ଥାନରେ ଲାଗିଥିବା ସୁସ୍ମିତାଙ୍କ ବ୍ୟାନରରେ ଜାତୀୟସ୍ତର କଂଗ୍ରେସ ନେତାଙ୍କ ସହିତ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ଫଟୋ ଥିବା ଦେଖିବାକୁ ମିଳିଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜ ପରିବାରରେ ରାଜନୀତି ବେଶ୍ ସରଗରମ ହେବାରେ ଲାଗିଛି।

## ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରମୁଖ ଦଳଙ୍କୁ ଆଶାୟୀ ଚ୍ୟାଲେଞ୍ଜ

**ପାଲଲହଡା,୨୨।୨ (ଦିବ୍ୟଜ୍ୟୋତି ଦାଶ)**


ମୁକେଶ କୁମାର ପାଲ


ଅବନୀକାନ୍ତ ସାହୁ


ଅଶୋକ ମହାନ୍ତି


ଶଶିଭୂଷଣ ଆଚାର୍ଯ୍ୟ


ମୃଦଲା ଠାକୁର ପ୍ରଧାନ


ସୁବ୍ରତ ଗଡ଼ନାୟକ


ଶଶିକାନ୍ତ ସାମଲ

ଅନୁଗୋଳ ଜିଲା ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁ ଦଳ ପାଇଁ ଗୋଷ୍ଠୀ କନ୍ଦଳ ଏବେ ମୁଖ୍ୟ ସମସ୍ୟା ହୋଇଛି। ନିର୍ବାଚନ ତାରିଖ ଧାର୍ଯ୍ୟ ନ ହେଉଣୁ ପ୍ରମୁଖ ରାଜନୈତିକ ଦଳ ଯଥା-ବିଜେଡି, ଭାଜପା ଏବଂ କଂଗ୍ରେସରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ୨୦୧୯ ନିର୍ବାଚନରେ ବିଜେଡି ତତ୍କାଳୀନ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲଙ୍କୁ ଭାଜପାରୁ ଆମଦାନୀ କରି ଟିକେଟ ଦେଇଥିଲା। ସେହିପରି ଭାଜପାରୁ ଅଶୋକ ମହାନ୍ତି ଏବଂ କଂଗ୍ରେସରୁ ସୁବ୍ରତ ଗଡ଼ନାୟକ ନିର୍ବାଚନ ଲଢ଼ିଥିଲେ। ତେବେ ବିଜେଡି ପ୍ରାର୍ଥୀ ମୁକେଶ ପାଲ ଭାଜପାର ଅଶୋକ ମହାନ୍ତିଙ୍କୁ ୬,୨୧୪ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ବିଜେଡି-ଭାଜପା ମେଣ୍ଟ ସମୟରେ ଏହି ଆସନଟି ଭାଜପା ଭାଗରେ ପଡ଼ିଥିଲା। ଫଳରେ ୨୦୦୦ ମସିହାରେ ଏଠାରୁ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଥର ବିଧାନସଭାକୁ ଯିବାର ସୁଯୋଗ ପାଇଥିଲେ। ପରେ ଏହି ଆସନ ୨୦୦୪ରେ କଂଗ୍ରେସ ହାତକୁ ଯାଇଥିଲା। ଭାଜପାର ଡା.ଦେବେନ୍ଦ୍ର ପ୍ରଧାନଙ୍କୁ ହରାଇ କଂଗ୍ରେସର ଡା.ନୃସିଂହ ଚରଣ ସାହୁ ବିଜୟୀ ହୋଇଥିଲେ। ୨୦୦୯ରେ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ଭାଙ୍ଗିବା ପରେ ଏହି ଆସନରେ ଉଭୟ ଦଳ ପ୍ରାର୍ଥୀ ଦେଇଥିଲେ। ଭାଜପାରୁ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ରବି ନାରାୟଣ ପାଣିଙ୍କୁ ଟିକେଟ ଦେଇଥିଲା। ଧର୍ମେନ୍ଦ୍ରଙ୍କୁ ରବି ନାରାୟଣ ହରାଇଥିଲେ। ସେବେଠାରୁ ଏହି ଆସନରେ ବିଜେଡି ଲଗାତର ୩ ଥର ବିଜୟୀ ହୋଇଛି। ଏକଦା ଏହି ନିର୍ବାଚନମଣ୍ଡଳୀ କଂଗ୍ରେସର ଗଡ଼ ଥିଲା। ୨୦୦୪ ପରଠାରୁ କଂଗ୍ରେସ ଦୁର୍ବଳ ନେତୃତ୍ୱ ପାଇଁ ବାରମ୍ବାର ପରାଜୟ ଦେଖି ଆସୁଥିବାବେଳେ ଭୁଲ୍ ରଣନୀତି ଯୋଗୁ ଭାଜପା ମଧ୍ୟ ଶେଷ ୩ ଟି ନିର୍ବାଚନରେ ପରାଜିତ ହୋଇଆସୁଛି। ତେବେ ଭାଜପା ସକାଶେ ଆଶ୍ୱାସନାର କଥା ଯେ, ଶେଷ ୨ଟି ନିର୍ବାଚନରେ ତା'ର ଭୋଟ ପ୍ରତିଶତ ବଢ଼ିଥିଲା। ଅନ୍ୟପକ୍ଷରେ ବିଜେଡି ଗତ ୩ଟି ଯାକ ନିର୍ବାଚନରେ ନୂଆ ପ୍ରାର୍ଥୀ ଦେବା ନେଇ ଯେଉଁ ରଣନୀତି ଆପଣାଇ ଥିଲା, ତାହା ଦଳକୁ ସୁହାଇଥିଲା।

ଆଗାମୀ ସାଧାରଣ ନିର୍ବାଚନରେ ୩ ପ୍ରମୁଖ ଦଳ ଭିତରେ ଗୋଷ୍ଠୀ କନ୍ଦଳ ଓ ଆଶାୟୀଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି। ବିଜେଡିର ବର୍ତ୍ତମାନ ବିଧାୟକ ମୁକେଶ କୁମାର ପାଲ ଚଳିତ ଥର ଦଳୀୟ ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିବାବେଳେ ବିଧାୟକଙ୍କ ବିରୋଧୀ ତଥା ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ (ଓଏସ୍ଏଫ୍‌ସି) ଅଧ୍ୟକ୍ଷ ଅବନୀକାନ୍ତ ସାହୁ ମଧ୍ୟ ଟିକେଟ ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ସେହିପରି ବିଜେଡିରେ ଏବେ ଯୋଗ ଦେଇଥିବା କଣିହାଁ ଅଞ୍ଚଳର ଅବସରପ୍ରାପ୍ତ ଡାକ୍ତର ପ୍ରତାପ ପାଣି ମଧ୍ୟ ନିର୍ବାଚନମଣ୍ଡଳୀ ବୁଲିବା ଆରମ୍ଭ କରିଛନ୍ତି। ଅନୁରୂପ ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଲୋକ ସଭା ପରିବର୍ତ୍ତେ ପାଲଲହଡ଼ା ବିଧାନସଭା ଆସନରୁ ଲଢ଼ିବା ସକାଶେ ଆଶାୟୀ ଥିବା ଦଳ ଭିତରେ ଚର୍ଚ୍ଚା ହେଉଛି।

ଭାଜପାକୁ ଦେଖିଲେ ଗତ ୨ ଥର ପରାଜୟର ସ୍ୱାଦ ଚାଖିଥିବା ପୂର୍ବତନ ଜିଲା ସଭାପତି ଅଶୋକ ମହାନ୍ତି ଚଳିତଥର ପୁଣି ଦଳୀୟ ଟିକେଟ ପାଇଁ ଦାବିଦାର ଅଛନ୍ତି। ସେହିପରି ନିଜିଗଡ଼ ସରପଞ୍ଚ ତଥା ଏକଦା ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ ଥିବା ଶଶୀ ଭୂଷଣ ଆଚାର୍ଯ୍ୟ ଗାଁ ଗାଁ ବୁଲି ଭାଜପା କର୍ମୀଙ୍କୁ ଏକ୍ କରୁଥିବା ଓ ଖୋଲାଖୋଲି ଟିକେଟ ଦାବି କରୁଥିବା ଦେଖିବାକୁ ମିଳୁଛି। ଏମାନଙ୍କ ବ୍ୟତୀତ କଣିହାଁର ଜଗମୋହନ ପ୍ରଧାନ ଓ ଖମାର ଅଞ୍ଚଳର ପୂର୍ବତନ ଜିଲା ପରିଷଦ ସଦସ୍ୟ ସରୋଜ କୁମାର ସାହୁ ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ପୁଣି ଶୁଣିବାକୁ ମିଳୁଛି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ ପାଲଲହଡ଼ା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛନ୍ତି।

କଂଗ୍ରେସରେ ମଧ୍ୟ ସମାନ ଅବସ୍ଥା। ଗତଥରର ପ୍ରାର୍ଥୀ ହୋଇଥିବା ସୁବ୍ରତ ଗଡ଼ନାୟକ ଚଳିତଥର ଟିକେଟ ଆଶାୟୀ ଥିବାବେଳେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ଶ୍ରମିକନେତା ମନୋଜ କୁମାର ସାହୁ ଓ କଣିହାଁ ବ୍ଲକ କଂଗ୍ରେସ ସଭାପତି ଶଶୀକାନ୍ତ ସାମଲ ଟିକେଟ ଦୌଡ଼ରେ ଥିବା କୁହାଯାଉଛି।

ବିଜେଡି ଚତୁର୍ଥ ଥର ପାଇଁ ଏହି ଆସନକୁ ଜିତିବା ପାଇଁ ଲକ୍ଷ୍ୟ ରଖିଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ୨ ଥର ପାଲଲହଡ଼ା ଗସ୍ତ ହେଉ ଅବା ବରିଷ୍ଠ ବିଜେଡି ନେତାମାନଙ୍କ ନିର୍ବାଚନମଣ୍ଡଳୀ ଗସ୍ତ ଦ୍ୱାରା ଦଳ ନିଜର ସବୁ ବଳ ଏଠାରେ ଖଟାଉଥିବା କୁହାଯାଉଛି। ଅନ୍ୟପଟେ ଭାଜପା ରାଜ୍ୟ ନେତୃମଣ୍ଡଳୀ ମଧ୍ୟ ସମାନ ଢଙ୍ଗରେ ରଣନୀତି ପ୍ରସ୍ତୁତ କରୁଛନ୍ତି। କଂଗ୍ରେସ ତା'ର ପାରମ୍ପରିକ ଗଡ଼ ବଞ୍ଚାଇ ରଖି ନିଜ ଭୋଟ ହାର ବଢ଼ାଇବା ନିମନ୍ତେ ସ୍ଥାନୀୟ ପ୍ରାର୍ଥୀ ଉପରେ ଗୁରୁତ୍ୱ ଦେଉଛି। ଏଥିସହିତ ଆଦିବାସୀ ଭୋଟକୁ ନିଜ ସପକ୍ଷରେ ଆଣିବା ପାଇଁ ରାଜ୍ୟ ନେତୃତ୍ୱ ନିଜ ନେତାମାନଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଛି।

# ଭାରତୀୟ ଡେକୋରେଟିଭ୍ ପେଣ୍ଟ ବଜାରରେ ବିର୍ଲା ଗ୍ରୁପ୍


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**୨୫ବର୍ଷ ବିବାହ ବାର୍ଷିକୀ ଉପଲକ୍ଷେ ଶୁଭେଚ୍ଛା**



**ନାରାୟଣ ଓ ଶୀଳାରାଣୀ**

ରୌପ୍ୟ ଜୟନ୍ତୀ ଅବସରରେ ମହାପ୍ରଭୁ ଜଗତର ନାଥ ଶ୍ରୀ ଶ୍ରୀଜଗନ୍ନାଥ ଓ ମା' ଶ୍ରୀକ୍ଷେତ୍ର ବିମଳାଙ୍କ ଅପାର କରୁଣାରୁ ସତାୟୁ ଓ ନୀରୋଗ ରୁହନ୍ତୁ, ଏହାହିଁ ଆମର ପ୍ରାର୍ଥନା। ତୁମମାନଙ୍କ ପାରିବାରିକ ଜୀବନ ସୁଖମୟ ହେଉ।

ସୁଦାମାକୁଟୀର କଟକ ଓ କିରନଜ୍ୟୋତି, ପରିବାରବର୍ଗ, ପୁରୀ

ଧ-୨୫୯୪

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**

**B.Ed, M.Ed, B.P.Ed.**

Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଭୁବନେଶ୍ୱରରେ ହାଉସିଂ.କମ୍

ଭୁବନେଶ୍ୱର,୨୨।୨

ଦେଶର ଅଗ୍ରଣୀ ଡିଜିଟାଲ ରିଅଲ ଇଷ୍ଟେଟ ପ୍ଲାଟ୍‌ଫର୍ମ 'ହାଉସିଂ.କମ୍'ର ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭୁବନେଶ୍ୱରଠାରେ ପ୍ଲାଟ୍‌ଫର୍ମର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ଲାଟ୍‌ଫର୍ମ ଭୁବନେଶ୍ୱର ବଜାରରେ କାର୍ଯ୍ୟକ୍ଷମ ହେବ। ବିଶେଷକରି ବୃଦ୍ଧିଶୀଳ ପ୍ରପର୍ଟି ବଜାରରେ ଧ୍ୟାନ ବିସ୍ତାର ସହ ପ୍ଲାଟ୍‌ଫର୍ମ ଟିଅର-୨ ବଜାରରେ ଉପସ୍ଥିତ ସୁଦୃଢ଼ କରିବ। ଏପରିକି ପ୍ଲାଟ୍‌ଫର୍ମ ଆଗାମୀ ୩ ବର୍ଷ ମଧ୍ୟରେ ଉଚ୍ଚ ଦୁଇଅଙ୍କ ବିଶିଷ୍ଟ ବାର୍ଷିକ ଅଭିବୃଦ୍ଧି ଲକ୍ଷ୍ୟ ରଖିଛି।

- ବିର୍ଲା ଓପସ୍ ପେଣ୍ଟସ୍‌ର ଶୁଭାରମ୍ଭ
- ୧୦,୦୦୦ କୋଟିର ରାଜସ୍ୱ ସଂଗ୍ରହ ଆକଳନ
- ପେଣ୍ଟ ବଜାରରେ ୧୦,୦୦୦ କୋଟିର ନିବେଶ

ଭୁବନେଶ୍ୱର,୨୨।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ 'ବିର୍ଲା ଓପସ୍ ପେଣ୍ଟସ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା ନୂଆ ଡେକୋରେଟିଭ୍ ପେଣ୍ଟସ ବ୍ରାଣ୍ଡ ବିର୍ଲା ଓପସ୍ ପେଣ୍ଟସ୍ ଅଧୀନରେ ନୂଆ ଉତ୍ପାଦ ଓ ସେବାର ଶୁଭାରମ୍ଭ କରିଛନ୍ତି। ସେହିଭଳି ଆସନ୍ତା ୩ ବର୍ଷ ମଧ୍ୟରେ କମ୍ପାନୀ




ପୂର୍ଣ୍ଣ ଦକ୍ଷତାର ସହ କାର୍ଯ୍ୟ କରି ପ୍ରାୟ ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ଏହା ଜରିଆରେ କମ୍ପାନୀ ୮୦,୦୦୦ କୋଟି ଟଙ୍କାର ଭାରତୀୟ ଡେକୋରେଟିଭ୍ ପେଣ୍ଟ ବଜାରରେ ମଧ୍ୟ ପ୍ରବେଶ କରିଛି। ସେହିପରି କମ୍ପାନୀ ପେଣ୍ଟ ବଜାରରେ ୧୦,୦୦୦ କୋଟି ଟଙ୍କାର ନିବେଶ କରିଛି। ବିର୍ଲା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିର୍ଲା ଓପସ୍ ବ୍ୟବସାୟ ସ୍ଥାପନ କରିଛି।

ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ କହିଛନ୍ତି, ଭାରତ ଆଜି ଗତିଶୀଳତା, ଦୁଃସାହସିକତା ଏବଂ ପରିବର୍ତ୍ତନ ଆଗ୍ରହରେ ପରିପୂର୍ଣ୍ଣ ହୋଇଥିଲାବେଳେ ଆମର ପେଣ୍ଟ ଉଦ୍ୟୋଗ ବିର୍ଲା ଓପସ୍ ଏହି ଭାରତରେ ପ୍ରତିଫଳିତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର କୋଠା ଉପକରଣ ବ୍ୟବସ୍ଥା ବିଷୟରେ ଗଭୀର ବୁଝାମଣା ଆମକୁ ଏକ ଅନନ୍ୟ ସୁବିଧା ପ୍ରଦାନ କରୁଛି। ତେଣୁ ବିର୍ଲା ଓପସ୍ ବର୍ତ୍ତମାନର କ୍ଷମତାଠାରୁ ୪୦%ବୃଦ୍ଧି ସହ କଲର ଇଣ୍ଡଷ୍ଟ୍ରି (ରଙ୍ଗ ଶିଳ୍ପ) ରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଛି। ବିଶ୍ୱର କୌଣସି ପେଣ୍ଟ କମ୍ପାନୀ ଏକକାଳୀନ କାରଖାନା, ପରିଚାଳନା, ଉତ୍ପାଦ ଏବଂ ସେବା ଆରମ୍ଭ କରିନାହିଁ। ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ବିର୍ଲା ଓପସ୍‌କୁ ଏକ ବ୍ୟାପକ ଷ୍ଟାର୍ଟଅପ୍ ଭାବେ ଦେଖିବା ଉଚିତ। ଏହା ଏକ ଷ୍ଟାର୍ଟଅପ୍‌ର ଚପଳତା, ଶକ୍ତି ଏବଂ ବ୍ୟୟ ବହୁଳତାକୁ ଏକ ସ୍ଥିର ଏବଂ ଗତିଶୀଳ ଗୋଷ୍ଠୀର ଦୃଢ଼ତା, ଭରସାଯୋଗ୍ୟତା ଓ ବ୍ରାଣ୍ଡ ସୁଦୃଢ଼ତା ସହ ମିଶ୍ରଣ କରିଛି।

## ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୨୨।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୩୫ (୫୩୫.୧୫) ପଏଣ୍ଟ ବୃଦ୍ଧି ଘଟି ୭୩,୧୫୮(୭୩,୧୫୮.୨୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୨ (୧୬୨.୪୦) ପଏଣ୍ଟ ବଢ଼ି ୨୨,୨୧୭(୨୨,୨୧୭.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଖିମ୍‌ଜୀ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ଉତ୍ସବ

**ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି**

ଭୁବନେଶ୍ୱର,୨୨।୨ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ(ବ୍ରାଣ୍ଡ) ତଥା ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଗୁରୁବାର 'ଖିମ୍‌ଜୀ ଫ୍ଲାଗ୍‌ଶିପ୍ ଷ୍ଟୋର'ର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆକର୍ଷଣୀୟ ଅଫର 'ଫ୍ଲାଟ୍ ୫୦%'ର ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଜନପଥ (ଶହୀଦନଗର), ଚନ୍ଦ୍ରଶେଖରପୁର ଏବଂ ସୌଭାଗ୍ୟ ନଗରଠାରେ ଥିବା ଖିମ୍‌ଜୀ ଫ୍ଲାଗ୍‌ଶିପ୍ ଷ୍ଟୋରରେ ଉଭୟ ସୁନା ଓ ହୀରା ଅଳଙ୍କାର ପାଇଁ ଗଢ଼ା ମଜୁରି ଉପରେ ଫ୍ଲାଟ୍



୫୦%ର ରିହାତି ଦିଆଯାଉଛି। ଏହି ଅଫର ୨୦୨୪ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଉପରୋକ୍ତ ୩ଟି ଷ୍ଟୋରରେ ଉପଲବ୍ଧ ରହିଥିବାବେଳେ ଗ୍ରାହକମାନଙ୍କୁ ଏକ ନିଆରା ଶପିଂ ଅନୁଭୂତିରେ ସାମିଲ ହେବାକୁ ଖିମ୍‌ଜୀ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଏହି ଅସାଧାରଣ ଅଫର ଗ୍ରାହକମାନଙ୍କୁ ଯଥେଷ୍ଟ ସଞ୍ଚୟ ଉପଭୋଗ କରିବା ସହିତ ଏକ ଶପିଂ ମହୋତ୍ସବରେ ଯୋଡ଼ିହେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ହୀରା ଏବଂ ସୁନାରୁ ନିର୍ମିତ ଅଳଙ୍କାର ଏକ କାଳଜୟୀ ଆକର୍ଷଣ ରଖୁଛି, ଯାହା ଏହାର ସୌନ୍ଦର୍ଯ୍ୟପୂର୍ଣ୍ଣ ଆକର୍ଷଣ ସହିତ ଐତିହ୍ୟ ଏବଂ ସମୃଦ୍ଧିର ପ୍ରତିନିଧିତ୍ୱ କରୁଛି। ଆମର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ଏହି ସ୍ୱତନ୍ତ୍ର ଡିଲ୍‌କୁ ବିସ୍ତାରକରି ଆମେ ଆନନ୍ଦିତ। ଗ୍ରାହକ ସନ୍ତୁଷ୍ଟି ଉପରେ ନିରନ୍ତର ଧ୍ୟାନଦେଇ ଆମ ବ୍ରାଣ୍ଡ, ଅନନ୍ୟ ପସନ୍ଦ ଏବଂ ଆବଶ୍ୟକତା ପୂରଣକରି ଆଶାଠାରୁ ଅଧିକ କରିବାକୁ ଚେଷ୍ଟା କରୁଛି। ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି କେବଳ ଆମର ଉତ୍କୃଷ୍ଟ ଅଳଙ୍କାରକୁ ଅଧିକ ସୁଲଭ କରେ ନାହିଁ ବରଂ ଖିମ୍‌ଜୀ ଜୁଏଲର୍ସକୁ ପରିଚୟ ଦେଉଥିବା କାରିଗରି ଏବଂ ସୁନ୍ଦରତାର ସ୍ଥାୟୀ ପରମ୍ପରା ପ୍ରତି ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

## ମେକ୍ ଇନ୍ ଓଡ଼ିଶାକୁ ଓଡ଼ିଶା ଡିସ୍‌କମ୍‌ର ସମର୍ଥନ

ଭୁବନେଶ୍ୱର,୨୨।୨

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ରାଜ୍ୟର ଶିଳ୍ପ ବିକାଶକୁ ସମର୍ଥନ ଦେବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଟିପି ଓଡ଼ିଶା ଡିସ୍‌କମ୍ ଯଥା ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଏବଂ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଭଳି ଡିସ୍‌କମ୍‌ଗୁଡ଼ିକ ଭରସାଯୋଗ୍ୟ ଓ ସୁଲଭ ବିଦ୍ୟୁତ୍ ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା ଲକ୍ଷ୍ୟକୁ ସମର୍ଥନ ଦେଉଛି। ବିଶେଷକରି ସେବା ଅଧିଗ୍ରହଣ କରିବା ପରଠାରୁ କମ୍ପାନୀ ଗତ ୩ ବର୍ଷ ଭିତରେ ଉକ୍ତ ଡିସ୍‌କମ୍‌ଗୁଡ଼ିକ ରାଜ୍ୟର ୫୯୪୩ ଶିଳ୍ପସଂସ୍ଥାକୁ ସଂଯୋଗ ପ୍ରଦାନ କରି ଇସ୍ପାତ, ଆଇଟି, ଆଲୁମିନିୟମ, ସିମେଣ୍ଟ ଓ ଖଣି ସମେତ ଖାଦ୍ୟ, ମତ୍ସ୍ୟ ଚାଷ ଏବଂ ଅଟୋମୋବାଇଲ୍ ଭଳି ଏମ୍ଏସ୍ଏମ୍ଇଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଇଛନ୍ତି। ଏହା ଶିଳ୍ପସଂସ୍ଥା ସ୍ଥାପନ କରିବା କାର୍ଯ୍ୟକୁ ସହଜ କରିଥିବା ବେଳେ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିରେ ମଧ୍ୟ ସହାୟକ ହୋଇଛି। ବିଦ୍ୟୁତ୍ ସଂଯୋଗ ପାଇବାକୁ ସହଜ କରିବା ଲାଗି ଡିସ୍‌କମ୍‌ଗୁଡ଼ିକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ରାଜ୍ୟରେ 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍'କୁ ସକ୍ଷମ କରିଛି। ବର୍ତ୍ତମାନ ଏକ ନୂଆ ବିଦ୍ୟୁତ୍ ସଂଯୋଗ ହାସଲ କରିବାରେ ମାତ୍ର ୪ଟି ସୋପାନ ରହିଛି। ତାହା ହେଉଛି ପଞ୍ଜୀକରଣ, କାଗଜପତ୍ର ଦାଖଲ, ପେମେଣ୍ଟ ଓ ଭେରିଫିକେଶନ ଏବଂ ମିଟର ସ୍ଥାପନ। ସେହିପରି ଡିସ୍‌କମ୍‌ଗୁଡ଼ିକର ପ୍ରଭାବଶାଳୀ ପରିଚାଳନା ପାଇଁ ଓଡ଼ିଶାରେ ଏଟି ଆଣ୍ଡ ସି କ୍ଷତି ହ୍ରାସ ପାଇଛି।


# Classified Everyday

**0674-2580101, 2549949**



**REAL ESTATE**

**SALE**

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.- 1200/- ବିକ୍ରିହେବ। Biswajit- 7008184348. D-71067

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

**Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact- 9861467987/ 9861336178.** D-2567

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

Plot sale near AIIMS Hospital, Bhubaneswar and duplex sale @57,00,000/-. 9777433701. D-75915



**CONSTRUCTION**

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**GENERAL**

PURCHASE

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ବୃଢ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬




Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Relax, Refresh your body, mind by expert therapist. Contact: 9938843929. D-76103

Newly open SPA positively health benefits with relax and refresh with good therapist. 8328803811. D-76101

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

**AFFIDAVIT**

By virtue an affidavit before Executive Magistrate, Dhenkanal my name has changed from Kanhu Charan Naik, S/o. Gobinda Naik to Kanhu Charan Mohanty, S/o. Gobinda Mohanty. Henceforth I shall be known as Kanhu Charan Mohanty, S/o. Gobinda Mohanty, Village- Bhaliabolakateni, PS- Sadar, Dist.-Dhenkanal for all purposes. D-75423

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LOST**

I Smt. Anupama Das, W/o- Rabindra Kumar Das aged about 56 years of present resident of Qtr No.-G/4. Upper Police Colony, Tulasipur, P.S- Bidanasi, Dist.- Cuttack hereby declare that the link Original Sale deed bearing No.- 11831300268 dtd.29.8.2013 and Original R.O.R Khata No.- 119/169 Plot No.- 320/3728, 321/3729, Mouza Fakirpara, Trisulia, Cuttack of Sidhartha Sankar Sahoo has been lost in Transit. I further state that I wish to create Mortgage on the said property for availing Home Loan from State Bank of India Branch RASMEC Cuttack, Branch Code No.- 10028. If any body has found the same Sale Deed and R.O.R Please return the Original Document to SBI, RASMEC, Cuttack or contact me on my Mob No- 9861962063. D-2595


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପଣ୍ଡିତ ସତ୍ୟବାଦୀ ମିଶ୍ର**
5th Lane Extention, Gandhinagar, Berhampur
ଆବିର୍ଭାବ-୦୧।୦୭।୧୯୩୪
ତିରୋଧାନ- ୦୪।୦୨।୨୦୨୩
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଜ୍ଞାନ, ପରୋପକାରିତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ଧର୍ମପତ୍ନୀ: କୁମୁଦିନୀ ମିଶ୍ର, ଭାଇ: ସୁଦର୍ଶନ ମିଶ୍ର, ସଞ୍ଜୁ, କିରଣ, ରଞ୍ଜନ, ଅଞ୍ଜୁ, ଶ୍ରୀହର୍ଷ, ସୁଜ୍ଞାନୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୫୯୧

**୧୫ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ତୁନି ସାହୁ**
ମିନାବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୨୫।୦୧।୧୯୫୫
ତିରୋଧାନ: ୦୮।୦୨।୨୦୦୯
ତୁମର ବିଦେହୀ ଆତ୍ମାର ସଦ୍‌ଗତି କାମନାର୍ଥେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛୁ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୪୨୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰କମଳା ସାହୁ**
୧୯୬୦-୨୦୨୩
ମାଣିଆବନ୍ଧ, ବଡ଼ମ୍ବା, କଟକ
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଭଗବତୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।
:ଆଶୀର୍ବାଦକାଂକ୍ଷୀ:
ଧର୍ମପତି, ପୁତ୍ରବଧୂ, ପୁତ୍ର, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୨୫୯୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସଂକ୍ଷେପରେ

### କେଜ୍‌ରିୱାଲଙ୍କୁ ପୁଣି ଇଡି ସମନ



ନୂଆଦିଲ୍ଲୀ,୨୨।୨(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ ଜାରି କରିଛି। ତାଙ୍କୁ ୨୬ ତାରିଖରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। କେଜ୍‌ରିୱାଲଙ୍କୁ ଇଡିର ଏହା ସପ୍ତମ ସମନ। ଅନ୍ୟପକ୍ଷରେ ମାମଲା କୋର୍ଟଙ୍କ ବିଚାରାଧୀନ ଥିବାରୁ ହାଜର ହେବା ପାଇଁ ସାନି ସମନ ଜାରି କରାଯିବା ଭୁଲ୍ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଥିଲାବେଳେ ଇଡି ଏହାକୁ ଖଣ୍ଡନ କରିଛି। ସୂଚନାଯୋଗ୍ୟ, ଏଏପିର ରାଷ୍ଟ୍ରୀୟ ଆବାହକ ୬ ଥର ସମନକୁ ଅବଜ୍ଞା କରିବା ପରେ ଇଡି ତାଙ୍କ ବିରୋଧରେ ଅଦାଲତରେ ମାମଲା ରୁଜୁ କରିଥିଲା। ଏହାର ଶୁଣାଣି ମାର୍ଚ୍ଚ ୧୬ରେ ହେବ। ଇଡିର ଅଭିଯୋଗ ଏବଂ ଦାଖଲ କରିଥିବା ତଥ୍ୟ ପ୍ରମାଣରୁ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ଚଳାଇବାର ଯଥେଷ୍ଟ କାରଣ ରହିଛି ବୋଲି ଅଦାଲତ କହିଥିଲେ।

### ଗୁଲ୍‌ମାର୍ଗରେ ହିମସ୍ଖଳନ: ଜଣେ ବିଦେଶୀ ମୃତ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ଗୁଲ୍‌ମାର୍ଗରେ ପ୍ରବଳ ହିମସ୍ଖଳନ ଯୋଗୁ ଜଣେ ରୁଷୀୟ ସ୍କିୟରଙ୍କ ମୃତ୍ୟୁ ଘଟିଛି। ରୁଷିଆର ୭ ଜଣ ସ୍କିୟର ଉକ୍ତ ରିସର୍ଟ ସହରକୁ ଯାଇଥିବାବେଳେ ଗୁରୁବାର ହିମସ୍ଖଳନର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟର ନିୟୋଜିତ ହୋଇଥିଲା। ଗୁଲ୍‌ମାର୍ଗର କୋଙ୍ଗଡୁରି ସ୍ଲୋପ୍ ନିକଟରେ ହିମସ୍ଖଳନ ହୋଇଥିଲା।

## କୃଷକ ଆନ୍ଦୋଳନ ସମ୍ପର୍କିତ ପୋଷ୍ଟ ବ୍ଲକ୍ ନିର୍ଦ୍ଦେଶ

# ଅସହମତି ପ୍ରକାଶ କଲା ଏକ୍ସ

## ଗଣତନ୍ତ୍ରର ହତ୍ୟା କହିଲା କଂଗ୍ରେସ

ନୂଆଦିଲ୍ଲୀ,୨୨।୨(ପି.ଟି.)

କୃଷକ ଆନ୍ଦୋଳନ ସମ୍ପର୍କିତ ଆକାଉଣ୍ଟ ଏବଂ ପୋଷ୍ଟଗୁଡ଼ିକୁ ବ୍ଲକ୍ କରିବା ପାଇଁ ଭାରତ ସରକାର ଦେଇଥିବା ନିର୍ଦ୍ଦେଶରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ଅସହମତି ପ୍ରକାଶ କରିଛି। ଅଭିବ୍ୟକ୍ତି ସ୍ୱାଧୀନତା ଆଧାରରେ ଉକ୍ତ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖାଯିବା ଉଚିତ ନୁହେଁ ବୋଲି ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍ କହିଛି। କୃଷକ ଆନ୍ଦୋଳନ ସହ ଜଡ଼ିତ ଥିବା ୧୭୭ଟି ଆକାଉଣ୍ଟକୁ ସାମୟିକ ଭାବେ ବ୍ଲକ୍ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଏଭଳି ଆକାଉଣ୍ଟ ଓ ପୋଷ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏକ୍‌ଜିକ୍ୟୁଟିଭ୍ ଅର୍ଡର ପାଇଥିବା ଏଲନ୍ ମସ୍କଙ୍କ ଏକ୍ସ ପକ୍ଷରୁ କୁହାଯାଇଛି। ଏହାର ଅବମାନନା କଲେ ଅର୍ଥଦଣ୍ଡ ଏବଂ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଯଦିଓ ଏକ୍ସ କେବଳ ଭାରତରେ ସମ୍ପୃକ୍ତ ଆକାଉଣ୍ଟ ଓ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖିଥିବା ଗତ ମଧ୍ୟରାତ୍ରରେ ଏକ ପୋଷ୍ଟ ଜରିଆରେ ଜଣାଇଛି। ତେବେ ଭାରତ ସରକାରଙ୍କ କାର୍ଯ୍ୟ ସହ ଆମେ ସହମତ ନୋହୁଁ। ଅଭିବ୍ୟକ୍ତି ସ୍ୱାଧୀନତା ଆଧାରରେ ପୋଷ୍ଟଗୁଡ଼ିକୁ ସ୍ଥଗିତ ରଖାଯିବା ଉଚିତ ନୁହେଁ ବୋଲି ଏହାର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍ କହିଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ଏକ୍ସ ଏକ ରିଟ୍ ଅପିଲ୍ ଦାଏର କରିଛି। ଆଇନଗତ କଟକଣା ଯୋଗୁ ଆମେ ଏକ୍‌ଜିକ୍ୟୁଟିଭ୍ ଅର୍ଡର ପ୍ରକାଶ କରିବାକୁ ଅସମର୍ଥ। ତେବେ ସ୍ୱଚ୍ଛତା ପାଇଁ ସେଗୁଡ଼ିକୁ ସର୍ବସାଧାରଣରେ ପ୍ରକାଶ କରିବା ଜରୁରୀ। ପ୍ରକାଶ କରା ନ ଯିବା ଦ୍ୱାରା ଉତ୍ତରଦାୟିତ୍ୱରେ ଅଭାବ ସାଙ୍ଗକୁ ନିଷ୍ପତ୍ତି ନେବାରେ ମନମାନି ସୃଷ୍ଟି କରିବ ବୋଲି ଏକ୍ସ ଏହାର ପୋଷ୍ଟରେ ଲେଖିଛି।

କୃଷକ ଆନ୍ଦୋଳନ ସମ୍ପର୍କିତ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ପୋଷ୍ଟଗୁଡ଼ିକୁ ବ୍ଲକ୍ କରିବାକୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ଅଭିଯୋଗ କରିଛି। ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଟିମ୍‌ର ମନ୍ତବ୍ୟକୁ ଟ୍ୟାଗ୍ କରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଭାରତରେ ଗଣତନ୍ତ୍ରର ହତ୍ୟା କରାଯାଉଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଭିନ୍ନ ମତକୁ ସରକାର ଚାପି ଦେଉଛନ୍ତି। ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଯାଉଛି। ଚାଷୀ ଏମ୍‌ଏସ୍‌ପି ପାଇଁ ଦାବି କଲେ, ସେମାନଙ୍କୁ ଗୁଳି ଚଳାଇବା କ'ଣ ଗଣତନ୍ତ୍ରର ଜନନୀ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଯୁବବର୍ଗ ନିଯୁକ୍ତି ପାଇଁ କହିଲେ, ସେମାନଙ୍କ କଥା ସରକାର ଶୁଣୁନାହାନ୍ତି। ପୂର୍ବତନ ରାଜ୍ୟପାଳ ସତ କଥା କହିଲେ, ତାଙ୍କ ଘରକୁ ସିବିଆଇ ପଠାଯାଉଛି। ପ୍ରମୁଖ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଦିଆଯାଉଛି। ଧାରା ୧୪୪ ଲାଗୁ କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରାଯାଉଛି। ରାସ୍ତାରେ ତାରବାଡ଼ ଦିଆଯାଇ ଲୁହାବୁହା ବାଷ୍ପ ପ୍ରୟୋଗ କରାଯାଇଛି। ଏହା କ'ଣ ଗଣତନ୍ତ୍ରର ଜନନୀ କି ବୋଲି କଂଗ୍ରେସ ନେତା କହିଛନ୍ତି। ଗଣତନ୍ତ୍ରର ହତ୍ୟା କରୁଥିବା ସରକାରଙ୍କୁ ଜନସାଧାରଣ ଉପଯୁକ୍ତ ଜବାବ ଦେବେ ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।



ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ଚାଷୀମାନେ ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ଜାତୀୟ ରାଜପଥରେ ସେମାନଙ୍କ ଟ୍ରାକ୍ଟର ଓ ଟ୍ରଲିଗୁଡ଼ିକୁ ପାର୍କିଂ କରିଛନ୍ତି।

# ମୋଦି ସବୁଠୁ ଲୋକପ୍ରିୟ ବିଶ୍ୱନେତା

## ୧୧ତମ ସ୍ଥାନରେ ବାଇଡେନ୍, ୨୦ତମ ସ୍ଥାନରେ ଋଷି ସୁନକ



ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୨।୨

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପୁଣିଥରେ ଉଭା ହୋଇଛନ୍ତି। ତାଙ୍କର ଅନୁମୋଦନ ରେଟିଂ ସର୍ବାଧିକ ୭୮ ପ୍ରତିଶତ ରହିଛି। ଆମେରିକାର ଗୋଇନ୍ଦା ଏଜେନ୍ସି ମର୍ନିଂ କନ୍‌ସଲ୍ଟ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେରେ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ୬୫ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୬୩ ପ୍ରତିଶତ ରେଟିଂ ସହ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ଲୋକପ୍ରିୟ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୧୧ତମ ସ୍ଥାନରେ ରହିଥିବାବେଳେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ୧୭ତମ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ୨୦ତମ ସ୍ଥାନରେ ରହିଛନ୍ତି। ଜାନୁଆରୀ ୩୦ରୁ ଫେବୃଆରୀ ୫ ମଧ୍ୟରେ ସଂଗୃହୀତ ତଥ୍ୟ ଆଧାରରେ ଏହି ରେଟିଂ କରାଯାଇଛି।

# ୱାଇ.ଏସ୍. ଶର୍ମିଳା ଗିରଫ

ବିଜୟୱାଡ଼ା,୨୨।୨



ଆନ୍ଧ୍ରପ୍ରଦେଶରେ ଶିକ୍ଷକ ନିଯୁକ୍ତି ସମ୍ପର୍କିତ ଜିଲା ଚୟନ କମିଟି (ଡିଏସ୍‌ସି)ର ବିଜ୍ଞପ୍ତିକୁ ବିରୋଧ କରି ରାଜ୍ୟ କଂଗ୍ରେସ ପକ୍ଷରୁ ଗୁରୁବାର 'ସଚିବାଳୟ ଚାଲ' ଅଭିଯାନ ବେଳେ ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ୱାଇ.ଏସ୍. ଶର୍ମିଳା ରେଡ୍ଡୀ ଏବଂ ଦଳର ୪୦ କର୍ମୀଙ୍କୁ ଗିରଫ କରାଯାଇଛି। ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ଏହାର ମୁଖ୍ୟାଳୟ ଆନ୍ଧ୍ରରତ୍ନ ଭବନରୁ 'ସଚିବାଳୟ ଚାଲ' ବିକ୍ଷୋଭ ଅଭିଯାନ ଆରମ୍ଭ କରିଥିଲା। ଗୃହବନ୍ଦୀରୁ ବର୍ତ୍ତିବା ଲାଗି ଶର୍ମିଳା ବୁଧବାର ରାତିରୁ ବିଜୟୱାଡ଼ାସ୍ଥିତ ପାର୍ଟି କାର୍ଯ୍ୟାଳୟରେ ରହିଥିଲେ। ଅନ୍ୟପକ୍ଷରେ ଏଲୁରୁ ରୋଡ୍‌ରେ ଗାଡ଼ିମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି କରିବା ସହ ସ୍ଲୋଗାନ ଦେଉଥିବା କଂଗ୍ରେସ କର୍ମୀମାନଙ୍କୁ ଅଟକ ରଖାଯାଇଥିଲା ଓ ପରେ ସେମାନଙ୍କୁ ଛାଡ଼ିଦିଆଯାଇଛି ବୋଲି ବିଜୟୱାଡ଼ା ସାଉଥ୍‌ର ଡିସିପି ବି. ରବି କିରନ କହିଛନ୍ତି। କଂଗ୍ରେସ ଦଳ ବେରୋଜଗାରିଙ୍କ ସମର୍ଥନରେ ବାହାରିଥିବାବେଳେ ସେମାନଙ୍କୁ ଗିରଫ କରାଯିବା ନେଇ ଶର୍ମିଳା ୱାଇଏସ୍‌ଆର୍‌ସିପି ସରକାରଙ୍କୁ ସମାଲୋଚନା କରିଛନ୍ତି। ସରକାର ୨୩ ହଜାର ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିବାବେଳେ ଡିଏସ୍‌ସି ବିଜ୍ଞପ୍ତିରେ ମାତ୍ର ୬,୦୦୦ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ସରକାର ବେରୋଜଗାରିମାନଙ୍କୁ କ୍ଷମା ମାଗନ୍ତୁ ବୋଲି ଶର୍ମିଳା ଦାବି କରିଛନ୍ତି।

# ସୁନାଖଣି ଭୁଶୁଡ଼ି ୧୪ ମୃତ

ଲାପାରାଗୁଆ,୨୨।୨

କେନ୍ଦ୍ରୀୟ ଭେନେଜୁଏଲାରେ ବେଆଇନ ଭାବେ ଖନନ ଚାଲିଥିବା ଏକ ଖୋଲା ସୁନା ଖଣି ଭୁଶୁଡ଼ିବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ଖଣି ଭିତରେ ବହୁସଂଖ୍ୟାରେ ଲୋକ ଫସିରହିଥିବା କେତେ ଜଣ ଅଧିକାରୀ କହିଛନ୍ତି। ୧୪ ଜଣଙ୍କ ମୃତ୍ୟୁ ହେବା ସହ ୧୧ ଜଣ ଆହତ ହୋଇଛନ୍ତି ବୋଲି ବୋଲଇଭାର ରାଜ୍ୟ ଗଭର୍ନର ଆଞ୍ଜେଲ ମାର୍କାନୋ ଗଣମାଧ୍ୟମକୁ କହିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

## ଦିଲ୍ଲୀରେ ଏଏପି ୪, କଂଗ୍ରେସ ୩ ଆସନରେ ଲଢ଼ିବ

ନୂଆଦିଲ୍ଲୀ,୨୨।୨

ଦିଲ୍ଲୀର ୭ ଲୋକ ସଭା ଆସନ ପାଇଁ ଇଣ୍ଡିଆ ମେଣ୍ଟର ଦୁଇ ସହଯୋଗୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏନେଇ ଘୋଷଣା କରାଯିବ। ତେବେ ରାଜଧାନୀ ଦିଲ୍ଲୀରେ କଂଗ୍ରେସ ୩ ଏବଂ ଏଏପି ୪ ଆସନରେ ଲଢ଼ିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଏପି ଦକ୍ଷିଣ ଦିଲ୍ଲୀ, ପଶ୍ଚିମ ଦିଲ୍ଲୀ, ଉତ୍ତରପଶ୍ଚିମ ଦିଲ୍ଲୀ ଏବଂ ନୂଆଦିଲ୍ଲୀ ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ଚାନ୍ଦିନୀଚୌକ, ପୂର୍ବ ଦିଲ୍ଲୀ ଏବଂ ଉତ୍ତରପୂର୍ବ ଦିଲ୍ଲୀରେ ଲଢ଼ିବ ବୋଲି ଏଏପି ସୂତ୍ରରୁ କୁହାଯାଇଛି। ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହେବା ପରେ ଦିଲ୍ଲୀ ଆସନ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ବ୍ୟତୀତ ଗୁଜରାଟ, ଗୋଆ ଏବଂ ଚଣ୍ଡିଗଡ଼ରେ ମଧ୍ୟ ଦୁଇ ଦଳ ଆସନ ବୁଝାମଣା ନେଇ ସହମତିରେ ପହଞ୍ଚିଥିବା ଏକ ସୂତ୍ରରୁ ଜଣାଯାଇଛି।

# ମାଳଦ୍ୱୀପରେ ଲାଗିଲା ଚାଇନା ଗବେଷଣା ଜାହାଜ

ମାଲେ,୨୨।୨(ପି.ଟି.)

ଉଚ୍ଚ ପ୍ରଯୁକ୍ତିଯୁକ୍ତ ଚାଇନା ସାମୁଦ୍ରିକ ଗବେଷଣା ଜାହାଜ ପ୍ରାୟ ମାସେ କାଳ ଭାରତ ମହାସାଗରରେ ରହିବା ପରେ ଗୁରୁବାର ମାଳଦ୍ୱୀପ ନିକଟରେ ପହଞ୍ଚିଛି। ଉକ୍ତ ଜାହାଜ ଗବେଷଣା ପାଇଁ ଉଦ୍ଦିଷ୍ଟ ବୋଲି ବେଜିଂ କହୁଥିବାବେଳେ ଗୁପ୍ତଚର ବୃତ୍ତିରେ ତାହା ନିୟୋଜିତ ଥିବା କୁହାଯାଉଛି। ଭାରତ ଏବଂ ଶ୍ରୀଲଙ୍କାର ତଟସୁରକ୍ଷା ଜାହାଜ ତ୍ରିପାକ୍ଷିକ ନୌସମରାଭ୍ୟାସ ପାଇଁ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପସମୂହ ନିକଟରେ ପହଞ୍ଚିଥିବାବେଳେ ସେହିଦିନ ଚାଇନାର 'ଶିଆଙ୍ଗ ୟାଙ୍ଗ ହୋଙ୍ଗ-୦୩' ସେଠାରେ ପହଞ୍ଚିଛି।

ଭାରତ ମହାସାଗରରେ ଚାଇନା ଗବେଷଣା ଜାହାଜର ଯାତାୟାତକୁ ନେଇ ନୂଆଦିଲ୍ଲୀ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲା। କଲମ୍ବୋ ବନ୍ଦରରେ ଉକ୍ତ ଜାହାଜକୁ ରହିବା ନିମନ୍ତେ ଅନୁମତି ନ ଦେବାକୁ ଭାରତ ଶ୍ରୀଲଙ୍କା ଉପରେ ଚାପ ପକାଇଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ଚାଇନା ଗସ୍ତରୁ ଫେରିବା ପରେ ଶିଆଙ୍ଗ ୟାଙ୍ଗ ହୋଙ୍ଗ-୦୩ ଗତ ଜାନୁଆରୀ ୧୪ରୁ ଯାତ୍ରା ଆରମ୍ଭ କରିଥିଲା। ଏହା ଗୁରୁବାର ସକାଳେ ମାଲେ ସିଟି ନିକଟରେ ପହଞ୍ଚିଥିବାବେଳେ ମଧ୍ୟାହ୍ନ ବେଳକୁ ଥିଲାଫୁଶି ନିକଟରେ ଦେଖାଯାଇଥିଲା। ତେବେ ଜାହାଜ ଇଣ୍ଡୋନେସିଆ ନିକଟବର୍ତ୍ତୀ ଜାଭା ସି ନିକଟରେ ପହଞ୍ଚିବା ପରେ ଏହାର ଟ୍ରାକିଂ ସିଷ୍ଟମକୁ ଅଫ୍ କରିଦିଆଯାଇଥିବାରୁ ଜାନୁଆରୀ ୨୨ରୁ ସାଧାରଣ ଟ୍ରାକିଂ ସାଇଟରେ ତାହା ଦୃଶ୍ୟ ହେଉ ନ ଥିଲା। ଅଧାଧୁ ଡଟ୍ କମ୍ ନାମକ ଏକ ନ୍ୟୁଜ୍ ପୋର୍ଟାଲ ସାଟେଲାଇଟ୍ ଏଆଇଏସ୍ ଟ୍ରାକିଂ ବ୍ୟବହାର କରି ମାଳଦ୍ୱୀପର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (ଇଇଜେଡ୍)ରେ ଚାଇନା ଜାହାଜକୁ ଠାବ କରିଛି।





ଚାଇନା ସପକ୍ଷବାଦୀ ନେତା ମୁଇଜ୍ଜୁ ଭାରତ ବିରୋଧୀ ଆଭିମୁଖ୍ୟ ରଖି ଗତବର୍ଷ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସାଧାରଣତଃ ମାଳଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଥମେ ଭାରତ ଗସ୍ତରେ ଆସିବା ଏକ ପରମ୍ପରା ରହିଥିବାବେଳେ ମୁଇଜ୍ଜୁ ଏହାକୁ ଭାଙ୍ଗି ପ୍ରଥମେ ଚାଇନା ଗସ୍ତ କରିଥିଲେ। ଆମେରିକା ଥିଙ୍କ୍‌ଟ୍ୟାଙ୍କ୍‌ର ଅଭିଯୋଗ ଅନୁଯାୟୀ ଚାଇନାର ଅନେକ ଗବେଷଣା ଜାହାଜ ସାମରିକ ଉଦ୍ଦେଶ୍ୟରେ ଭାରତ ମହାସାଗର ଅଞ୍ଚଳ ସମେତ ବିଭିନ୍ନ ସମୁଦ୍ରରୁ ତଥ୍ୟ ସଂଗ୍ରହରେ ନିୟୋଜିତ ଅଛନ୍ତି। ବିଶେଷ କରି ବୁଡ଼ାଜାହାଜ ଯାତାୟାତ ରୁଟ୍ ନେଇ ସେମାନେ ତଥ୍ୟ ଯୋଗାଡ଼ କରିଥାନ୍ତି। ତେବେ ବେଜିଂ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଆସୁଛି। ଜାନୁଆରୀ ୨୩ରେ ମାଳଦ୍ୱୀପ କର୍ତ୍ତୃପକ୍ଷ ଚାଇନାର ଗବେଷଣା ଜାହାଜକୁ ଅନୁମତି ଦେଇଥିଲେ। ତେବେ ମାଳଦ୍ୱୀପ ଜଳରାଶିରେ ଏହା କୌଣସି ଗବେଷଣା କରିବ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିବା ପରେ ଭାରତ ଏହାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଫୁରସତ

# ଛୁଆ ହାତୀର ସଂଘର୍ଷ



**ପ୍ରିଟୋରିଆ:** ଦକ୍ଷିଣ ଆଫ୍ରିକାର ଗୋଟିଏ ଜଙ୍ଗଲରେ ଏକ ହାତୀପଲ ଯାଉଥିବା ସମୟରେ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜଙ୍ଗଲ ମଧ୍ୟରେ ଗୋଟିଏ ଉଚ୍ଚ ସ୍ଥାନକୁ ଚଢ଼ିବା ପାଇଁ ଏକ ଛୁଆ ହାତୀ ସଂଘର୍ଷ କରୁଥିବା ଏହି ଭିଡିଓରୁ ଜଣାପଡୁଛି। ଅନେକ ସଂଘର୍ଷ ପରେ ଛୁଆ ହାତୀଟି ସଫଳତା ପାଇବା ଦେଖି ଏହି ଭିଡିଓରେ ଅନେକ ଲୋକ ଖୁସି ପ୍ରକାଶ କରିଛନ୍ତି।

ଦକ୍ଷିଣ ଆଫ୍ରିକାର ଏକ ଜଙ୍ଗଲ ଦେଇ ଏକ ହାତୀପଲ ଅତିକ୍ରମ କରୁଥିବା ବେଳେ ବାଟରେ ଏକ ଉଚ୍ଚ ସ୍ଥାନ ପଡ଼ିଥିଲା। ସମସ୍ତ ହାତୀ ଏହି ଉଚ୍ଚ ସ୍ଥାନକୁ ଚଢ଼ିବାକୁ ସକ୍ଷମ ହୋଇଥିବା ବେଳେ ଏକ ଛୁଆ ହାତୀ ସେଠାରେ ଚଢ଼ିପାରି ନ ଥିଲା। ସମ୍ପୃକ୍ତ ଉଚ୍ଚା ସ୍ଥାନକୁ ଚଢ଼ିବାକୁ ଛୁଆ ହାତୀଟି ବାରମ୍ବାର ଚେଷ୍ଟା କରୁଥିଲେ ମଧ୍ୟ ବିଫଳ ହେଉଥିଲା। ଉପରକୁ ଚଢ଼ିବାକୁ ଛୁଆ ହାତୀଟି ଅକ୍ଲାନ୍ତ ପରିଶ୍ରମ କରୁଥିବା ଦେଖି ମା' ହାତୀ କିଛି ସାହାଯ୍ୟ ନକରି ନିଜ ଛୁଆର ସଫଳତା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲା। ତେବେ ଛୁଆ ହାତୀଟି ସମ୍ପୃକ୍ତ ଉଚ୍ଚ ସ୍ଥାନକୁ ବାରମ୍ବାର ଡେଇଁବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରୁ ନ ଥିଲା। ଶେଷରେ ଛୁଆ ହାତୀଟ ବୁଦ୍ଧି ପ୍ରୟାଗ କରି ବିପରୀତ ଦିଗରେ ଥିବା ଅନ୍ୟ ଏକ ବିକଳ୍ପ ମାର୍ଗ ଜରିଆରେ ସହଜରେ ଉଚ୍ଚ ସ୍ଥାନରେ ତାକୁ ଅପେକ୍ଷା କରି ରହିଥିବା ଅନ୍ୟ ହାତୀ ସମୂହଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି। ଅନେକ ସଂଘର୍ଷ ପରେ ଛୁଆ ହାତୀଟିର ସଫଳତା ଦେଖି ଅନେକ ୟୁଜର୍ସ ଖୁସିବ୍ୟକ୍ତ କରିଛନ୍ତି।

# ଅନିଲଙ୍କ ଫିଟ୍‌ନେସ୍‌ର ରାଜ୍ ଖୋଲିଲେ ସୋନମ୍



**ମୁମ୍ବାଇ:** ବରିଷ୍ଠ ବଲିଉଡ୍ ଅଭିନେତା ଅନିଲ କପୁରଙ୍କୁ ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ସବୁଠୁ ଫିଟ୍ ଅଭିନେତାମାନଙ୍କ ମଧ୍ୟରେ ଗଣା ଯାଏ। ସେ ନିଜ ଫିଟ୍‌ନେସ୍‌ରେ ଯୁବ ଅଭିନେତାମାନଙ୍କୁ କଡ଼ା ଟକ୍କର ଦେଉଥିବା ଆଲୋଚନା ହୋଇଥାଏ। ୬୭ ବର୍ଷ ବୟସରେ ଅନିଲ ନିଜ କ୍ୟାରିୟରର ଶିଖରରେ ଥିବାବେଳେ, ଏବେ ମଧ୍ୟ ସେ ଅନେକ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାଠାରୁ ଆରମ୍ଭ କରି ରୋମାଣ୍ଟିକ ଚରିତ୍ରପରି ଅନେକ ଭୂମିକାରେ ନଜର ଆସୁଛନ୍ତି। ତେବେ ଅନିଲଙ୍କ ଫିଟନେସର ରହସ୍ୟକୁ ତାଙ୍କ ଝିଅ ତଥା ବଲିଉଡ ଅଭିନେତ୍ରୀ ସୋନମ କପୁର ଖୁଲାସା କରିଛନ୍ତି।

ନିକଟରେ ମୁମ୍ବାଇର ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେବା ବେଳେ ସୋନମ ନିଜ ପିତାଙ୍କ ଫିଟ୍‌ନେସ୍‌ର ରହସ୍ୟ ଖୁଲାସା କରିଥିଲେ। ତାଙ୍କ ପିତା ମଦ୍ୟପାନ, ଧୂମପାନ ଆଦି ବିଭିନ୍ନ ବଦାଭ୍ୟାସଠାରୁ ସବୁବେଳେ ଦୁରେଇ ରହୁଥିବା ସେ ଏହି ଅବସରରେ କହିଥିଲେ। ସେ ନିଜ ପିତାଙ୍କ ଫିଟ୍‌ନେସ୍‌ର ଶ୍ରେୟ ମା' ସୁନୀତାଙ୍କୁ ଦେଇଛନ୍ତି। ବିବାହ ପରଠାରୁ ତାଙ୍କ ମା', ପିତା ଅନିଲଙ୍କ ସହ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥିବା ସେ କହିଛନ୍ତି। ମା' ସୁନୀତାଙ୍କ କାରଣରୁ ପିତା ଅନିଲ ସବୁବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସହ, ତାଙ୍କର କୌଣସି ମଧ୍ୟ ଖରାପ ଅଭ୍ୟାସ ନ ଥିବାରୁ ସେ ଏବେବି ଫିଟ୍ ଥିବା ସୋନମ୍ କହିଛନ୍ତି।

ନିକଟରେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଫାଇଟର୍'ରେ ଅନିଲ କପୁରଙ୍କୁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ଘରୋଇ ବକ୍ସ ଅଫିସରେ ୨୦୦ କୋଟିରୁ ଅଧିକ ଆୟ କରିଥିବା ବେଳେ, ସାରା ବିଶ୍ୱରେ ୩୫୦ କୋଟି ଟଙ୍କା ଅତିକ୍ରମ କରିଛି। ସେହିପରି ଶେଷ ଥର ପାଇଁ ସୋନମ୍ 'ଦ ଜୋୟା ଫ୍ୟାକ୍ଟର୍' ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ସମ୍ପ୍ରତି ସେ ଅଭିନୟରୁ କିଛି ସମୟ ପାଇଁ ବିରତି ନେଇ ନିଜ ଦାମ୍ପତ୍ୟ ଜୀବନରେ ବ୍ୟସ୍ତ ଅଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ Bhubaneswar, Friday, February 23/ 2024

# ସିଏସ୍‌କେ-ଆର୍‌ସିବି ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୨୨।୨(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଲୋକପ୍ରିୟ ଟି୨୦ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ୧୭ ଦିନର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆଇପିଏଲ୍ ସିଜନ ୨୦୨୪ର ଉଦ୍‌ଘାଟନୀ ମ୍ୟାଚ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହେବ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ପରବର୍ତ୍ତୀ ମାସ ପ୍ରଥମ ଭାଗରେ ଅବଶିଷ୍ଟ ମ୍ୟାଚଗୁଡ଼ିକର କାର୍ଯ୍ୟସୂଚୀ ଘୋଷଣା କରାଯିବ। ମାର୍ଚ୍ଚ ୨୨ରୁ ଏପ୍ରିଲ ୭ ମଧ୍ୟରେ ୨୧ଟି ମ୍ୟାଚ ୧୦ଟି ସହରରେ ଖେଳାଯିବ। ପ୍ରତ୍ୟେକ ଦଳ ଅତି କମ୍‌ରେ ୩ ଏବଂ ଅତିବେଶିରେ ୫ ମ୍ୟାଚ ଖେଳିବ। ପୂର୍ବପରି ବିସିସିଆଇ ଭାରତରେ ହେବାକୁଥିବା ଲୋକ ସଭା ନିର୍ବାଚନ ସହ ଜଡ଼ିତ ସମସ୍ତ ଆବଶ୍ୟକ ପ୍ରୋଟୋକଲ ଓ ପରାମର୍ଶକୁ ଅନୁସରଣ କରି ସରକାର ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସହ ଯୋଗାଯୋଗରେ ରହି କାର୍ଯ୍ୟ କରିବ ବୋଲି ଦେଶର ସର୍ବୋଚ୍ଚ କ୍ରିକେଟ ସଂସ୍ଥା କହିଛି। ନିର୍ବାଚନ ତାରିଖ ଘୋଷଣା ପରେ ବିସିସିଆଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଦିନ ଧାର୍ଯ୍ୟ କରିବ ବୋଲି ବିସିସିଆଇ କହିଛି। ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲରେ ହେବ ବୋଲି ଆଶା କରାଯାଉଛି। ସାଧାରଣ ନିର୍ବାଚନ ଯୋଗୁ ଆଇପିଏଲ୍ ଥରେ ବିଦେଶରେ ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ହୋଇଥିଲା। ସେହିପରି ୨୦୧୪ରେ ଆଂଶିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ହୋଇଥିଲା। ତେବେ ୨୦୧୯ରେ ସାଧାରଣ ନିର୍ବାଚନ ସତ୍ତ୍ୱେ ଟୁର୍ନାମେଣ୍ଟ ଭାରତରେ ଖେଳାଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଏହାର ପ୍ରଥମ ଦୁଇ ଘରୋଇ ମ୍ୟାଚ ବିଶାଖାପାଟଣାରେ ଖେଳିବା ଲାଗି ସ୍ଥିର କରିଛି। ମାର୍ଚ୍ଚ ୩୧ରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ପରେ ଏପ୍ରିଲ ୩ରେ ସମାନ ଭେନ୍ୟୁରେ କୋଲକାତା ନାଇଟ ରାଇଡର୍ସଙ୍କୁ ଭେଟିବ। ଫର୍ମାଟ ଅନୁସାରେ ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ରହିବେ।

**ମାର୍ଚ୍ଚ ୨୨ରୁ ଆଇପିଏଲ୍**

## ଆଇପିଏଲ୍ କାର୍ଯ୍ୟସୂଚୀ (ପ୍ରଥମ ପର୍ଯ୍ୟାୟ)

| ତାରିଖ | ଟିମ୍ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | ସିଏସ୍‌କେ ବନାମ ଆରସିବି | ଚେନ୍ନାଇ | ରାତି ୮ଟା |
| ମାର୍ଚ୍ଚ ୨୩ | ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୋହାଲି | ଅପରାହ୍ନ ୩ଟା ୩୦ |
| | କେକେଆର ବନାମ ସନରାଇଜର୍ସ ହାଇଦ୍ରାବାଦ | କୋଲକାତା | ରାତି ୭ଟା ୩୦ |
| ମାର୍ଚ୍ଚ ୨୪ | ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଜୟପୁର | ଅପରାହ୍ନ ୩ଟା ୩୦ |
| | ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଅହମଦାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୫ | ଆରସିବି ବନାମ ପଞ୍ଜାବ କିଙ୍ଗ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୨୬ | ସିଏସ୍‌କେ ବନାମ ଗୁଜରାଟ ଟାଇଟନ୍ସ | ଚେନ୍ନାଇ | ରାତି ୭ଟା ୩୦ |
| ମାର୍ଚ୍ଚ ୨୭ | ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ହାଇଦ୍ରାବାଦ | ରାତି ୭ଟା ୩୦ |
| ମାର୍ଚ୍ଚ ୨୮ | ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଜୟପୁର | ରାତି ୭ଟା ୩୦ |
| ମାର୍ଚ୍ଚ ୨୯ | ଆରସିବି ବନାମ କେକେଆର | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ମାର୍ଚ୍ଚ ୩୦ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |
| ମାର୍ଚ୍ଚ ୩୧ | ଗୁଜରାଟ ଟାଇଟନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ | ଅହମଦାବାଦ | ଅପରାହ୍ନ ୩ଟା ୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସିଏସ୍‌କେ | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ମୁମ୍ବାଇ | ରାତି ୭ଟା ୩୦ |
| ଏପ୍ରିଲ ୨ | ଆରସିବି ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ବେଙ୍ଗାଲୁରୁ | ରାତି ୭ଟା ୩୦ |
| ଏପ୍ରିଲ ୩ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କେକେଆର | ଭାଇଜାଗ୍ | ରାତି ୭ଟା ୩୦ |
| ଏପ୍ରିଲ ୪ | ଗୁଜରାଟ ଟାଇଟନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଅହମଦାବାଦ | ରାତି ୭ଟା ୩୦ |
| ଏପ୍ରିଲ ୫ | ସନରାଇଜର୍ସ ହାଇଦ୍ରାବାଦ ବନାମ ସିଏସ୍‌କେ | ହାଇଦ୍ରାବାଦ | ରାତି ୭ଟା ୩୦ |
| ଏପ୍ରିଲ ୬ | ରାଜସ୍ଥାନ ରୟାଲ୍ସ ବନାମ ଆରସିବି | ଜୟପୁର | ରାତି ୭ଟା ୩୦ |
| ଏପ୍ରିଲ ୭ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ମୁମ୍ବାଇ | ଅପରାହ୍ନ ୩ଟା ୩୦ |
| | ଏଲ୍‌ଏସ୍‌ଜି ବନାମ ଗୁଜରାଟ ଟାଇଟନ୍ସ | ଲକ୍ଷ୍ନୌ | ରାତି ୭ଟା ୩୦ |

# ଜିମ୍ନାଷ୍ଟିକ୍, ପାନପୋଷ ବୁଲି ଦେଖିଲେ ପାଣ୍ଡିଆନ

**ରାଉରକେଲା,୨୨।୨**
**(ଦିନେଶ ମିଶ୍ର)**

୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିକଟରେ ଥିବା ଜିମ୍ନାଷ୍ଟିକ ଷ୍ଟାଡିୟମକୁ ବୁଲି ଦେଖିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ବୋଲି ପାଣ୍ଡିଆନ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ଜିଲାରେ ବହୁ ଦକ୍ଷତାପୂର୍ଣ୍ଣ ଖେଳାଳି ରହିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ହକି ଖେଳାଳିଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ଷ୍ଟାଡିୟମ ହକି ଖେଳାଳିଙ୍କ ପାଇଁ ଉତ୍ସର୍ଗ କରିଥିବାବେଳେ ଅନ୍ୟ ଆଥ୍‌ଲେଟ୍‌ଙ୍କ ପାଇଁ ମଧ୍ୟ ଇଣ୍ଡୋର ଷ୍ଟାଡିୟମ, ସୁଇମିଂ ପୁଲ୍ କରିଛନ୍ତି। ତେଣୁ ଜିମ୍ନାଷ୍ଟିକ୍ ଖେଳର ଭରପୁର ଫାଇଦା ନେଇ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିବାକୁ ପାଣ୍ଡିଆନ ଖେଳାଳିଙ୍କୁ ଆହ୍ୱାନ ଦେଇଥିଲେ। ପରେ ସେ ପାନପୋଷ ସ୍ପୋର୍ଟସ ହଷ୍ଟେଲକୁ ଯାଇ ସେଠାରେ ହକି ଖେଳ ପାଇଁ ରହିଥିବା ସୁବିଧା, ରୋଷେଇ ଗୃହ, ଶିକ୍ଷା, ଖାଦ୍ୟ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ଏହାପରେ ସେ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଛାତ୍ରୀଛାତ୍ରୀମାନଙ୍କ ସହ ଖାଦ୍ୟ ଖାଇଥିଲେ। ସେହିପରି ପାନପୋଷ ହଷ୍ଟେଲ ଦାୟିତ୍ୱରେ ଥିବା କୋଚ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


କୋଚ୍‌ଙ୍କ ସହ ପରିଚିତ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ।

# ଆୟର୍ଲାଣ୍ଡକୁ ପରାସ୍ତକଲା ଅଷ୍ଟ୍ରେଲିଆ

**ରାଉରକେଲା,୨୨।୨**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପୁରୁଷ ହକି ପ୍ରୋ ଲିଗ୍‌ରେ

**ରାଉରକେଲାରେ ପୁରୁଷ ପ୍ରୋ ଲିଗ୍ ମ୍ୟାଚ**

ଗୁରୁବାର ଅଷ୍ଟ୍ରେଲିଆ ଦଳ ୪-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ମ୍ୟାଚ୍‌ର ୩୩ ମିନିଟ୍‌ରେ ବ୍ଲାକେ ଗୋଭରର୍ସ ପ୍ରଥମ ପେନାଲ୍‌ଟିରେ ଆୟର୍ଲାଣ୍ଡ ବିପକ୍ଷରେ ଗୋଟିଏ ଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଆୟର୍ଲାଣ୍ଡ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଦଳର ଫରୱାର୍ଡ ଖେଳାଳି ବାରମ୍ବାର ଆୟର୍ଲାଣ୍ଡ ଉପରେ ଚାପ ପକାଇ ଖେଳର ତୃତୀୟ କ୍ୱାର୍ଟରର ୪୦ ମିନିଟ୍‌ରେ ନାଥନ ଇପିହରମର୍ସ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ମାରିଥିଲେ। ଏହି ଗୋଲ୍‌ର ପରିଶୋଧ ନେବାକୁ ଯାଇ ଆୟର୍ଲାଣ୍ଡ ଦଳର ଫରୱାର୍ଡ ଖେଳାଳି ପେନାଲ୍‌ଟି ସୁଯୋଗ ପାଇ ଖେଳର ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ ସେନ୍ ଓଡନୋଗୁ୍ୟ ଅଷ୍ଟ୍ରେଲିଆ ବିପକ୍ଷରେ ଗୋଟିଏ ଗୋଲ ମାରିଥିଲେ। ପରେ ଉକ୍ତ ମ୍ୟାଚରେ ଅଷ୍ଟ୍ରେଲିଆ ୧୩ଟି ପେନାଲ୍‌ଟି ସୁଯୋଗ ପାଇ ସେଥିରୁ ୩ଟି ଗୋଲରେ ପରିବର୍ତ୍ତନ କରିପାରିଥିବାବେଳେ ଗୋଟିଏ ଫିଲ୍‌ଡ ଗୋଲ ମାରିଥିଲା। ଅଷ୍ଟ୍ରେଲିଆ ଦଳ ମ୍ୟାଚ୍‌ର ଶେଷ କ୍ୱାର୍ଟରର ୫୨ ମିନିଟ୍‌ରେ ଫରୱାର୍ଡ ଖେଳାଳି ବ୍ଲାକ୍ ଗୋଭର୍ସ ଆୟର୍ଲାଣ୍ଡ ବିପକ୍ଷରେ ତୃତୀୟ ଗୋଲ ମାରିଥିବାବେଳେ ଶେଷ ସମୟର ୫୬ ମିନିଟ୍‌ରେ ଜ୍ୟାକ୍ ୱେଲ୍ସ୍ ଗୋଟିଏ ଗୋଲ ମାରି ଦଳକୁ ୪-୧ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚରେ ଜ୍ୟାକ୍ ୱେଲଚ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଷ୍ଟ୍ରେଲିଆ ଦଳ ସମୁଦାୟ ୬ଟି ମ୍ୟାଚ୍‌ରେ ୬ଟି ବିଜୟୀ ହୋଇ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବାବେଳେ ଆୟର୍ଲାଣଦଳ ୯ମ ସ୍ଥାନରେ ରହିଛି।


ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ନେଦରଲାଣ୍ଡ୍ସ ବିଜୟୀ

ଦ୍ୱିତୀୟ ମ୍ୟାଚ ନେଦରଲାଣ୍ଡ୍ସ ଓ ସ୍ପେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନେଦରଲାଣ୍ଡ୍ସ ଦଳ ୪-୩ ଗାଲରେ ସ୍ପେନକୁ ପରାସ୍ତ କରିଛି। ୨ମିନିଟ୍‌ରେ ସ୍ପେନ ଦଳର ଫରୱାର୍ଡ ଖେଳାଳି ବ୍ରୋଜା ଲେକଲି ଗୋଟିଏ ଫିଲ୍‌ଡ ଗୋଲ ମାରି ୧-୦ ଗୋଲରେ ଦଳକୁ ଆଗୁଆ ରଖିଥିଲେ। ନେଦରଲାଣ୍ଡ୍ସ ୧୧ ମିନିଟ୍‌ରେ ପେନାଲ୍‌ଟି ସୁଯୋଗ ପାଇ ଜିପ ଜନ୍‌ସେନ୍ ଦଳ ପକ୍ଷରୁ ପ୍ରଥମ ଗୋଲ୍ ମାରି ବରାବର କରିଥିଲେ। ପରେ ଖେଳର ଦ୍ୱିତୀୟ କ୍ୱାର୍ଟରର ୨୨ ମିନିଟ୍‌ରେ ନେଦରଲାଣ୍ଡ୍ସର ଥେରି ବ୍ରିଙ୍କମ୍ୟାନ ସ୍ପେନ ବିପକ୍ଷରେ ଦ୍ୱିତୀୟ ଫିଲ୍ଡ ଗୋଲ୍ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିବାବେଳେ ତୃତୀୟ କ୍ୱାର୍ଟରର ୩୧ମିନିଟ୍‌ରେ ଜିପ ଜନ୍‌ସନ୍ ପେନାଲ୍‌ଟି ସୁଯୋଗ ପାଇ ୩ୟ ଗୋଲ ସ୍ପେନ ବିପକ୍ଷରେ କରିଥିଲେ। ଖେଳର ତୃତୀୟ କ୍ୱାର୍ଟରର ୩୪ ମିନିଟ୍‌ରେ ନେଦରଲାଣ୍ଡ୍ସ ଦଳର ଗୁସ୍ ଜନ୍‌ସେନ୍ ସ୍ପେନ ବିପକ୍ଷରେ ୪ର୍ଥ ଗୋଲ ମାରି ଦଳକୁ ୪-୧ରେ ଆଗୁଆ ରଖିଥିଲେ। କିନ୍ତୁ ସ୍ପେନ ଦଳ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରି ଚତୁର୍ଥ କ୍ୱାର୍ଟର ୫୧ ମିନିଟ୍‌ରେ ପୋଲ କେବ୍ରି ଭେରଡିଲ ନେଦରଲ୍ୟାଣ୍ଡ ବିପକ୍ଷରେ ଦ୍ୱିତୀୟ ଫିଲ୍ଡ ଗୋଲ କରିଥିବାବେଳେ ଖେଳର ଶେଷ ୫୪ ମିନିଟ୍‌ରେ ସ୍ପେନ ପେନାଲ୍‌ଟି ସୁଯୋଗ ପାଇ ଜୋସ୍ ବେସ୍‌ତ୍ରିରା ନେଦରଲାଣ୍ଡ୍ସ ବିପକ୍ଷରେ ତୃତୀୟ ଗୋଲ କରି ମ୍ୟାଚରେ ପରାଜିତ ହୋଇଥିଲା।

# ଫୁଟ୍‌ବଲର ଆଲ୍‌ଭେସ୍‌ଙ୍କୁ ୪ ବର୍ଷ ୬ ମାସ ଜେଲଦଣ୍ଡ

**ବାର୍ସିଲୋନା, ୨୨।୨ (ଏପି)**

**ଯୌନ ନିର୍ଯାତନା ମାମଲା**



ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ବାର୍ସିଲୋନାର ଏକ କୋର୍ଟ ଗୁରୁବାର ଷ୍ଟାର ଫୁଟ୍‌ବଲ ଖେଳାଳି ଡାନି ଆଲଭେସ୍‌ଙ୍କୁ ୪ ବର୍ଷ ୬ ମାସ ଜେଲଦଣ୍ଡ ପ୍ରଦାନ କରିଛନ୍ତି। ୩ ବିଚାରପତିଙ୍କୁ ନେଇ ଏକ ପ୍ୟାନେଲ ଚଳିତ ମାସରେ ୩ ଦିନ ଧରି ଏହି ମାମଲାର ଶୁଣାଣି କରିଥିଲା। କୋର୍ଟ ଆଲଭେସ୍‌ଙ୍କୁ ଡକାଇ ତାଙ୍କ ରାୟ ଓ ଦଣ୍ଡ ବିଧାନ ଶୁଣାଇଥିଲେ। ପୀଡିତାଙ୍କ ଓକିଲ ଇଷ୍ଟର ଗାର୍ସିଆ ଚଳିତ ସପ୍ତାହରେ କହିଥିଲେ ରାୟ ପ୍ରଦାନବେଳେ ସେ ଓ ତାଙ୍କ ମହକିଲ ଉପସ୍ଥିତ ରହିବେ ନାହିଁ। ପୀଡ଼ିତା ଜଣଙ୍କ ଯୌନ ସମ୍ପର୍କ ରଖିବାକୁ ରାଜି ନ ଥିଲେ। ତାଙ୍କୁ ଜବରଦସ୍ତି ବଳାତ୍କାର କରାଯାଇଛି। ଏହାର ଯଥେଷ୍ଟ ପ୍ରମାଣ ରହିଥିବା କୋର୍ଟ ତାଙ୍କ ରୁଲିଂରେ ଜଣାଇଛନ୍ତି। କୋର୍ଟ ଆହୁରି ମଧ୍ୟ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧,୫୦,୦୦୦ ୟୁରୋ(୧୬୨,୦୦୦ ଡଲାର) ଏବଂ ମାମଲା ବାବଦରେ ଖର୍ଚ୍ଚ ଆଲଭେସ୍‌ଙ୍କୁ ଦେବା ଲାଗି କହିଛନ୍ତି। ଜଲେ ଦଣ୍ଡ ଶେଷ ହେବା ପରେ ୪୦ ବର୍ଷୀୟ ଆଲଭେସ୍‌ଙ୍କ ଉପରେ ନଜର ରଖାଯିବ। ଏହି ସମୟ ମଧ୍ୟରେ ସେ ପୀଡ଼ିତାଙ୍କ ନିକଟକୁ ଯାଇପାରିବେ ନାହିଁ କି ତାଙ୍କ ସହିତ ଯୋଗାଯୋଗ କରିପାରିବେ ନାହିଁ। କୋର୍ଟରେ ଦର୍ଶାଯାଇଥିଲା ପୀଡ଼ିତାଙ୍କୁ ଆଲଭେସ୍ ୨୦୨୨ ଡିସେମ୍ବର ୩୧ ସକାଳେ ବାର୍ସିଲୋନା ଅନ୍ତର୍ଗତ ଏକ ନାଇଟ କ୍ଲବର ଗାଧୁଆ ଘରେ ବଳାତ୍କାର କରିଥିଲେ। ଅନ୍ୟପକ୍ଷରେ ଆଲଭେସ୍ କୋର୍ଟରେ ତାଙ୍କ ବୟାନରେ ଦର୍ଶାଇଥିଲେ, ସେ ମହିଳାଙ୍କୁ ବଳାତ୍କାର କରିନାହାନ୍ତି। ସେ ସେଭଳି ଚରିତ୍ରର ଲୋକ ନୁହନ୍ତି। କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇ ପାରିବ। ଷ୍ଟେଟ୍ ପ୍ରୋସିକ୍ୟୁଟର କାର୍ଯ୍ୟାଳୟ କହିଛି କୋର୍ଟଙ୍କ ରାୟର ଅଧ୍ୟୟନ ପରେ ଅପିଲ କରାଯିବ କି ନା ତାହା ବିଚାର କରାଯିବ।



LANKESWARI MOTORS:
Sambalpur: 7506019381, Jharsuguda: 8291148982, Balangir: 8879235536, Bargarh: 8879235640, Sonepur: 8291176048
S.S STEELLOY:
Rourkela: 7506019367, Sundargarh: 8291150983

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା-୧୨+୮
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, February 23/2024 Page 20 ₹ 7.00 | SAMBALPUR



DSPL-701

## ଶୁଭ ଉଦ୍‌ଘାଟନ



୧୨ଟି ହକି ପ୍ରଶିକ୍ଷଣ କେନ୍ଦ୍ର



୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ



ଟେବୁଲ ଟେନିସ୍ ଏକାଡେମୀ,
କଟକ



ଜିମ୍ନାଷ୍ଟିକ୍ ଏକାଡେମୀ,
ରାଉରକେଲା



ବହୁମୁଖୀ ଇନ୍‌ଡୋର୍ ହଲ,
ଭବାନୀପାଟଣା

## ଭିତ୍ତିପ୍ରସ୍ତର ସ୍ଥାପନ



ହକି ପ୍ରଶିକ୍ଷଣ କେନ୍ଦ୍ର,
ଦେବଗଡ଼



ମହିଳା ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
ଆଳି, କେନ୍ଦ୍ରାପଡ଼ା



ବହୁମୁଖୀ ଇନ୍‌ଡୋର୍ ଷ୍ଟାଡ଼ିୟମ
ରେମୁଣା, ବାଲିଗୁଡା, କରଞ୍ଜିଆ ଓ ଟିଟିଲାଗଡ଼



ଇନ୍‌ଡୋର୍ ସୁଇମିଂ ପୁଲ,
ଭଦ୍ରକ



ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର,
କଟକ

OIPR-29001/13/0236/2324

ଧରିତ୍ରୀ 50 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ | Bhubaneswar, Friday, February 23/2024 | ପୃଷ୍ଠା-୧


# ଏସ୍‌ଟି ତାଲିକାରେ ମେଇତିଙ୍କୁ ସାମିଲ ନିର୍ଦ୍ଦେଶ ରଦ୍ଦ



ମଣିପୁରରେ ଜାତିଆଣ ହିଂସା ବେଳର ଫାଇଲ ଫଟୋ

## ରାୟ ଫେରାଇ ନେଲେ ମଣିପୁର ହାଇକୋର୍ଟ

## ଜାତିଆଣ ହିଂସାରେ ଯାଇଛି ୨୦୦ରୁ ଉର୍ଦ୍ଧ୍ୱ ଜୀବନ

**ଇମ୍ଫାଲ,୨୨।୨(ପି.ଟି.)**

ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ସାମିଲ ନିମନ୍ତେ ରାଜ୍ୟ ସରକାର ବିଚାର କରିବା ପାଇଁ ଗତବର୍ଷ ମାର୍ଚ୍ଚରେ ମଣିପୁର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମାକୁ ରଦ୍ଦ କରି ଦେଇଛନ୍ତି। ଗତବର୍ଷର ରାୟ ଭୁଲ୍ ଥିଲା ବୋଲି ହାଇକୋର୍ଟ ସ୍ୱୀକାର କରିବା ସହ ଏହା ଆଇନର ଭୁଲ୍ ତର୍ଜମା ବୋଲି କହିଛନ୍ତି। ସମ୍ପୃକ୍ତ ଅନୁଚ୍ଛେଦ ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠଙ୍କ ଆଭିମୁଖ୍ୟର ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ତାହାକୁ ହଟାଇ ଦେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମଣିପୁରର ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ ନିମନ୍ତେ ବିଚାର କରିବା ପାଇଁ ୨୦୨୩ ମାର୍ଚ୍ଚ ୨୭ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ରାଜ୍ୟର କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ବିବାଦ ରାଜ୍ୟରେ ଜାତିଆଣ ହିଂସାରେ ପରିଣତ ହେବା ସହ କ୍ରମେ ଉଗ୍ର ରୂପ ଧାରଣ କରିଥିଲା। ଏହି ହିଂସାରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ଅନେକ ଆହତ ହୋଇଥିଲେ। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇ ଯାଇଥିଲେ।

ଜଷ୍ଟିସ୍ ଗୋଲମେଇ ଗୈଫୁଲଶିଲ୍ଲୁଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଏକ ରିଭ୍ୟୁ ପିଟିଶନ୍‌ର ଶୁଣାଣି କରିବାବେଳେ ପୂର୍ବ ନିର୍ଦ୍ଦେଶନାମାକୁ ରଦ୍ଦ କରିଦେଇଛନ୍ତି। ଗତବର୍ଷ ରାୟର ଉକ୍ତ ପାରାରେ ଉଲ୍ଲେଖ ଥିଲା ମେଇତି ବା ମେଇତି ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ସାମିଲ କରିବା ଲାଗି ଆବେଦନକାରୀଙ୍କ ମାମଲାକୁ ରାଜ୍ୟ ସରକାର ବିଚାର କରିବେ। ନିର୍ଦ୍ଦେଶନାମା ପାଇବାର ୪ ସପ୍ତାହ ମଧ୍ୟରେ ତାହା ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ତେବେ ଅନୁସୂଚିତ ଜନଜାତି ତାଲିକାରେ ସଂଶୋଧନ ସମ୍ପର୍କିତ ନିଷ୍ପତ୍ତି ନେବା ଭାରତ ସରକାରଙ୍କ କାର୍ଯ୍ୟ ବୋଲି ବିଚାରପତି କହିବା ସହ ଉକ୍ତ ନିର୍ଦ୍ଦେଶନାମାକୁ ହଟାଇଦେବାକୁ ରାୟ ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ବନାମ ମିଲିନ୍ଦ ଓ ଅନ୍ୟମାନଙ୍କ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କହିଥିଲେ, ଅନୁସୂଚିତ ଜନଜାତି ତାଲିକାରେ ଅଦାଲତ ପରିବର୍ତ୍ତନ କିମ୍ବା ସଂଶୋଧନ କରିପାରିବେ ନାହିଁ। ହାଇକୋର୍ଟ ତାଙ୍କର ୧୯ ପୃଷ୍ଠାର ରାୟରେ କହିଛନ୍ତି, ଅନୁସୂଚିତ ଜନଜାତି ନିର୍ଦ୍ଧାରଣରେ ନ୍ୟାୟିକ ହସ୍ତକ୍ଷେପର ଆଇନଗତ ସୀମା ରହିଛି, ଯାହା ୨୦୦୦ ନଭେମ୍ବରରେ ସାମ୍ବିଧାନିକ ପୀଠ ଧାର୍ଯ୍ୟ କରିଥିଲେ। ତେଣୁ ନିର୍ଦ୍ଦିଷ୍ଟ ଜାତି କିମ୍ବା ଉପଜାତି, ଜନଜାତି ବା ଉପଜନଜାତି ସମ୍ପର୍କିତ ମାମଲାର ବିଚାର ଲାଗି ଅଦାଲତ ନିଜ ବିଚାର ସୀମା ଅତିକ୍ରମ କରିପାରିବେ ନାହିଁ ଏବଂ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୭ ରାୟ ବିରୋଧରେ ଅପିଲ କରିବା ପାଇଁ ହାଇକୋର୍ଟ ଗତବର୍ଷ ଅକ୍ଟୋବରରେ ମଣିପୁରର ଆଦିବାସୀ ସଂଗଠନଗୁଡ଼ିକୁ ଅନୁମତି ଦେଇଥିଲେ। ଫଳରେ ଅଲ୍ ମଣିପୁର ଟ୍ରାଇବାଲ ୟୁନିୟନ ପକ୍ଷରୁ ହାଇକୋର୍ଟରେ ଅପିଲ କରାଯାଇଥିଲା। ଗତ ଜାନୁଆରୀ ୨୦ରେ ହାଇକୋର୍ଟ ରିଭ୍ୟୁ ପିଟିଶନକୁ ଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ।

# ବାଇଡେନ୍‌ଙ୍କ ହିଂସ୍ର 'କମାଣ୍ଡର'



## ସିକ୍ରେଟ ଏଜେଣ୍ଟଙ୍କୁ ୨୪ ଥର କାମୁଡ଼ିଛି

**ୱାଶିଂଟନ, ୨୨।୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କୁକୁର 'କମାଣ୍ଡର' ସିକ୍ରେଟ ସର୍ଭିସ ଏଜେଣ୍ଟମାନଙ୍କୁ ୨୪ ଥର କାମୁଡ଼ିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବାଇଡେନଙ୍କ ଅଙ୍ଗରକ୍ଷୀମାନଙ୍କ ସହ ଏହି ଜର୍ମାନ ଶେଫର୍ଡ କୁକୁରର ଦୌରାତ୍ମ୍ୟ ନେଇ ଆମେରିକା ଗୁପ୍ତ ସେବା ଅଭିଲେଖାଗାରରେ ଉଲ୍ଲେଖ ଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ପୂର୍ବରୁ ୨୦୨୩ ଜୁନ୍‌ରେ ରାଷ୍ଟ୍ରପତିଙ୍କ ସୁରକ୍ଷାରେ ନିୟୋଜିତ ସିକ୍ରେଟ ସର୍ଭିସ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଥମ ଥର ପାଇଁ ନିଜ ଆଭିମୁଖ୍ୟ ବଦଳାଇଥିବା ପ୍ରକାଶ କରିଛନ୍ତି ଜଣେ ବରିଷ୍ଠ ଏଜେଣ୍ଟ। ସେତେବେଳେ 'କମାଣ୍ଡର' ଯୋଗୁ ଏଜେଣ୍ଟମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଦର୍ଶାଇ ଏହା ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଥିବା କହିଥିଲେ ଆମେରିକା ସିକ୍ରେଟ ସର୍ଭିସର ଅଧିକାରୀ । ଏଜେଣ୍ଟମାନଙ୍କ ସୁରକ୍ଷା ପାଇଁ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଅଧିକ କୋଠରି ଦେବାକୁ ନିବେଦନ କରିଥିବା ସହ ଏଜେଣ୍ଟମାନଙ୍କୁ ସେ କମାଣ୍ଡର ପ୍ରତି ସତର୍କ ହେବା ପାଇଁ ସୁଚାଇଥିଲେ। ହ୍ୱାଇଟହାଉସ ପକ୍ଷରୁ ଏହି କୁକୁର କମାଣ୍ଡରକୁ ବାହାର କରାଯିବାର କିଛିଦିନ ପୂର୍ବରୁ ଆମେରିକୀୟ ସିକ୍ରେଟ ସର୍ଭିସ ପକ୍ଷରୁ ଏହି ଚେତାବନୀ ଜାରି ହୋଇଥିବା ଏବେ ପ୍ରକାଶ ପାଇଛି। ଆମେରିକାର 'ଫ୍ରିଡମ୍ ଅଫ୍ ଇନଫର୍ମେଶନ ଆକ୍ଟ' ଜରିଆରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୨ ଅକ୍ଟୋବରରୁ ୨୦୨୩ ଜୁଲାଇ ମଧ୍ୟରେ କମାଣ୍ଡର କାମୁଡ଼ାରେ ୨୪ ଜଣ ସିକ୍ରେଟ ଏଜେଣ୍ଟ ଆହତ ହୋଇଛନ୍ତି। ସିକ୍ରେଟ ଏଜେଣ୍ଟମାନଙ୍କର ହାତ, ଗୋଡ଼, ଜଂଘ, କାନ୍ଧ, ଅଣ୍ଟା, ଛାତି ଆଦିରେ ବାଇଡେନଙ୍କ ଏହି କୁକୁର କାମୁଡ଼ିଥିଲା। ତେବେ ଏହି ତଥ୍ୟରେ ହ୍ୱାଇଟ ହାଉସରେ ଥିବା ଅନ୍ୟ କର୍ମଚାରୀ ମାନେ ସାମିଲ ନ ଥିବାରୁ ଏହି ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା ରହିଛି।




# ମସଲା, ଔଷଧୀୟ ବୃକ୍ଷ ଚାଷ ଉପରେ ଗୁରୁତ୍ୱ



ଅତିଥି ବୃନ୍ଦ ଚାଷୀଙ୍କୁ ମସଲା ଗଛର ଚାରା ବଣ୍ଟନ କରୁଛନ୍ତି।

**ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)**

ଅନୁସୂଚିତ ଜାତି ପରିବାରବର୍ଗର ଉନ୍ନତି ପାଇଁ ଚାରୋଟି କୃଷକ ତାଲିମ ଶିବିର ସୋନପୁର ବ୍ଲକର ସିଙ୍ଘାରି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ପର୍ଶୁରାମ ସିଅଳ ଯୋଗଦାନ କରି ସୁବର୍ଣ୍ଣପୁରର ଜଳବାୟୁରେ ହୋଇ ପାରୁଥିବା ବିଭିନ୍ନ ମସଲା ଚାଷ ପ୍ରଣାଳୀ ତଥା ଜୈବିକ ଉପାୟରେ କିପରି ଚାଷ କରିବେ ସେ ଦିଗରେ ପରାମର୍ଶ ଦେଇଥିଲେ। ଡ. ସୁବାଷ ଚନ୍ଦ୍ର ସ୍ୱାଇଁ ଔଷଧୀୟ ଓ ବାସ୍ନାଯୁକ୍ତ ବୃକ୍ଷର ଚାରା ଉତ୍ପାଦନ ସମ୍ପର୍କରେ ବୁଝାଇଥିଲେ। ଅନୁସୂଚିତ ଜାତି ବର୍ଗର ଚାଷୀମାନେ କିପରି ଔଷଧୀୟ ଚାରା ଉତ୍ପାଦନ କରି ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ପରାମର୍ଶ ଦିଆଯାଇଥିଲା। ଅଖିଳ ଭାରତୀୟ ସମନ୍ୱିତ ଅନୁସନ୍ଧାନ ପରିଯୋଜନା(ଗୋ ଖାଦ୍ୟ)ର ବୈଜ୍ଞାନିକ ଡ. ଅରବିନ୍ଦ ଧଳ ଯୋଗଦେଇ ବିଭିନ୍ନ ପ୍ରକାର ଗୋ ଚାରା ଉତ୍ପାଦନ କରି ଗୋ ଖାଦ୍ୟ ଖର୍ଚ୍ଚକୁ କିପରି ହ୍ରାସ କରାଯାଇପାରିବ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଅନ୍ତଃ ଚାଷ କରି ଆଦ୍ରତାହୀନ ଜମିରେ କିପରି ପନିପରିବା ଚାଷ କରା ଯାଇପାରିବ ଓ ଚାଷୀମାନେ କିପରି ନିଜର ରୋଜଗାର ଦ୍ୱିଗୁଣିତ କରିପାରିବେ ସେ ଦିଗରେ ଡ. ସୁବ୍ରତ କୁମାର ବେହେରା ପରାମର୍ଶ ଦେଇଥିଲେ। ଡିଡିଏମ୍ ନାବାର୍ଡ ଡ. ସତ୍ୟସ୍ୱରୂପ ବେଦାନ୍ତ, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ ଯୋଗଦେଇ ଗ୍ରାମର ଚାଷୀମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ କେନ୍ଦ୍ରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜନମୁରା ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟ ସହାୟିକା ଲୋପାମୁଦ୍ରା ରାଏ, ରୋଜିରାଣୀ ସା ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରାମର ଚାଷୀମାନଙ୍କୁ ମସଲା ଜାତୀୟ ଗଛର ଚାରା ଓ ଗୋ ଖାଦ୍ୟ ଚାରା ବଣ୍ଟନ କରାଯାଇଥିଲା।

**ଅନୁସୂଚିତ ଜାତି ବର୍ଗଙ୍କ ଉନ୍ନତି ପାଇଁ ତାଲିମ**

# ସପ୍ତମ ଦିନରେ ୱାନପ୍ଲସ ସ୍ୱିଙ୍ଗ ଓ ଶ୍ରୀତମ ୱାରିୟର ବିଜୟୀ

**ବାଉଁଶୁଣୀ,୨୨।୨(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ୩ୟ ବାଉଁଶୁଣୀ କ୍ରିକେଟ ଲିଗ୍ ସପ୍ତମ ଦିନରେ ପହଞ୍ଚିଛି । ବାଉଁଶୁଣୀ ଲିଟିଲ ମାଷ୍ଟର ସ୍ୱିଙ୍ଗ କ୍ଲବ ତରଫରୁ ୩ୟ ବାଉଁଶୁଣୀ କ୍ରିକେଟ ଲିଗ୍ ଚାଲିଛି। ଅତିଥି ଭାବରେ ଅବସରପ୍ରାପ୍ତ ବିଇଓ ଦଶରଥ ମେହେର,ପଞ୍ଚାନନ ମହାକୁଳ, ତପନ ମେହେର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳ ମା' ମାଉଲି ସ୍ୱିଙ୍ଗ ଓ ୱାନପ୍ଲସ ସ୍ୱିଙ୍ଗ ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ମା' ମାଉଲି ସ୍ୱିଙ୍ଗ ବ୍ୟାଟିଂ କରି ୭୫ ରନ କରିଥିଲା। ଜବାବରେ ୱାନପ୍ଲସ ସ୍ୱିଙ୍ଗ ଦଳ ୭୬ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ଶ୍ରୀତମ ୱାରିୟର ଓ ଲୋପା ଷ୍ଟ୍ରାଇକର ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ଶ୍ରୀତମ ୱାରିୟର ୧୦ ଓଭର ବ୍ୟାଟିଂ କରି ୯୨ ରନ କରିଥିଲା । ଜବାବ ରେ ଲୋପା ଷ୍ଟ୍ରାଇକର ୮୯ ରନ କରି ପରାଜୟ ହୋଇଥିଲା। ଜଗା ନାଏକ, ଅବିନାଶ ମିଶ୍ର ସ୍କୋରର ଦାୟିତ୍ୱରେ ଥିବା ବେଳେ ଦଶରଥ ମେହେର, ଖାନାପୁରି ମେହେର, ବିଜୟ ସେଟ ଖେଳ ପରିଚାଳନା କରିଥିଲେ।

**୩ୟ ବାଉଁଶୁଣୀ କ୍ରିକେଟ ଲିଗ୍**

# ପାପକ୍ଷୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍ୟାପିତ



**ବିନିକା,୨୨।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲାର ପର୍ଯ୍ୟଟନସ୍ଥଳୀ ବିନିକାସ୍ଥିତ ପାପକ୍ଷୟ ଘାଟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ବୁଧବାର ଉଦ୍ୟାପିତ ହୋଇଯାଇଛି। ଲକ୍ଷାଧିକ ଭକ୍ତଙ୍କ ମେଳରେ ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି। ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଅସମ୍ଭାଳ ହେବାରୁ ପ୍ରଶାସନ ଉପସ୍ଥିତି ବୃଦ୍ଧି ଖଟାଇ ପାପକ୍ଷୟ ଘାଟରୁ ୩ କିଲୋମିଟର ଦୂରରୁ ପ୍ରବେଶ ପଥକୁ ବନ୍ଦ କରି ଦେଇଥିଲେ। ଯେଉଁଆଡେ ଦେଖିବ ଜୟ ଜଗନ୍ନାଥ ଧ୍ୱନିରେ ଏକ ପ୍ରକାର ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ୫୬ ପ୍ରହର ନାମଯଜ୍ଞ ସହିତ ଭାଗବତ ପଠନ,ରାମାୟଣ ପାରାୟଣ,ବିଶ୍ୱଶାନ୍ତି ଯଜ୍ଞ, ଅଷ୍ଟାଦଶ ପୁରାଣ,ଭଜନ କୀର୍ତ୍ତନରେ ପରିସର ପ୍ରକମ୍ପିତ ହୋଇଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ର, ଶ୍ଳୋକ ଅନନ୍ତ ମୁଖୀ ପଠନ ହୋଇଥିଲା। ଅନ୍ୟପକ୍ଷରେ ପାପକ୍ଷୟ ଘାଟରେ ବୁଡ଼ ପକାଇ ଘାଟରେ ଥିବା ବଟବୃକ୍ଷ ଅର୍ଗଳିରେ ଗଳିଲେ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ଗଳିବା ପାଇଁ ସେଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲ। ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବର ଖୋଲା ଯାଇଥିଲା। କମିଟି କର୍ମକର୍ତ୍ତା, ଅଗ୍ନିଶମ କର୍ମଚାରୀ ଓ ପୋଲିସ ବାହିନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ଏହି ପର୍ଯ୍ୟଟନସ୍ଥଳୀରେ ଆଜି ପର୍ଯ୍ୟନ୍ତ ଶୌଚାଳୟ ହୋଇ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ



ଶିକ୍ଷା ପୁରସ୍କାର ଉତ୍ସବର ଅତିଥି।

**ବୌଦ୍ଧ,୨୨।୨(ଅଜିତ କୁମାର ବାରିକ)**

ବୌଦ୍ଧ କଚେରୀ ପଡିଆଠାରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ୨୦୨୪ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଶିକ୍ଷାର ଉନ୍ନତୀକରଣ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା, ବୌଦ୍ଧ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ବୃନ୍ଦାବନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା ଓ କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଗୁରୁତ୍ୱ ଓ ଉପକାରିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ସଭାରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ବିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗେହ୍ଲାମା କଳାନିକେତନ,ପ୍ରଣାମ, ବୁଟୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବିଳାଶପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଖଣ୍ଡହତା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକକାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବରେ ୩୧୪ ଜଣଙ୍କୁ ବ୍ଲକସ୍ତରୀୟ ଏକାଡେମିକ ପୁରସ୍କାର,୨୭ ଜଣଙ୍କୁ ଜିଲାସ୍ତରୀୟ ଏକାଡେମିକ ପୁରସ୍କାର,୧୪୧ ଜଣଙ୍କୁ ଛାତ୍ରୀଛାତ୍ର ଲିଡରସିପ ପୁରସ୍କାର, ୯ ଗୋଟି ସେକେଣ୍ଡାରୀ ବିଦ୍ୟାଳୟ ଓ ୯ ଗୋଟି ଏଲିମେଣ୍ଟାରୀ ବିଦ୍ୟାଳୟ ପୁରସ୍କାର, ୩ଟି ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ୩ଟି ଆଲୁମିନି ପୁରସ୍କାର, ୪ଟି ପ୍ରଧାନଶିକ୍ଷକ ପୁରସ୍କାର, ଶିକ୍ଷକ ପୁରସ୍କାର, ୨ଟି ଗ୍ରାମପଞ୍ଚାୟତ ପୁରସ୍କାରକୁ ମିଶାଇ ସର୍ବମୋଟ ୫୧୨ ଜଣଙ୍କୁ ବଣ୍ଟନ କରାଯାଇଥିଲା।

# ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**ବୌଦ୍ଧ,୨୨।୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ଗ୍ରାମ ପଞ୍ଚାୟତର ଦୁର୍ଗମ ବଣ ପାହାଡ ଘେରା ଅଞ୍ଚଳ ହେଉଛି କଣ୍ଡରା ଓ କାଚପାଜୁ। ଏହି ଦୁଇ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁଦିନିଆ ଭଲ ରାସ୍ତା ନାହିଁ। ଉଭୟ ଗ୍ରାମରେ ୨୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି। ଏମାନେ ଗ୍ରାମରୁ ଯିବା ଆସିବା କରିବା ପାଇଁ ବହୁ କଷ୍ଟ କରିଥାନ୍ତି । ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱ ଆଡେଣୀଗଡ ଠାରୁ ଦୀର୍ଘ ୧୨ କିମି ପାହାଡ ଚଢି ଗ୍ରାମକୁ ଯିବା ଆସିବା କରିଥାନ୍ତି । ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ଆନ୍ଦୋଳନ କରିବା ସହ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଶେଷରେ ରାଜ୍ୟ ସରକାର ଲୋକଙ୍କ ସମସ୍ୟାକୁ ବିଚାରକୁ ନେଇ ଉନ୍ନତମାନର ରାସ୍ତା ନିର୍ମାଣ କରିବାକୁ ଅର୍ଥ ମଞ୍ଜୁର କରିଛନ୍ତି। ଏହି ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେବାକୁ ଥିବା ବେଳେ ଜାତୀୟ ରାଜପଥ ଠାରୁ କଣ୍ଡରା, କାଚପାଜୁ ଓ ସିଲକେଟି ଦେଇ ଦୀର୍ଘ ୧୨ କିମି ରାସ୍ତା ନିର୍ମାଣ ହେବ ଓ ଏଥିପାଇଁ ରାଜ୍ୟ ସରକାର ୧୨କୋଟି ୧୬ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ପ୍ରକାଶଥାଉ କି ଏହି ରାସ୍ତା ନିର୍ମାଣ କରିବାକୁ ପୂର୍ବତନ ଜିଲାପାଳ ସତ୍ୟରଞ୍ଜନ ସାହୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ଯୋଜନା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲେ। ଗତ ୨୦ ତାରିଖରେ ନୂତନ ଜିଲାପାଳ ଜେ.ସୋନାଲ ଓ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ କାଚପାଜୁ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ଆଲୋଚନା କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଗ୍ରାମର ବିଦ୍ୟାଳୟକୁ ପରିଦର୍ଶନ କରିବା ସହ ଏଠାରେ ମତଦାନ କେନ୍ଦ୍ର ପାଇଁ ସୁବିଧା ଅଛି କି ନାହିଁ ଦେଖିଥିଲେ। ଅପରପକ୍ଷରେ ଗ୍ରାମକୁ ରାସ୍ତା ନିର୍ମାଣ ଖବର ପାଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

**ଦୁର୍ଗମ କଣ୍ଡରା ଓ କାଚପାଜୁ ଗାଁକୁ ହେବ ଉନ୍ନତ ମାନର ରାସ୍ତା**


**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
E-maill: pwdoff_khd@yahoo.com
Notice No. RFP-682 the date 7.2.24
NOTICE INVITING REQUEST FOR PROPOSAL
Bid Identification No.57/2023-24
No.B-1778:

| | | | |
|---|---|---|---|
| 1 | 1. Executive Engineer, Khordha(R&B) Division, Khordha, Odisha on behalf of Government of Odisha now invites sealed RFP in double cover system from eligible bidder under the selection process for Consultancy Services for preparation of Detailed Project Report (DPR) for "Proposed Construction of Dharmshala and Hostel Building at Jatni, Khordha, Odisha" to be received in online mode for package detailed in the table below | | |
| 2 | Nature of Work | : | Preparation of Detailed Project Report (DPR) |
| 3 | No. of Work | : | 01 No. |
| 4 | Bid Cost | : | Rs.10,000/- |
| 5 | Class of Contractor | : | Experienced and registered Consulting firms |
| 6 | Availability of Bid documents in the website | : | From 11.30 AM of Dt.15.02.2024 to 05.30 PM of dt.26.02.2024 |
| 7 | Deadline for Submission of Pre Proposal/ Pre-Bid Queries | : | Dt.21.02.2024 |
| 8 | Last dt. of online Submission | : | Dt.26.02.2024 upto 5.30 PM |
| 9 | Date of Opening of Bid | : | Dt.27.02.2024 at 11.30 AM |
| 10 | The Bidders have to participate in ONLINE bidding only and bidder must possess compatible Digital Signature Certificate (DSC) of Class-II or Class-III. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

OIPR-34095/11/0038/2324 Sd./- Executive Engineer, Khordha (R&B) Division, Khordha

**Office of the Executive Engineer, Support Services Division**
2nd Floor, Dam Safety Building, Secha Sadan, Bhubaneswar - 751001
E-mail :eessdivision@gmail.com
**QUOTATION CALL NOTICE NO.18/2023-24**

**No.A-1578:** Sealed quotations are invited from eligible Firms, Suppliers and Dealers etc to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 29.02.2024, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 22.02.2024 to 03.00 PM of 29.02.2024 on payment of Rs.100 /- (Rupees One Hundred) only

| Sl. No. | Name of Work | Item | Paper Cost (Non Refundable) | Quotation Call Notice No |
|---|---|---|---|---|
| 1 | Procurement of Desktop Computer, UPS, Printer, Multifunction Printer and Monitor for the official use of different officers in the O/o Engineer-in-Chief, WR,BBSR. | 5 Nos. | Rs. 100.00 | 18(1)/2022-23 |
| 2 | Procurement of Tablet Computer and Hard Disk for different officers under Chief Engineer, ISWI in the O/o the EIC, WR, BBSR. | 2 Nos. | Rs. 100.00 | 18(2)/2022-23 |

Sd./- Executive Engineer
Support Services Division, Bhubaneswar
OIPR-32465/11/0022/2324

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
E-PROCUREMENT NOTICE NO.ACEDC-BBSR-10/2023-24
No.A-1577: email id:sedrainagebbsr12@gmail.com

| | | | |
|---|---|---|---|
| 1. | Total Number of Works | : | 2 No. of works as mentioned, below. |
| 2. | Name of Works | : | 1.IMPROVEMENT TO DRAINAGE SYSTEM OF CHINGUDI NALLA AND ITS STRUCTURES UNDER CHIKITI ASSEMBLY CONSTITUENCY OF GANJAM DISTRICT. 2. IMPROVEMENT TO MACHHUA NALLA AND ITS STRUCTURES IN DOAB- XVII UNDER SANAKHEMUNDI ASSEMBLY CONSTITUENCY IN GANJAM DISTRICT. |
| 3. | Estimated Cost | : | 1. Rs.2,97,09,793.00 2. Rs.1,13,76,048.00 |
| 4. | Bid Identification No. | : | ACEDC-BBSR/DD-BAM-22/2023-24 ACEDC-BBSR/DD-BAM-23/2023-24 |
| 5. | Period of Completion | : | 11 (Eleven) Calendar Months |
| 6. | Class of Contractor | : | 'B' & 'A' Class (Odisha PWD or relevant class of other licensing Authority) |
| 7. | Date and Time of availability of Bid document in the portal | : | 23.02.2024, 11.00 Hours to 11.03.2024, 17.00 Hours |
| 8. | Date and Time of receipt of Bids in the Portal | : | 23.02.2024, 11.00 Hours to 11.03.2024, 17.00 Hours |
| 9. | Last date and time of receipt of Bids in the Portal | : | 11.03.2024, 17.00 Hours |
| 10. | Date of Opening of Technical Bid | : | 12.03.2024 at 11.00 hours in the O/o the Additional Chief Engineer, Drainage Circle, Unit-8, Bhubaneswar |
| 11. | Date of Opening of Financial Bid | : | To be uploaded in Portal after evaluation of technical bids |
| 12. | Date of Lottery (if required) | : | To be intimated to the responsive bidders through their Registered E-mail IDs |
| 13. | Bid Security | : | 1. Rs.2,97,098.00 2.Rs.1,13,760.00 |
| 14. | Cost of Tender Paper | : | Rs.10,000/- |
| 15. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar-751012 |

Further details can be seen from the Govt. website www.tendersorissa.gov.in. Addendum/ Corrigendum/Cancellation if any required will be published only in Govt. website www.tendersorissa.gov.in.
Sd./- Additional Chief Engineer
Drainage Circle, Bhubaneswar
OIPR-32375/11/0011/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
No.585 Dt.20.02.2024
E-mail:sencrwangul@yahoo.co.in, Phone:06764-236404
**SHORT TENDER CALL NOTICE FOR ROAD & BRIDGE WORK IN ODISHA**
**Bid Identification No. Road Online AGL-47/2023-24**

**No.O-2580:** 1. Name of the Work : Road Works, 2. Total No. of Work : 1 No., 3. Estimated Cost: Rs.994.38 Lakhs. 4. Class of Contractor: As per Annexure. 5. Period of Completion : As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online- AGL-47/2023-24 | 22.02.24 at 10.00 A.M. | 28.02.24 upto 4.30 PM | 27.02.24 upto 1.00 P.M. | 28.02.24 upto 5.00 P.M. | Will be intimated Separately |

For detailed Notice inviting Tenders, please visit to the website www.tendersorissa.gov.in.
OIPR-25180/11/0075/2324 Sd./- Chief Construction Engineer, Rural Works Circle, Angul

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E Mail ID: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO.ONLINE-SERKL-32 OF 2023-24**

**No.O-2582:** Name of the Work: Road Works, 2. Total No. of Works: 03 (Three) Nos., 3.Estimated Cost: Rs. 18.48 to 20.33 Lakhs. 4. Class of Contractor: "C" & "B" Class. 5. Period of Completion: 01 (One) Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division-II, Sundargarh | Online- SERKL-32 of 2023-24 | 22.02.2024 from 10.00 A.M. | 27.02.2024 upto 5.00 P.M. |

Further details can be seen from the website www.tendersodisha.gov.in.
Sd./- Superintending Engineer
R.W.Division-II, Sundargarh
OIPR-25193/11/0013/2324

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**
E Mail: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO.ONLINE-SERKL-34 OF 2023-24**

**No.O-2605:** Name of the Work: Building Works, 2. Total No. of Works: 12 (Twelve) Nos., 3.Estimated Cost: Rs. 37.75 Lakhs. 4. Class of Contractor: "C" & "B" Class. 5. Period of Completion: 08 (Eight) Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online- SERKL -34 of 2023-24 | 23.02.2024 from 10.00 A.M. | 28.02.2024 upto 05.00 PM | 27.02.2024 upto 1.00 P.M. | 29.02.2024 at 11.00 A.M. |

Further details can be seen from the website www.tendersorissa.gov.in. & for more information please visit the office.
OIPR-25193/11/0016/2324 Sd./- Superintending Engineer, R.W.Division-II, Sundargarh

**OFFICE OF THE CHIEF CONSTRUCTION ENGINEER** No. O-2562
**RURAL WORKS CIRCLE, BALASORE**
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore
**"e"-Procurement Notice for Road Work | Identification No. Online Tender-Road N.C.B. No. 81 of 2023-24.**
Letter No. 752 Date: 16.02.2024

1. Name of the work :- **MMSY-Improvement to existing RD Road.** 2. Total No. of work :- **1 No. of work.** 3. Estimated Cost :- **From Rs.475.07 (Approximately).** 4. Eligible Class of Contractor :- **As per annexure.** 5. Period of Completion :- **As per annexure.** 6. Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E., R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. - 81 | 22.02.2024 at 11.00 A.M. | 06.03.2024 upto 5.00 P.M. | 04.03.2024 upto 5.00 P.M. | 07.03.2024 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
Sd./- Chief Construction Engineer,
R.W. Circle, Balasore
OIPR-25105/11/0107/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA**
e-mail:eerwsskld@gmail.com, eerwss_kld@nic.in, Phone No.06670-230784
**INVITATION OF BID THROUGH e-TENDERING**
**Bid Identification No.90/SE/RWSS/2023-24/Bpt, Dated 19.02.2024**
**No.O-2577:** 01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 90/SE/RWSS/2023-24/Bpt, Dated 19.02.2024 | 23.02.2024 10.00 A.M. | 01.03.2024 05.30 PM | 02.03.2024 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents schould be scanned and uploaded.
Sd./-Superintending Engineer, Kalahandi RWS&S Division, Bhawanipatna
OIPR-25005/11/0018/2324

**Short Tender Call Notice**
**PURCHASE OF AIR CONDITIONER**
At:Head Office, Bhubaneswar
Bid Identification No.DGM/OAIC-37/E&I/2023-24 Date:20.02.2024
**The Odisha Agro Industries Corporation Ltd.**
(A Govt. of Odisha Undertaking)
Regd.H.O.:95-Satyanagar, Bhubaneswar-751007, Tel:(0674)-2570687, Email:oaicho@orissaagro.com
**QUOTATION CALL NOTICE**

**No.CAD-4232:** Sealed quotation in conformity with technical specification, term & conditions in quotation documents are invited from Authorised Dealer/ Supplier for supply, fitting and fixing of Air-conditioner (1.5 T and 2.0T). The details are as follows:

| Items | Quantity Required | Specification Details |
|---|---|---|
| Air Condititoner (Split AC- 5 Nos) | 2.0 Ton: 2 Nos. 1.5 Ton : 3 Nos. | BEE Star:3 Technology of AC: Variable Speed Unit Mounting Arrangement: Indoor Unit-Wall mount. Material Evaporator: Copper Material Condenser: Copper, AC Machine warranty (in year) 1 Year Warranty on compressor (In year): 10 Installation: Standard installation |

The sealed quotation will be reached to the office of undersigned on or before dt.27.02.2024 upto 5.00 PM. The undersigned reserves the right to accept/ reject any/ all application (s) without assigning any reasons thereof.
Sd./- DY.GENERAL MANAGER (E&I)
Sd./- Asst. Engineer (E&I)
OIPR-01047/11/0068/2324

## ସଂକ୍ଷେପରେ

### ବୌଦ୍ଧ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୨୨।୨(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଜିଲାପାଳଙ୍କୁ ବୁଧବାର ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଇଇସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଦୁଇଗୋଟି ପର୍ଯ୍ୟାୟରେ ୪ ଦିନ କଳାକାର ତାଲିମ ପ୍ରଦାନ କରାଯାଇଥିଲା। ଯେଉଁ ଦଳଗୁଡିକ ତାଲିମ ନେଇନାହାନ୍ତି, ସେହି ଦଳଗୁଡିକୁ ଶିକ୍ଷା ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମ କରିବା ପାଇଁ ସୁଯୋଗ ଦିଆଯାଇଛି। ସେହିପରି ଯେଉଁ ଦଳଗୁଡିକ ତାଲିମ ନେଇଛନ୍ତି ସେମାନଙ୍କୁ କାର୍ଯ୍ୟକ୍ରମରୁ ବାଦ ଦିଆଯାଇଛି। ଏଣୁ ତାଲିମପ୍ରାପ୍ତ କଳାକାରମାନଙ୍କୁ ସରକାରଙ୍କ ଜନମଙ୍ଗଳ ଯୋଜନାର ବାର୍ତ୍ତା ଲୋକଙ୍କ ପାଖରେ ଲୋକକଳା ମାଧ୍ୟମରେ ପହଞ୍ଚାଇବା ପାଇଁ ସୁଯୋଗ ଦିଆଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସ୍ୱାଧୀନ କୁମାର ପରିଡା, ଗଙ୍ଗାଧର ପ୍ରଧାନ, ଅର୍ଜୁନ ସୁଲେ, ରଞ୍ଜିତ ଲଉରିଆ, ମରୀ ରଣା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଇନ୍ଦିରା ଚାନ୍ଦଙ୍କ ପରଲୋକ

ଅମରପାଲି,୨୨।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଦେଉଳମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ



ଲାଲମନି ଚାନ୍ଦଙ୍କ ସ୍ତ୍ରୀ ଇନ୍ଦିରା ଚାନ୍ଦ(୭୦)ଙ୍କ ପରଲୋକ ହୋଇଯାଇଛି। ଦେହ ଅସୁସ୍ଥ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଲାଲମନି,ଦୁଇ ଝିଅ ବୀଣାପାଣି, ଶ୍ରାବଣୀ,ଦୁଇ ଜ୍ୱାଇଁ ଓ ଏକମାତ୍ର ପୁଅ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ସୁଜିତ ମୁଖାଗ୍ନି ଦେଇଥିଲେ।

# ଚାଷୀ ପ୍ରତିନିଧିଙ୍କୁ ବିଧାନସଭା ପଠାଇବାକୁ ଆହ୍ୱାନ

ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)



ଚାଷୀ ସରକାର ଅଭିଯାନରେ ଉପସ୍ଥିତ ନେତୃବୃନ୍ଦ।

**ନାଇକେନପାଲିରେ ନବନିର୍ମାଣ ଚାଷୀ ସରକାର ଅଭିଯାନ**

ସୋନପୁର ବ୍ଲକର ନାଇକେନପାଲିସ୍ଥିତ ବଲାଡି ଖେଳପଡିଆରେ ନବ ନିର୍ମାଣ ଚାଷୀ ସରକାର ଅଭିଯାନର ଗୁରୁବାର ଶୁଭାରମ୍ଭ ହୋଇଛି। ସୋନପୁର ଓ ତରଭା ବ୍ଲକର ପାର୍ଶ୍ୱବର୍ତ୍ତୀ ୧୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଚାଷୀ ପ୍ରତିନିଧି ଓ ମହିଳା ଏହି ସମାବେଶରେ ଯୋଗଦାନ କରିଥିଲେ। ପାର୍ଟି ସରକାରଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲାରେ ଆଖିଦୃଶିଆ ବିକାଶ ହୋଇପାରିନି। ତେଣୁ ଚଳିତ ନିର୍ବାଚନରେ ସୋନପୁର ଓ ବୀରମହାରାଜପୁରରୁ ଚାଷୀ ପ୍ରତିନିଧିଙ୍କୁ ନିର୍ବାଚିତ କରି ବିଧାନସଭା ପଠାଇବା ପାଇଁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଦିଲ୍ଲୀ ନବନିର୍ମାଣ ଚାଷୀ ସରକାର ପର୍ଯ୍ୟବେକ୍ଷକ ଅମିତ ନୟନ, ଅଙ୍କିତ ଯାଦବ, ଅରୁଣ କାଶ୍ୟପ ଓ ଚନ୍ଦନ ଗୁପ୍ତା ଯୋଗଦେଇ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରୁ ହିଁ ଦେଶରେ ଚାଷୀ ସରକାର ଅଭିଯାନର ଶୁଭାରମ୍ଭ ହେବ ବୋଲି ମତପ୍ରକାଶ କରିଥିଲେ। ନବନିର୍ମାଣ ମହିଳା କୃଷକ ସଂଗଠନର ରାଜ୍ୟ ଉପସଭାପତି ସୋନାଲି ବିଶି ଏଥିରେ ଯୋଗଦେଇ ଜିଲାକୁ ମଦମୁକ୍ତ କରିବା ଓ କିଡ୍‌ନୀ ରୋଗରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ଜିଲାବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶି କହିଥିଲେ ସ୍ୱାଧୀନୋତ୍ତର କୌଣସି ରାଜନୈତିକ ଦଳ ଚାଷୀ ସମସ୍ୟା ତଥା ଏମ୍‌ଏସ୍‌ପି ଗଣିତ ଉପରେ ଦୃଷ୍ଟି ଦେଇ ନାହାନ୍ତି। ତେଣୁ ଚାଷୀ ଓ ଚାଷୀଙ୍କ ପରିବାର ର ଭବିଷ୍ୟତ ଏବଂ ସୁଖ ସମୃଦ୍ଧିକୁ ଦୃଷ୍ଟିରେ ରଖି ଚାଷୀ ପ୍ରତିନିଧିଙ୍କୁ ଭୁବନେଶ୍ୱର ପଠାଇବାକୁ ପଡିବ। ଚାଷୀ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍‌କୁ ଆଇନରେ ପରିଣତ କରିବା ପାଇଁ ନବନିର୍ମାଣର ଚାଷୀ ସରକାର ଅଭିଯାନ ଆରମ୍ଭ ହୋଇଛି ବୋଲି ବଲାଙ୍ଗୀର ନବନିର୍ମାଣ ସଂଗଠନର ପ୍ରାକ୍ତନ ସଭାପତି ହିମାଂଶୁ ସାହୁ କହିଥିଲେ। ଚାଷୀ ସରକାର ଅଭିଯାନକୁ ଜିଲାର ବିଭିନ୍ନ କୃଷକ ସଂଗଠନର ପୂର୍ଣ୍ଣ ସମର୍ଥନ ରହିବ ବୋଲି କହିଥିଲେ ଶ୍ରୀଗଣେଷ ଆଞ୍ଚଳିକ କୃଷକ ସଂଗଠନର ଦେବାଶିଷ ଦାସ। ସଂଗଠନର ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର ଏଥିରେ ଯୋଗଦେଇ ଅତ୍ୟାଚାରୀ ବିଜେଡି ସରକାରକୁ ଶାସନରୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ଅର୍ପଣ ଦାସ ନାୟକ ଓ ନେତ୍ରାନନ୍ଦ ସାହୁଙ୍କ ସମେତ ସଂଖ୍ୟାଧିକ ଚାଷୀ ଯୋଗଦେଇ ମଣ୍ଡିର ଅବ୍ୟବସ୍ଥା, ମାଙ୍କଡ ଓ ବାର୍ହାଙ୍କ ଉପଦ୍ରବରୁ ଫସଲ ନଷ୍ଟ, ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳସେଚନ ବ୍ୟବସ୍ଥା ଏବଂ ବିଦ୍ୟୁତ୍ ବିଭାଗର ଦାଦାଗିରି ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନର ସୋନପୁର ବ୍ଲକ ପ୍ରଭାରୀ ସଚିନ୍ଦ୍ର ମହାକୁରଙ୍କ ନେତୃତ୍ୱରେ ଏହି ସମାବେଶ ଆୟୋଜନ ହୋଇଥିଲା। ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ଅକ୍ଷୟ କୁମାର ସୁବର୍ଣ୍ଣପୁରରେ ଏକ ସମାବେଶକୁ ଉଦ୍‌ବୋଧନ କରିବେ। ଏହିଦିନ ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ପାଇଁ ଚାଷୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ସଂଗଠନ ପକ୍ଷରୁ ଅଭିଯାନର ସହ ସଂଯୋଜକ ସୁଧୀର ବଘାର ସୂଚନା ଦେଇଥିଲେ।ସଂଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢୀ ଧନ୍ୟବାଦ ପ୍ରଦାନ କରିଥିଲେ। ଦୁତୀୟା ବଗର୍ତ୍ତୀ, ଅରବିନ୍ଦ ମହାକୁର, ବୃନ୍ଦାବନ ମିଶ୍ର, କିରଟୀ କଳତା, ପଞ୍ଚାନନ କମ୍ପ, ଗୋପୀନାଥ ମେହେର, ଯୋଗେନ୍ଦ୍ର ଧରୁଆ, ନିମାଇଁ ଚରଣ ଖଣ୍ଡଗିରି ପ୍ରମୁଖ ସମାବେଶ ଆୟୋଜନରେ ସହଯୋଗ କରିଥିଲେ ।

# ରାମପୁର ବିଜୁ କୃଷକ ବଜାର ଉଦ୍‌ଘାଟିତ



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୁ କୃଷକ ବଜାର ଉଦ୍‌ଘାଟନ କରୁଛନ୍ତି ।

ଡୁଙ୍ଗୁରିପାଲି,୨୨।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ବସଷ୍ଟାଣ୍ଡ ନିକଟରେ ବିଜୁ କୃଷକ ବଜାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ, ଶ୍ରୀରାମ କଲେଜ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ,ବିଧାୟକଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ପୂଜାରୀ, ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ, ରାମପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ସରିତା ଭରାସାଗର ଯୋଗ ଦେଇଥିଲେ । ଏହାସହିତ ମନ୍ତ୍ରୀ ପୂଜାରୀ ରାମପୁର ଗ୍ରାମ ପଞ୍ଚାୟତରେ ନୂତନ ଭାବେ ନିର୍ମାଣ ହୋଇଥିବା ଲାଇବ୍ରେରୀ ହଲ, ମିଶନ ଶକ୍ତି ଭବନ, ବ୍ୟାୟାମ ହଲ ଉଦଘାଟନ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରେ ନିର୍ମାଣ ହୋଇଥିବା ଏହି ବିଜୁ କୃଷକ ବଜାରର ତଳ ମହଲାରେ ୨୩ ଗୋଟି ଦୋକାନ ଗୃହ ରହିଥିବା ବେଳେ ଉପର ମହଲାରେ ୧୮ ଗୋଟି ଦୋକାନ ଗୃହ ରହିଛି । ପାର୍ଶ୍ୱ ତଳ ଉପର ମହଲାରେ ୧୦ ଗୋଟି ଦୋକାନ ଗୃହ ରହିଛି। ମନ୍ତ୍ରୀ ପୂଜାରୀ କହିଥିଲେ, ଉକ୍ତ ଦୋକାନ ଗୃହ ନିର୍ମାଣ ହେବା ଦ୍ୱାରା ବ୍ୟବସାୟ ବାଣିଜ୍ୟରେ ଉନ୍ନତି ହେବା ସହ ବିଭିନ୍ନ ବର୍ଗର ଲୋକ ଆତ୍ମନିର୍ଭରଶୀଳ ହୋଇ ପରିବାର ପୋଷଣ କରିପାରିବେ । ଏହାସହିତ ଚାଷୀଙ୍କ ବିଭିନ୍ନ କାମରେ ବ୍ୟବହାର ହୋଇପାରିବ ବୋଲି ମନ୍ତ୍ରୀ ପୂଜାରୀ ସୂଚନା ଦେଇଥିଲେ। ରାମପୁର ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ସହ ଏସଏଚଜି ମହିଳା, ମିଶନ ଶକ୍ତି, ୱାର୍ଡ ସଭ୍ୟାସଭ୍ୟ, ରାମପୁର ଗ୍ରାମବାସୀ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁରରେ କ୍ରେତା ବିକ୍ରେତା ମେଳା

ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)




ସୁବର୍ଣ୍ଣଶ୍ରୀ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଛତୁରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀକୁ ଜିଲାପାଳ ଅନ୍ୟା ଦାସ ଶୁଭାରମ୍ଭ କରୁଛନ୍ତି ।

**ମାର୍କେଟିଂ, ଗ୍ରାହକଙ୍କୁ ଭଲ ବ୍ୟବହାର ଉପରେ ଗୁରୁତ୍ୱ**

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନ ଓର୍‌ମାସ ପକ୍ଷରୁ କ୍ରେତା ବିକ୍ରେତା ମେଳା ଏବଂ ମାର୍କେଟିଂ ସମ୍ପର୍କିତ ଦିନିକିଆ କର୍ମଶାଳା ସୋନପୁର ଟାଉନ ହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପାଟଶାଢୀ, ଟେରାକୋଟା ସାମଗ୍ରୀ, ଲେମନ ଗ୍ରାସ ତେଲ, ଦେଶୀ ମୁଗ ଡାଲି, ବଡି, ପାମ୍ପଡ, ଆଇସ୍‌କ୍ରୀମ୍ ଓ ଛତୁରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀର ପ୍ରଶଂସା କରିଥିଲେ। ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ଭଲ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ମାର୍କେଟିଂ ସହିତ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଉପରେ ଜିଲାପାଳ ଦାସ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଡିଡିଏମ୍ ନାବାର୍ଡ ଡ. ସତ୍ୟସ୍ୱରୂପ ବେଦାନ୍ତ, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବିପିନ ବିହାରୀ ଦେହୁରୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାସ ଓ ସୋନପୁର ଏସ୍‌ବିଆଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ଅଜେନ ଟୁଡୁ ଯୋଗଦାନ କରି ବଜାର ଚାହିଦା ଅନୁସାରେ ଉତ୍ପାଦନ ଓ ବ୍ୟବସାୟ କଲେ ଅଧିକ ଲାଭ ମିଳିବ ବୋଲି ପରାମର୍ଶ ଦେଇଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଶୈବାଳିନୀ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ମେଳାରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମାଟି ପାତ୍ର, ଖାଦ୍ୟ, ପାଟଶାଢୀ, ଲେମନ ଗ୍ରାସ ତେଲ ଆଦି ପ୍ରଦର୍ଶିତ ହୋଇଥିଲା। ଆୟୋଜିତ ମାର୍କେଟିଂ ସମ୍ପର୍କିତ କର୍ମଶାଳାରେ ଜିଲାର ୫୮ଟି ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଓର୍‌ମାସ ସହଯୋଗରେ ସୁବର୍ଣ୍ଣଶ୍ରୀ ଉତ୍ପାଦକ ଗୋଷ୍ଠୀ ବୀରମହାରାଜପୁରର ସୁପ୍ରଭା ଦାନୀଙ୍କ ଦ୍ୱାରା ଛତୁରେ ପ୍ରସ୍ତୁତ ବିସ୍କୁଟ୍, ନମ୍‌କିନ୍, ମୁରୁକି, ଆଚାର, ଆରିଶା ପିଠା, କୁରୁମୁର ଓ ଛତୁଆକୁ ଜିଲାପାଳ ଦାସ ଶୁଭାରମ୍ଭ କରିଥିଲେ। ଓର୍‌ମାସର ଡେପୁଟି ସିଇଓ ସମୀର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଏହି ମେଳା ଓ କର୍ମଶାଳା ଆୟୋଜିତ ହୋଇଥିଲା।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. 262/OSOU/2024 | EMPLOYMENT NOTICE | Dt. 22.02.2024

Applications are invited from Retired Professor(s), Associate Professor(s) and Assistant Professor(s) for appointment on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) Political Science, Odia, History, Economics, English, Sanskrit, Commerce, Management, Computer Science (Cyber Security), Rural Development, Journalism and Mass Communication, Hindi, Sociology and Public Administration.

Others with Ph.D or without Ph.D may also apply for consideration for engagement as Guest Faculty.

For details of terms and conditions and application form, please visit **www.osou.ac.in**. The filled-in application may be submitted Online or Offline complete in all respect along with supporting documents by **13th March, 2024, 5 p.m.** to the Registrar, Odisha State Open University, Sambalpur.

Sd-
Registrar I/c

# ଗଙ୍ଗାଧର ଜ୍ୟୋତି ରଥକୁ ସ୍ୱାଗତ

ବାଉଁଶୁଣୀ,୨୨।୨(ଦେବାଶିଷ ନେପାକ)



ଜ୍ୟୋତି ରଥକୁ ସ୍ୱାଗତ କରାଯାଉଛି ।

ବୌଦ୍ଧ ଜିଲା ସଦର ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁବାର ଗଙ୍ଗାଧର ଜ୍ୟୋତି ରଥ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ନିଖିଳ ଓଡିଶା ମେହେର(ଭୁଲିଆ) ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉପଲକ୍ଷେ ଜ୍ୟୋତି ପରିକ୍ରମା ରଥର ଶୁଭାରମ୍ଭ ହୋଇଛି। ଏହି ରଥ କବିଙ୍କ ଜନ୍ମମାଟି ବରପାଲିରୁ ମାଟି ଓ ଜ୍ୟୋତି ନେଇ ଗତ ୧୮ ତାରିଖରେ ବାହାରି ଥିଲା। ଏହା ପରେ ରଥ ଉଲୁଣ୍ଡା, ବୀରମହାରାଜପୁର, ଆଠମଲ୍ଲିକ ବ୍ଲକ ଦେଇ ବୌଦ୍ଧ ବ୍ଲକରେ ପହଞ୍ଚିଥିଲା। ବୌଦ୍ଧ ଜିଲା ଭୁଲିଆ ସମାଜର ଜିଲା ସଭାପତି ବାଳମକୁନ୍ଦ ମେହେରଙ୍କ ନେତୃତ୍ୱରେ ପ୍ରଥମେ ବୌଦ୍ଧ ଜିଲା ନାରାୟଣନଗର ଗ୍ରାମରେ ପହଞ୍ଚିବା ପରେ ନାରାୟଣନଗର ମେହେର ସମାଜ ସମେତ ଗ୍ରାମର ମହିଳା ପୁରୁଷ ଜ୍ୟୋତି ରଥକୁ ତ୍ରିବେଣୀ ଛକଠାରେ ସ୍ୱାଗତ କରିଥିଲେ । ରଥ ନାରାୟଣନଗର ଗ୍ରାମ ପରିକ୍ରମା କରିବା ପରେ ସାହାଜପାଲ, କନେକପୁର, ବାଉଁଶୁଣୀ, ଗଜରାଜପୁର, ଅଇଁଲାପାଲି,କୁରୁମୁଣ୍ଡା ଦେଇ ଖଲିଆପାଲି ଗ୍ରାମଠାରେ ପହଞ୍ଚି ଥିଲା । ସମସ୍ତ ଗ୍ରାମରେ ଭୁଲିଆ ସମାଜର ମହିଳା ଓ ପୁରୁଷମାନେ ଜ୍ୟୋତି ରଥକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ନିଖିଳ ଓଡିଶା ଭୁଲିଆ ସମାଜ ସଂଗଠକ ପ୍ରଫୁଲ୍ଲ ମେହେର, ବୌଦ୍ଧ ଜିଲା ଭୁଲିଆ ସମାଜ ଉପଦେଷ୍ଟା ଦେବାର୍ଚ୍ଚନ ମେହେର, ସମ୍ପାଦକ ବିନୋଦ ମେହେର ଜ୍ୟୋତି ପରିକ୍ରମା ନେତୃତ୍ୱ ନେଇଥିବା ବେଳେ ବାଉଁଶୁଣୀ ଅଞ୍ଚଳରେ ଜଗନ୍ନାଥ ମେହେର, ଗୁଣନିଧି ମେହେର ତଥା ଭୁଲିଆ ସମାଜର ସଦସ୍ୟବୃନ୍ଦ ସହଯୋଗ କରିଥିଲେ।

କେନରା बैंक Canara Bank
सिंडिकेट Syndicate

କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-କେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବାଲିଆପାଳ ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଗଣେଷ କିନ୍‌କାର ମହାନ୍ତି,** ପିତା: ଶ୍ରୀ ଅତୁଲ୍ କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଭାବତୀ ମହାନ୍ତି,** ମାର୍ଫତ: ଶ୍ରୀ ଅତୁଲ୍ କୁମାର ମହାନ୍ତି, ଉଭୟଙ୍କ ଠିକଣା: ବେଡାପାଲ, ବାଲେଶ୍ୱର, ଓଡିଶା, ପିନ୍-୭୫୬୦୨୬। | **(କ)ଶ୍ରୀ ଗଣେଷ କିନ୍‌କାର ମହାନ୍ତି**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୨୨/୩୦୫୮, ଖାତା ନଂ.୬୭୦/୩୬୮, ଏରିଆ:ଏ.୦.୧୨ ଡିସିମିଲି, ମୌଜା: ବେଡାପାଲ, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ପିନ୍- ୭୫୬୦୨୬, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ପ୍ରତିଭା ମହାନ୍ତି ଏବଂ ଅନ୍ୟମାନେ, ପଶ୍ଚିମ- ପ୍ଲଟ ନଂ.୧୭୩୪, ରାମଚନ୍ଦ୍ର ମାସନ୍ତ ଏବଂ ୭ ଅନ୍ୟମାନେ, ୧୭୩୫ ଅନୀଲ କୁମାର ଦାସ ଅଧୀକାରୀ ଏବଂ ଅନ୍ୟମାନେ, ଉତ୍ତର- ପ୍ଲଟ ନଂ.୧୭୨୩ ଶ୍ୟାମସୁନ୍ଦର ନନ୍ଦି ଏବଂ ଅନ୍ୟମାନେ, ଦକ୍ଷିଣ- ରାସ୍ତା । /(ଖ)୧୧.୧୨.୨୦୨୩/(ଗ)୧୯.୦୨.୨୦୨୪/(ଘ)୨୧.୦୮.୨୦୨୩ ସୁଦ୍ଧା ଟ.୮,୬୨,୪୨୦.୭୨ (ଆଠ ଲକ୍ଷ ବାଷଠି ହଜାର ଚାରିଶହ କୋଡିଏ ଟଙ୍କା ବାସ୍ତରି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |
| **ଦକ୍ଷିଣଧାମରା ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ,** ପିତା: ଶ୍ରୀ ଅଭିନାଶ ପ୍ରସାଦ, ପୂର୍ଣ୍ଣ ପ୍ରସାଦ, କଇଠଖୋଲ, ଧାମରା, ଓଡିଶା, ପିନ୍-୭୫୬୧୭୧। | (କ) **ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୧୯୩/୧୮୬, ପ୍ଲଟ ନଂ.୨୦୩/୭୩୯, ଏରିଆ: ଏ.୦.୧୦ ଡିସିମିଲି, ମୌଜା: କଇଠଖୋଲ, ଥାନା: ବଂସଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ଚାରିପାର୍ଶ୍ୱରେ: ପୂର୍ବ- ଅଜୟ ଦିବେଦୀ, ପଶ୍ଚିମ- ନିଜେ ଏବଂ ସୁବାସ ଚନ୍ଦ୍ର ମଣ୍ଡଳ, ଉତ୍ତର- ପ୍ଲଟ ନଂ.୨୦୪ ଏବଂ ଡିଫେନ୍ସ ରୋଡ, ଦକ୍ଷିଣ- ପ୍ଲଟ ନଂ.୧୯୯ । /(ଖ)୧୧.୧୨.୨୦୨୩/ (ଗ)୨୨.୦୨.୨୦୨୪/(ଘ)୧୧.୧୨.୨୦୨୩ ସୁଦ୍ଧା ଟ.୧୮,୪୪,୪୬୭.୮୯ (ଅଠର ଲକ୍ଷ ଚଉରାଳିସି ହଜାର ଚାରିଶହ ସତଷଠି ଟଙ୍କା ଅଣାନବେ ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୨୨.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଘୋଷଣାନାମା

ମୁଁ, **ଅଲଗୁ ମୁଥୁ ଶଙ୍କର**, ମହୁଲପୁଟ, **ତା୨୭।୧୦।୧୯୯୫ରୁ ୨୬।୧୦।୨୦୨୫ରିଖ** ଅବଧି ପାଇଁ ବୈପାରିଗୁଡ଼ା ତହସିଲରେ ଖାତା ନଂ. ୨୪୬ର ପ୍ଲଟ୍ ନଂ. ୩୪, ୩୫ ଏବଂ ୪୫ରେ ୦୫.୯୦୦ ହେକ୍ଟର ରକବାରେ ଅବସ୍ଥିତ **ମହୁଲପୁଟ ଗ୍ରାନାଇଟ୍ ଖଣି**ର ଲିଜ୍‌ଧାରୀ ଅଟେ। ମୁଁ ଖଣିଜଦ୍ରବ୍ୟର ଖନନ ପାଇଁ ବିଭିନ୍ନ ବିଭାଗରୁ ଆଦେଶ ହାସଲ କରିବା ଲାଗି ବ୍ୟକ୍ତିଗତ ଭାବେ ପଦକ୍ଷେପ ଗ୍ରହଣ କରୁଅଛି। ଏହି ଉଦ୍ଦେଶ୍ୟ ପାଇଁ ମୁଁ କୌଣସି ବ୍ୟକ୍ତିଙ୍କ ନାମରେ କୌଣସି ମୁକ୍ତାରନାମା (ପାଓ୍ୱର ଅଫ୍ ଆଟର୍ଣ୍ଣି)ର ପଞ୍ଜୀକରଣ କରିନାହିଁ। ମୋ ଜ୍ଞାତସାରକୁ ଏହା ଆସିଛି ଯେ, କେତେକ ଦୁର୍ବୃତ୍ତ ମୋର ଉପରୋକ୍ତ ଲିଜ୍ ଅଧିକାର କ୍ଷେତ୍ର ମଧ୍ୟକୁ ଅତିକ୍ରମଣ କରିବାର ଚେଷ୍ଟା କରୁଛନ୍ତି। ମୋର ଉପରୋକ୍ତ ବ୍ୟବସାୟରେ ଅନଧିକୃତ ଭାବେ ସଂଶ୍ଳିଷ୍ଟ ହେବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହା ମଧ୍ୟ ସ୍ପଷ୍ଟ କରିଦିଆଯାଉଛି ଯେ ମୋର ଜ୍ଞାତସାର କିମ୍ବା ଦସ୍ତଖତ ବିନା ସ୍ୱାକ୍ଷରିତ ହୋଇଥିବା ଯେକୌଣସି ରାଜିନାମା ଅବୈଧ ବିବେଚିତ ହେବ।

## OFFICE OF MUNICIPAL COUNCIL, MANDIR HASOUD

E-Procurement Tender Notice (1st Call)
SYSTEM TENDER NO.153188 NIT NO.3050/2023-24
Mandir Hasoud, Dated 21.02.2024

Online bids in three envelop system are invited for the following construction works/ supply works upto date 26.03.2024 at 17.30 hours.

| Sl. No. | Description | Cost of Tender |
|---|---|---|
| 1 | Selection of Placement Agency for supply of labour of different categories (Skilled and unskilled) For FY 2024-25 | Rs.170.00 Lacs |

The details can be downloaded online directly from the Government of Chattisgarh e-Procurement Portal http://eproc.cgstate.gov.in From 22.02.2024 at 10.00 Hours. (IST) onwards. For more details on the tender and bidding process please visit the above mentioned portal.

Sd./ Chief Municipal Officer
Municipal Council Mandir Hasoud
39768/3

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ

ଅମରପାଲି,୨୨।୨(ପୀତାମ୍ବର ସାହୁ)

**ଉଫୁଲା ପଞ୍ଚାୟତର ୨୧୮୧ ହିତାଧିକାରୀ ପାଇବେ ସହାୟତା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ହୋଇଛି । ପରିବାର ପିଛା ୧୦୦୦ ଟଙ୍କା ପ୍ରଦାନ କରି ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ ଏହାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ଉଫୁଲା ଗ୍ରାମ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ସ୍ୱତନ୍ତ୍ର ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ସରପଞ୍ଚ କର୍ମୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି କର୍ମୀ ପଞ୍ଚାୟତର ୨୧୮୧ ଜଣ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ପାଇଁ ଓଡ଼ିଶା ସରକାର ପ୍ରଦାନ କରିଥିବା ଅନୁଦାନ ରାଶି ଗାଁକୁ ଗାଁ ଯାଇ ଯୋଗାଣ ସହାୟକ ଓ ଗ୍ରାମ ପଞ୍ଚାୟତ କର୍ମଚାରୀ ପହଞ୍ଚାଇବେ ବୋଲି ଘୋଷଣା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାନପୁର ଗ୍ରାମର ହିତାଧିକାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ରୁକ୍ସାନା ବିବି, ମୀନତୀ ଭୂଇ, ସୁଦାମ ଭୂଇ, ଶିବାନୀ ସାହୁଙ୍କ ସମେତ ଖାଦ୍ୟ ଯୋଗାଣ ଷ୍ଟାଣ୍ଡିଂ କମିଟି ସଭ୍ୟାସଭ୍ୟ ଓ ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ ।

## PANCHAYAT SAMITI, SUBDEGA

(Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
No. 528 Date: 21.02.2024

**CORRIGENDUM**

Reference to Tender Call Notice No.444 dt.16.02.2024 of BDO, Subdega, It is notified that the last date for submission of following tender is extended upto dt.29.02.2024. Tender opening is on 01.03.2024 at 11 A.M.

| Sl. No. | Location | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Sublaya | Completion of Upstairs Madri Kalo Smruti Sadan at Bhojpur, Sublaya GP under Subdega Block, District- Sundargarh | 25,43,638/- | 6000/- | Rs.25436/- | Three (03) Calendar months | "B" & "C" Class |

The detailed terms and conditions can be downloaded from the District website www.sundergarh.nic.in
1. Date and time to download Tender Paper: From Dt.16.02.2024 to 29.02.2024.
2. Last Date of Receipt of Tender Paper: Dt.29.02.2024 (5.30 P.M.)
3. Date of Opening of Tender Paper: Dt.01.03.2024 (11.00 A.M.)

Sd./- Block Development Office, Subdega

## PANCHAYAT SAMITI, SUBDEGA

Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
No.444 Date: 16.2.2024

**TENDER CALL NOTICE**

Sealed tenders are invited from the interested bidder for the civil work under BDO, Subdega of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.nic.in. The bidder should be **C & B class contractor**. They have to submit the bid document to the undersign in the address of Office of the **B.D.O., Subdega, At/P.O.- Subdega, Pin- 770014, Dist.- Sundargarh (Odisha)** through Registered Post / Speed Post only on or before **23.02.2024, 5.30 P.M.** The sale of tender paper will be available from dated **16.02.2024 to dated 23.02.2024** in the district website www.sundargarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated **26.02.2024 at 11.00 A.M.** in the office of the undersigned in the presence of the bidders or his / her representatives.

Sd./- Block Development Officer
Subdega

## ସଂକ୍ଷେପରେ

### ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୨ ଲକ୍ଷ ଲୁଟ

**ରାଜଗାଙ୍ଗପୁର,୨୨ା୨(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବାଇପାସ ରୋଡରେ ଥିବା ରାଏ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ଗୁରୁବାର ୩ ଲୁଟେରା ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପେଟ୍ରୋଲ ପମ୍ପ ମ୍ୟାନେଜର ଦିଲ୍ଲୀପ ତିୱାରୀ ଗୁରୁବାର ଦିନଦ୍ୱିପ୍ରହରରେ ଏକ ବ୍ୟାଗରେ ୧ ଲକ୍ଷ ୭୦ ହଜାର ଟଙ୍କା ନେଇ ବାଇକ୍ ଯୋଗେ ସହର ଭିତରକୁ ଯାଉଥିଲେ। ଜାମପାଲି ବାଇପାସର କିଛି ମିଟର ଦୂରରେ ୩ଜଣ ଲୁଟେରା ମୁହଁରେ ମୁଖା ବାନ୍ଧି ଏକ ବାଇକ୍ ଯୋଗେ ଆସି ତାଙ୍କୁ ଅଟକେଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେ ନ ଅଟକିବାରୁ ଲୁଟେରାମାନେ ତାଙ୍କୁ ଗୋଇଠା ମାରିଥିଲେ। ଫଳରେ ଦିଲ୍ଲୀପ ବାଇକରୁ ପଡିଯାଇଥିଲେ। ଲୁଟେରାମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆଘାତ କରି ଟଙ୍କା ବ୍ୟାଗ ଧରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଦିଲ୍ଲୀପଙ୍କ ୨ହାତ ଓ ପେଟରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏନେଇ ରାଜଗାଙ୍ଗପୁର ପୋଲିସ ଘଟଣାର ତଦନ୍ତ କରୁଛି।

### ସ୍କାଉଟ୍ ଗାଇଡ୍ସର ଚିନ୍ତନ ଦିବସ

**କୁତ୍ରା,୨୨ା୨(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍ ଓ ଗାଇଡ୍ସର ଶାଖା ତରଫରୁ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଭାରତ ସ୍କାଉଟ ଓ ଗାଇଡ୍ସର ପ୍ରତିଷ୍ଠାତା ବାଡେନ ପାୱେଲଙ୍କ ଜନ୍ମଦିନକୁ ସ୍କାଉଟସ ଗାଇଡସ ଚିନ୍ତନ ଦିବସ ଭାବେ ପାଳନ କରାଯାଏ। ଏହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଚିନ୍ତନ ଦିବସ ଡିଓସି ଦୀପିକା କେର୍କେଟା, ସ୍କାଉଟସ ମାଷ୍ଟର ଧୃତିସୁନ୍ଦର ସାହୁ, ଅବିନାଶ କର, ମଞ୍ଜୁ ଏକ୍କାଙ୍କ ତତ୍ତ୍ୱାବଧାନରେ ଜିଲା ସ୍କାଉଟସ କମିଶନର ବିଭୀଷଣ ବାରିକ ଓ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଏଥିରେ ଯୋଗଦେଇ ବାଡେନ ପାୱେଲ ଓ ଲେଡି ପାୱେଲଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ସମେତ ସ୍କାଉଟସ ଗାଇଡସ ଛାତ୍ରୀଛାତ୍ରଯୋଗଦେଇ ସର୍ବଧର୍ମ ପ୍ରାର୍ଥନା ସହ ବିଶ୍ୱ କଲ୍ୟାଣ ବାର୍ତ୍ତା ଦେଇଥିଲେ।



ମାଦ୍ରି କାଲୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପୌରାଧକ୍ଷାଙ୍କ ସହ ଆଲୋଚନା କରାଯାଉଛି।

# ମାଦ୍ରି କାଲୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ସୁନ୍ଦରଗଡ,୨୨ା୨(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ସହରର ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ମାଦ୍ରି କାଲୋ ଭବନର ଉନ୍ନତିକରଣ ଓ ପୁନରୁଦ୍ଧାର ପାଇଁ ବହୁ ଦିନର ଦାବି ପରେ ୩ କୋଟି ୧୨ ଲକ୍ଷ ବ୍ୟୟରେ ଉନ୍ନତିକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୁନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାଦ୍ରି କାଲୋ ଭବନର ଉନ୍ନତି କରଣ କାର୍ଯ୍ୟକୁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ସହ ମାଦ୍ରି କାଲୋ ଭବନ ସମ୍ମୁଖରେ ମାଦ୍ରି କାଲୋଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପୌରାଧକ୍ଷା ତନୟା ମିଶ୍ର ଏବଂ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଏକ ଦାବି ପତ୍ର ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ବାବଦରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ରୀୟ ସଭାପତି ମେଘନାଦ ନାଏକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ସମ୍ପାଦକ ରାମ ଚନ୍ଦ୍ର ଅମାତ, ଜିଲା ସାଧାରଣ ସମ୍ପାଦକ ଗଣେଶର ନାଏକ, ମାୟାଧର କାଲୋ, ପୁରୁଷୋତ୍ତମ ରାଉତ, ସୁରେନ୍ଦ୍ର ଭିତ୍ରିଆ, ମାଦ୍ରି କାଲୋ ଯୁବ ପରିଷଦର ତପେଶର ବଡେକ, ମିତେଶ ଭିତ୍ରୀଆ, ଆକାଶ ଭିତ୍ରିଆ ପ୍ରମୁଖଙ୍କ ସହ ବହୁ ଭୂୟାଁ ସମାଜର କର୍ମକର୍ତ୍ତା ଉପସ୍ଥିତ ରହି ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ ଏବଂ ଅଧ୍ୟକ୍ଷା ଯଥାଶୀଘ୍ର ମାଦ୍ରି କାଲୋଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୪ ଶହ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପ୍ରାସନ ଆୟୁର୍ବେଦିକ ଟିକାକରଣ

**ବଡ଼ଗାଁ,୨୨ା୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପରିସରରେ ଗୁରୁବାର ୪ ଶହ ଛାତ୍ରୀଛାତ୍ରଙ୍କୁ ଆୟୁର୍ବେଦିକ ଟିକାକରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ଡିଗ୍ରୀ କଲେଜ ଅଧକ୍ଷା ବନଜା ରାଣୀ ଷଡଙ୍ଗୀ, ଅଧ୍ୟାପକ ହେମନ୍ତ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଡା.ସ୍ୱପ୍ନା ସିନ୍ଧେ, ଡା.ମାଦିଲଦା ବାରା, ଡା.ଏମ୍‌ଡି ଇମରାନ, ଡା. ଭାଗ୍ୟଶ୍ରୀ ପଟେଲ ସ୍ୱର୍ଣ୍ଣ ପ୍ରାସନ ଟିକା ପ୍ରସ୍ତୁତ କରିବା ସହିତ ପିଲାଙ୍କୁ ଟୀକାକରଣ କରାଇଥିଲେ। ନର୍ସିଂ କଲେଜ ନିର୍ଦ୍ଦେଶକ ସୁବ୍ରତ ବିଶାଳ, କେଶବ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଟୀକାକରଣ କାର୍ଯ୍ୟକ୍ରମରେ ବଡ଼ଗାଁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପବ୍ଲିକ ସ୍କୁଲ, ବ୍ରିଗେଡ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରସ୍ଥ ମୋଟ ୪ ଶହ ଛାତ୍ରୀଛାତ୍ରଙ୍କୁ ଟୀକାକରଣ କରାଯାଇଥିଲା। ନର୍ସିଂ କଲେଜର ଚେୟାରମ୍ୟାନ ଡା. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ମୁଖ୍ୟ ଅତିଥି ଓରାମ ଜଣେ ଛାତ୍ରୀଙ୍କୁ ଔଷଧ ବୁନ୍ଦା ଦେଉଛନ୍ତି।

# ପବ୍ଲିକ୍ ସ୍କୁଲରେ ବିଶ୍ୱ ଚିନ୍ତନ ଦିବସ




**ସୁନ୍ଦରଗଡ,୨୨ା୨(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ଗୁରୁବାର ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ହରିପ୍ରୟା ପଟେଲ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସ୍କଉଟ ମାଷ୍ଟର ଅଶୋକ ପରିଡ଼ାଙ୍କ ନେତୃତ୍ୱରେ ସ୍କାଉଟର ପତାକା ଉତ୍ତୋଳନ କରାଯାଇଥିଲା ଓ ସ୍କାଉଟର ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଅଧକ୍ଷା ପଟେଲ ଚଳିତ ବର୍ଷ ବିଶ୍ୱ ଚିନ୍ତନ ଦିବସର ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ବାହାରି ଶାନ୍ତି ଯାତ୍ରା କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରତିମା ମାଇଟୀ, ଦେବାଶିଷ ଦାସ, ସନ୍ତୋଷ ମହନ୍ତ, ପ୍ରିୟଙ୍କା ଜେନା,ରାଜଲକ୍ଷ୍ମୀ ନାୟକ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରମାନେ ବୃକ୍ଷ ରୋପଣ,ସ୍ୱଚ୍ଛତା ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ସର୍ବଭାରତୀୟ କ୍ରିକେଟ: ଓପି ଜିନ୍ଦଲ ସେମିରେ

**ବ୍ରଜରାଜନଗର,୨୨ା୨(ବିଜୟ ବରାଡ଼):** ବ୍ରଜରାଜନଗର ସହରାଞ୍ଚର ଆମ୍ବିସନ କ୍ରିକେଟ ଗ୍ରାଉଣ୍ଡରେ ଶେଷ ଲିଗ୍‌ମ୍ୟାଚ୍ ଓପି ଜିନ୍ଦଲ କ୍ରିକେଟ ଏକାଡେମୀ ଘଡଗୋଡ଼ (ଛିଜି) ଓ ରକ୍ ଅନ୍ କ୍ରିକେଟ ଏକାଡେମୀ ରାଞ୍ଚି (ଝାଡ଼ଖଣ୍ଡ) ମଧ୍ୟରେ ଖେଳାଯାଇଥିଲା। ଓପି ଜିନ୍ଦଲ କ୍ରିକେଟ ଏକାଡେମୀ ଟସ୍ ଜିତି ବୋଲିଂ କରିବାକୁ ସ୍ଥିର କରିଥିଲା। ରକ୍‌ଅନ୍ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂକରି ୩୦ ଓଭରରେ ୧୦ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ଓପି ଜିନ୍ଦଲ ଦଳ ୩୦.୨ ଓଭରରେ ୩ ଉଇକେଟ ହରାଇ ୧୬୬ ରନ କରି ବିଜୟ ହାସଲକରି ସେମିଫାଇନାଲକୁ ପ୍ରବେଶ କରିଛି। ବିଜୟୀ ଦଳର ସାଗର ରାଉତ ୭୩ ବଲରେ ୭୮ ରନ ଓ ୬.୫ ଓଭରରେ ୩୫ ରନ ଦେଇ ୫ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ବିନୟ ଯାଦବ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଜ୍ୱଳ କୁମାର ପଟେଲ ଓ ଦୀପକ ପଟେଲ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

# ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ



ମୁଖ୍ୟ ଅତିଥି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

**କୁତ୍ରା,୨୨ା୨(ଦେବାଶିଷ ସାହୁ)**

ରାଜ୍ୟ ସରକାରଙ୍କ ଆମ୍ବାଡସି ଓ ଡିଏସଡବ୍ଲ୍ୟୁଓ ସହାୟତାରେ କୁତ୍ରା ବ୍ଲକଠାରେ ସ୍ୱେଚ୍ଛାସେବୀ ସଂସ୍ଥା ଆଇଏମଟିସ ଦ୍ୱାରା ପରିଚାଳିତ ବ୍ଲକର ୧୫ଟି ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କୁତ୍ରା ସିଡିପିଓ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଆଇସିଡିଏସ ସୁପରଭାଇଜର ବୁଟ କଇଥା, ଆଇଏମଟିସ ପ୍ରଶାସନିକ ଅଧିକାରୀ ସୁମନ୍ତ କୁମାର ଜେନା,ସଂଗ୍ରାମ କେଶରୀ ଦାସ, ଆମ କଳିକା କେନ୍ଦ୍ରର ପ୍ରୋଜେକ୍ଟ କୋଡିନେଟର ଜ୍ଞାନରଞ୍ଜନ ଗିରି, କ୍ରେଜ ମ୍ୟାନେଜର ରାଜେଶ ଲାକଡା, ସୁପରଭାଇଜର ତୃଷ୍ଣା ପ୍ରଣୀତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କଳିକା କେନ୍ଦ୍ରରେ ଗରିବ ତଥା ଯେଉଁ ଶିଶୁଙ୍କ ମା'ବାପା ବାହାରକୁ କାର୍ଯ୍ୟ କରିବାକୁ ଯାଉଛନ୍ତି ସେହି ଶିଶୁଙ୍କୁ କଳିକା କେନ୍ଦ୍ରରେ ଛାଡ଼ିକି ଯିବେ। ସେଠାରେ ତାଙ୍କୁ ଖାଇବା ଦେବା ସହିତ ତାଙ୍କର ଯତ୍ନ ନିଆଯିବ। ଏହି କାର୍ଯ୍ୟକ୍ରମକୁ କ୍ରିଷ୍ଟ ଲାକଡା ପରିଚାଳନା କରିଥିଲେ।

# ୨ ଶିକ୍ଷକ, ସିଆର୍‌ସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଲହୁଣୀପଡା,୨୨ା୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକର ୨ଟି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ନିଲମ୍ବିତ କରଯାଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଉକ୍ତ କ୍ଲଷ୍ଟରର ସିଆର୍‌ସିଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ତାଳବାହାଲି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗୁରୁବାର ବଣେଇଁ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଗସ୍ତ କରିଥିଲେ। ଏହି ସମୟରେ ସାନ ନୂଆଗାଁ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କିଷାନ ଅନୁପସ୍ଥିତ ଥିବା ସେ ଦେଖିବାକୁ ପାଇଥିଲେ। ପରେ ସାନ ନୂଆଗାଁ ନିକଟସ୍ଥ ଅର୍ଜୁନ ଝରି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ବେଳେ ଜାଣିବାକୁ ପାଇଲେ, ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାଏକ ପ୍ରାୟ ଏକ ମାସ ହେବ ବିଦ୍ୟାଳୟକୁ ଆସୁ ନାହାନ୍ତି। ନ ଆସିବାର କାରଣ ବିଦ୍ୟାଳୟ କିମ୍ବା ବିଭାଗୀୟ ଅଧିକାରୀଙ୍କୁ ମଧ ଜଣାଇ ନାହାନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ସାହୁ ଜିଲାଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଫଳରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଲହୁଣୀପଡା ବିଇଓ ଭଗବାନ ବାଙ୍କୀରାଙ୍କୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବିଇଓ ତୁରନ୍ତ ତଦନ୍ତ କରି ସାନ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କିଷାନଙ୍କ ବରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ବନ୍ଦ କରି ଦେଇଥିବା ଜଣାପଡିଛି। ଅର୍ଜୁନ ଝରି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାଏକ ବିନା ସୂଚନାରେ ଏକ ମାସରୁ ଊର୍ଦ୍ଧ୍ୱ ଧରି ବିଦ୍ୟାଳୟକୁ ଆସୁ ନ ଥିବାରୁ ଦରମା ବନ୍ଦ କରିବା ସହିତ ଚାକିରିରୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ବିଚାର ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଇଓ ଅଫିସରେ ଉପସ୍ଥିତ ରହିବା ପାଇଁ ଚିଠିରେ ଉଲ୍ଲେଖ କରିଥିବା ଜଣାପଡିଛି। ଏହି ୨ଟି ବିଦ୍ୟାଳୟ କୁଳିପୋଷ କ୍ଲଷ୍ଟର ଅନ୍ତର୍ଗତ ଅବସ୍ଥିତ ଥିବା ବେଳେ ସିଆରସିସି ବେଣୁଧର ବେହେରାଙ୍କ ପାଖରେ କୌଣସି ତଥ୍ୟ ନ ଥିବା ଓ ସେ ବିଇଓ କାର୍ଯ୍ୟାଳୟକୁ କୌଣସି ସୂଚନା ଦେଇ ନ ଥିବାରୁ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଓ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ବନ୍ଦ କରି ଦିଆଯାଇଥିବା ଜଣାପଡିଛି।


କେନରା बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦**

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବାଲିଆପାଳ ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ଗଣେଶ କିନ୍‌କାର ମହାନ୍ତି,** ପିତା: ଶ୍ରୀ ଅତୁଲ୍ କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଭାବତୀ ମହାନ୍ତି,** ମାର୍ଫତ: ଶ୍ରୀ ଅତୁଲ୍ କୁମାର ମହାନ୍ତି, ଉଭୟଙ୍କ ଠିକଣା: ବେଢାପାଳ, ବାଲେଶ୍ୱର, ଓଡିଶା, ପିନ୍-୭୫୬୦୨୬ । | (କ)**ଶ୍ରୀ ଗଣେଷ କିନ୍‌କାର ମହାନ୍ତିଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୨୨/୩୦୫୮, ଖାତା ନଂ.୬୭୦/୩୬୮, ଏରିଆ: ଏ.୦.୧୨ ଡିସିମିଲି, ମୌଜା: ବେଢାପାଲ, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ପିନ୍- ୭୫୬୦୨୬, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ପ୍ରତିଭା ମହାନ୍ତି ଏବଂ ଅନ୍ୟମାନେ, ପଶ୍ଚିମ- ପ୍ଲଟ ନଂ.୧୭୩୪, ରାମଚନ୍ଦ୍ର ମାସନ୍ତ ଏବଂ ୭ ଅନ୍ୟମାନେ, ୧୭୩୫ ଅନୀଲ କୁମାର ଦାସ ଅଧୀକାରୀ ଏବଂ ଅନ୍ୟମାନେ, ଉତ୍ତର- ପ୍ଲଟ ନଂ.୧୭୨୩ ଶ୍ୟାମସୁନ୍ଦର ନନ୍ଦି ଏବଂ ଅନ୍ୟମାନେ, ଦକ୍ଷିଣ- ରାସ୍ତା । /(ଖ)୧୧.୧୨.୨୦୨୩/(ଗ)୧୯.୦୨.୨୦୨୪/(ଘ)୨୧.୦୮.୨୦୨୩ ସୁଦ୍ଧା **ଟ.୮,୬୨,୪୨୦.୭୨** (ଆଠ ଲକ୍ଷ ବାଷଠି ହଜାର ଚାରିଶହ କୋଡିଏ ଟଙ୍କା ବାସ୍ତରି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |
| **ଦକ୍ଷିଣଧାମରା ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ,** ପିତା: ଶ୍ରୀ ଅଭିନାଶ ପ୍ରସାଦ, ପୂର୍ଣ୍ଣ ପ୍ରସାଦ, କଇଠଖୋଲ, ଧାମରା, ଓଡିଶା, ପିନ୍-୭୫୬୧୭୧ । | (କ) **ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୧୯୩/୧୮୬, ପ୍ଲଟ ନଂ.୨୦୩/୭୩୯, ଏରିଆ: ଏ.୦.୧୦ ଡିସିମିଲି, ମୌଜା: କଇଠଖୋଲ, ଥାନା: ବଂସଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ଚାରିପାର୍ଶ୍ୱରେ: ପୂର୍ବ- ଅଜୟ ଦିବେଦୀ, ପଶ୍ଚିମ- ନିଜେ ଏବଂ ସୁବାସ ଚନ୍ଦ୍ର ମଣ୍ଡଳ, ଉତ୍ତର- ପ୍ଲଟ ନଂ.୨୦୪ ଏବଂ ଡିଫେନ୍ସ ରୋଡ, ଦକ୍ଷିଣ- ପ୍ଲଟ ନଂ.୧୯୯ । /(ଖ)୧୧.୧୨.୨୦୨୩/ (ଗ)୨୨.୦୨.୨୦୨୪/(ଘ)୧୧.୧୨.୨୦୨୩ ସୁଦ୍ଧା **ଟ.୧୮,୪୪,୪୬୭.୮୯** (ଅଠର ଲକ୍ଷ ଚଉରାଳିସି ହଜାର ଚାରିଶହ ସତଷଠି ଟଙ୍କା ଅଣାନବେ ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୨୨.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 262/OSOU/2024 — **EMPLOYMENT NOTICE** — Dt. 22.02.2024

Applications are invited from Retired Professor(s), Associate Professor(s) and Assistant Professor(s) for appointment on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) Political Science, Odia, History, Economics, English, Sanskrit, Commerce, Management, Computer Science (Cyber Security), Rural Development, Journalism and Mass Communication, Hindi, Sociology and Public Administration.

Others with Ph.D or without Ph.D may also apply for consideration for engagement as Guest Faculty.

For details of terms and conditions and application form, please visit **www.osou.ac.in**. The filled-in application may be submitted Online or Offline complete in all respect along with supporting documents by **13th March, 2024, 5 p.m.** to the Registrar, Odisha State Open University, Sambalpur.

Sd-
Registrar I/c



## ଘୋଷଣାନାମା

ମୁଁ, **ଅଲଗୁ ମୁଥୁ ଶଙ୍କର,** ମହୁଲପୁଟ, **ତା୨୭।୧୦।୧୯୯୫ରୁ ୨୬।୧୦।୨୦୨୫ରିଖ** ଅବଧି ପାଇଁ ବୈପାରିଗୁଡ଼ା ତହସିଲରେ ଖାତା ନଂ. ୨୪୬ର ପ୍ଲଟ୍ ନଂ. ୩୪, ୩୫ ଏବଂ ୪୫ରେ ୦୫.୯୦୦ ହେକ୍ଟର ରକବାରେ ଅବସ୍ଥିତ **ମହୁଲପୁଟ ଗ୍ରାନାଇଟ୍ ଖଣି**ର ଲିଜ୍‌ଧାରୀ ଅଟେ। ମୁଁ ଖଣିଜଦ୍ରବ୍ୟର ଖନନ ପାଇଁ ବିଭିନ୍ନ ବିଭାଗରୁ ଆଦେଶ ହାସଲ କରିବା ଲାଗି ବ୍ୟକ୍ତିଗତ ଭାବେ ପଦକ୍ଷେପ ଗ୍ରହଣ କରୁଅଛି। ଏହି ଉଦ୍ଦେଶ୍ୟ ପାଇଁ ମୁଁ କୌଣସି ବ୍ୟକ୍ତିଙ୍କ ନାମରେ କୌଣସି ମୁକ୍ତାରନାମା (ପାଓ୍ୱର ଅଫ୍ ଆଟର୍ଣ୍ଣି)ର ପଞ୍ଜୀକରଣ କରିନାହିଁ। ମୋ ଜ୍ଞାତସାରକୁ ଏହା ଆସିଛି ଯେ, କେତେକ ଦୁର୍ବୃତ୍ତ ମୋର ଉପରୋକ୍ତ ଲିଜ୍ ଅଧିକାର କ୍ଷେତ୍ର ମଧ୍ୟକୁ ଅତିକ୍ରମଣ କରିବାର ଚେଷ୍ଟା କରୁଛନ୍ତି। ମୋର ଉପରୋକ୍ତ ବ୍ୟବସାୟରେ ଅନଧିକୃତ ଭାବେ ସଂଶ୍ଳିଷ୍ଟ ହେବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହା ମଧ୍ୟ ସ୍ପଷ୍ଟ କରିଦିଆଯାଉଛି ଯେ ମୋର ଜ୍ଞାତସାର କିମ୍ବା ଦସ୍ତଖତ ବିନା ସ୍ୱାକ୍ଷରିତ ହୋଇଥିବା ଯେକୌଣସି ରାଜିନାମା ଅବୈଧ ବିବେଚିତ ହେବ।



**OFFICE OF MUNICIPAL COUNCIL, MANDIR HASOUD**
**E-Procurement Tender Notice (1st Call)**
**SYSTEM TENDER NO.153188 NIT NO.3050/2023-24**
**Mandir Hasoud, Dated 21.02.2024**

Online bids in three envelop system are invited for the following construction works/ supply works upto date 26.03.2024 at 17.30 hours.

| Sl. No. | Description | Cost of Tender |
|---|---|---|
| 1 | Selection of Placement Agency for supply of labour of different categories (Skilled and unskilled) For FY 2024-25 | Rs.170.00 Lacs |

The details can be downloaded online directly from the Government of Chattisgarh e-Procurement Portal http://eproc.cgstate.gov.in From 22.02.2024 at 10.00 Hours. (IST) onwards. For more details on the tender and bidding process please visit the above mentioned portal.

39768/3 — **Sd./ Chief Municipal Officer, Municipal Council Mandir Hasoud**



**PANCHAYAT SAMITI, SUBDEGA**
**(Panchayatiraj & Drinking Water Deptt., Govt. of Odisha)**
**e-mail id: ori-subdega@nic.in, PIN-770014**
**No. 528 Date: 21.02.2024**

**CORRIGENDUM**

Reference to Tender Call Notice No.444 dt.16.02.2024 of BDO, Subdega, It is notified that the last date for submission of following tender is extended upto dt.29.02.2024. Tender opening is on 01.03.2024 at 11 A.M.

| Sl. No. | Location | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Sublaya | Completion of Upstairs Madri Kalo Smruti Sadan at Bhojpur, Sublaya GP under Subdega Block, District- Sundargarh | 25,43,638/- | 6000/- | Rs.25436/- | Three (03) Calendar months | "B" & "C" Class |

The detailed terms and conditions can be downloaded from the District website www.sundergarh.nic.in
1. Date and time to download Tender Paper: From Dt.16.02.2024 to 29.02.2024.
2. Last Date of Receipt of Tender Paper: Dt.29.02.2024 (5.30 P.M.)
3. Date of Opening of Tender Paper: Dt.01.03.2024 (11.00 A.M.)

**Sd./- Block Development Office, Subdega**



**PANCHAYAT SAMITI, SUBDEGA**
**Panchayatiraj & Drinking Water Deptt., Govt. of Odisha)**
**e-mail id: ori-subdega@nic.in, PIN-770014**
**No.444 Date: 16.2.2024**

**TENDER CALL NOTICE**

Sealed tenders are invited from the interested bidder for the civil work under BDO, Subdega of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.nic.in. The bidder should be **C & B class contractor**. They have to submit the bid document to the undersign in the address of Office of the **B.D.O., Subdega, At/P.O.- Subdega, Pin- 770014, Dist.- Sundargarh (Odisha)** through Registered Post / Speed Post only on or before **23.02.2024, 5.30 P.M.** The sale of tender paper will be available from dated **16.02.2024 to dated 23.02.2024** in the district website www.sundargarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated **26.02.2024 at 11.00 A.M.** in the office of the undersigned in the presence of the bidders or his / her representatives.

**Sd./- Block Development Officer, Subdega**

## ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୨ ଲକ୍ଷ ଲୁଟ

**ରାଜଗାଙ୍ଗପୁର,୨୨।୨(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବାଇପାସ ରୋଡରେ ଥିବା ରାଏ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ଗୁରୁବାର ୩ ଲୁଟେରା ୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପେଟ୍ରୋଲ ପମ୍ପ ମ୍ୟାନେଜର ଦିଲ୍ଲୀପ ତିୱାରୀ ଗୁରୁବାର ଦିନଦ୍ୱିପ୍ରହରରେ ଏକ ବ୍ୟାଗରେ ୧ ଲକ୍ଷ ୭୦ ହଜାର ଟଙ୍କା ନେଇ ବାଇକ୍ ଯୋଗେ ସହର ଭିତରକୁ ଯାଉଥିଲେ। ଜାମପାଲି ବାଇପାସର କିଛି ମିଟର ଦୂରରେ ୩ଜଣ ଲୁଟେରା ମୁହଁରେ ମୁଖା ବାନ୍ଧି ଏକ ବାଇକ୍ ଯୋଗେ ଆସି ତାଙ୍କୁ ଅଟକେଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେ ନ ଅଟକିବାରୁ ଲୁଟେରାମାନେ ତାଙ୍କୁ ଗୋଇଠା ମାରିଥିଲେ। ଫଳରେ ଦିଲ୍ଲୀପ ବାଇକ୍‌ରୁ ପଡିଯାଇଥିଲେ। ଲୁଟେରାମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆଘାତ କରି ଟଙ୍କା ବ୍ୟାଗ ଧରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଦିଲ୍ଲୀପଙ୍କ ୨ହାତ ଓ ପେଟରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏନେଇ ରାଜଗାଙ୍ଗପୁର ପୋଲିସ ଘଟଣାର ତଦନ୍ତ କରୁଛି।


ମାଦ୍ରି କାଲୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପୌରାଧକ୍ଷାଙ୍କ ସହ ଆଲୋଚନା କରାଯାଉଛି।

# ମାଦ୍ରି କାଲୋଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ସୁନ୍ଦରଗଡ,୨୨।୨(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ସହରର ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ମାଦ୍ରି କାଲୋ ଭବନର ଉନ୍ନତିକରଣ ଓ ପୁନରୁଦ୍ଧାର ପାଇଁ ବହୁ ଦିନର ଦାବି ପରେ ୩ କୋଟି ୧୨ ଲକ୍ଷ ବ୍ୟୟରେ ଉନ୍ନତିକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୁନରୁଦ୍ଧାର ଓ ଉନ୍ନତିକରଣ କାର୍ଯ୍ୟକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାଦ୍ରି କାଲୋ ଭବନର ଉନ୍ନତି କରଣ କାର୍ଯ୍ୟକୁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟ ଯଥାଶୀଘ୍ର ସମ୍ପନ୍ନ କରିବା ସହ ମାଦ୍ରି କାଲୋ ଭବନ ସମ୍ମୁଖରେ ମାଦ୍ରି କାଲୋଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପୌରାଧକ୍ଷା ତନୟା ମିଶ୍ର ଏବଂ ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ଏକ ଦାବି ପତ୍ର ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ବାବଦରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ରୀୟ ସଭାପତି ମେଘନାଦ ନାଏକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ସମ୍ପାଦକ ରାମ ଚନ୍ଦ୍ର ଅମାତ, ଜିଲା ସାଧାରଣ ସମ୍ପାଦକ ଗଣେଶର ନାଏକ, ମାୟାଧର କାଲୋ, ପୁରୁଷୋତ୍ତମ ରାଉତ, ସୁରେନ୍ଦ୍ର ଭିତ୍ରିଆ, ମାଦ୍ରି କାଲୋ ଯୁବ ପରିଷଦର ତପେଶର ବଡେକ, ମିତେଶ ଭିତ୍ରୀଆ, ଆକାଶ ଭିତ୍ରିଆ ପ୍ରମୁଖଙ୍କ ସହ ବହୁ ଭୂୟାଁ ସମାଜର କର୍ମକର୍ତ୍ତା ଉପସ୍ଥିତ ରହି ଅଧ୍ୟକ୍ଷାଙ୍କ ସହ ଆଲୋଚନା କରିଥିଲେ ଏବଂ ଅଧ୍ୟକ୍ଷା ଯଥାଶୀଘ୍ର ମାଦ୍ରି କାଲୋଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଦେବଗଡ଼,୨୨।୨( ଶଶାଙ୍କ ଶେଖର ଝାଙ୍କର)**

ଉଦ୍ୟାନ ବିଭାଗ ପକ୍ଷରୁ ତିଲେଇବଣି ବ୍ଲକ ପାରପୋଷି ପଞ୍ଚାୟତ ରୁକୁଡା ଗ୍ରାମରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ଏକ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓୟୁଏଟିର ବୈଜ୍ଞାନିକ ଡ. ପର୍ଶୁରାମ ସିଆଳ ଯୋଗଦେଇ ମସଲା ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଦେବଗଡ ଉଦ୍ୟାନ ବିଭାଗର ମୁଖ୍ୟ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ମଞ୍ଚାସୀନ ରହି ଉଦ୍ୟାନ କୃଷି କାର୍ଯ୍ୟକ୍ରମ ବିଷୟରେ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ମାନସୀ ଭୋଳ, କୃଷି ବିଜ୍ଞାନ କେନ୍ଦ୍ରର ରୋଗ ପୋକ ବିଶେଷଜ୍ଞ ଡ. କ୍ଷୀରୋଦ ବିଶ୍ୱାଳ, ନାବାର୍ଡର ଡିଡିଏମ ଧିରେନ୍ଦ୍ର କୁମାର ଦାସ ଓ ଦେବଗଡ ଏଲ୍ଡିଏମ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ସହାୟତା ଓ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଚାଷୀ ମାସି ଜୋଜୋ ଓ ପ୍ରମୋଦ କୁମାର ନାୟକ ଚାଷ କାର୍ଯ୍ୟ କରି କିଭଳି ଲାଭବାନ ହୋଇ ପାରିଛନ୍ତି ସେନେଇ ନଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ଓ ଚାଷୀ ସାମିଲ ହୋଇଥିଲେ ।

# ୪ ଶହ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପ୍ରାସନ ଆୟୁର୍ବେଦିକ ଟିକାକରଣ

**ବଡ଼ଗାଁ,୨୨।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପରିସରରେ ଗୁରୁବାର ୪ ଶହ ଛାତ୍ରୀଛାତ୍ରଙ୍କୁ ଆୟୁର୍ବେଦିକ ଟୀକାକରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ, ଡିଗ୍ରୀ କଲେଜ ଅଧ୍ୟକ୍ଷା ବନଜା ରାଣୀ ଷଡଙ୍ଗୀ, ଅଧ୍ୟାପକ ହେମନ୍ତ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଡା.ସ୍ୱପ୍ନା ସିନ୍ଧେ, ଡା.ମାଦିଲଦା ବାରା, ଡା.ଏମ୍‌ଡି ଇମରାନ, ଡା. ଭାଗ୍ୟଶ୍ରୀ ପଟେଲ ସ୍ୱର୍ଣ୍ଣ ପ୍ରାସନ ଟିକା ପ୍ରସ୍ତୁତ କରିବା ସହିତ ପିଲାଙ୍କୁ ଟୀକାକରଣ କରାଇଥିଲେ।

# କଳାକାର ସଂଘର ନୂତନ କର୍ମକର୍ତ୍ତା ମନୋନୟନ

**ଦେବଗଡ଼,୨୨।୨(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ଗୋଳାବନ୍ଧ ଶିବ ମନ୍ଦିରରେ ବାରକୋଟ ବ୍ଲକର ସମସ୍ତ କଳାକାର ସଂଘର ମୁଖ୍ୟଙ୍କୁ ନେଇ ଗୁରୁବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାକାର ସଂଘର ଜିଲା ସଭାପତି ବିଷ୍ଣୁ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାରକୋଟ ବ୍ଲକର କଳାକାର ସଂଘ ସମୂହର ବିଭିନ୍ନ ସମସ୍ୟାର ସମାଧାନ ଓ ବିଲୁପ୍ତ ପ୍ରାୟ କଳାର ସଂରକ୍ଷଣ ଓ ସଂପ୍ରସାରଣ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସେହିପରି ସଂଘକୁ ବ୍ଲକ ସ୍ତରରେ ଅଧିକ ସୁଦୃଢ ଓ ସୁସଙ୍ଗଠିତ କରିବା ନିମନ୍ତେ ବାରକୋଟ ବ୍ଲକ କଳାକାର ସଂଘର ସଭାପତିଭାବେ ରଜାମୁଣ୍ଡା ଗ୍ରାମର ପଟେଲ କୁମାର ମହାନ୍ତ, ଉପସଭାପତି ଭାବେ ବମ୍ପରଡା ଗ୍ରାମର ଦେବେନ୍ଦ୍ର ମହାକୁଳ, ସମ୍ପାଦକ ଭାବେ ନୂଆଁକେଶଲା ଗ୍ରାମର ପୌଲସ୍ତି ଉଦାବର, ସହ ସମ୍ପାଦିକାଭାବେ ବୁଢାଖମଣ ଗ୍ରାମର ହୀରାମଣି ନାୟକ, କୋଷାଧ୍ୟକ୍ଷ ଭାବେ ଲାଣ୍ଡୀଝରି ଗ୍ରାମର ମାଳତୀ ନାୟକଙ୍କୁ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ସଂଘର ମୁଖ୍ୟ ଉପଦେଷ୍ଟା ଭାବେ କୁଣ୍ଡାପିଠା ଗ୍ରାମର ଡିଲେଶ୍ୱର ସାହୁଙ୍କୁ ଚୟନ କରାଯାଇଥିଲା। ନୂତନ ଭାବେ ମନୋନୀତ କାର୍ଯ୍ୟକର୍ତ୍ତାଙ୍କୁ ଜିଲା ସଭାପତି ବିଷ୍ଣୁ ବାରିକ ଶପଥ ପାଠ କରାଇଥିଲେ। ଏହି ବୈଠକରେ ବୁଢାଖମଣ ଗ୍ରାମର ପୌଲସ୍ତି ପ୍ରଧାନ, ଗୁରୁସଙ୍ଗ ଗ୍ରାମର ଅର୍ଜୁନ ନାୟକଙ୍କ ସମେତ ବାରକୋଟ ବ୍ଲକର ସମସ୍ତ ୨୪ଟି ପଞ୍ଚାୟତର ଶତାଧିକ କଳାକାର ଯୋଗ ଦେଇଥିଲେ ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଦେବଗଡ଼,୨୨।୨(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ବନିଆକିଲିଣ୍ଡା ପଞ୍ଚାୟତ କଳାମାଟି ଗ୍ରାମସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଭୁରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା( ଆଇଟିଡିଏ)ର ପଷ୍ଟଲ୍ ପ୍ରଶାସିକା ସଂଧ୍ୟାରାଣୀ ମାଝି, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଡୋମେନ ଏକ୍କା ଓ ଉତ୍ସବ ବେହେରା, ବାରକୋଟ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଓ ତିଲେଇବଣି ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ସାଇନା ଗଡତିଆ ଓ ଗାୟତ୍ରୀ ଭୋଇ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷୀକ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। ଶେଷରେ ଶିକ୍ଷକ ମୋତିଲାଲ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ ସୁଧିର କୁମାର ପ୍ରଧାନ, ଦୈତାରୀ ପ୍ରସାଦ ଦ୍ୱିବେଦୀ, ସୌମ୍ୟରଞ୍ଜନ ବେହେରା, ମିଲନ କୁମାର ସାହୁ, ବାପିନି କୁମାର ସାହୁ, ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ମୋନାଲିଶା ପଣ୍ଡା, ପ୍ରତି ପରିମିତା ବେହେରା, ସୁନୀତା ବିଶ୍ୱାଳ, ସୁସ୍ମିତା କୁଜୁର , ଗୀତାଞ୍ଜଳି ଶତପଥି, ଅଲିଶା ଚିନ୍ମୟୀ ପ୍ରଧାନ ଓ ମେଟ୍ରନ ରୋଜମେରୀ ଲାକ୍ରା ସହଯୋଗ କରିଥିଲେ ।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 262/OSOU/2024 Dt. 22.02.2024

**EMPLOYMENT NOTICE**

Applications are invited from Retired Professor(s), Associate Professor(s) and Assistant Professor(s) for appointment on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) Political Science, Odia, History, Economics, English, Sanskrit, Commerce, Management, Computer Science (Cyber Security), Rural Development, Journalism and Mass Communication, Hindi, Sociology and Public Administration.

Others with Ph.D or without Ph.D may also apply for consideration for engagement as Guest Faculty.

For details of terms and conditions and application form, please visit **www.osou.ac.in**. The filled-in application may be submitted Online or Offline complete in all respect along with supporting documents by **13th March, 2024, 5 p.m.** to the Registrar, Odisha State Open University, Sambalpur.

Sd-
Registrar I/c

# ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ


ମୁଖ୍ୟ ଅତିଥି କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**କୁତ୍ରା,୨୨।୨(ଦେବାଶିଷ ସାହୁ)**

ରାଜ୍ୟ ସରକାରଙ୍କ ଆମ୍ବାଡସି ଓ ଡିଏସଡବ୍ଲ୍ୟୁଓ ସହାୟତାରେ କୁତ୍ରା ବ୍ଲକଠାରେ ସ୍ୱେଚ୍ଛାସେବୀ ସଂସ୍ଥା ଆଇଏମଟିସ ଦ୍ୱାରା ପରିଚାଳିତ ବ୍ଲକର ୧୫ଟି ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କୁତ୍ରା ସିଡିପିଓ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଆଇସିଡିଏସ ସୁପରଭାଇଜର ବୁଟ କଇଥା, ଆଇଏମଟିସ ପ୍ରଶାସନିକ ଅଧିକାରୀ ସୁମନ୍ତ କୁମାର ଜେନା,ସଂଗ୍ରାମ କେଶରୀ ଦାସ, ଆମ କଳିକା କେନ୍ଦ୍ରର ପ୍ରୋଜେକ୍ଟ କୋଡିନେଟର ଜ୍ଞାନରଞ୍ଜନ ଗିରି, କ୍ରେଜ ମ୍ୟାନେଜର ରାଜେଶ ଲାକଡା, ସୁପରଭାଇଜର ତୃଷ୍ଣା ପ୍ରଣୀତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କଳିକା କେନ୍ଦ୍ରରେ ଗରିବ ତଥା ଯେଉଁ ଶିଶୁଙ୍କ ମା'ବାପା ବାହାରକୁ କାର୍ଯ୍ୟ କରିବାକୁ ଯାଉଛନ୍ତି ସେହି ଶିଶୁଙ୍କୁ କଳିକା କେନ୍ଦ୍ରରେ ଛାଡ଼ିକି ଯିବେ। ସେଠାରେ ତାଙ୍କୁ ଖାଇବା ଦେବା ସହିତ ତାଙ୍କର ଯତ୍ନ ନିଆଯିବ। ଏହି କାର୍ଯ୍ୟକ୍ରମକୁ କ୍ରିଷ୍ଟ ଲାକଡା ପରିଚାଳନା କରିଥିଲେ।

# ୨ ଶିକ୍ଷକ, ସିଆର୍‌ସିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଲହୁଣୀପଡା,୨୨।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକର ୨ଟି ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଉକ୍ତ କ୍ଲଷ୍ଟରର ସିଆର୍‌ସିସିଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ତାଳବାହାଳି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗୁରୁବାର ବଣେଇଁ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଗସ୍ତ କରିଥିଲେ। ଏହି ସମୟରେ ସାନ ନୂଆଗାଁ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କିଷାନ ଅନୁପସ୍ଥିତ ଥିବା ସେ ଦେଖିବାକୁ ପାଇଥିଲେ। ପରେ ସାନ ନୂଆଗାଁ ନିକଟସ୍ଥ ଅର୍ଜୁନ ଝରି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ବେଳେ ଜାଣିବାକୁ ପାଇଲେ, ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାଏକ ପ୍ରାୟ ଏକ ମାସ ହେବ ବିଦ୍ୟାଳୟକୁ ଆସୁ ନାହାନ୍ତି। ନ ଆସିବାର କାରଣ ବିଦ୍ୟାଳୟ କିମ୍ବା ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇ ନାହାନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ସାହୁ ଜିଲାଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଫଳରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଲହୁଣୀପଡା ବିଇଓ ଭଗବାନ ବାଙ୍କୀରାଙ୍କୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବିଇଓ ତୁରନ୍ତ ତଦନ୍ତ କରି ସାନ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗଦୀଶ କିଷାନଙ୍କ ବରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ବନ୍ଦ କରି ଦେଇଥିବା ଜଣାପଡିଛି। ଅର୍ଜୁନ ଝରି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାଏକ ବିନା ସୂଚନାରେ ଏକ ମାସରୁ ଉର୍ଦ୍ଧ୍ୱ ଧରି ବିଦ୍ୟାଳୟକୁ ଆସୁ ନ ଥିବାରୁ ଦରମା ବନ୍ଦ କରିବା ସହିତ ଚାକିରିରୁ ନିଲମ୍ବିତ କରାଯାଇଛି। ପରବର୍ତ୍ତୀ ବିଚାର ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଇଓ ଅଫିସରେ ଉପସ୍ଥିତ ରହିବା ପାଇଁ ଚିଠିରେ ଉଲ୍ଲେଖ କରିଥିବା ଜଣାପଡିଛି। ଏହି ୨ଟି ବିଦ୍ୟାଳୟ କୁଳିପୋଷ କ୍ଲଷ୍ଟର ଅନ୍ତର୍ଗତ ଅବସ୍ଥିତ ଥିବା ବେଳେ ସିଆରସିସି ବେଣୁଧର ବେହେରାଙ୍କ ପାଖରେ କୌଣସି ତଥ୍ୟ ନ ଥିବା ଓ ସେ ବିଇଓ କାର୍ଯ୍ୟାଳୟକୁ କୌଣସି ସୂଚନା ଦେଇ ନ ଥିବାରୁ ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଓ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦରମା ବନ୍ଦ କରି ଦିଆଯାଇଥିବା ଜଣାପଡିଛି।

**केनरा बैंक Canara Bank** | **ସିଣ୍ଡିକେଟ Syndicate**

**କାନାରା ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦**

## ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବାଲିଆପାଳ ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଗଣେଷ କିନ୍‌କାର ମହାନ୍ତି,** ପିତା: ଶ୍ରୀ ଅତୁଲ୍ କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପ୍ରଭାବତୀ ମହାନ୍ତି,** ମାର୍ଫତ: ଶ୍ରୀ ଅତୁଲ୍ କୁମାର ମହାନ୍ତି, ଉଭୟଙ୍କ ଠିକଣା: ବେଡାପାଳ, ବାଲେଶ୍ୱର, ଓଡିଶା, ପିନ୍-୭୫୬୦୨୬। | **(କ)ଶ୍ରୀ ଗଣେଷ କିନ୍‌କାର ମହାନ୍ତି**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୨୨/୩୦୫୮, ଖାତା ନଂ.୬୭୦/୩୬୮, ଏରିଆ: ଏ୦.୧୨ ଡିସିମିଲି, ମୌଜା: ବେଡାପାଲ, ଥାନା: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ପିନ୍- ୭୫୬୦୨୬, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ପ୍ରତିଭା ମହାନ୍ତି ଏବଂ ଅନ୍ୟମାନେ, ପଶ୍ଚିମ- ପ୍ଲଟ ନଂ.୧୭୩୪, ରାମଚନ୍ଦ୍ର ମାସନ୍ତ ଏବଂ ୭ ଅନ୍ୟମାନେ, ୧୭୩୫ ଅନୀଲ କୁମାର ଦାସ ଅଧୀକାରୀ ଏବଂ ଅନ୍ୟମାନେ, ଉତ୍ତର- ପ୍ଲଟ ନଂ.୧୭୨୩ ଶ୍ୟାମସୁନ୍ଦର ନନ୍ଦି ଏବଂ ଅନ୍ୟମାନେ, ଦକ୍ଷିଣ- ରାସ୍ତା । /(ଖ)୧୧.୧୨.୨୦୨୩/(ଗ)୧୯.୦୨.୨୦୨୪/(ଘ)୨୧.୦୮.୨୦୨୩ ସୁଦ୍ଧା ଟ.୮,୬୨,୪୨୦.୭୨ (ଆଠ ଲକ୍ଷ ବାଷଠି ହଜାର ଚାରିଶହ କୋଡିଏ ଟଙ୍କା ବାସ୍ତରି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |
| **ଦକ୍ଷିଣଧାମରା ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ,** ପିତା: ଶ୍ରୀ ଅଭିନାଶ ପ୍ରସାଦ, ପୂର୍ଣ୍ଣ ପ୍ରସାଦ, କଇଠଖୋଲ, ଧାମରା, ଓଡିଶା, ପିନ୍-୭୫୬୧୭୧। | (କ) **ଶ୍ରୀ ହରେକ୍ରୀଷ୍ଣା ମଣ୍ଡଳ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୧୯୩/ ୧୮୬, ପ୍ଲଟ ନଂ.୨୦୩/ ୭୩୯, ଏରିଆ: ଏ୦.୧୦ ଡିସିମିଲି, ମୌଜା: କଇଠଖୋଲ, ଥାନା: ବଂସଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ଚାରିପାର୍ଶ୍ୱରେ: ପୂର୍ବ- ଅଜୟ ଦିବେଦୀ, ପଶ୍ଚିମ- ନିଜେ ଏବଂ ସୁବାସ ଚନ୍ଦ୍ର ମଣ୍ଡଳ, ଉତ୍ତର- ପ୍ଲଟ ନଂ.୨୦୪ ଏବଂ ଡିଫେନ୍ସ ରୋଡ, ଦକ୍ଷିଣ- ପ୍ଲଟ ନଂ.୧୯୯ । /(ଖ)୧୧.୧୨.୨୦୨୩/(ଗ)୨୨.୦୨.୨୦୨୪/(ଘ)୧୧.୧୨.୨୦୨୩ ସୁଦ୍ଧା ଟ.୧୮,୪୪,୪୬୭.୮୯ (ଅଠର ଲକ୍ଷ ଚଉରାଳିସି ହଜାର ଚାରିଶହ ସତଷଠି ଟଙ୍କା ଅଣାନବେ ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୨୨.୦୨.୨୦୨୪, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଘୋଷଣାନାମା

ମୁଁ, **ଅଲଗୁ ମୁଥୁ ଶଙ୍କର**, ମହୁଲପୁଟ, **ତା୨୭।୧୦।୧୯୯୫ରୁ ୨୬।୧୦।୨୦୨୫ରିଖ** ଅବଧି ପାଇଁ ବୈପାରିଗୁଡ଼ା ତହସିଲରେ ଖାତା ନଂ. ୨୪୬ର ପ୍ଲଟ୍ ନଂ. ୩୪, ୩୫ ଏବଂ ୪୫ରେ ୦୫.୯୦୦ ହେକ୍ଟର ରକବାରେ ଅବସ୍ଥିତ **ମହୁଲପୁଟ ଗ୍ରାନାଇଟ୍ ଖଣି**ର ଲିଜ୍‌ଧାରୀ ଅଟେ। ମୁଁ ଖଣିଜଦ୍ରବ୍ୟର ଖନନ ପାଇଁ ବିଭିନ୍ନ ବିଭାଗରୁ ଆଦେଶ ହାସଲ କରିବା ଲାଗି ବ୍ୟକ୍ତିଗତ ଭାବେ ପଦକ୍ଷେପ ଗ୍ରହଣ କରୁଅଛି। ଏହି ଉଦ୍ଦେଶ୍ୟ ପାଇଁ ମୁଁ କୌଣସି ବ୍ୟକ୍ତିଙ୍କ ନାମରେ କୌଣସି ମୁକ୍ତାରନାମା (ପାୱର ଅଫ୍ ଆଟର୍ଣ୍ଣି)ର ପଞ୍ଜୀକରଣ କରିନାହିଁ। ମୋ ଜ୍ଞାତସାରକୁ ଏହା ଆସିଛି ଯେ, କେତେକ ଦୁର୍ବୃତ୍ତ ମୋର ଉପରୋକ୍ତ ଲିଜ୍ ଅଧିକାର କ୍ଷେତ୍ର ମଧ୍ୟକୁ ଅତିକ୍ରମଣ କରିବାର ଚେଷ୍ଟା କରୁଛନ୍ତି। ମୋର ଉପରୋକ୍ତ ବ୍ୟବସାୟରେ ଅନଧିକୃତ ଭାବେ ସଂଶ୍ଳିଷ୍ଟ ହେବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏହା ମଧ୍ୟ ସ୍ପଷ୍ଟ କରିଦିଆଯାଉଛି ଯେ ମୋର ଜ୍ଞାତସାର କିମ୍ବା ଦସ୍ତଖତ ବିନା ସ୍ୱାକ୍ଷରିତ ହୋଇଥିବା ଯେକୌଣସି ରାଜିନାମା ଅବୈଧ ବିବେଚିତ ହେବ।

**OFFICE OF MUNICIPAL COUNCIL, MANDIR HASOUD**
**E-Procurement Tender Notice (1st Call)**
**SYSTEM TENDER NO.153188 NIT NO.3050/2023-24**
**Mandir Hasoud, Dated 21.02.2024**

Online bids in three envelop system are invited for the following construction works/ supply works upto date 26.03.2024 at 17.30 hours.

| Sl. No. | Description | Cost of Tender |
|---|---|---|
| 1 | Selection of Placement Agency for supply of labour of different categories (Skilled and unskilled) For FY 2024-25 | Rs.170.00 Lacs |

The details can be downloaded online directly from the Government of Chattisgarh e-Procurement Portal http://eproc.cgstate.gov.in From 22.02.2024 at 10.00 Hours. (IST) onwards. For more details on the tender and bidding process please visit the above mentioned portal.

**Sd./ Chief Municipal Officer**
**Municipal Council Mandir Hasoud**
39768/3

**PANCHAYAT SAMITI, SUBDEGA**
(Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
**No. 528 Date: 21.02.2024**

**CORRIGENDUM**

Reference to Tender Call Notice No.444 dt.16.02.2024 of BDO, Subdega, It is notified that the last date for submission of following tender is extended upto dt.29.02.2024. Tender opening is on 01.03.2024 at 11 A.M.

| Sl. No. | Location | Name of the Work | Amount put to Tender in Rs. | Cost of Tender paper (Non-refundable) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Sublaya | Completion of Upstairs Madri Kalo Smruti Sadan at Bhojpur, Sublaya GP under Subdega Block, District- Sundargarh | 25,43,638/- | 6000/- | Rs.25436/- | Three (03) Calendar months | "B" & "C" Class |

The detailed terms and conditions can be downloaded from the District website www.sundergarh.nic.in
1. Date and time to download Tender Paper: From Dt.16.02.2024 to 29.02.2024.
2. Last Date of Receipt of Tender Paper: Dt.29.02.2024 (5.30 P.M.)
3. Date of Opening of Tender Paper: Dt.01.03.2024 (11.00 A.M.)

**Sd./- Block Development Office, Subdega**

**PANCHAYAT SAMITI, SUBDEGA**
Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN-770014
**No.444 Date: 16.2.2024**

**TENDER CALL NOTICE**

Sealed tenders are invited from the interested bidder for the civil work under BDO, Subdega of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.nic.in. The bidder should be **C & B class contractor**. They have to submit the bid document to the undersign in the address of Office of the **B.D.O., Subdega, At/P.O.- Subdega, Pin- 770014, Dist.- Sundargarh (Odisha)** through Registered Post / Speed Post only on or before **23.02.2024, 5.30 P.M.** The sale of tender paper will be available from dated **16.02.2024 to dated 23.02.2024** in the district website www.sundargarh.nic.in. The authority reserves the right to cancel or reject the entire process without assigning any reason thereof. The tender will be opened on dated **26.02.2024 at 11.00 A.M.** in the office of the undersigned in the presence of the bidders or his / her representatives.

**Sd./- Block Development Officer**
**Subdega**

# ମହିଳାଙ୍କୁ ମାରି ଫିଙ୍ଗିଦେଲେ

ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା କେଶରକେଲାସ୍ଥିତ ପମ୍ପହାଉସ ନିକଟ ଏକ ଗଛତଳୁ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ମହିଳାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମୃତା ଯେଉଁ ଶାଢ଼ୀ ପିନ୍ଧିଛନ୍ତି ମିଶନ ଶକ୍ତି ଗୋଷ୍ଠୀ ସାଧନ କର୍ମୀ (ସିଆରପି)ମାନେ ପରିଧାନ କରୁଥିବାରୁ ମହିଳା ଜଣକ ମିଶନ ଶକ୍ତି କର୍ମୀ ହୋଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ବୁଧବାର ବିଳମ୍ବିତ ରାତିରେ ମହିଳାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅନୁମାନ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳକୁ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ପହଞ୍ଚି ତନାଘନା କରିଥିଲେ। ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସୂଚନା ଅନୁସାରେ ମୃତା ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ବରିଗୁବା ଗାଁର ସଂଯୁକ୍ତା



ଏସପି ଋଷିକେଶ ଖିଲାରୀ, ଏସଡିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳ ତଦାରଖ କରୁଛନ୍ତି।

ମହାନନ୍ଦ ବୋଲି ଚିହ୍ନଟ କରାଯାଇଛି। ତେବେ ମହିଳାଙ୍କ ମୃତଦେହ ଏଠାକୁ କିପରି ଆସିଲା ଏବଂ ଘଟଣା ପଛରେ କି ରହସ୍ୟ ରହିଛି ତାହାର ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

ଗୁରୁବାର ସକାଳ ୯ଟାରେ କେଶରକେଲା ପମ୍ପହାଉସ ନିକଟ ଏକ ଗଛ ତଳେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ମହିଳାଙ୍କ ବେକରେ ଦାଗ ଓ ମୁଣ୍ଡରେ କ୍ଷତଚିହ୍ନ ରହିଛି। କୌଣସି ଏକ ଗାଡିରେ ମହିଳାଙ୍କୁ ପମ୍ପହାଉସ ନିକଟ ଖୋଲା ପଡିଆକୁ ଅଣାଯାଇ ସେଠାରେ ହତ୍ୟା କରାଯାଇଛି। ମହିଳାଙ୍କ ଜୋତା, ମୋବାଇଲ ଏବଂ ଅଳଙ୍କାର ଇତସ୍ତତଃ ଭାବେ ପଡିଥିବାରୁ ହତ୍ୟାକାରୀଙ୍କ ସହ ସେ ସଂଘର୍ଷ କରିଥିବା ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତି ଏବଂ ପ୍ରାରମ୍ଭିକ ତଦନ୍ତରୁ ମହିଳାଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଏସ୍‌ଡିପିଓ ସାହୁ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

- କେଶରକେଲା ପମ୍ପହାଉସ ନିକଟରୁ ମୃତଦେହ ଠାବ
- ମୃତାଙ୍କ ଶାଢ଼ିରୁ ମିଶନ ଶକ୍ତି ସିଆରପି ସଦସ୍ୟା ସନ୍ଦେହ
- ଘଟଣାସ୍ଥଳରୁ ମୋବାଇଲ, ଜୋତା, ଅଳଙ୍କାର ଜବତ

## ସଂକ୍ଷେପରେ

### ଲୋଇସିଂହା, ବେଲପଡ଼ାକୁ ଏନ୍‌ଏସି ମାନ୍ୟତା ଦାବି

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଳିକେଶ**

ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଦୁଇ ବଡ ଗ୍ରାମପଞ୍ଚାୟତ ଲୋଇସିଂହା ବ୍ଲକ୍‌ର ଲୋଇସିଂହା ଏବଂ ବେଲପଡା ବ୍ଲକ୍‌ର ବେଲପଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଚିଠି ଲେଖିଛନ୍ତି। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଏହି ଦୁଇ ଗ୍ରାମପଞ୍ଚାୟତ ଏନଏସି ମାନ୍ୟତା ପାଇଁ ପୂର୍ବରୁ ମଧ୍ୟ ରିପୋର୍ଟ ଦିଆଯାଇଥିବା କୁହାଯାଇଛି। ମୁଖ୍ୟମନ୍ତ୍ରୀ ଏହି ଦାବି ଉପରେ ତୁରନ୍ତ ପଦକ୍ଷେପ ନେବାକୁ କଳିକେଶ ଦାବି କରିଛନ୍ତି। ବହୁବର୍ଷ ହେଲା ଲୋଇସିଂହା ଏବଂ ବେଲପଡାକୁ ଏନଏସି ମାନ୍ୟତା ଦେବାକୁ ଅନେକ ଥର ଆନ୍ଦୋଳନ ହୋଇଛି। ମୁଖ୍ୟତଃ ଲୋଇସିଂହାରେ ଦୀର୍ଘଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁଥିଲା। ଏହି ଦାବି ଉପରେ ବହୁଦିନ ଧରି ଜନସାଧାରଣ ଧାରଣା ଦେଇଥିଲେ। ଲୋଇସିଂହା ପଞ୍ଚାୟତ ସହ ବୁର୍ଡା ଓ ହୀରାପୁରକୁ ମଧ୍ୟ ଏନ୍‌ଏସିରେ ସାମିଲ କରାଯିବାକୁ କୁହାଯାଇଛି। ବେଲପଡା ଗ୍ରାମ ପଞ୍ଚାୟତରେ ପଦ୍ମପୁର ଅଞ୍ଚଳକୁ ମିଶାଇ ଏକ ଏନଏସି ଗଠନ କରାଯିବାକୁ ଦାବି କରାଯାଇଛି।

### ଆରିହନ୍ତ ଷ୍ଟୋରରେ ଜିଏସ୍‌ଟି ଚଢ଼ାଉ

ବେଲପଡ଼ା, ୨୨।୨(ମନୋଜ ମିଶ୍ର)

ବେଲପଡ଼ା ଆରିହନ୍ତ ଷ୍ଟୋରରେ ଗୁରୁବାର ବଲାଙ୍ଗୀର ଜିଏସ୍‌ଟି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜିଏସ୍‌ଟି ଅଫିସର କିଶୋର ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ୯ ଜଣିଆ ଟିମ ଷ୍ଟୋରର ମାଲିକ ରାଜେଶ ଅଗ୍ରୱାଲଙ୍କ ମାଲିମୁଣ୍ଡାସ୍ଥିତ ସିମେଣ୍ଟ, ଲୁହଛଡ ଗୋଦାମ ଓ ବେଲପଡ଼ା ଅଫିସରେ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚଢ଼ାଉ କରିଥିଲେ। ଜିଏସ୍‌ଟି ଅଧିକାରୀ ମେହେରଙ୍କ କହିବା ଅନୁସାରେ ଉକ୍ତ ଷ୍ଟୋର ମାଲିକ ଦୀର୍ଘ ଦିନରୁ କ୍ରୟ ବିକ୍ରୟ ଉପରେ ସରକାରଙ୍କୁ ସଠିକ ଜିଏସ୍‌ଟି ପୈଠ ନ କରି ଟିକସ ଫାଙ୍କୁ ଥିଲେ ବୋଲି ଅଭିଯୋଗ ରହିଥିଲା। ଜିଏସ୍‌ଟି ମୋବାଇଲ ୟୁନିଟ ପକ୍ଷରୁ ଟିକସ୍ ପୈଠ ପାଇଁ ସୂଚନା ଦିଆଯାଇଥିଲେ ମଧ୍ୟ ପୈଠ କରୁ ନ ଥିଲେ। କାଗଜପତ୍ର ଯାଞ୍ଚ ଚାଲିଛି, ଯାଞ୍ଚ ପରେ ଏ ସମ୍ପର୍କିତ ତଥ୍ୟ ଜଣାପଡ଼ିବ ବୋଲି ସେ କହିଥିଲେ। ଦିନ ୧୨ଟାରୁ ଜିଏସ୍‌ଟି ଚଢ଼ାଉ ଖବର ଜଣାପଡିବା ପରେ ବେଲପଡାରେ ଥିବା କପଡା କିରାନା ଓ ଅନ୍ୟାନ୍ୟ ଦୋକାନକୁ ମାଲିକମାନେ ବନ୍ଦ କରିଦେଇଥିଲେ।

### ଚାଚେରବ୍ୟାଙ୍ଗ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ବେଲପଡ଼ା,୨୨।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଚାଚେରବ୍ୟାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ସୁଷମା ପାଣିଗ୍ରାହୀଙ୍କ ଅଧକ୍ଷତା ଓ ଶିକ୍ଷକ ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଇଓ ଅଭିନବ ମିଶ୍ର, ମୁଖ୍ୟବକ୍ତା ଅଧାପକ ମନୋଜ ମହାଖୁଡ, ସମ୍ମାନୀତ ଅତିଥିଭାବେ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ନୁନହାଡ ସରପଞ୍ଚ ବିଳାସିନୀ ମେହେର ମାଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ମିଶ୍ର ଛାତ୍ର ଜୀବନରେ ଶୃଙ୍ଖଳା ବିଷୟରେ କହିଥଲେ। ଆଦର୍ଶ ଶିକ୍ଷକ ଭାବେ ଶ୍ରୀକାନ୍ତ ଖମାରୀ, ତୁଳାରାମ ମାଝି, ରତ୍ନା କୁମ୍ଭାରଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶିକ୍ଷକ ଶେଷଦେବ ପାଢ଼ୀଙ୍କୁ ଅତିଥିଗଣ ସମ୍ମାନୀତ କରିଥିଲେ। ବାର୍ଷିକ ଉତ୍ସାବ ପାଇଁ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସଭାପତି ପୀତବାସ ମଲ୍ଲିକ, ସଭ୍ୟ ଜବାହର ସାହୁ, ଶିକ୍ଷକ କେଦାର ପାଣିଗ୍ରାହୀ, ଜୟଦେବ ଭୁକ୍ତା, କେଶ ରଞ୍ଜନଙ୍କ ତତ୍ତ୍ୱାବଧାରେ ଉତ୍ସବ ସମାପିତ ହୋଇଥିଲା।

# ପୃଥକ୍ ଦୁର୍ଘଟଣା: ୨ ମୃତ, ୨ ଗୁରୁତର

ଲୋଇସିଂହା,୨୨।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଗୁରୁବାର ପୃଥକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ବାଇକ ଦୁର୍ଘଟଣାରେ ଇଂସା ଗ୍ରାମର ଶୈଲ୍ୟ ଥନାପତି(୩୦) ଏବଂ ମିନିଟ୍ରକ ଚାପାରେ ସାଲେଭାଟା ଗ୍ରାମର ବିଧବା ସୁରେଖା ନାଏକ(୭୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଗୁରୁତର ୨ଜଣ ହେଲେ ଇଂସା ଗ୍ରାମର ମଣୀଚନ୍ଦ୍ର (୭୦) ଥନାପତି ଏବଂ ସୁବ୍ରତ ଥନାପତି(୪୫)। ଗୁରୁତରଙ୍କୁ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଛି। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇ ମିନିଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବାଇକ ଏବଂ ମିନିଟ୍ରକକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଆଗଲପୁର ବ୍ଲକ ଇଂସା ଗ୍ରାମର ଶୈଲ୍ୟ, ସୁବ୍ରତ ଏବଂ ମଣୀଚନ୍ଦ୍ର ବାଇକ( ନଂ.ଓଡି୩୧ କେ ୧୫୦୬)ରେ ବଲାଙ୍ଗୀର ଯାଉଥିଲେ। ଲୋଇସିଂହା-ପଦ୍ମପୁର ରାସ୍ତାର କରକଟିଆ ଏବଂ କନ୍ଧାଜୁରୀ ମଧ୍ୟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗାର୍ଡ ପୋଷ୍ଟରେ ସେମାନଙ୍କ ବାଇକ ଧକ୍କା ହୋଇଥିଲା। ୩ଜଣ ଯାକ ଆରୋହୀ ଛିଟି ରାସ୍ତାରେ ପଡିଥିଲେ। ସେମାନଙ୍କୁ ଅନ୍ୟ ପଥାଚାରୀ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ସେଠାରେ ଡାକ୍ତର ଶୈଲ୍ୟଙ୍କୁ ମୃତ ଘୋଷିତ କରିଥିଲେ। ସେହିପରି ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସାଲେଭଟା ଉତ୍କଳମଣୀ ହାଇସ୍କୁଲ ଛକରେ ବିଧବା ସୁରେଖା ନାଏକ ଅପରାହ୍ନ ପ୍ରାୟ ୨ଟାରେ କୌଣସି କାର୍ଯ୍ୟରେ ରାଜପଥ ପାର ହେଉଥିଲେ। ଏହି ସମୟରେ ବଲାଙ୍ଗୀରରୁସାଲେଭାଟପଟକୁଯାଉଥିବା ମିନିଟ୍ରକ (ଓଡି ୧୫ୱ।ଇ୪୨୨୭) ସୁରେଖାଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ସୁରେଖାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ମିନିଟ୍ରକ ଛାଡି ଫେରାର ହୋଇଯାଥିଲେ। ଲୋଇସିଂହା ଓ ସାଲେଭାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟନା ଘଟାଇଥିବା ମିନିଟ୍ରକ ଏବଂ ମୃତଦେହ ଜବତ କରିଥିଲେ। ଦୁର୍ଘଟଣା ଘଟାଇଥିବା ମିନିଟ୍ରକ ବଲାଙ୍ଗୀର ବିଦ୍ୟୁତ୍ ବିଭାଗର ଜରୁରୀକାଳୀନ ସେବାରେ ନିୟୋଜିତ ଥିବା ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ। ମୃତାଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଭୋଟ ବର୍ଜନ କରିବେ ଗ୍ରାମବାସୀ



ବୈଠକରେ ଉପସ୍ଥିତ ଗ୍ରାମବାସୀ।

ସଇଁତଲା,୨୨।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତବାସୀ ଦୀର୍ଘ ବର୍ଷ ହେବ ଗାଁଠାରୁ ପ୍ରାୟ ୨କିମି ଦୂର କେନ୍ଦୁଉଡ଼ାର ଯାଇ ଭୋଟ ଦେଇଥାନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ, ଜନପ୍ରତିନିଧିଙ୍କୁ ଗ୍ରାମରେ ବୁଥ୍ କରିବାକୁ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ପଞ୍ଚାୟତବାସୀ ଗ୍ରାମରେ ବୁଥ ନାହିଁ ତ ଭୋଟ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି। ଝିଙ୍କିଡୁଙ୍ଗୁରି ଏକ ରାଜସ୍ୱ ଗ୍ରାମ ହୋଇଥିବାବେଳେ ଏଠାରେ ପଞ୍ଚାୟତ ଅଫିସ ମଧ୍ୟ ରହିଛି। ଗ୍ରାମରେ ସମସ୍ତ ପ୍ରକାରର ସୁବିଧା ଥାଇ ପ୍ରବଳ ଖରାରେ ଦୀର୍ଘ ୨ କିମି ଭୋଟ ଦେବାକୁ ଯିବାକୁ ପଡୁଛଇ। ଚଳିତ ବର୍ଷ ନିର୍ବାଚନ ପାଇଁ ଗ୍ରାମରେ ବୁଥ କରା ନ ଗଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ଏ ବିଷୟରେ ବିଡିଓ ବିନୟ ଭୋଇଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

- ଗ୍ରାମରେ ହେଉନି ମତଦାନ ବୁଥ୍
- ଗ୍ରାମରେ ସଭାରେ ବିଡିଓଙ୍କୁ ଲିଖିତ ଜଣାଇଲେ
- ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ପଦକ୍ଷେପ ନିଆଯିବ:ବିଡିଓ

## ୨୧ ଉଠାଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ସଇଁତଲା,୨୨।୨ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅନ୍ତର୍ଗତ ଝରବାହାଲିଠାରେ ଟିଟିଲାଗଡ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ ୨୦କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୧ଟି ଉଠା ଜଳସେଚନ ପ୍ରକଳ୍ପ ଓ ୩ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଶ୍ୱନାଥ ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ ମୁଖ୍ୟ ଅତିଥି, ଓଏଲଆଇସି ସଚ୍ଚିଦାନନ୍ଦ ଦଳାଇ, ମାନଭଞ୍ଜନ ଶତପଥୀ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ସମିତି ସଭ୍ୟା ଗୀତାଞ୍ଜଳି ଖଣ୍ଡଗିରି ଏବଂ ବିଡିଓ ବିନୟ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବାପରେ ଶତାଧିକ ଚାଷୀଙ୍କ ସମେତ ଗ୍ରାମବାସୀ ପାନୀୟ ଜଳର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ଏହି ଅବସରରେ ୧୬୪୨ ରାଶନକାର୍ଡ଼ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୧୦୦୦ଟଙ୍କାର ଆର୍ଥିକ ସହାୟତା ସହ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତର ୪୯ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପରେ ଦାବଯୁରୀ ଓ ଭଣ୍ଡାରବାଞ୍ଜି ଗ୍ରାମକୁ ଯାଇ ସେଠାରେ ନିର୍ମାଣ ହେବାକୁଥିବା ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବର୍ଷାରାଣୀ ପଣ୍ଡା, ସମିତି ସଭ୍ୟା ଦହି ଭୋଇ, ମନ୍ତ୍ରୀଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡ଼ାଙ୍ଗ, ରାଧେ ପାତ୍ର, ସୁବାଷ ବୁଡେକ, ଟୁନୁ ରାଜପାଲିଆ, ପ୍ରଶାନ୍ତ ପୁଟେଲ, ଦିଲିପ ରାଜପାଲିଆ, ଆଲୋକ ବୁଡେକ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ୧୨ଶହ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ଭତ୍ତା ହିତାଧିକାରୀଙ୍କୁ ମନ୍ତ୍ରୀ ସମ୍ବୋଧିତ କରୁଛନ୍ତି।

ଟିଟିଲାଗଡ଼, ୨୨।୨(ଶରତ ମିଶ୍ର)

ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଅନଲାଇନରେ ଆବେଦନ କରିଥିବା ୧୨୦୦ ନୂତନ ହିତାଧିକାରୀଙ୍କୁ ଭତ୍ତା ମଞ୍ଜୁର ହୋଇଛି। ଏନେଇ ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଭତ୍ତା ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ବ୍ଲକର ୨୪ଟି ପଞ୍ଚାୟତ ମଧ୍ୟରୁ ବିଜେପୁର ପଞ୍ଚାୟତର ସର୍ବାଧିକ ୧୨୨ଜଣ ଅସହାୟଙ୍କୁ ଭତ୍ତା ମଞ୍ଜୁର ହୋଇଛି। ଏହି ଅବସରରେ ମନ୍ତ୍ରୀ ସାହୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ କରୋନା ସମୟରେ ମୃତ୍ୟୁବରଣ କରିଥିବା ପରିବାରର ଝିଅପୁଅଙ୍କ ପାଇଁ ସରକାରଙ୍କ ପକ୍ଷରୁ ମାସିକ ସହାୟତା ରାଶି ୧୫ ଶହରୁ ୨ ହଜାର ଟଙ୍କା ପାଇବାକୁ ଯେପରି କୌଣସି ପରିବାର ବଞ୍ଚିତ ନହେବେ ସେନେଇ ପ୍ରଶାସନ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ରେହନା ଖତ୍ରୀ, ବିଡିଓ ସୁଶାନ୍ତ ରଣା, ତହସିଲଦାର ଶୁଭାଶିଷ ଶତପଥୀ, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଉପାଧକ୍ଷ ଜଗତରାମ ରଣା, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲମ୍ବୋଦର ଦୀପ, ସଦସ୍ୟା ଲିନା ବାବୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଅରୁଣ ଖୁଆସ, ସିଡିପିଓ କାନ୍ତିଲତା ସାହୁ, ସରପଞ୍ଚ ମୀନା ସାହୁ, ହୃଷୀକେଶ ବାଗ, ରୁପଧର ଘିବେଲା ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମଲତା ମାଝି, ସୁମନ କଲ୍ୟାଣ ରଣା, ଇଓ ସୁଶିଲ ମିଶ୍ର, ଲୋକନାଥ ରଣା, ଜିଆରଏସ୍ ଉମେଶ ବର୍ଗର୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ତକ୍ଷକର ସ୍ୱନକ୍ଷତ୍ର ଉପଲକ୍ଷେ ବହୁଭାଷୀ କବିତା ପାଠ



ଅତିଥିମାନେ ତକ୍ଷକର ବାର୍ଷିକ ସଂଖ୍ୟାକୁ ଉନ୍ମୋଚିତ କରୁଛନ୍ତି।

ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)

ପାକ୍ଷିକ ପତ୍ରିକା ତକ୍ଷକର ୧୮ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ସ୍ଥାନୀୟ ରୁଗୁଡିପଡାଠାରେ ବହୁଭାଷୀ କବିତା ଆସର, ଉଦ୍‌ଘାଟନୀ ସଭା, ସମ୍ବର୍ଦ୍ଧନା ପର୍ବ, ହାସ୍ୟକବି ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପତ୍ରିକାର ବାର୍ଷିକ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ସଭା ପ୍ରାରମ୍ଭରେ ସୁମି ମହାନ୍ତି ଓ ଅମିତ ମହାନ୍ତି, ହାସ୍ୟକବି ଅର୍ଜୁନ ସାହୁ ଓ ପୂଜାରୀ ଗ୍ରୁପ୍ ଆବାହନୀ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ବହୁଭାଷୀ କବିତା ପାଠ କାର୍ଯ୍ୟକ୍ରମରେ କବି କପିଳେଶ୍ୱର ଖମାରୀ, ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଓ ନୀତୀଶ ଆଚାର୍ଯ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। କବୟିତ୍ରୀ ଚୁମ୍‌କି ଦାଶ ଏବଂ କବି ରନ୍ମୟ ତ୍ରିପାଠୀ କବିତା ଆସର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ପତ୍ରିକାର ମୁଖ୍ୟ ସମ୍ପାଦକ ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୀତିକାର ଓ ସୁସାହିତ୍ୟିକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ , ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ସ୍ୱଦେଶୀ ଜାଗରଣ ମଞ୍ଚ ସଦସ୍ୟ ଅନ୍ନଦା ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ବରିଷ୍ଠ ଲେଖକ ଶଶୀଭୂଷଣ ମିଶ୍ର ଅଭିଭାଷଣ ଦେଇଥିଲେ। ତକ୍ଷକ ସମ୍ପାଦକ ବିଶ୍ୱମୟ ପୂଜାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭିନେତା ହିମାଂଶୁ ଖମାରୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଗୋବର୍ଦ୍ଧନ ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ୧୧ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନନ୍ଦନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଗଳା କୁକୁର କାମୁଡ଼ାରେ ୨ଶିଶୁ ଗୁରୁତର

ଖପ୍ରାଖୋଲ,୨୨।୨(ଅଭୟ ତ୍ରିପାଠୀ)

**ତେଲେନପାଲିରେ ଆତଙ୍କ ଖେଳାଇଲା ପାଗଳ କୁକୁର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁରେ ପାଗଳ କୁକୁର ଆତଙ୍କ ଦେଖାଯାଇଛି। କୁକୁର କାମୁଡ଼ାରେ ଗାଁର ଦୁଇଜଣ ଶିଶୁ ଗୁରୁବାର ଗୁରୁତର ହୋଇଛନ୍ତି। ସକାଳେ ଗାଁର ନିରଞ୍ଜନ ମାଝିଙ୍କ ଝିଅ ଲକ୍ଷ୍ମୀ (୪) ଘର ସାମ୍ନାରେ ଖେଳୁଥିବା ବେଳେ ପାଗଳ କୁକୁର ଆକ୍ରମଣ କରି ଲହୁଲୁହାଣ କରିଥିଲା। କୁକର କବଳରୁ ଶିଶୁକୁ ଉଦ୍ଧାର କରି ଖପ୍ରାଖୋଲ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ଗୁରୁତର ଥିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଶିଶୁର ବାପା ଦାଦନ ଖଟି ଯାଇଥିବାରୁ ସମ୍ପର୍କୀୟମାନେ ଏଥିରେ ସହଯୋଗ କରୁଛନ୍ତି। ସେହିପରି ଗାଁର ଗୋଲାପ ଶଗଡ଼ିଆଙ୍କ ଝିଅ ତନୁଜା (୭) ମଧ୍ୟ ପାଗାଳା କୁକୁର ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ମାସକ ତଳେ ପାଗଳ କୁକୁର କାମୁଡ଼ାରେ ଗାଁର ୬ଜଣ ଗୁରୁତର ହୋଇଥିଲେ।

# ଉତ୍କଳ କନ୍ଧ ସମାଜ କଲ୍ୟାଣ ମଣ୍ଡପର ଶିଳାନ୍ୟାସ



ଖୁଣ୍ଟାଗଡ କାର୍ଯ୍ୟକ୍ରମ, କଲ୍ୟାଣ ମଣ୍ଡପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅତିଥି।

ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଶିବତଲାଠାରେ କନ୍ଧେନବୁଢୀ ଖୁଣ୍ଟାଗଡା ଉତ୍ସବ ତଥା କନ୍ଧ ସମାଜର କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମୟ ପ୍ରଧାନୀ ସଂଯୋଜନା କରିଥିଲେ। ବିଧାୟକ ମିଶ୍ର ଆଦିବାସୀ ସଂସ୍କୃତିର ସୁରକ୍ଷା ଏବଂ ଏକତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ସମରେନ୍ଦ୍ର ଆଦିବାସୀ ସଂସ୍କୃତିର ଧ୍ୱଂସ ଦିଗରେ କିଭଳି ରାଜ୍ୟ ଓ କେନ୍ଦ୍ର ସରକାର କାମ କରୁଛନ୍ତି କହିଥିଲେ। ଆଦିବାସୀ ନେତା କାଳିନ୍ଦ୍ରୀ ଚରଣ ମାଝି ତାଙ୍କ ବକ୍ତବ୍ୟରେ ସୁଲିଆ ଯାତ୍ରାରେ ପରମ୍ପରା ରକ୍ଷା କରିବା ଦିଗରେ ବିଧାୟକ ମିଶ୍ରଙ୍କ ସହଯୋଗ ପ୍ରସଙ୍ଗରେ କହିଥିଲେ। କନ୍ଧ ସମାଜ ପକ୍ଷରୁ କନ୍ଧେନବୁଢୀଙ୍କର ଖୁଣ୍ଟାଗଡାକାର୍ଯ୍ୟସମ୍ପାଦନକରାଯାଇଥିଲା।

# କ୍ଷତିପୂରଣ ଦାବିକରି ଜିଲାପାଳଙ୍କୁ ଭେଟିଲେ ଚାଷୀ

ବଲାଙ୍ଗୀର,୨୨।୨(ବୀରେନ୍ଦ୍ର କୁମାର ଝାଙ୍କର)

**ଅଦିନିଆ କରକାପାତରେ ରବି ଫସଲ ନଷ୍ଟ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ବିଭିନ୍ନ ଗାଁରେ ଗତ ୧୧ ତାରିଖ ଦିନ ଅଦିନିଆ କରକାପାତ ଓ ବର୍ଷା ଯୋଗୁ ବ୍ୟାପକ ରବି ଫସଲ ନଷ୍ଟ ହୋଇଥିଲା। ଧାରକରଜ କରି ଚାଷରୁ ଉପାର୍ଜନ ଆଶା ରଖିଥିବା ଚାଷୀ ଏବେ ଧାର ଟଙ୍କା କିଭଳି ପରିଶୋଧ କରିବେ ଚିନ୍ତାରେ ପଡିଛନ୍ତି। ଆଗଲପୁର ବ୍ଲକ୍ ନଅଗାଁ (କ) ଗ୍ରାମ ପଞ୍ଚାୟତର ବାଇଗନଖାରୀ, ଡୁଡୁକାମୁଣ୍ଡା, ମୁଣ୍ଡାପାଲି, ଗଣ୍ଡପାଲି, ଅଏଁଲାପାଲି, ହଳଦୀପଦର ଏବଂ ବୁଢୁଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା, ପୁଡାପଦର, ରେଙ୍ଗାଲୀ, ବୁଢୁଲା ଏବଂ ବାବୁଫାସଡ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗାଁର ଚାଷୀମାନେ ଅଦିନିଆ ବର୍ଷା ଓ କରାମାଡ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲେ।



କୃଷକ ସଂଘ ପ୍ରତିନିଧି ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଦାବିପତ୍ର ଦେଉଛନ୍ତି।

ଏହି ଗାଁରେ ଚାଷୀଙ୍କ ରବିଧାନ, ମୁଗ, ବାଇଗଣ, ଚିନାବାଦମ, ଲଙ୍କା, ମାଖନ, କଳରା, ପୋଟଳ, କୁନ୍ଦୁରୁ, ପାତଳଘଣ୍ଟା, କୋବି, ପିଆଜ, ଆଳୁ, ମୂଳା, ଶୋରିଷ, ଚନା ଜାତୀୟ ଫସଲ ଓ ଶାଗ ନଷ୍ଟ ହୋଇଯାଇଥିଲା। ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଏହି କ୍ଷୟକ୍ଷତିର ଆକଳନ କରାଯାଇନାହିଁ। ଏଣୁ ତୁରନ୍ତ ଉପରୋକ୍ତ ଗ୍ରାମଗୁଡିକର ଚାଷ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ କ୍ଷତିପୂରଣ ଓ ଆର୍ଥିକ ସହାୟତା ଯୋଗାଇବାକୁ ଚାଷୀମାନେ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ଆସି ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଦାବିପତ୍ର ଦେଇଥିଲେ। ଜିଲାପାଳଙ୍କୁ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ଓ ଫସଲ ନଷ୍ଟର ସୂଚନା ଦିଆଯାଇଛି। ବ୍ଲକ୍ କୃଷକ ସଂଘ ପକ୍ଷରୁ ଅମିତ କୁମାର ନାୟକ, ନୀଳଗିରି ନାଏକ, ଅଶୋକ ସାହୁ, ବୀରେନ୍ଦ୍ର କୁମାର ନନ୍ଦ, ନାରେନ ଗହୀର ଦାବିପତ୍ର ଦେଇଛନ୍ତି।

# ଚାଷୀଙ୍କ ରଣହୁଙ୍କାର, ୨୭ରେ ସମାବେଶ

- ଖବରଦାତା ସମ୍ମିଳନୀରେ ସୂଚନା
- ଚାଷୀଙ୍କ ପ୍ରତି ସରକାରଙ୍କ ଆନ୍ତରିକତା ନାହିଁ
- ଚାଷୀଙ୍କ ଉପରକୁ ଗୁଳିମାଡ଼ ଘଟଣାକୁ ନିନ୍ଦା

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ପ୍ରତିନିଧି।

ବରଗଡ଼ ଜିଲାରେ ପ୍ରାୟ ୭୦ପ୍ରତିଶତ ଲୋକଙ୍କ ଜୀବିକା କୃଷି। ଏଠାରେ ଅଧିକ ଧାନ ଉତ୍ପାଦନ ହୋଇଥାଏ ବୋଲି ଏହି ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ । କିନ୍ତୁ ଜିଲାରେ ଚାଷ ଏବଂ ଚାଷୀଙ୍କ ସମସ୍ୟା ଅସମାହିତ ହୋଇ ରହିଛି । ଉତ୍ପାଦିତ ଫସଲ ଉଚିତ ଦରରେ ବିକ୍ରି ହୋଇ ପାରୁ ନ ଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଫସଲ ବାବଦକୁ ଚାଷୀମାନଙ୍କୁ ଉଚିତ୍ କ୍ଷତିପୂରଣ ମଧ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ କୃଷିନୀତି, ଭିତ୍ତିବିହୀନ ବଜାର ବ୍ୟବସ୍ଥା, ସବ୍‌ସିଡ଼ି ନାମରେ କୃଷକଙ୍କୁ ଠକେଇ, ଫସଲର ଉଚିତ ମୂଲ୍ୟ ନ ମିଳିବାରୁ କୃଷକ ଋଣଗ୍ରସ୍ତ ହୋଇପଡ଼ିଛି ଏବଂ ଚାଷ ଛାଡ଼ି ଦାଦନ ଶ୍ରମିକ ପାଲଟିଥିବାବେଳେ ଅନେକ ସମୟରେ ଆତ୍ମହତ୍ୟା ବାଟ ଆଦରି ନେଇଛି। ଚାଷ ଏବଂ ଚାଷୀ ସମସ୍ୟା ପ୍ରତି ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ଅଣଦେଖାର ପ୍ରତିବାଦ ତଥା କୃଷକଙ୍କ ହକ୍ ପାଇଁରେ ଆସନ୍ତା ୨୭ତାରିଖରେ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ କୃଷକ ଚେତାବନୀ ବିକ୍ଷୋଭ ସମାବେଶ ପାଇଁ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚାଷୀନେତାମାନେ କହିଛନ୍ତି। ଗତ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ଇନପୁଟ୍ ସହାୟତା, ବୀମା କ୍ଷତିପୂରଣ ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୪ହଜାର ଟଙ୍କାକୁ ବୃଦ୍ଧି, ସମସ୍ତ ଚାଷୀ ଏବଂ ଏସ୍‌ଏଚ୍‌ଜିଙ୍କ ଋଣ ଛାଡ଼, ଚାଷ ପାଇଁ ବ୍ୟବହୃତ ବିଦ୍ୟୁତ୍ ବିଲ୍ ଜଳକର ହିସାବରେ ନେବା ସହିତ ପ୍ରତ୍ୟେକ ଚାଷୀଙ୍କୁ ୩୦୦ ୟୁନିଟ ଲେଖାଏଁ ମାଗଣା ବିଦ୍ୟୁତ୍ ଯୋଗାଣ ଦାବି କରାଯିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

ଖବରଦାତା ସମ୍ମିଳନୀରେ ଚାଷୀନେତା ଉତ୍ପନ୍ନ କୁମାର ଭୋଇ କହିଥିଲେ, ରାଜନୈତିକ ଆନ୍ତରିକତା, ପ୍ରଶାସନିକ ଉଦାସୀନତା, ଅସାଧୁ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି କୃଷକର ଉତ୍ସାହକୁ ଭାଙ୍ଗି ଦେଇଛି । ଜିଲାର ୭୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାବେଳେ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଲାଭବିହୀନ ହୋଇ ପଡ଼ିଥିବା ଏହି ଜୀବିକାକୁ ଆଉ କିଏ ଆଦରିନେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଚାଷୀନେତା ରମେଶ ମହାପାତ୍ର କହିଥିଲେ, ଗତ ଅଦିନିଆଁ ବର୍ଷାରେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ସରକାରୀ ଆକଳନ ଅନୁସାରେ ଜିଲାରେ ୪୧ହଜାର ହେକ୍ଟର ଫସଲ ପ୍ରଭାବିତ ହୋଇଥିବା ପ୍ରଥମେ କୁହାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ସରକାରଙ୍କ ନିକଟକୁ ରିପୋର୍ଟ ମଧ୍ୟ ପଠାଯାଇଥିଲା ଏବଂ ୫୬ କୋଟି ଟଙ୍କା କ୍ଷତିପୂରଣ ଦାବି ଉଲ୍ଲେଖ ରହିଥିଲା। ହେଲେ ଜିଲାକୁ କେବଳ ୪୦୦ ହେକ୍ଟର ପାଇଁ ୪୫ଲକ୍ଷ ଟଙ୍କା କ୍ଷତିପୂରଣ ଆସିଛି। ଯାହାକୁ ଚାଷୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପଟେ ଧାନବିକ୍ରି ସମୟରେ ଅଦିନିଆଁ ବର୍ଷା କାରଣ ଦର୍ଶାଇ କୃଷକମାନଙ୍କଠାରୁ କୁଇଣ୍ଟାଲ ପ୍ରତି ୫ରୁ ୭ କି.ଗ୍ରା ଯାଏ ଅଧିକ ଧାନ ନିଆଯାଇଛି। ଏଭଳି ଭାବେ ବରଗଡ଼ ଜିଲାର ଚାଷୀଙ୍କ ୧୦୦କୋଟିରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି ବୋଲି ମହାପାତ୍ର କହିଛନ୍ତି। ଫସଲ ଅମଳ ପରେ ୧୦ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ୧୫ଦିନ ଭିତରେ କ୍ଷତିପୂରଣ ଦେବା ପାଇଁ ଫସଲବୀମା ଯୋଜନାରେ ବ୍ୟବସ୍ଥା ରହିଛି। ହେଲେ ୨ମାସ ବିତିଯାଇଥିଲେ ସୁଦ୍ଧା ଚାଷୀମାନଙ୍କୁ କ୍ଷତିପୂରଣ ମିଳିନାହିଁ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲକ୍ଷତି ହେବା ସତ୍ତ୍ୱେ କ୍ଷତିପୂରଣ ପ୍ରଦାନରୁ ଚାଷୀଙ୍କୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ ।

ଚାଷୀନେତା ବିରେନ କର କହିଥିଲେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କୃଷକଙ୍କ ପାଇଁ ଉଦାସୀନ ରହିଛନ୍ତି। କେବଳ ଘୋଷଣା କରୁଛନ୍ତି, ମାତ୍ର ତାକୁ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡୁଛି। ଏଥିରୁ ଚାଷୀଙ୍କ ପ୍ରତି ସରକାରୀ କଳର ଆନ୍ତରିକତା ବାରି ହୋଇ ପଡୁଛି ବୋଲି ସେ କହିଥିଲେ। ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନରେ ରହିଥିବା ପଦ୍ମପୁର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ, ଭଟଲି କୃଷକ ପରିବାର, ବିଜେପୁର କୃଷକ ସଙ୍ଗଠନ, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଅତାବରା ଶାଖା, ରାଜବୋଡ଼ାସମ୍ବର କୃଷକ ସଂଗଠନର ପାଇକମାଲ, ଝାରବନ୍ଧ, ଗାଇସିଲେଟ ଶାଖା, ବରପାଲି ଆଞ୍ଚଳିକ କୃଷକ ସଙ୍ଗଠନ, ଭେଡ଼େନ ବ୍ଲକ କୃଷକ ସଙ୍ଗଠନ, ବରଗଡ଼ କୃଷକ ସଙ୍ଗଠନ, ଅମ୍ବାଭୋନାର ବାରପାହାଡ଼ କୃଷକ ସଙ୍ଗଠନ, ଘେଁସର ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଚାଷୀନେତା ବବ୍ରୁବାହନ ସାହୁ, ସୁରେନ୍ଦ୍ର ସାହୁ, ଈଶାନ୍ତ ଭୋଇ, ଅରବିନ୍ଦ ପଣ୍ଡା, ସୁଦାମ ପାତ୍ର, ନିରଞ୍ଜନ ପ୍ରଧାନ, ସୁରେଶ ନେକାଣ୍ଟି, ଶାନ୍ତନୁ ମାଝି, ସୁରେଶ ସାହୁ, କୋଶଲ ସେନାର ବୀରବଲ ମହାକୁଡ଼ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦିଲ୍ଲୀରେ ଚାଲିଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଆନ୍ଦୋଳନକୁ ସମର୍ଥନ ଜଣାଇ ବୁଧବାର ରାତିରେ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା କୃଷକଙ୍କ ଆତ୍ମାର ସଦ୍‌ଗତି ପାଇଁ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଚାଷୀ ହକ୍ ପାଇଁ ଲଢୁଥିବାବେଳେ ସେଠାରେ ଚାଷୀଙ୍କ ଉପରକୁ ଗୁଳିମାଡ଼ କରାଯିବା ଘଟଣାକୁ ନିନ୍ଦା କରାଯାଇଥିଲା।

## ସଂକ୍ଷେପରେ

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯାତ୍ରା

ପଦ୍ମପୁର,୨୨।୨ (ପ୍ରଦୀପ୍ତ ଦାଶ): ବରଗଡ ଜିଲା ରାଜବୋଡାସମ୍ବର ବ୍ଲକର ୨୨ଟି ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପ୍ରାୟ ୫୦୦ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ବସ୍ ଯୋଗେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ପୁରୀ ଯାତ୍ରା କରିଛନ୍ତି। ଗୁରୁବାର ବିଧାୟିକା ବର୍ଷା ସିଂ ବରିହା ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିବା ସହ ବସଯାତ୍ରାର ଶୁଭାରମ୍ଭ କରିଥିଲେ। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ମେଲଛାମୁଣ୍ଡା ସମିତି ସଭ୍ୟ ଠାକୁର ପଣ୍ଡା, ନୋଡାଲ ଅଫିସର ବିଶ୍ୱଜିତ ମହାନନ୍ଦ, ବିଜୟ ମହଲା ଜଗନ୍ନାଥ ପ୍ରେମୀଙ୍କ ସହ ଶ୍ରୀକ୍ଷେତ୍ର ଯାତ୍ରା କରିଛନ୍ତି ।

### ବିଜାଢୋଲକୁ ସୁସ୍ଥ ଗାଁ ପୁରସ୍କାର

ଝାରବନ୍ଧ,୨୨।୨ (ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଅଧୀନ ବିଜାଢୋଲ ଗାଁ ଜିଲାସ୍ତରୀୟ ସୁସ୍ଥ ଗାଁ ଭାବେ ପୁରସ୍କୃତ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଗ୍ରାମାଞ୍ଚଳ କମିଟିମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଜାଢୋଲକୁ ସୁସ୍ଥ ଗାଁ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଯୋଗଦାନ କରି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ୨୫ଘଣ୍ଟା ପଡ଼ି ରହିଲା ମୃତଦେହ

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାରେ ଜଣେ ମହିଳାଙ୍କ ମୃତଦେହ ୨୫ଘଣ୍ଟା ଧରି ପଡ଼ି ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମେଲଛାମୁଣ୍ଡା ଥାନା ପୋଲିସର ଦାୟିତ୍ୱହୀନତା ଯୋଗୁ ସେଠାରେ ମୃତଦେହ ସେଭଳି ପଡ଼ିରହିଥିଲା ଏବଂ ପରେ ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇଙ୍କ ନିର୍ଦ୍ଦେଶ ପରେ ପୋଲିସ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ମଙ୍ଗଳବାର ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଖୋଲାବାହାଲ ଗ୍ରାମର ନିର୍ମଳ ରଣାଙ୍କ ସ୍ତ୍ରୀ ପ୍ରେମଶିଳା(୪୦) ବିଷକ୍ରିୟା ଯୋଗୁ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସୋହେଲା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ପ୍ରେମଶିଳାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେ ଚିକିତ୍ସାଧୀନ ଥିବାବେଳେ ବୁଧବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଡାକ୍ତର ଜିଲା ମୁଖ୍ୟ ଡାକ୍ତରଖାନା ପୋଲିସ ଫାଣ୍ଡିକୁ ସୂଚନା ଦେଇଥିଲେ। ଫାଣ୍ଡି କର୍ତ୍ତୃପକ୍ଷ ମେଲଛାମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ମାତ୍ର ମେଲଛାମୁଣ୍ଡା ପୋଲିସ ବୁଧବାର ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ନ ଥିଲା। ଫଳରେ ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା। ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ମଧ୍ୟ ମେଲଛାମୁଣ୍ଡା ପୋଲିସ ଆସି ନ ଥିଲା। ଏହାପରେ ପଦ୍ମପୁର ଏସ୍‌ଡ଼ିପିଓ ଭୋଇଙ୍କୁ ସୂଚନା ଦିଆଯିବାରୁ ପୋଲିସ ଆସିଥିଲା ଏବଂ ଦିନ ପ୍ରାୟ ୧୧ଟାରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ସମାଜରେ ଭଲ ମଣିଷର ପରିଚୟ ତିଆରି କର

### ସେବାଶ୍ରମ ସ୍କୁଲର ୭୦ତମ ବାର୍ଷିକୋତ୍ସବ

ବରପାଲି,୨୨।୨(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଲେଣ୍ଡା ସେବାଶ୍ରମ ସ୍କୁଲର ୭୦ତମ ବାର୍ଷିକୋତ୍ସବ ସ୍କୁଲର ପୁରାତନ ଛାତ୍ର ତଥା ଜିଲା ବିଜେଡି କୃଷକ ସେଲ୍ ଅଧ୍ୟକ୍ଷ ଗୌରହରି ମିଶ୍ରଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ସମବାୟ ସମିତି ଉପ ସଭାପତି ବିରୋସନ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବର୍ଷା ରାଣୀ ମେହେର, ସରପଞ୍ଚ ସୁଜାତା ବେହେରା, ପ୍ରଧାନ ଶିକ୍ଷକ ଚୂଡ଼ାମଣି ଦେବତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଜିର ଦିନରେ ଜଣେ ଛାତ୍ର କିମ୍ବା ଛାତ୍ରୀ ହେଉ ନିଜେ ନିଜର ପରିଚୟ ସୃଷ୍ଟି କରିବା ସହିତ ସମାଜରେ ଭଲ ମଣିଷର ପରିଚୟ ତିଆରି କରିବା ଦରକାର। ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହିତ ଖେଳକୁଦରେ ମଧ୍ୟ ପାରଦର୍ଶିତା ରହିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୂଡ଼ାମଣି ଦେବତା ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସଞ୍ଜୟ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକୋତ୍ସବରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।



ବରଗଡ଼ ଡେପୁଟି କଲେକ୍ଟର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

## ଜାତିଆଣ ଆକ୍ଷେପ, କାର୍ଯ୍ୟାନୁଷ୍ଠାନ ଦାବିକଲା ବିଏସ୍‌ପି

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)

ଜାତିଆଣ ଭାବ ରଖି ଅନୁସୂଚିତ ଜାତି, ଜନଜାତି ଲୋକଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ବଢ଼ି ଚାଲିଛି। ଏଭଳି ଅଭିଯୋଗ କରି ଗୁରୁବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି), ବରଗଡ଼ ଜିଲା ଶାଖା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥି ସ୍ମାରକପତ୍ର ଗ୍ରହଣ କରିଥିଲେ ।

ସ୍ମାରକପତ୍ର ଅନୁସାରେ, ବରଗଡ଼ ଜିଲା ଅତାବିରା ଥାନା ଅଧୀନ ସିଂହପାଲି ଗ୍ରାମରେ ଜାତିଆଣ ଭେଦଭାବ ରଖି ଅନୁସୂଚିତ ଜାତି ଲୋକଙ୍କୁ ମନ୍ଦିର ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରାରେ ବାରଣ କରାଯାଇଥିଲା। ପ୍ରତିବାଦ କରିବାରୁ ସେମାନଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କପାଶିରା ପଞ୍ଚାୟତ ଡାହୁକବୁଡ଼ ଗ୍ରାମରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ମହିଳାଙ୍କୁ ଭୋଜନ ସମୟରେ ଜାତିଆଣ ଆକ୍ଷେପ କରାଯିବା, ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ବିଦ୍ୟାଳୟରେ ଜଣେ ଅନୁସୂଚିତ ଜାତି ଛାତ୍ର ରନ୍ଧାଖାଦ୍ୟ ଛୁଇଁବା ପରେ ସେହି ଖାଦ୍ୟକୁ ଫିଙ୍ଗିଦିଆଯିବା, ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜାରେ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ନଡ଼ିଆ ଚଢ଼ାଇବାକୁ ବାରଣ କରାଯିବା, ଦେଓଗାଁ ଥାନା ବଡ଼ବନ୍ଧ ଗ୍ରାମରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଭୋଜନ ସମୟରେ ଜାତିଆଣ ଆକ୍ଷେପ କରାଯାଇଥିବା ବିଏସ୍‌ପି ଅଭିଯୋଗ କରିଛି। ଏଭଳି ଭାବେ ଜାତିଆଣ ଭେଦଭାବକୁ ନେଇ ଅତ୍ୟାଚାର ବଢ଼ିଚାଲିଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ବିଏସପି ନେତା ଜୟରାମ ବାଘଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ମାତୃପୁରୀରେ ଶ୍ରୀମାଙ୍କ ଜୟନ୍ତୀ ଉତ୍ସବ

ସରଣ୍ଡା,୨୨।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀଠାରେ ମଧୁମୟୀ ଶ୍ରୀମାଙ୍କ ୧୪୬ତମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷ ଟିକେଲାଲ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଶ୍ରୀ ପ୍ରଧାନ, ଜୟଶ୍ରୀ ପ୍ରଧାନ, ଶେଷଦେବ ନାଏକ, ସରୋଜ କୁମାର ରଥ, ଯତୀନ୍ଦ୍ର ପ୍ରଧାନ, ବବ୍ରୁବାହାନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୧୩–୧୪ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ବବ୍ରୁବାହାନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତାବିରା ଅରବିନ୍ଦ ମହିଳା ପାଠଚକ୍ର ସଙ୍ଗଠନର ସୁସ୍ମିତା ମିଶ୍ର, ଆତ୍ମଜିନୀ ପ୍ରଧାନ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମାତୃପୁରୀର ନୂତନ ବୈଦ୍ୟୁତିକ ନାମଫଳକ କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲଙ୍କ ଦାରା ଉଦ୍‌ଘାଟିତ ହୋଇଥିଲା। ସଂଯୋଜକ ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଝାରବନ୍ଧ,୨୨।୨(ଦେବେନ୍ଦ୍ର ସାହୁ)

ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀ କାଳୀନ ସେବା ସଂଘ ଆହ୍ୱାନ କ୍ରମେ ଝାରବନ୍ଧ ଅଗ୍ନିଶମ ସେବାକେନ୍ଦ୍ର ସମ୍ମୁଖରେ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡ଼ିଚାଳକ ଓ ହାବିଲଦାରଙ୍କ ପୂର୍ବଭଳି ଓଡିଶା ପୋଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେଭଲ ଓ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ ଭଳି ୨ ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯାଉଛି। ଦାବି ପୂରଣ ନ ହେବାଯାଏ ଆନ୍ଦୋଳନ ଜାରି ରହିବ ବୋଲି ଅଗ୍ନିଶମ କର୍ମଚାରୀମାନେ ଜଣାଇଛନ୍ତି ।

## ପଞ୍ଚପ୍ରାଣ ନାଟକ ପରିବେଷିତ

ପଦ୍ମପୁର,୨୨।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଢୋଲବନ୍ଧ ଗ୍ରାମରେ ଭାରତୀୟ ନାଟ୍ୟ ବିଦ୍ୟାଳୟ ନୂଆଦିଲ୍ଲୀ ଓ ସଂସ୍କୃତି ମନ୍ତ୍ରାଳୟ ଭାରତ ସରକାରଙ୍କ ଆନୁକୂଲ୍ୟରେ ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ପଞ୍ଚପ୍ରାଣ ଉପରେ ଆଧାରିତ ନାଟକ ନିଅ ଫେରି ଆସେ ସୁନାର ଚଢେଇ ପ୍ରଦର୍ଶିତ ହୋଇଛି। ଭାରତ ରଙ୍ଗ ମହୋତ୍ସବର ପଚିଶ ବର୍ଷ ପୂର୍ତ୍ତି ଅବସରରେ ସମାଜରେ ନାଟକର ଭାଗିଦାରିତାକୁ ବଖାଣିବା ସହିତ ବିକଶିତ ଭାରତ ପାଇଁ ପଞ୍ଚପ୍ରାଣର ଆବଶ୍ୟକତା ବର୍ଣ୍ଣିତ ହୋଇଥିଲା। ଏହି ନାଟକକୁ ରାଜକୁମାର ସାହୁ ନିର୍ଦ୍ଦେଶନା ଦେଇଥିବା ବେଳେ ଅଭିନୟରେ ଥିଲେ କାର୍ତ୍ତିକ ମହାନନ୍ଦ, ମହେନ୍ଦ୍ର ସାହୁ, ଜୟନ୍ତ ସାହୁ, ଚତୁର୍ଭୁଜ ସାହୁ, ଘନଶ୍ୟାମ ଭୋଇ, ଇନ୍ଦ୍ରମଣି ସାହୁ, ରସିକ ବରିହା, ନମିତା ସାହୁ, ଦିବ୍ୟରଣୀ କଣ୍ଟା, ଜ୍ୟୋତି ସାହୁ, ଧୀରେନ୍ଦ୍ର କଣ୍ଟା, ସଞ୍ଜୀବ ସାହୁ, ମୁକେଶ ସାହୁ, ଆରାଧ୍ୟା ସାହୁ, ଆଦର୍ଶ ସାହୁ ଓ ମାନସୀ ସାହୁ। ଲାଦୁ ମହାନନ୍ଦ, ଧୀରେନ୍ଦ୍ର କଣ୍ଟା, କଳ୍ପ ସାହୁ, ଗିରିଶ ସାହୁ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ସର୍ବ ଭାରତୀୟ ସ୍ତରରେ ଦୁଇ ହଜାରରୁ ଅଧିକ ଅନୁଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଢୋଲବନ୍ଧରେ ଏହା ଅନୁଷ୍ଠିତ ହୋଇଛି।

## ଛିନ୍ଦେଇକେଲାରେ ଜୈବିକ ହାଟ

ପାଇକମାଲ,୨୨।୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ସାପ୍ତାହିକ ବଜାରରେ ଅହିଂସା କ୍ଲବ ପକ୍ଷରୁ ଗୁରୁବାର ଜୈବିକ ହାଟ ଅନୁଷ୍ଠିତ ହୋଇଯାଇଛି। ଏହି ହାଟରେ ଚାଷୀମାନଙ୍କ ଉତ୍ପାଦିତ ପନିପରିବା, ଦେଶୀ ଚାଉଳ, ମାଣ୍ଡିଆ ତିଆରି ବିଭିନ୍ନ ଖାଦ୍ୟଦ୍ରବ୍ୟ ବିକ୍ରି ହୋଇଥିଲା। ହାଟରେ ଜୈବିକ ପଦ୍ଧତିରେ ଉତ୍ପାଦିତ ଦ୍ରବ୍ୟ ଦେଖି ଚାଷୀମାନେ ଆନନ୍ଦ ପ୍ରକାଶ କରିଥିଲେ। ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀମାନେ ମଧ ଆଗ୍ରହ ପ୍ରକାଶ କରିଥିଲେ। ଚାଷୀମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ତଥା ତାହାର ଲାଭ ବିଷୟରେ ପାଇକମାଲ ବ୍ଲକ ସହ କୃଷି ଅଧିକାରୀ ନୂତନ କୁମାର ସୁରେନ ବୁଝାଇଥିଲେ । ଏହାସହ ଓ୍ୱେଷ୍ଟ ଡି କମ୍ପୋଜ୍‌ଡ ସାର ଚାଷୀମାନଙ୍କୁ ବଣ୍ଟନ କରିଥିଲେ । ଏଥିରେ ମାର୍ଜାର କେଶରୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ ତରଫରୁ ମିଲେଟ ଅନ୍ ହ୍ୱିଲ ମାଧ୍ୟମରେ ଜଳଖିଆ ମଧ ବିକ୍ରି କରାଯାଇଥିଲା। ଏହି ହାଟରେ ଓଡ଼ିଶା ମିଲେଟ ମିଶନ ସହ ସଂଯୋଜକ ରାକେଶ କୁମାର ପ୍ରଧାନ ଚାଷୀମାନଙ୍କୁ ପୁଷ୍ଟି ଶସ୍ୟ ଚାଷ ଉପରେ ବୁଝାଇଥିଲେ। ପରେ ଚାଷୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉମ୍ବରୁଧର ବଛା ଓ ପ୍ରିୟରଞ୍ଜନ ନାଏକ ସହଯୋଗ କରିଥିଲେ।




ଜୈବିକ ହାଟରେ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## କ୍ରୀଷ୍ଟା ବିକାଶ ସ୍କୁଲ ଚାମ୍ପିୟନ

ବରଗଡ଼,୨୨।୨(ପ୍ରେମାନନ୍ଦ ଖମାରୀ)



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିବୃନ୍ଦ ।

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ଆନ୍ତଃ ଜିଲା ସ୍କୁଲ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ କ୍ରୀଷ୍ଟା ବିକାଶ ସ୍କୁଲ ଏବଂ ବରପାଲି ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ କ୍ରୀଷ୍ଟା ବିକାଶ ସ୍କୁଲ ଚାମ୍ପିୟନ ହୋଇଛି। କ୍ରୀଷ୍ଟା ବିକାଶ ସ୍କୁଲ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୪୦ଓଭରରେ ୮ଉଇକେଟ ହରାଇ ୩୧୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନୟ ଶର୍ମା ୮ଛକ୍କା, ୧୬ଚୌକା ସହାୟତାରେ ସର୍ବାଧିକ ୧୩୮ରନ ସଂଗ୍ରହ କରିଥିଲେ। ସେହିପରି ଦଳର ସଙ୍କେତ ମେହେର ୭ଚୌକା ସହିତ ୫୮ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଆର୍ଯ୍ୟାନ ଥନାପତି ୬୪ରନ ବିନିମୟରେ ୨, ଜୟ ମେହେର ୪୧ରନ୍ ବିନିମୟରେ ୨ ଏବଂ ଅନମୋଲ ପାତ୍ର ୮୮ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ଜବାବରେ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ ୪୦ଓଭରରେ ୯ଉଇକେଟ ହରାଇ ମାତ୍ର ୧୫୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହିମ୍ନିସ ସାହୁ ସର୍ବାଧିକ ୩୬ରନ, ଜୟ ମେହେର ୨୬ରନ ସଂଗ୍ରହ କରିଥିଲେ । କ୍ରୀଷ୍ଟା ବିକାଶ ସ୍କୁଲର ରାଗ ଗୁପ୍ତା ୨୨ରନ ବିନିମୟରେ ୨, ଶୁଭ୍ରାଂଶୁ ଚୌଧୁରୀ ୨୯ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ମ୍ୟାଚ୍ ପ୍ରାରମ୍ଭରେ ଓଡ଼ିଶା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଇ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଏବଂ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ଜିଲା କ୍ରିକେଟ ଆସୋସିଏଶନର ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। କ୍ରୀଷ୍ଟା ବିକାଶ ସ୍କୁଲର ବିନୟ ଶର୍ମା ପ୍ରତିଯୋଗିତାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ହିମ୍ନିସ ସାହୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, କ୍ରୀଷ୍ଟା ବିକାଶ ସ୍କୁଲର ରାଗ ଗୁପ୍ତା ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିଲେ। ଅତିଥିମାନେ ଚାମ୍ପିୟନ, ରନର୍ସ ଅପ୍ ଦଳ ସମେତ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ରବି ପଣ୍ଡା, ଉପସଭାପତି ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ପ୍ରଦୀପ ନନ୍ଦ, ସନ୍ତୋଷ ପଣ୍ଡା, ଗିରିଜା ପ୍ରସାଦ ନାଥ, ପ୍ରଦୀପ ସାହୁ, ଅମିୟ ଭୂଷଣ ସାହୁ, ସୌର୍ଯ୍ୟରଞ୍ଜନ ରାଏ, ରଜତ ଦାଶ, କ୍ରୀଷ୍ଟା ବିକାଶ ସ୍କୁଲର କ୍ରୀଡ଼ା ଅଧିକାରୀ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ୍ ରୂପକ ପ୍ରଧାନ, ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର କୋଚ୍ ବିଶ୍ୱରଞ୍ଜନ ଥଇଥ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁବାବୁ ଜୟନ୍ତୀ ପ୍ରସ୍ତୁତି ବୈଠକ

ରାଉରକେଲା,୨୨।୨(ସଙ୍ଗୀତା ଜେନା): ଆସନ୍ତା ମାର୍ଚ୍ଚ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ରାଉରକେଲାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସଫଳ କରିବା ପାଇଁ ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ରରେ ଅନୁଷ୍ଠିତ ବୈଠକରେ ୟୁଜିଡ୍‌ବ୍ଲ୍ୟୁଟି ଆବାହକ ଅରୁଣ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଡା. ବିଷ୍ଣୁପ୍ରିୟା ସାହୁ, ମୁରଲୀଧର ଦାସ, ବିଶ୍ୱନାଥ ପଟ୍ଟନାୟକ, ଭଗବାନ ସାହୁ, ରାମଚନ୍ଦ୍ର ସାମଲ, ଅଲେଖ ଚନ୍ଦ୍ର ସାହାଣୀ, କୈଳାସ ଚନ୍ଦ୍ର ମଲ୍ଲିକ, ମିଳନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନୃତ୍ୟଗୀତ, ପ୍ରବନ୍ଧ, ବକ୍ତୃତା ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ବହୁ ସଂଖ୍ୟାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ନିବେଦନ କରାଯାଇଥିଲା। ଏହା ଆସନ୍ତା ୩ତାରିଖରୁ ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ରରେ ଆୟୋଜନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ଗୋଦାମକୁ ଆସିନି ନିର୍ଦ୍ଧାରିତ ଚାଉଳ

## ସରକାରୀ ଯୋଜନା ପ୍ରଭାବିତ ହେବା ଆଶଙ୍କା

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ କୃଷି ଜିଲାରେ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବାର ୨ମାସରୁ ଊର୍ଦ୍ଧ୍ୱ ସମୟ ବିତି ସାରିଛି। ମାତ୍ର ଭାରତୀୟ ଖାଦ୍ୟ ନିଗମ ଓ ରାଜ୍ୟ ଖାଦ୍ୟ ନିଗମ ଅଧୀନ ଗୋଦାମକୁ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ଚାଉଳ ଆସିପାରିନାହିଁ। ମନ୍ଥର ଗତିରେ ଧାନକିଣା ସହ ପଞ୍ଜୀକୃତ ରାଇସ ମିଲ୍‌ଗୁଡିକ ଚାଉଳ ଦେବାରେ ବିଳମ୍ବ କରୁଥିବାରୁ ଏହି ସମସ୍ୟା ଉପୁଜିଛି ବୋଲି କୁହାଯାଉଛି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆବଶ୍ୟକ ହେଉଥିବା ଚାଉଳ ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି।

ସୂଚନା ଅନୁସାରେ, ପାନପୋଷ କୃଷି ଜିଲାର ୬୪୨୬ ଚାଷୀଙ୍କଠାରୁ ୧୫ଟି ମଣ୍ଡି ମାଧ୍ୟମରେ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ସରକାରୀ ଦରରେ ଧାନକିଣା ଯାଉଛି।



ଏଫ୍‌ସିଆଇ ଫଳକ ।

ଏହି ଧାନକୁ ଉଠାଇବା ପାଇଁ ମୋଟ ୬ଟି ରାଇସ ମିଲ୍‌କୁ ଅନୁମତି ଦିଆଯାଇଛି। ମାତ୍ର ଧାନକିଣା ଆରମ୍ଭ ହେବାର ୨ ମାସ ବିତିସାରିଥିବା ବେଳେ ମାତ୍ର ୫୦ ପ୍ରତିଶତ ଚାଷୀଙ୍କଠାରୁ ଧାନ ସଂଗ୍ରହ ହୋଇଛି। ଧାନକିଣା ଧିମାଗତିରେ ଚାଲିଥିବା ବେଳେ ଧାନ ଉଠାଉଥିବା ମାଁ ଦୁର୍ଗା, ରାଧା ଗୋପୀ, ଜୟ ଗୋସାଇଁ ଓ ଜୟ ଜଗନ୍ନାଥ ଆଦି ୪ ରାଇସ ମିଲ୍ ରାଜ୍ୟ ସରକାରଙ୍କ ପରିଚାଳିତ ଗୋଦାମକୁ ନିର୍ଦ୍ଧାରିତ ଚାଉଳ ଦେଇପାରିନାହାନ୍ତି। ରାଜ୍ୟ ସରକାରଙ୍କ ପରିଚାଳିତ ଏସ୍‌ସିଆଇ ଛକସ୍ଥିତ ଏକମାତ୍ର ନିଜସ୍ୱ ଗୋଦାମ ରହିଥିବା ବେଳେ ଅନ୍ୟ ଗୋଦାମଟି ଏଫ୍‌ସିଆଇଠାରୁ ଭଡା ସୂତ୍ରରେ ନିଆଯାଇଛି। ରାଜ୍ୟ ସରକାରଙ୍କ ନିଜସ୍ୱ ଚାଉଳ ଗୋଦାମର କ୍ଷମତା ୧୫ହଜାର କୁଇଣ୍ଟାଲ ଥିବାବେଳେ ଭଡା ସୂତ୍ରରେ ଚାଲିଥିବା ଗୋଦାମର କ୍ଷମତା ୨୫ହଜାର ଟନ୍ ରହିଛି। ଏଯାଏ ଏହି ୨ ଗୋଦାମକୁ ମାତ୍ର ୨୨ହଜାର କୁଇଣ୍ଟାଲ ଚାଉଳ ଆସିଥିବା ବିଭାଗୀୟ ଇନ୍ସପେକ୍ଟର ମୀନାକ୍ଷୀ ନାୟକ ସୂଚନା ଦେଇଛନ୍ତି। ଗତବର୍ଷ ଏହି ସମୟରେ ନିର୍ଦ୍ଧାରିତ ଚାଉଳ ଲଟ୍ ପୂରଣ ହୋଇଥିଲା। ତେବେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବ ବୋଲି ନାୟକ କହିଥିଲେ। ଅନ୍ୟପକ୍ଷେ ଏଫ୍‌ସିଆଇ ଗୋଦାମ ଦ୍ୱୟକୁ ଏପର୍ଯ୍ୟନ୍ତ ରାଇସ ମିଲମାନଙ୍କରୁ ଚାଉଳ ଆସିନି। ରାଉରକେଲାରେ ରହିଥିବା ଚାଉଳ ଗୋଦାମରେ ଅସ୍ଥାୟୀ ଶ୍ରମିକମାନେ ଲୋଡିଂ, ଅନ୍‌ଲୋଡିଂ କରୁଥବବା ବେଳେ ଆବଶ୍ୟକ ଷ୍ଟାଫ ମଧ୍ୟ ନାହାନ୍ତି। ଏଥିସହ ଚାଉଳ ଗୋଦାମରେ ପିଣ୍ଡି ବ୍ୟବସ୍ଥା ମଧ୍ୟ ନାହିଁ। ଏ ନେଇ ରାଉରକେଲା ଏଫ୍‌ସିଆଇ ଗୋଦାମ ପରିଚାଳକ ସୁଷମା କୁହନ୍ତି, ଗତବର୍ଷ ଏହି ସମୟରେ ଏଫ୍‌ସିଆଇକୁ ଚାଉଳ ଲଟ୍ ଜିଲା ରାଇସ ମିଲ୍ ଗୁଡିକରୁ ଆସିସାରିଥିଲା। ମାତ୍ର ଚଳିତବର୍ଷ ଏଫ୍‌ସିଆଇକୁ ସରକାରଙ୍କ ନିର୍ଦ୍ଧାରିତ ଚାଉଳ ଆସିନାହିଁ।

# କାର୍ଯ୍ୟାନୁଷ୍ଠାନରେ ପକ୍ଷପାତିତା ଅଭିଯୋଗ, ଡିଆଇଜିଙ୍କୁ ଫେରାଦ


ଡିଆଇଜିଙ୍କୁ ଫେରାଦ ହୋଇଥିବା କୋଚିଂ ସେଣ୍ଟର ପରିଚାଳକ।

ରାଉରକେଲା,୨୨।୨(ସଙ୍ଗୀତା ଜେନା)

କୋଏଲନଗର ଡି' ବ୍ଲକରେ ଥିବା ଦିଲ୍ଲୀସ୍ଥିତ କର୍ପୋରେଟ କୋଚିଂ ସେଣ୍ଟର କ୍ୟାରିୟର ଲଞ୍ଚର ରାଉରକେଲା ଶାଖାରେ କାର୍ଯ୍ୟରତ ଜଣେ କର୍ମଚାରୀ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଝିରପାଣି ଥାନାରେ ଅଭିଯୋଗ ହୋଇଥିଲା। ୬ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଏ ଦିଗରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ କରି ଗତ ମଙ୍ଗଳବାର କୋଚିଂ ସେଣ୍ଟର ଶାଖା ପରିଚାଳକ ଧନଞ୍ଜୟ ଦାସ ଡିଆଇଜି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ଫେରାଦ ହୋଇଛନ୍ତି। ଡିଆଇଜି ମହାପାତ୍ର ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଝିରପାଣି ଥାନାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ଝିରପାଣି ଥାନାର ତଦନ୍ତକାରୀ ଅଧିକାରୀ ମନୋହର ପ୍ରଧାନଙ୍କ ପଚାରାଯିବାରୁ ସେ କହିଥିଲେ, ଉଭୟପକ୍ଷ ଅଭିଯୋଗ କରିଥିଲେ। ଉକ୍ତ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ପରେ ନୋଟିସ ଦେଇ ଛଡ଼ାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପ୍ରଧାନ କହିଥିଲେ। ସୂଚନାଯୋଗ୍ୟ, ଗତ ୬ମାସ ତଳେ ଉକ୍ତ କୋଚିଂ ସେଣ୍ଟର କର୍ମଚାରୀ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ଉକ୍ତ କର୍ମଚାରୀ ଜଣଙ୍କ ମଧ୍ୟ କୋଚିଂ ସେଣ୍ଟର ପରିଚାଳକଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରିଛି।

# ରାଉରକେଲା ଶିଳ୍ପାଞ୍ଚଳରେ ଜନନୀ ସୁରକ୍ଷା ଅଭିଯାନ

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧୀନ ସେକ୍ଟର-୧, ୨ ଓ ୩ ଅଞ୍ଚଳର ମାଁ ଓ ଭଉଣୀମାନଙ୍କୁ ନେଇ ୬ଷ୍ଠ ପର୍ଯ୍ୟାୟ ଜନନୀ ସୁରକ୍ଷା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସେକ୍ଟର-୧ ସ୍ଥିତ ଏଚ୍ ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନବିକତା ପରିବାରର ମୁଖ୍ୟ ତଥା ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ଯୋଗଦେଇ ମହିଳାମାନଙ୍କ ପାଇଁ ସରକାରଙ୍କ ବିକାଶମୂଳକ ଯୋଜନା ବିଷୟରେ ଅବଗତ କରିଥିଲେ। ଏହାସହ ସାମାଜିକ ଓ ବ୍ୟକ୍ତିଗତ ସମସ୍ୟାକୁ ଅନୁଧ୍ୟାନ କରି ସମସ୍ତ ସମସ୍ୟାର ସମାଧାନ ପାଇଁ ସେ ଆଲୋଚନା କରିଥିଲେ। ମହିଳା ସମାଜ କିଭଳି ସଶକ୍ତ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ପ୍ରଶାନ୍ତ ମହିଳାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସେଠୀଙ୍କ ସମେତ ଚଞ୍ଚଳା ସାମଲ, ବିଜୟଲକ୍ଷ୍ମୀ ମଲ୍ଲିକ, ପୁଷ୍ପାଲତା ଜେନା, ମୁଲତା କବି, ସରସ୍ୱତୀ ସାମଲ, ଲତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଅଭିଯାନରେ ମହିଳାଙ୍କ ସହ ଆଲୋଚନା କରାଯାଉଛି।


ଚିନ୍ତନ ଦିବସରେ ସ୍କାଉଟ ଗାଇଡ ପିଲାମାନେ ପ୍ରାର୍ଥନା କରୁଛନ୍ତି।

# ସ୍କାଉଟ୍ ଗାଇଡ୍ ଚିନ୍ତନ, ବିଶ୍ୱ ମାତୃଭାଷା ଦିବସ ପାଳିତ

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧ ସ୍କାଉଟ୍ ଭବନରେ ଗୁରୁବାର ସ୍କାଉଟ ଗାଇଡ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ସ୍କାଉଟ୍ ଆଣ୍ଡ ଗାଇଡ୍ କମିଶନର ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଏବଂ ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଯାଜପୁର ଜିଲାର ଶିକ୍ଷକ ନେତା ବିଷ୍ଣୁ ଚରଣ ସାହୁ ଯୋଗ ଦେଇ ସ୍କାଉଟ ଗାଇଡ ପିଲାମାନଙ୍କୁ ଉତ୍ତମ ଚରିତ୍ର ଗଠନ, ସେବା ମନୋଭାବ, ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସହିତ ଦାରିଦ୍ର୍ୟ ଦୂରୀକରଣ ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସହରର ପ୍ରାୟ ସମସ୍ତ ସ୍କୁଲ ସ୍କାଉଟ ଗାଇଡ, ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ପରେ ସେକ୍ଟର-୬ ସ୍ଥିତ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଆସ୍ଥା' ମଞ୍ଚସ୍ଥ ହୋଇଥିଲା। ଶେଷରେ ସହକାରୀ ଜିଲା କମିଶନର ରମାକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସେକ୍ଟର-୬ ସ୍ଥିତ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ପିଲାଙ୍କ ଦ୍ୱାରା ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏ ନେଇ ପ୍ରଥମେ ବିଦ୍ୟାଳୟ ପ୍ରାର୍ଥନା ସଭାରେ ଓଡିଆରେ ଆମ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ପରେ ସ୍କାଉଟ ଗାଇଡ ପିଲାମାନେ ଆମ୍ବାଗାନ ସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଶ୍ୱ ମାତୃଭାଷା ଦିବସ ପାଳନ ସମ୍ବନ୍ଧିତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବିଭିନ୍ନ କବିତା, ଗଳ୍ପ ଲିଖନ ତଥା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାତୃଭାଷାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିଯୋଗତାର କୃତୀ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା।

# ସହରାଞ୍ଚଳ ବିକାଶ, ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନତା ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ରାଉରକେଲା,୨୨।୨(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଗୁରୁବାର ଅପରାହ୍ନରେ ଉଦିତନଗର ପଡିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ ଅଧୀନରେ ସହରାଞ୍ଚଳ ବିକାଶ ରାଜ୍ୟ ସରକାରଙ୍କ ସଂକଳ୍ପ' ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟରେ ରୂପାନ୍ତରଣ ପର୍ବରେ ଆର୍‌ଏମ୍‌ସି ସାମିଲ ହୋଇ ଶୀର୍ଷରେ ପହଞ୍ଚିଛି। ସହରାଞ୍ଚଳର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସମସ୍ତ ଜନତାଙ୍କୁ ସଚେତନ କରାଇବା ସହ କୋଭିଡ୍ ସମୟରେ ଆରମ୍ଭ ହୋଇଥିବା ମୁକ୍ତା ଯୋଜନା ସହରାଞ୍ଚଳ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ସହ ସୁନିଶ୍ଚିତ କରିଛି। ସେହିପରି ଯୁବବର୍ଗଙ୍କ ପାଇଁ ସ୍ୱୟଂ ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଷ୍ଟଲ ସହ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଯୁବକଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। କଳାକାରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରାଉରକେଲା ବିକାଶକୁ ନେଇ ଏକ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟି କମିଶନର ଅନୀତା ନାଏକ, ବିଜେଡ଼ି ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ବରିଷ୍ଠ ଆଇନଜୀବୀ ଆରତୀ ଚୌଧୁରୀ, ଅନୁସୂୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ଏମ୍‌ଇ କେନ୍ଦ୍ର ନିର୍ମାଣ ଆଶା ଉଜ୍ଜୀବିତ

ରାଉରକେଲା,୨୨।୨(ସଙ୍ଗୀତା ଜେନା)

ରାଉରକେଲାରେ ୨ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏମ୍‌ଏସ୍‌ଏମ୍‌ଇ କେନ୍ଦ୍ର ପାଇଁ ଜମି ଚିହ୍ନଟ ସହ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ହୋଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ରୋଜଗାର ବାଟ ଖୋଲିବା ସମ୍ଭାବନା ରହିଛି।

ସୂଚନା ଅନୁସାରେ, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମାଧ୍ୟମରେ ରୋଜଗାର ବୃଦ୍ଧି, ଶିଳ୍ପ ପ୍ରସାର ଓ ଆର୍ଥିକ ବିକାଶକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଦେଶର ପ୍ରାୟ ୨୦ଟି ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ସେଣ୍ଟର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଥିଲା। ଏହି କ୍ରମରେ ରାଉରକେଲା ଓ ବୋକାରୋରେ ଏହି କେନ୍ଦ୍ର ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଥିଲା। ରାଉରକେଲାରେ ଏଥିପାଇଁ ବିଭିନ୍ନ ଆତ୍ମସମର୍ପଣ (ସରେଣ୍ଡର ଲ୍ୟାଣ୍ଡ) ଜମିଗୁଡ଼ିକୁ ତାଲିକାଭୁକ୍ତ କରାଯାଇଥିଲା ଏବଂ ୨୦୨୦ ଜାନୁଆରୀ ୩ରେ କଣ୍ଟାଝର ବସ୍ତିରେ ପ୍ରାୟ ୨୦ଏକର ଜମି ଚିହ୍ନଟ କରି କେନ୍ଦ୍ର ସରକାରଙ୍କ ଏଜେନ୍ସିଙ୍କୁ ପ୍ରଦାନ କରାଗଲା। ଏହାପରେ କେନ୍ଦ୍ର ସରକାର ଅନୁମୋଦିତ ପ୍ରକଳ୍ପ ବାବଦକୁ ପ୍ରାୟ ୨ଶହ କୋଟି ଟଙ୍କା ମଞ୍ଜୁର କରିବା ପରେ ସେତେବେଳେ ବିଭାଗୀୟ କର୍ତ୍ତୃପକ୍ଷ ଚିହ୍ନଟ ଜମିରେ କେବଳ ନାମଫଳକ ପୋତି ନିଜର ଦାୟିତ୍ୱ ଶେଷ କରିଦେଲେ। ତେବେ ମାସେ ତଳେ ଏହି ପ୍ରକଳ୍ପର ଟେଣ୍ଡର ଚୂଡାନ୍ତ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ପାଚେରି ନିର୍ମାଣ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ରାଉରକେଲାରେ ଏମ୍‌ଏସ୍‌ଏମ୍‌ଇ କେନ୍ଦ୍ର ପାଇଁ ଆରଏସ୍‌ପି କର୍ତ୍ତୃପକ୍ଷ ଜମି ପ୍ରଦାନ କରିଥିଲେ। ପରେ ଏହି ପ୍ରକଳ୍ପ କିଞ୍ଚିତ ଆଗେଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରକଳ୍ପ ନେଇ ସ୍ମାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା ବୋଲି ସଚେତନ ନାଗରିକ ମଞ୍ଚ ସଭାପତି ଇଂ. ବିମଳ ବିଶି କହିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ସେଣ୍ଟରର ବରିଷ୍ଠ ଅଧିକାରୀ ଦୀପକ ନାୟକଙ୍କୁ ପଚାରାଯିବାରୁ ସେ କହିଲେ, ତହସିଲଦାରଙ୍କ ସହଯୋଗରେ ଜମି ଚିହ୍ନଟ ଶେଷ ହୋଇଛି। ତେବେ ଏହାର ପାଚେରି ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଶୁଣିବାକୁ ମିଳିଛି ବୋଲି ନାୟକ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପୱନ ଗୁପ୍ତା ଏ ନେଇ କହିଛନ୍ତି, ଉକ୍ତ ହବ୍‌ର ପାଚେରି ନିର୍ମାଣ ପାଇଁ ଟେଣ୍ଡର କରାଯାଉଛି। ଖୁବ୍‌ଶୀଘ୍ର ପାଚେରି ନିର୍ମାଣ ପରେ କାର୍ଯ୍ୟ ଆଗକୁ ବଢ଼ିବ। ଏହା ଏକ ବୃହତ୍ ପ୍ରକଳ୍ପ ହୋଇଥିବାରୁ ଅଧିକ ସମୟ ଲାଗୁଛି ବୋଲି ଗୁପ୍ତା କହିଥିଲେ।


କଣ୍ଟାଝରରେ ଏମ୍‌ଏସ୍‌ଏମ୍‌ଇ ପ୍ରକଳ୍ପ ପାଇଁ ଫଳକ ଲାଗିଛି।

# ସାମୁଦାୟିକ ଦକ୍ଷତାର ସର୍ବୋତ୍ତମ ପ୍ରୟାସ ଆବଶ୍ୟକ

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ୮୭୧ତମ ଗଣ ଯୋଗାଯୋଗ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ପ୍ରତ୍ୟେକ ସଦସ୍ୟଙ୍କ ଅନନ୍ୟ ଗୁଣର ଏକୀକରଣ ଓ ସାମୁଦାୟିକ ଦକ୍ଷତାର ପୂର୍ଣ୍ଣ ଉପଯୋଗ ଆର୍‌ଏସ୍‌ପିର ସାମଗ୍ରିକ ସଫଳତାର ମୂଳ ଚାବିକାଠି ବୋଲି କହିଥିଲେ। ଏଣୁ ସାମୁଦାୟିକ ଦକ୍ଷତାର ସର୍ବୋତ୍ତମ ପ୍ରୟାସ ହିଁ ଆର୍‌ଏସ୍‌ପି ପାଇଁ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଅଧିବେଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. ଆର. ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅଧିବେଶନରେ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ସମେତ ଆରଏସପି ବିଭିନ୍ନ ବିଭାଗର ପ୍ରାୟ ୫ଶହ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଆଇସି ଅଂଶଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ କହିଥିଲେ, ଯଦିଓ ଆମର ପ୍ରଦର୍ଶନ ଉତ୍ସାହଜନକ ତଥାପି ଆମ ଲାଭାର୍ଜନର ବୃଦ୍ଧି ଲାଗି ସମ୍ମିଳିତ ପ୍ରୟାସ, ଉତ୍ତମ ସମନ୍ୱୟ ସହିତ କାର୍ଯ୍ୟ ଦକ୍ଷତାରେ ଆହୁରି ଉନ୍ନତି ନିହାତି ଜରୁରୀ। ସୁରକ୍ଷା ଓ ସୁରକ୍ଷା ସଂସ୍କୃତିରେ ମଧ୍ୟ ଅନେକ ପରିବର୍ତ୍ତନ ଆବଶ୍ୟକ। ଏଣୁ ସମସ୍ତେ ମିଶି ଆର୍ଥିକ ବର୍ଷର ଅବଶିଷ୍ଟ ଦିନରେ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିବା ପାଇଁ ସର୍ବୋତ୍ତମ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଚ୍‌ଆରଡି ବିଭାଗର ଓଏ ସୁଶ୍ରୀ ସତ୍ୟବତୀ ବେହେରା ଅଧିବେଶନକୁ ସଂଯୋଜନା କରିଥିଲେ।

## ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍

# ଇଲେକ୍ଟ୍ରିକାଲ ଓ ପାୱାର ଦଳ ଚାମ୍ପିୟନ

ରାଉରକେଲା,୨୨।୨(ବିପ୍ଳବ ରଞ୍ଜନ ଦାଶ)

ଆରଏସପି କର୍ମଚାରୀଙ୍କ ଚତୁର୍ଦ୍ଦଶ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍-୨୦୨୪ରେ ଇଲେକ୍ଟ୍ରିକାଲ ଓ ପାୱାର କ୍ରିକେଟ ଦଳ ଗୁରୁବାର ଚାମ୍ପିୟନ ହୋଇଛି। ରାଉରକେଲା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମଠାରେ ଚାଲିଥିବା ୧୪ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍ ଇଲେକ୍ଟ୍ରିକାଲ ଓ ପାୱାର ଦଳ ବନାମ ଟି ଏଣ୍ଡ ଆର ଏମ ଏବଂ ସି ଏଣ୍ଡ ଆଇଟି ଦଳ ମଧ୍ୟରେ ହୋଇଥିଲା। ଏଥିରେ ଇଲେକ୍ଟ୍ରିକାଲ ଓ ପାୱାର ଦଳ ପ୍ରତିଦ୍ୱନ୍ଦ୍ୱୀ କ୍ରିକେଟ ଦଳକୁ ୪ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପି ଏବଂ ବୋକାରେ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ସିନର୍ଜୀ ଚାମ୍ପିୟନଶିପ୍‌ର ଉଦ୍ଦେଶ୍ୟ ଚାମ୍ପିୟନ ଟ୍ରଫି ହାସଲ କରିବା ନୁହେଁ, ଏହାଦ୍ୱାରା ନିଜର ବୃତ୍ତିଗତ ଜୀବନରେ କିଭଳି ଚାମ୍ପିୟନ ହେବା ତାହା ହେଉଛି ମୁଖ୍ୟ ବିଶେଷତ୍ୱ ବୋଲି କହିଥିଲେ। ଏହାପରେ ମୁଖ୍ୟଅତିଥି ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର. ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆଙ୍କ ସମେତ ବହୁ ସିଜିଏମ୍, କାରଖାନାର ଅନ୍ୟ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ରେ ବିକାଶ ବିଶ୍ୱାଳ ସର୍ବାଧିକ ରନ୍ ସ୍କୋର କରିବା ସହ ସର୍ବାଧିକ ଉଇକେଟ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସତ୍ୟ ରଥ ଏବଂ ଛାୟାକାନ୍ତ ତ୍ରିପାଠୀ ଅମ୍ପିୟାର ଥିବାବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସିଆରଏମ୍ ଦଳର ଜ୍ୟୋତିର୍ମୟ ଗୟାନ ଓ ବିକାଶ ବିଶ୍ୱାଳ ଶ୍ରେଷ୍ଠ ବୋଲର ଭାବେ ଟ୍ରଫି ଏବଂ ପୁରସ୍କାର ପାଇଥିଲେ। ଫାଇନାଲ ମ୍ୟାଚର ପୁରସ୍କାର ବିତରଣୀ ସଭା ପ୍ରାରମ୍ଭରେ ପ୍ରୋଟୋକଲ, ହସ୍ପିଟାଲିଟି, ବିମାନ ବନ୍ଦର ଓ ସମାଜ କଲ୍ୟାଣ ବିଭାଗର ଜିଏମ୍ ଆର. କେ ବର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ସି ଏଣ୍ଡ ଆଇଟି ବିଭାଗର ଏଜିଏମ୍ ଭି. ପି. ଆର୍ଯ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚମ୍ପିୟନ ଦଳର ଖେଳାଳି ।

## ସଂକ୍ଷେପରେ

### ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ନାକଟିଦେଉଳ,୨୨।୨(ବୈକୁଣ୍ଠନାଥ ସାହୁ)

ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବାସଂସ୍ଥାର କର୍ମଚାରୀ ୨ଦଫା ଦାବି ନେଇ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ନାକଟିଦେଉଳ ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦରମାରେ ଥିବା ଅସଙ୍ଗତି ଦୂରକରି ପୂର୍ବପରି ପୋଲିସ ସହ ସମାନ ଦରମା ଓ ଭତ୍ତା ପ୍ରଦାନ ଏବଂ ସଂଘର ସରକାରୀ ପଞ୍ଜୀକରଣ ଦାବିରେ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡ଼ି ଚାଳକ ଓ ହାବିଲଦାରମାନେ ଆନ୍ଦୋଳନ କରିଛନ୍ତି। ଜନସାଧାରଣଙ୍କୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇଦେବା ପାଇଁ ସରକାର ତୁରନ୍ତ ଦାବି ପୂରଣ କରିବାକୁ ଆନ୍ଦୋଳନରେ ସାମିଲ ହୋଇଥିବା ନାକଟିଦେଉଳ ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ପ୍ରବୀଣ କୁମାର ସାମଲ ଏବଂ ତପନ କୁମାର ବେହେରା, ଆଗ୍ନିକ ଗାଡ଼ି ଚାଳକ ଚିରଞ୍ଜୀବ ଦାଶ, ଆଗ୍ନିକ ବେଣୁଧର ମାଝି, ବୁଲୁ ମେହେର, କୈଳାସ ନାୟକ, ବିଭୂତି ଭୂଷଣ ସାହୁ, ବିଭୂତି ଭୋଇ, ଗୋବିନ୍ଦ ମେହେର, ଦେବରାଝ ଭୋଇ ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ଜିଏମ୍‌ୟୁ ଅର୍ଥନୀତି ବିଭାଗରେ ବକ୍ତୃତା କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଗୁରୁବାର 'ଅନ୍‌ଫୋର୍ସ ଏରର୍ ଏଣ୍ଡ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଙ୍ଗାଧର ମେହେର କଲେଜର ପୁରାତନ ଛାତ୍ର ତଥା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଡ. ଅନୁପ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ ତାଙ୍କର ଅଭିଭାଷଣରେ କିଭଳି ଜଣେ ବ୍ୟକ୍ତିଙ୍କ ଚମତ୍କାର ପ୍ରଦର୍ଶନ ଏକ ଅନିଚ୍ଛାକୃତ ତ୍ରୁଟି ତାଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଉପକୁଳସଚିବେ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏନ୍ ନାଗାରାଜୁ, ଅର୍ଥନୀତି ବିଭାଗ ସହକାରୀ ପ୍ରଫେସର ଡ. ସୁରଜ ବଡ଼ାଏକ ଉପସ୍ଥିତ ଥିଲେ। ଶେଷରେ ଡ. ପ୍ରିୟଦର୍ଶୀ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

### କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଚିଣ୍ଡା,୨୨।୨(ବିରଞ୍ଚି ଦର୍ଶା): କୁଚିଣ୍ଡା ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଳିକା ବିଭାଗରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଯାପନୀ ସମାରୋହରେ ଅବସରପ୍ରାପ୍ତ କୁନ୍ତରା କଲେଜ ଅଧ୍ୟକ୍ଷ ରୁକ୍ମିଣୀ ନାୟକ ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଦସ୍ୟ ସଞ୍ଜାନ ପଟେଲ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧାପିକା ରଞ୍ଜନି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ଅଧାପିକା ତଥା ଆତ୍ମରକ୍ଷା ସଂଯୋଜିକା ବେଳମତି କୁମ୍ଭରା ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଉପାସିନାଏକ ଓ ସୁଜାତା ଭୋଇ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ସମ୍ବନ୍ଧୀୟ ଶିକ୍ଷା ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ମରାମତି ଦାବିରେ କୃଷକ ସଙ୍ଗଠନର ଆନ୍ଦୋଳନ

- ହୀରାକୁଦ ଜଳଭଣ୍ଡାରର ସମ୍ବଲପୁର କେନାଲ କାନ୍ଥରେ ଫାଟ
- ତୁରନ୍ତ ମରାମତି ପାଇଁ ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶ

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)




ହୀରାକୁଦ ଜଳଭଣ୍ଡାର ଡିଷ୍ଟ୍ରିବ୍ୟୁଟାରୀ ସ୍ଥଳରେ ଚାଷୀଙ୍କ ବିକ୍ଷୋଭ।

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ ଉପରେ ହୀରାକୁଦ ଜଳଭଣ୍ଡାର ନିର୍ମାଣ ହୋଇଛି। ଚାଷଜମିକୁ ଜଳସେଚନ, ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଓ ମତ୍ସ୍ୟଚାଷ ଲକ୍ଷ୍ୟରେ ଭାରତ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଏହି ବହୁମୁଖୀ ଯୋଜନାର ପରିକଳ୍ପନା। ୧୯୪୮ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୫୭ରେ ଲୋକାର୍ପଣ ହୋଇଥିଲା। ଏହି ଜଳଭଣ୍ଡାରରୁ ବରଗଡ଼ କେନାଲ, ଶାସନ କେନାଲ, ସମ୍ବଲପୁର କେନାଲ ଓ ହୀରାକୁଦ କେନାଲ ଯୋଗେ ବିଭିନ୍ନ ଅଞ୍ଚଳର ଚାଷଜମିକୁ ଜଳ ଯୋଗାଣ ହୋଇଥାଏ। ବର୍ତ୍ତମାନ ସମ୍ବଲପୁର କେନାଲ କାନ୍ଥ ଓ ଅନ୍ୟାନ୍ୟ ସ୍ଥାନରେ ଫାଟ ହୋଇଥିବା ଦେଖିବାକୁ ମିଳିଛି। ବାଲିବସ୍ତା ଦେଇ ଉକ୍ତ ଫାଟ ଅବରୋଧ କରିବାକୁ ପ୍ରୟାସ କରାଯାଇ ରବି ଚାଷ ପାଇଁ ଜଳଭଣ୍ଡାରରୁ ପାଣି ଛଡ଼ା ଯାଉଛି। ଫାଟ ଯୋଗୁ ଏହି କେନାଲରେ ସମ୍ପୂର୍ଣ୍ଣ କ୍ଷମତା ଅନୁସାରେ ପାଣି ଛଡ଼ାଯାଉ ନ ଥିବାରୁ ଶେଷମୁଣ୍ଡରେ ଠିକ୍ ଭାବେ ଜଳ ପହଞ୍ଚି ପାରୁନାହିଁ। ଫଳରେ ଜଳସେଚନ ଉପରେ ନିର୍ଭର କରୁଥିବା ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନାଲ କାନ୍ଥରେ ଦେଖାଦେଇଥିବା ଫାଟ ତୁରନ୍ତ ସ୍ଥାୟୀ ମରାମତି ଦାବିରେ ଗୁରୁବାର ଜୟଦୁର୍ଗା ଆଞ୍ଚଳିକ କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ସଂଗଠନର ବହୁ ସଦସ୍ୟ ସମ୍ବଲପୁର କେନାଲ ଡିଷ୍ଟ୍ରିବ୍ୟୁଟାରୀ ସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଚାଷୀ ସଂଗଠନର ଅଭିଯୋଗ ଅନୁସାରେ କେନାଲରେ ଏହି ଫାଟ ଦୀର୍ଘଦିନରୁ ଠାବ କରାଯାଇଛି। ମାତ୍ର ଫାଟ ମରାମତି ପାଇଁ ଜଳ ପ୍ରବାହକୁ ଅତିକମ୍‌ରେ ୨ରୁ ୩ଦିନ ବନ୍ଦ ରଖିବାକୁ ପଡ଼ିବ। ଯଦ୍ୱାରା ଶିଳ୍ପସଂସ୍ଥା କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ରହିଛି। ଶିଳ୍ପ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ ସ୍ୱରୂପ ଏହାର ସ୍ଥାୟୀ ମରାମତି କରାଯାଇ ନାହିଁ ବୋଲି ଚାଷୀ ସଂଗଠନ ଅଭିଯୋଗ କରିଛି। ଖବର ପାଇ ହୀରାକୁଦ ଜଳସେଚନ ବିଭାଗ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସ୍ଥାୟୀ ପ୍ରତିକାର ନ ହେବା ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଥିଲେ। ପରେ ହୀରାକୁଦ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଶୁକ୍ରବାରଠାରୁ ଏହାର ମରାମତି ଆରମ୍ଭ କରାଯିବ ଓ ରବିବରରୁ ଧାନ ଅମଳ ପରେ କେନାଲରେ ଜଳ ଯୋଗାଣ ବନ୍ଦ ରହିବା ସମୟରେ କେନାଲ କାନ୍ଥର ନବୀକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଏହାର ତୁରନ୍ତ ମରାମତି ପାଇଁ ବିଭାଗୀୟ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଆନ୍ଦୋଳନରେ ଜୟଦୁର୍ଗା ଆଞ୍ଚଳିକ କୃଷକ ସଂଗଠନର ସୁଜିତ ବଡ଼େଇ, ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଂଗଠନର ଆବାହକ ଅଶୋକ ପ୍ରଧାନ, ନାଟୁ ବିଶ୍ୱାଳ, ଏତୁଆ ଖଡ଼ିଆ, ସାଗର ସାହୁ, ରାଜା ସାହାଣୀ, ଏମ୍ ଗୋବିନ୍ଦୁ, ଦିଲୀପ ସାହୁ, ଚୂଡ଼ାମଣି ଧରେଇ, ଗୌରାଙ୍ଗ ବେହେରା, ସୂର୍ଯ୍ୟ ଓରାମ, ମାଲେଶ୍ୱର ରାଓ, ଜିଏ ରାଓ, ଜି ସତ୍ୟନାରାୟଣ, ସନ୍ତୋଷ ତେଲଙ୍ଗା, ଦୀପ ଭୋଇ ପ୍ରମୁଖଙ୍କ ସହ ବହୁ ଚାଷୀ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ହୀରାକୁଦ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ସାହୁ କହିଛନ୍ତି, ଉକ୍ତ କେନାଲ ଜଳ ସମ୍ବଲପୁର ଅଞ୍ଚଳର ଚାଷଜମି ଏବଂ ଏଠାରୁ ବାହାରିଥିବା ହୀରାକୁଦ କେନାଲ ହୀରାକୁଦ ଅଞ୍ଚଳର ଜମିରେ ଜଳସେଚନ ଓ ହିଣ୍ଡାଲ୍‌କୋ ଶିଳ୍ପସଂସ୍ଥାକୁ ଜଳ ଯୋଗାଣ ହେଉଛି। କେନାଲର ସାମାନ୍ୟ ତଳକୁ ନିର୍ମାଣ ହୋଇଥିବା ପଥର କାନ୍ଥରେ ଫାଟ ହୋଇଛି। ଏହି କେନାଲ ଦୀର୍ଘ ୫ ଦଶନ୍ଧି ପୁରୁଣା ହୋଇଥିବାରୁ ଏହାର ମରାମତି ଆବଶ୍ୟକ। ତେବେ ଦୁଇଦିନ ମଧ୍ୟରେ ବାଲିବସ୍ତା ବଦଳରେ କଂକ୍ରିଟ୍ ଦେଇ ଏକପ୍ରକାର ଅସ୍ଥାୟୀ ନିର୍ମାଣ କରାଯିବ। ଏହାର ତୁରନ୍ତ ମରାମତି ପାଇଁ ବିଭାଗୀୟ ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାୟୀ ମରାମତି ପାଇଁ ୧ମାସରୁ ଅଧିକ ସମୟ ଲାଗୁଥିବାରୁ କେନାଲ ଜଳପ୍ରବାହକୁ ବନ୍ଦ ରଖିବାକୁ ପଡ଼ିବ। ଯାହାଫଳରେ ବର୍ତ୍ତମାନ ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ରବିବରରୁ ପରେ ମେ' ଜୁନ ମାସରେ କେନାଲରେ ଦେଢ଼ମାସ ପାଇଁ ଜଳପ୍ରବାହ ବନ୍ଦ ରହିବା ସମୟରେ ଏହାର ସ୍ଥାୟୀ ମରାମତି କରାଯିବ ବୋଲି ସେ କହିଛନ୍ତି। ତେବେ ମରାମତି କରା ନ ଗଲେ କେନାଲରେ ଘାଇ ସୃଷ୍ଟି ହୋଇ କେନାଲ ଅବବାହିକାରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେ ସ୍ୱୀକାର କରିଥିଲେ।

### କୁକୁଡ଼ାପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)

ଯୁଯୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ଦେହୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟା କବିତା ସାହୁ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ସାହୁ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିପିଓ ଲାଲମୋହନ ବୁଡ଼େକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମଧୁବାବୁ ପେନ୍‌ସନ ଯୋଜନାରେ ହିତାଧିକାରୀଙ୍କୁ ବର୍ଦ୍ଧିତ ହାରରେ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସେହିପରି ୨୦୨୩-୨୪ ମାଟ୍ରିକ୍ ପରୀକ୍ଷାରେ ପଞ୍ଚାୟତ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ରାଜଶ୍ରୀ ଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ୱାର୍ଡ ସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ଅଧିକାରୀ ପ୍ରନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଯୋଜନା ଅବଗତକଲେ ଲୋକପ୍ରତିନିଧି, ଅଧିକାରୀ



ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି ଅତିଥି।

କୁଚିଣ୍ଡା,୨୨।୨(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ସରପଞ୍ଚ ନଳିନୀ କିଷାନ, ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରିଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଲୋକ ପ୍ରତିନିଧି ଓ ଅଧିକାରୀମାନେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଚେତନତା ନିମନ୍ତେ ପାଲା ପରିବେଷଣ ହୋଇଥିବା ବେଳେ କୁଚିଣ୍ଡା ପଞ୍ଚାୟତ ସମିତିର ସଫଳ ଯୋଜନା ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିଧାୟକ ନାଏକ ନୂତନ ହିତାଧିକାରୀଙ୍କୁ ଭତ୍ତା, ଖେଳାଳିଙ୍କୁ ପୋଷାକ ଓ ରାଶନକାର୍ଡଧାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନକରି ଆମ ପଞ୍ଚାୟତ ବିକାଶ ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ କୁଚିଣ୍ଡା ବିପିଏମ୍ ଟିପେନ୍‌ସନ୍ ବେହେରା ପରିଚାଳନା କରିଥିବା ବେଳେ ପିଇଓ କୁଞ୍ଜ ବିହାରୀ ସାହୁ, ବିପିସି ଦେବାଶିଷ ଦାସ ସହଯୋଗ କରିଥିଲେ।

### ମାତୃଭାଷା ଆମ ପରିଚୟ ଓ ଗୌରବ

ସମ୍ବଲପୁର,୨୨।୨(ବି.ଶଙ୍କର)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଅଧ୍ୟକ୍ଷତାକରି ମାତୃଭାଷା ହେଉଛି ଆମ ପରିଚୟ ଓ ଗୌରବ। ଏହାର ସମ୍ମାନ ଓ ବିକାଶ ନିମନ୍ତେ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏଥିସହ ୧୧ଜଣ ଛାତ୍ରୀଛାତ୍ର ସ୍ୱରଚିତ ଓଡ଼ିଆ କବିତା ଆବୃତ୍ତି କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ହୋତା ମାତୃଭାଷାର ବିଶେଷତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ। ଗାୟତ୍ରୀ ଭୋଇ ଶପଥପାଠ କରାଇଥିବା ବେଳେ ଶିକ୍ଷୟିତ୍ରୀ ଅନୁବିନ୍ଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଭା ସଂଯୋଜନା କରିଥିଲେ ।

## ଚନ୍ଦନିମାଲ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁଚିଣ୍ଡା,୨୨।୨(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲର ୭ଟି ବିଭାଗରେ ୧୮ ଗୋଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯାଇଛି। ସ୍କୁଲ ପ୍ରତିଷ୍ଠାତା ଜଗତରାମ ପଟେଲଙ୍କୁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ଓ ସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲଙ୍କୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଆଲୁମ୍‌ନି ସଭାପତି ତାପସ ରଞ୍ଜନ ପାଣିଗ୍ରାହୀ ଓ ପ୍ରକାଶ ସୁନା ଶ୍ରେଷ୍ଠ ପୁରାତନ ଛାତ୍ରସଂସଦ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ସ୍କୁଲ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରାଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସ୍କୁଲର ୧୧ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ପୁରସ୍କାର ପାଇଥିବା ବେଳେ ୨ ଜଣ ଛାତ୍ର ଲିଡରଶିପ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଛନ୍ତି। ପୂର୍ବରୁ ସ୍କୁଲର ସହକାରୀ ଶିକ୍ଷକ ଦେବାନନ୍ଦ କର୍ସେଲଙ୍କୁ ଭୁବନେଶ୍ୱରଠାରେ ଶ୍ରେଷ୍ଠ ଓଡ଼ିଆ ଭାଷା ଶିକ୍ଷକ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍କୁଲ ପକ୍ଷରୁ ସମସ୍ତଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା।

## ବଲାସିଂଘା ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ନାକଟିଦେଉଳ,୨୨।୨(ବୈକୁଣ୍ଠ ନାଥ ସାହୁ)

।କଟିଦେଉଳ ବ୍ଲକ ବଲାସିଂଘାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ଶତପଥୀ ସଭାପତିତ୍ୱ କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ ମୁଖ୍ୟ ଅତିଥି, ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଛତ୍ରପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର ପ୍ରଧାନ, ପୁରାତନ ଛାତ୍ର ଅବଧୂତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟହଲୁ ଷଣ୍ଢ, ସିଆର୍‌ସିସି କେଦାରସନ ସାହୁ ଏବଂ ପୁରାତନ ଛାତ୍ରସଂସଦ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଚତୁର୍ଥ ଶ୍ରେଣୀ ଛାତ୍ର ପୀୟୁଷ ପ୍ରଧାନ ଓ ବାଳିକା ବିଭାଗରେ ୫ମ ଶ୍ରେଣୀ ଛାତ୍ରୀ ରିଷମା ପ୍ରଧାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ବୁଲେଟ ନାୟକ ଅତିଥି ପରିଚୟ ସହ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ନାକଟିଦେଉଳ,୨୨।୨(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଜାଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି କେଦାରସନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥି, ଡା. ଅମୂଲ୍ୟ ରତ୍ନ ମହନ୍ତ ମୁଖ୍ୟ ବକ୍ତା ଓ ବଞ୍ଜାଗୋଳା ୟୁପି ସ୍କୁଲ ପ୍ରଧାନଶିକ୍ଷକ ବ୍ରଜ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାଦାନର ମହତ୍ତ୍ୱ ଓ ଚରିତ୍ର ଗଠନ ବିଷୟରେ ଆଲୋକପାତ କରିଥିଲେ। ବିଜାଗଡ ୟୁପିଏସ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଗୀତ ସମ୍ମିଳିତ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଗୋବିନ୍ଦ ଭାଜପା ବ୍ୟବସାୟୀ ପ୍ରକୋଷ୍ଠର ସଂଯୋଜକ

ସମ୍ବଲପୁର,୨୨।୨(ବି.ଶଙ୍କର)

ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କୁ ଭାରତୀୟ ଜନତା ପାର୍ଟି ବ୍ୟବସାୟୀ ପ୍ରକୋଷ୍ଠର ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାକୁ ନେଇ ଗୁରୁବାର ସମ୍ବଲପୁର ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ଗୋବିନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବଲପୁର ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, କୌଶଳ ବ୍ୟବସାୟୀ ସଂଘ, ସମ୍ବଲପୁର ମର୍ଚ୍ଚେଣ୍ଟ ଆସୋସିଏଶନ, ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନର କର୍ମକର୍ତ୍ତା ଗୋବିନ୍ଦଙ୍କୁ ଶୁଭକାମନା ଜଣାଇଥିଲେ। ଏହି ଅବସରରେ ବାଣିଜ୍ୟ ସଂଘର ସଦସ୍ୟମାନଙ୍କ ସହ ଜିଏସ୍‌ଟି ସମେତ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା । ଯଶବୀରସିଂ ହୁରା, ଅରୁଣ ପଟ୍ଟୱାରୀ, କେଶବ ଡାଲମିଆଁ, ରମାକାନ୍ତ ମେହେର, ଶଙ୍କରଲାଲ ଅଗ୍ରୱାଲ, ଅରୁଣ ମୁଖାର୍ଜି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଭାଜପା ନେତା ଗୋବିନ୍ଦ ଅଗ୍ରୱାଲାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପର୍ଯ୍ୟଟନ ସ୍ଥଳ ଦେବଝରଣରେ ବୋଟିଂ ସ୍ୱପ୍ନ

**ଅକାମୀ ହୋଇ ପଡ଼ିରହିଛି ବୋଟ୍**

ସମ୍ବଲପୁର,୨୨।୨(ବି.ଶଙ୍କର)



ୱାଚ୍‌ଟାୱାର ପରିସରରେ ଅକାମୀ ହୋଇ ପଡିରହିଛି ବୋଟ୍।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କଣ୍ଢାକୁଦ ପଞ୍ଚାୟତରେ ରହିଛି ପର୍ଯ୍ୟଟନସ୍ଥଳ ଦେବଝରଣ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ସ୍ଥାନକୁ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ବର୍ଷତମାମ ଆସିଥାନ୍ତି। ରାଜ୍ୟ ସରକାର ଇକୋ ଟୁରିଜମ ଭାବେ ଘୋଷଣା କରିବା ପରେ ୪ବର୍ଷ ତଳେ ଏହାର ରୂପରେଖ ବଦଳିଯାଇଥିଲା। ବନ ବିଭାଗ ପକ୍ଷରୁ ବୋଟିଂ ସେବା, ଟ୍ରାକିଂ ସୁବିଧା, ବଣଭୋଜି ପାଇଁ ପିଣ୍ଡି, ପରିସ୍ରାଗାର ଭଳି ଅନେକ ଉନ୍ନୟନ କାମ ହୋଇଥିଲା। ଏଥିସକାଶେ ପ୍ରାୟ ୧କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏଠାକାର ଅନ୍ୟତମ ଆକର୍ଷଣ ହେଉଛି ଜଳଭଣ୍ଡାରରେ ବୋଟିଂ। କିନ୍ତୁ ପରିତାପର ବିଷୟ ସୁସଜ୍ଜିତ ରଙ୍ଗବେରଙ୍ଗ ବୋଟ୍‌ଗୁଡ଼ିକ ଏବେ ୱାଚ୍‌ଟାୱାର ପରିସରରେ ମାଟି ଉପରେ ରହି ଅକାମୀ ହେବାକୁ ବସିଛି। ଫଳରେ ପର୍ଯ୍ୟଟକଙ୍କ ବୋଟିଂ ଆଶା ସ୍ୱପ୍ନରେ ରହିଯାଉଛି।

ସ୍ଥାନୀୟ ବନ ସୁରକ୍ଷା ସମିତି ଓ ଦେବଝରଣ ବିକାଶ ମଞ୍ଚ ଅଭିଯୋଗକ୍ରମେ ଦେଇଥିବା ବୋଟ୍‌ଗୁଡ଼ିକ କମ୍ପାନୀ ଫେରାଇନେଇ ଅନ୍ୟ ବୋଟ୍ ଦେଇଥିଲା। ବନ ବିଭାଗ ବନ ସୁରକ୍ଷା ସମିତି ଓ ଲୋକମାନଙ୍କୁ ନେଇ ଜଳଭଣ୍ଡାରରେ ବୋଟ୍‌ଗୁଡ଼ିକ ପରୀକ୍ଷା (ଟ୍ରାଏଲ) କରିଥିଲା। ଏପରି କି ସ୍ଥାନୀୟ ୮ଜଣ ଯୁବକଙ୍କୁ ବୋଟ୍ ଚଳାଇବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ସାମାଜିକ, ଆର୍ଥିକ ଅଭିବୃଦ୍ଧିହେବ ବୋଲିଆଶା କରାଯାଉଥିଲା। ହେଲେ ସମ୍ପ୍ରତି ବୋଟିଂ ବନ୍ଦ ରହିଥିବାରୁ ସେମାନେ ନିରାଶ ହୋଇଯାଇଛନ୍ତି। ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ବୋଟ୍‌ଗୁଡ଼ିକ ୱାଚଟାୱାର ପରିସରରେ ତାର ଜାଲି ଦେଇ କଡ଼ା ସୁରକ୍ଷାରେ ରଖାଯାଇଛି । ସ୍ଥାନୀୟ ଲୋକମାନେ ଏଥିପାଇଁ ବନ ବିଭାଗକୁ ଦାୟୀ କରିଛନ୍ତି। ଜଙ୍ଗଲ, ପାହାଡ଼, ଝରଣା ଭଳି ପ୍ରକୃତି ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ବିକାଶ ଆଖିଦୃଶିଆ ହୋଇପାରି ନାହିଁ। ଗାଡ଼ି ପାର୍କିଂ ପାଇଁ କୌଣସି ସୁବିଧା କରାଯାଇ ନାହିଁ। ବଣଭୋଜି ପାଇଁ ଭିତ୍ତିଭୂମିର ବିକାଶ ହୋଇନାହିଁ। ପାନୀୟ ଜଳ ସମସ୍ୟା ଗୁରୁତର ରହିଛି। ପର୍ଯ୍ୟଟକଙ୍କ ଆବଶ୍ୟକତା ଅନୁଯାୟୀ ଏଠାରେ ଦୋକାନ ବଜାର ନାହିଁ। ଅପରପକ୍ଷେ ଜଳପ୍ରପାତରେ ଦୁର୍ଘଟଣା ଆଶଙ୍କା ରହୁଛି। ୪ବର୍ଷ ତଳେ ପ୍ରତିଷ୍ଠିତ ସମୁଦ୍ର ବୁଡାଳି ସବିର ବକ୍ସଙ୍କ ନେତୃତ୍ୱରେ ଏକ ଟିମ୍ ଜଳଭଣ୍ଡାର ଭିତରେ ସର୍ଭେ କରି ବୋଟ ଚଳାଚଳ ପାଇଁ ରାସ୍ତା ନିର୍ଦ୍ଧାରଣ କରିଥିଲେ। ବୋଟିଂ ପାଇଁ ସବିରଙ୍କ ଟିମ୍ ଏକ ବୋଟ୍ ଆଣି ଦେବଝରଣରେ ଟ୍ରାଏଲ ରନ ମଧ୍ୟ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୮ ସିଟ୍ ବିଶିଷ୍ଟ ଗୋଟିଏ ସିଡ ବୋଟ୍ ଓ ୨ଟି ପେଡ଼ାଲ ବୋଟ୍ ଆସିଥିଲା। ଏହା ସତ୍ତ୍ୱେ ଦେବଝରଣ ଜଳଭଣ୍ଡାରରେ ବୋଟିଂ ଯୋଜନା ଫେଲ୍ ମାରିଛି। ଫଳରେ ନୌବିହାର ଉଦ୍ଦେଶ୍ୟରେ ଏଠାକୁ ଆସୁଥିବା ପର୍ଯ୍ୟଟକ ନିରାଶ ହେଉଛନ୍ତି। ଏ ସମ୍ପର୍କରେ ଏସିଏଫ୍ ତଥା ଭାରପ୍ରାପ୍ତ ସଦର ରେଞ୍ଜର ହରି ଶଙ୍କର ନାଏକ କହିଛନ୍ତି, ବୋଟ୍ ଚଳାଇବା ପାଇଁ ସାମାନ୍ୟ ସମସ୍ୟା ରହିଛି। ଏହା ଶୀଘ୍ର ସମାଧାନ ହୋଇଯିବ। ଯଥାଶୀଘ୍ର ବୋଟ୍ ଚଳାଚଳ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷେ ଦେବଝରଣ ବିକାଶ ମଞ୍ଚ ଆବାହକ ବରୁଣ ଦେହୁରି କହିଛନ୍ତି, ପର୍ଯ୍ୟଟନ ସ୍ଥଳରେ ସୁନ୍ଦର ଜଳଭଣ୍ଡାର ରହିଛି। ତେଣୁ ବନ ବିଭାଗ ଶୀଘ୍ର ବୋଟିଂ କାର୍ଯ୍ୟକ୍ଷମ କରିବା ଆବଶ୍ୟକ। ଏହାଦ୍ୱାରା ପର୍ଯ୍ୟଟକମାନେ ନୌବିହାର ମଜା ନେଇପାରିବେ। ଏଥିସହ ଲକ୍ଷାଧିକ ଟଙ୍କାରେ କିଣା ହୋଇଥିବା ବୋଟ୍‌ର ସଦୁପଯୋଗ ହୋଇପାରିବ ବୋଲି ସେ କହିଛନ୍ତି ।

# ସ୍ପେଶାଲ ଅଲିମ୍ପିଆନ ସରିତାଙ୍କ ସଂଘର୍ଷ


ସରିତା ରାଉତରାୟ

**ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ଯେ ବଡ଼ ସଫଳତା ସମ୍ଭବ, ଏହାର ଜ୍ୱଳନ୍ତ ଉଦାହରଣ ହେଲେ ସ୍ପେଶାଲ ଆଥଲେଟ୍ ସରିତା ରାଉତରାୟ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଥିଲେ ମଧ୍ୟ ସେ ବାଟ ହୁଡ଼ିନାହାନ୍ତି। ଦେଶ ବିଦେଶରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର ୟୁନିଫାଏଡ୍ ବିଚ୍ ଭଲିବଲ୍‌ରେ ସ୍ୱର୍ଣ୍ଣ ଏବଂ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ଜିତିଥିବା ସରିତାଙ୍କ ସଂଘର୍ଷମୟ ଜୀବନକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..**

**–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ**

ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ଯେ ବଡ଼ ସଫଳତା ସମ୍ଭବ ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ସ୍ପେଶାଲ ଆଥଲେଟ୍ ସରିତା ରାଉତରାୟ। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଥିଲେ ମଧ୍ୟ ସେ ବାଟ ହୁଡ଼ି ନାହାନ୍ତି। ବରଂ ଉପଯୁକ୍ତ ଗୁରୁଙ୍କ ମାର୍ଗ ଦର୍ଶନରେ ଆଗକୁ ଯାଇ ଦେଶ ବିଦେଶରେ ଉଡ଼ାଇଛନ୍ତି ବିଜୟ ଧ୍ୱଜା। ସ୍ପେଶାଲ ଅଲିମ୍ପିକ୍ସରେ ପଦକ ଜିତି ଭାରତ ଓ ନିଜ ରାଜ୍ୟ ଓଡ଼ିଶାକୁ ଗର୍ବିତ କରିଛନ୍ତି। ନିକଟରେ ପିତାଙ୍କ ପରଲୋକ ହୋଇଛି। ଘରର ବଡ଼ଝିଅ ଭାବରେ ଏବେ ପରିବାରର ପ୍ରତିପୋଷଣ ଭାର ତାଙ୍କ ଉପରେ। ଏହାକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି ସରିତା। ସ୍ପେଶାଲ ଆଥଲେଟଙ୍କ ଗୁରୁକୁଳ ଓପନ ଲର୍ନିଂ ସିଷ୍ଟମରେ ସେ ବ୍ୟକ୍ତିଗତ ଭାବେ ଖେଳ ଜାରି ରଖିବା ସହ ପ୍ରତିଭାଧର ଖେଳାଳିଙ୍କ ମାର୍ଗ ଦର୍ଶକ ସାଜିଛନ୍ତି।

ସରିତାଙ୍କୁ ଯେତେବେଳେ ୭ ବର୍ଷ ହୋଇଥିଲା ସେତେବେଳେ ସେ ସେଣ୍ଟର ଅଫ୍ ସ୍ପେଶାଲ ଏଜୁକେଶନ ଫର ଚିଲ୍‌ଡ୍ରେନ ୱିଥ୍ ମଲ୍ଟିପଲ ଡିଜାବିଲିଟିଜ ଅଫ୍ ଓପନ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍)ରେ ଯୋଗଦେଲେ। ଏହି ଅନୁଷ୍ଠାନ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ରିହାବିଲିଟେଶନ ପାଇଁ କାର୍ଯ୍ୟ କରିଥାଏ। ଅନୁଧ୍ୟାନ ପରେ ସରିତା ସାମାନ୍ୟ ମାନସିକ ଅନଗ୍ରସର ଏବଂ ଶୁଣିବାରେ ସମସ୍ୟା ଥିବା ଜଣାପଡ଼ିଥିଲା। ସେ ନିକଟସ୍ଥ ଏକ ଜେନେରାଲ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇଥିଲେ। ମାତ୍ର କିଛି ବର୍ଷ ପରେ ସେ ସେଠାରେ ଅସହଜ ମନେ କଲେ ଏବଂ ଏକାନ୍ତ ଅନୁଭବ କରିବାରୁ ସ୍କୁଲ ଯିବା ବନ୍ଦ କରିଦେଲେ। ତାଙ୍କର କେହି ସାଙ୍ଗ ନ ଥିଲେ। ଏହାପରେ ସେ ଓଏଲ୍‌ଏସ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ, ଯେଉଁଠି ଓଡ଼ିଶୀ ନୃତ୍ୟ ଶିଖିବା ସହିତ ଟେଲରିଂ ଏବଂ ଚକୋଲେଟ ତିଆରି କରିବା ଆରମ୍ଭ କରିଥିଲେ। ଏକାଧିକ ସ୍ଥାନରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସେ ପ୍ରଶଂସା ଅର୍ଜନ କରିଥିଲେ।

କ୍ରୀଡ଼ା କ୍ଷେତ୍ରରେ ତାଙ୍କର ପ୍ରତିଭାକୁ ଠାବ କରିଥିଲେ ଓଏଲ୍‌ଏସ୍ ସିଇଓ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ। ଦେଶର ବିଭିନ୍ନ ସ୍ଥାନରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ ଆନୁକୂଲ୍ୟରେ ହେଉଥିବା ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ ପାଇଁ ତାଙ୍କୁ ପଠାଗଲା। ମେଣ୍ଟର ଏବଂ କୋଚ୍ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତର ନ୍ୟାଶନାଲ ଟ୍ରେନର ଅର୍ପିତା ମହାପାତ୍ର ଏବଂ ସସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସରିତାଙ୍କ କ୍ରୀଡ଼ା ପ୍ରତିଭା ବିକଶିତ ହୋଇଥିଲା।

ସରିତା ସାଇକ୍ଲିଂ ସହିତ ଫୁଟ୍‌ବଲ, ବିଚ୍ ଭଲିବଲ ଏବଂ ଫ୍ଲୋର ହକିରେ ନିଜ ଦକ୍ଷତା ଦେଖାଇଥିଲେ। ସେ ଜାତୀୟ ଚାମ୍ପିୟନଶିପ୍‌ରେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ୨୦୧୫ ଅଗଷ୍ଟରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସର ୟୁନିଫାଏଡ୍ ବିଚ୍ ଭଲିବଲ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଅଷ୍ଟ୍ରିଆରେ ୨୦୧୭ ମାର୍ଚ୍ଚ ୧୪ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ସେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ।

ସରିତାଙ୍କ ଯାତ୍ରା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ତାଙ୍କ ବାପା ଗୁଣ୍ଡିଚା ରାଉତରାୟଙ୍କ ଶ୍ରବଣ ଶକ୍ତିରେ ସମସ୍ୟା ଥିଲା ଏବଂ ଜଣେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ଅଳ୍ପକିଛି ରୋଜଗାର କରୁଥିଲେ। ଅଧିକାଂଶ ସମୟ ସେ ଅସୁସ୍ଥ ରହୁଥିଲେ ଏବଂ କାମ କରିବାକୁ ଯାଇପାରୁ ନ ଥିଲେ। ତେଣୁ ତାଙ୍କ ମା' ଶ୍ୟାମାଲତା ରାଉତରାୟ ଭୁବନେଶ୍ୱରସ୍ଥିତ ଏକ ବସ୍ତିରେ ନିଜ ଅସ୍ଥାୟୀ ଘରେ ଏକ ଛୋଟ ତେଜରାତି ଦୋକାନ କରି ଘରଖର୍ଚ୍ଚ ଚଳାଉଥିଲେ। ଏହି ବସ୍ତି ଏକ ଅବହେଳିତ ଅଞ୍ଚଳ ହୋଇଥିଲେ ମଧ୍ୟ ସରିତା ଏ ସବୁ ବାଧାକୁ ଅତିକ୍ରମ କରି ନିଜ ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅସୁସ୍ଥ ରହିବା ପରେ ନିକଟରେ ତାଙ୍କ ବାପାଙ୍କ ପରଲୋକ ହୋଇ ଯାଇଛି। ତେଣୁ ଘର ଚଳାଇବା ଏବଂ ଭାଇକୁ ମଣିଷ କରିବାର ଦାୟିତ୍ୱ ତାଙ୍କ ଉପରେ।

କ୍ରୀଡ଼ା ତାଙ୍କୁ ଦକ୍ଷତା ପ୍ରଦର୍ଶନର ସୁଯୋଗ ଏବଂ ଖୁସି ଦେଇଛି। ସେ ଖେଳ ସହ ଜଡ଼ିତ ହୋଇ ରହି ଏବଂ କ୍ରମେ ରୋଲର ସ୍କେଟିଂ ଏବଂ ଫୁଟବଲକୁ ଆପଣେଇବା ସହ ପିଲାମାନଙ୍କୁ ସୁଇମିଂ ଟ୍ରେନିଂରେ ଅର୍ପିତାଙ୍କୁ ସାହାଯ୍ୟ କରୁଛନ୍ତି। ସେ ବ୍ୟକ୍ତିଗତଭାବେ ବିଭିନ୍ନ ଖେଳାଳିଙ୍କ ଘରକୁ ଯାଇ ରୋଲର ସ୍କେଟିଂ ଟ୍ରେନିଂ ମଧ୍ୟ ଦେଉଛନ୍ତି। ଏହା ତାଙ୍କୁ ସ୍ୱୀକୃତି ଦେଇଛି ଏବଂ ଗର୍ବର ସହିତ ଅଳ୍ପକିଛି ରୋଜଗାର କରିବାର ବାଟ ମଧ୍ୟ ଦେଖାଇଛି। ତ୍ୟାଗ ଏବଂ ଅଧ୍ୟବସାୟ ତାଙ୍କୁ ସମସ୍ତ ବ୍ୟକ୍ତିଗତ ଏବଂ ସାମାଜିକ ଚ୍ୟାଲେଞ୍ଜରୁ ବାହାରକୁ ଆଣିବାରେ ସହାୟକ ହୋଇଛି। ଏବେ ଜୀବନ ଜୀବିକା ପାଇଁ ସରିତାଙ୍କ ଲାଗି ଚାକିରି ଅତ୍ୟାବଶ୍ୟକ ହୋଇ ପଡ଼ିଛି। ଓଡ଼ିଶା ଦେଶର କ୍ରୀଡ଼ା ହବ୍ ପାଲଟିଛି। ମାତ୍ର ସେ ସ୍ପେଶାଲ ଅଲିମ୍ପିକ୍ସରେ ପଦକ ଜିତିଥିବା ସତ୍ତ୍ୱେ ରାଜ୍ୟରେ ଏହାକୁ ଉପଯୁକ୍ତ ମର୍ଯ୍ୟାଦା ଦିଆ ନ ଯିବା ସରିତାଙ୍କୁ ବ୍ୟଥିତ କରିଛି। ସରକାରଙ୍କ ନଜର ତାଙ୍କ ଉପରେ ପଡ଼ିବ ଏବଂ ତାଙ୍କୁ ଏକ ଚାକିରି ପ୍ରଦାନର ବ୍ୟବସ୍ଥା କରାଯିବ, ଏପରି ଆଶାରେ ରହିଛନ୍ତି ଏହି ବହୁମୁଖୀ ପ୍ରତିଭା।




(ବାମରୁ) ଅର୍ପିତା ମହାପାତ୍ର, ସରିତା ରାଉତରାୟ, ସସ୍ମିତା ମହାପାତ୍ର ଓ ପ୍ରକାଶ ରଥ।

## ଚାକିରି ନିହାତି ଆବଶ୍ୟକ

ସରିତା ଏଠାକୁ ଆସିବା ପରେ ଇନ୍‌ଚାର୍ଜ ସୁଜାତା ପଟ୍ଟନାୟକ ତାଙ୍କ ଦାୟିତ୍ୱ ନେଇଥିଲେ। ସସ୍ମିତା ମହାପାତ୍ର ଓ ଅର୍ପିତା ମହାପାତ୍ର ପ୍ରମୁଖ ପ୍ରତିଷ୍ଠିତ କୋଚ୍‌ମାନେ ତାଙ୍କୁ ଖେଳସହ ଅଭ୍ୟସ୍ତ କରାଇଥିଲେ। ଏହାପରେ ସେ ବିଭିନ୍ନ ଖେଳରେ ପାରଦର୍ଶିତା ଦେଖାଇଲେ। ବିଭିନ୍ନ ଖେଳରେ ସରିତା ରୁଚି ରଖିଥିଲେ, ଏପରିକି ବହୁତ ଫାଷ୍ଟ ଗେମ୍ ଫ୍ଲୋରହକିରେ ମଧ୍ୟ ସେ ଭାରତର ଟପ୍ ଖେଳାଳି ବିବେଚିତ ହୋଇଥିଲେ। ୱିଣ୍ଟର ଗେମ୍ ପାଇଁ ଆମ ରାଜ୍ୟରେ ବିଶେଷ ସୁବିଧା ସୁଯୋଗ ନ ଥିଲେ ମଧ୍ୟ ସରିତାଙ୍କ ଟିମ୍ ଅଷ୍ଟ୍ରିଆ ଯାଇ ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ପୂର୍ବରୁ ୱାର୍ଲ୍ଡ ସମର ଗେମ୍ସର ବିଚ୍ ଭଲିବଲରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସାଇକ୍ଲିଂରେ ମଧ୍ୟ ସେ ଦକ୍ଷ। ଏବେ ଅର୍ପିତାଙ୍କ ତତ୍ତ୍ୱାବଧାନରେ ସେ ପିଲାଙ୍କୁ ସୁଇମିଂ କୋଚିଂ ଦେଉଛନ୍ତି। ସେ ଏକ ଗରିବ ପରିବାରର ପିଲା। ଭିନ୍ନକ୍ଷମ ବାପାଙ୍କର ନିକଟରେ ପରଲୋକ ଘଟିଛି। ଅନେକ ଚାପ ପରିସ୍ଥିତିରେ ମା' ହିଁ ତାଙ୍କୁ ବଢ଼ାଇଛନ୍ତି। ଘର ଚଳାଇବା ସହ ମା' ଓ ଭାଇର ଦାୟିତ୍ୱ ଏବେ ସରିତାଙ୍କ ଉପରେ। ଜଣେ ଖେଳାଳି ବ୍ୟତୀତ ସରିତା ଜଣେ ଉତ୍ତମ ବ୍ୟକ୍ତି। ବ୍ୟକ୍ତିଗତଭାବେ ଆଗକୁ ବଢ଼ିବା ସହ ପରିବାର ଚଳାଇବା ପାଇଁ ସରିତା ଏବେ ଚାକିରି ନିହାତି ଆବଶ୍ୟକ କରୁଛନ୍ତି। ସରକାର ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ପଦକ ବିଜେତାଙ୍କ ପାଇଁ ଅନେକ କିଛି କରୁଛନ୍ତି। ସ୍ପେଶାଲ ଅଲିମ୍ପିକ୍ସରେ ସଫଳ ହୋଇଥିବାରୁ ସରକାରୀ ଚାକିରିଟିଏ ମିଳିଗଲେ ସରତାଙ୍କ ଜୀବନ ସହଜ ହୋଇପାରନ୍ତା।

**–ପ୍ରକାଶ ରଥ**, ***(ଓଏଲ୍‌ଏସ୍ ସିଇଓ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତ–ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ)***

## ସ୍ପେଶାଲ ଆଥ୍‌ଲେଟ୍‌ଙ୍କୁ ସମାନ ମର୍ଯ୍ୟାଦା ମିଳୁ

ରାଜ୍ୟର ଜଣେ ଖେଳାଳି ଅଲିମ୍ପିକ୍ସ କିମ୍ବା ପାରାଲିମ୍ପିକ୍ସରେ ଭାଗନେଲେ ଯେପରି ପ୍ରୋତ୍ସାହନ ପାଉଛନ୍ତି ସ୍ପେଶାଲ ଅଲିମ୍ପିକ୍ସ ଆଥଲେଟ୍‌ଙ୍କୁ ସେପରି ମର୍ଯ୍ୟାଦା ମିଳିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି ସରିତାଙ୍କ ମେଣ୍ଟର ଏବଂ କୋଚ୍ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତର ନ୍ୟାଶନାଲ ଟ୍ରେନର ଅର୍ପିତା ମହାପାତ୍ର ଓ ସସ୍ମିତା ମହାପାତ୍ର। ''ସ୍ପେଶାଲ ଆଥଲେଟଙ୍କ ନିକଟରେ ରାଗ, ଗର୍ବ କିମ୍ବା ଅହଙ୍କାର ନ ଥାଏ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ହେଲେ ମଧ୍ୟ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ହୋଇ ନ ଥାଏ। ୨୦୧୧ରୁ ମୁଁ ସରିତାଙ୍କୁ ନିକଟରୁ ଦେଖି ଆସୁଛି। ସେ ବ୍ୟକ୍ତିଗତଭାବେ ଜଣେ ସଫଳ ଆଥଲେଟ୍ ଏବଂ ଏବେ କୋଚିଂକୁ ମଧ୍ୟ ଦକ୍ଷତାର ସହ ଆପଣେଇଛନ୍ତି। ତେଣୁ ଅଲିମ୍ପିଆନ ଏବଂ ପାରାଲିମ୍ପିଆନଙ୍କୁ ଯେପରି ଦୃଷ୍ଟିରେ ଦେଖା ଯାଉଛି କିମ୍ବା ସମ୍ମାନ ମିଳୁଛି ସରିତାଙ୍କ କ୍ଷେତ୍ରରେ ସେପରି ହେବା ଉଚିତ'' ବୋଲି ଅର୍ପିତା ପ୍ରକାଶ କରିଛନ୍ତି। ୧୯୯୮ରେ ସରିତା ଓଏଲ୍‌ଏସ୍‌କୁ ଆସିବା ଦିନଠାରୁ ତାଙ୍କୁ କୋଚିଂ ଦେଉଥିବା ସସ୍ମିତା ମଧ୍ୟ ସମାନ ମତ ରଖିଛନ୍ତି। ''ବିଭିନ୍ନ ଖେଳପ୍ରତି ଆଗ୍ରହ ସରିତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ୨୦୧୭ରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସରେ ପଦକ ବିଜୟ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ। ତେଣୁ ସାଧାରଣ ଆଥଲେଟ୍‌ଙ୍କ ପରି ସ୍ପୋର୍ଟ୍ସ କୋଟାରେ ସରିତା ଯେପରି ନ୍ୟାୟ ପାଇପାରିବେ ସେଥିପାଇଁ ଆମର ଲଢ଼େଇ ଜାରି ରହିବ'' ବୋଲି ସସ୍ମିତା କହିଛନ୍ତି।

# କୋରାପୁଟର ଗୌରବ କୁନ୍ଦ



**କୋରାପୁଟର ଅନ୍ତର୍ଜାତୀୟ କରାଟେକା କୁନ୍ଦ ମାଝି। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପଦକ ଜିତିବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଆଦିବାସୀ ପରିବାରରୁ ଆସିଥିବା କୁନ୍ଦ ବିଭିନ୍ନ କରାଟେ ପ୍ରତିଯୋଗିତାରେ ସଫଳତା ଆଣିବା ସହିତ ଜିଲାର ଅନ୍ୟ ଆଶାୟୀ ମାର୍ଶାଲ ଆର୍ଟ ଓ କରାଟେକାଙ୍କର ଆଦର୍ଶ ପାଲଟିଛନ୍ତି।**

କୋରାପୁଟ ଜିଲାର ଝିଅ ଅନ୍ତର୍ଜାତୀୟ କରାଟେକା ତଥା ଜାତୀୟ ସ୍କାଏ ମାର୍ଶାଲ ଆର୍ଟ ଖେଳାଳି କୁନ୍ଦ ମାଝି। ସେ ନିଜର ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ କଠିନ ପରିଶ୍ରମ କରି ଜିଲାସ୍ତରରୁ ଆରମ୍ଭକରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ବହୁ ପଦକ ଜିତିବା ସହ ଜିଲା ପାଇଁ ଗୌରବ ଆଣିଛନ୍ତି। ଆଦିବାସୀ ପରିବାରରୁ ଆସିଥିବା କୁନ୍ଦ ବିଭିନ୍ନ କରାଟେ ପ୍ରତିଯୋଗିତାରେ ସଫଳତା ଆଣିବା ସହିତ ଜିଲାର ଅନ୍ୟ ଆଶାୟୀ ମାର୍ଶାଲ ଆର୍ଟ ଓ କରାଟେକାଙ୍କର ଆଦର୍ଶ ପାଲଟିଛନ୍ତି। ନିଜ କୋଚ ଯୋଗେଶ୍ୱର ବେହେରାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଅନ୍ତର୍ଜାତୀୟ କରାଟେକା ହୋଇପାରିଛନ୍ତି।

କୋରାପୁଟ ଜିଲା ଜୟପୁର ବ୍ଲକ ଜାମୁଣ୍ଡା ପଞ୍ଚାୟତ ତେଲିଆ ଗ୍ରାମରେ ମା' ବୃନ୍ଦା ଓ ବାପା ନୀଳକଣ୍ଠ ମାଝିଙ୍କ ସହ କୁନ୍ଦ ରହୁଛନ୍ତି। ୨୦୧୩ରୁ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ମାର୍ଶାଲ ଆର୍ଟ ଶିକ୍ଷା ଦେଉଥିବା ଯୋଗେଶ୍ୱର ବେହେରାଙ୍କଠାରୁ ତାଲିମ ନେବା ଆରମ୍ଭ କରିଥିଲେ। ୩ ବର୍ଷ ପରେ ଅର୍ଥାତ ୨୦୧୬ରୁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଆସୁଛନ୍ତି। ଇତିମଧ୍ୟରେ ସେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ସାରିଥିବା କୁନ୍ଦ କହିଛନ୍ତି।

୨୦୧୮ ଫେବୃଆରୀ ୨ରୁ ୪ ପର୍ଯ୍ୟନ୍ତ ବିଶାଖାପାଟଣା ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨ୟ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ କୋରାପୁଟର ହନୁମାନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅଂଶଗ୍ରହଣ କରି କୁନ୍ଦ ଉଭୟ କାଟା ଓ କୁମିତେରେ ରୌପ୍ୟପଦକ ହାସଲ କରିଥିଲେ। ସେହିବର୍ଷ ଜମ୍ମୁ-କଶ୍ମୀରରେ ହୋଇଥିବା ଜାତୀୟ ସ୍କାଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଜିଲାରୁ ପ୍ରତିନିଧିତ୍ୱ କରି ଉଭୟ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ରୌପ୍ୟ ପଦକ ପାଇଥିଲେ। ସେହିପରି ୨୦୨୩ରେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍କାଏ ମାର୍ଶାଲ ଆର୍ଟରେ ଉନ୍ନତ ପ୍ରଦର୍ଶନ କରି ବ୍ୟକ୍ତିଗତ ଭାବେ କାଟେଗୋରୀ-୩ରେ ଗୋଟିଏ ରୌପ୍ୟ ଓ କାଟେଗୋରୀ-୧ରେ ଗୋଟିଏ ବ୍ରୋଞ୍ଜପଦକ ଜିତି ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଥିଲେ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ୫ ଲକ୍ଷ ଟଙ୍କା (ରୌପ୍ୟପଦକ ପାଇଁ ୩ ଲକ୍ଷ ଓ ବ୍ରୋଞ୍ଜପଦକ ପାଇଁ ୨ ଲକ୍ଷ)ର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପରବ ୨୦୨୩ରେ ଜିଲା ପ୍ରଶାସନ ପକ୍ଷରୁ କୁନ୍ଦଙ୍କୁ 'ପରବ ସମ୍ମାନ' ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସେ ରାୟଗଡ଼ାର ଏକ ଘରୋଇ କଲେଜରେ ବି.ଟେକ ପଢୁଛନ୍ତି। ଘରର ବଡ଼ ଝିଅ ହୋଇଥିବାରୁ ସମସ୍ତ ଆର୍ଥିକ ବୋଝ ତାଙ୍କ ଉପରେ ପଡୁଥିବା ସତ୍ତ୍ୱେ ସେ ପଛକୁ ନ ହଟି ନିଜର ୨ ଭଉଣୀ ଓ ଗୋଟିଏ ଭାଇଙ୍କୁ କରାଟେ ଏବଂ ସ୍କାଏ ମାର୍ଶାଲ ଆର୍ଟରେ ତାଲିମ ଦେଉଛନ୍ତି।

କେବଳ ସେତିକି ନୁହେଁ ଜିଲାର ଜୟନ୍ତଗିରିଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ କୁନ୍ଦ ଛାତ୍ରୀମାନଙ୍କୁ କରାଟେ ଶିକ୍ଷା ପ୍ରଦାନ କରୁଛନ୍ତି। କରାଟେ ପ୍ରତିଯୋଗିତା ପାଇଁ ଆଶା ରଖିଥିବା ସମସ୍ତ ପିଲାଙ୍କୁ ଆଗକୁ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ଦିନରେ ସେ ଏସିଆନ୍ ଗେମ୍ସରେ କିପରି ଅଂଶଗ୍ରହଣ କରିପାରିବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ତାଙ୍କୁ ଆବଶ୍ୟକ ଅର୍ଥ ଓ ସୁବିଧା ମିଳିଲେ ସେ ଦେଶ ପାଇଁ ସଫଳତା ଆଣିପାରିବେ ବୋଲି ଧରିତ୍ରୀକୁ କହିଛନ୍ତି। କୁନ୍ଦ ତାଙ୍କର ସମସ୍ତ ସଫଳତାର ଶ୍ରେୟ କୋଚ ଯୋଗେଶ୍ୱରଙ୍କୁ ଦେଇଛନ୍ତି। ଏଥିସହ କୋରାପୁଟ ହନୁମାନ ସ୍ପୋର୍ଟିଂ କ୍ଲବ ସମ୍ପାଦକ ଏକାଦଶୀ ବେହେରା, ରାଜ୍ୟ ସ୍କାଏ ମାର୍ଶାଲ ଆର୍ଟ ସଂଘ ସମ୍ପାଦକ ଏସ୍.କେ. ସଲାଉଦ୍ଦିନଙ୍କ ପ୍ରୋତ୍ସାହନକୁ କେବେ ଭୁଲିପାରିବି ନାହିଁ ବୋଲି କହିବା ସହ ତାଙ୍କୁ ସବୁବେଳେ ଉତ୍ସାହିତ କରି ଆସୁଥିବା ଧରିତ୍ରୀ ଖବରକାଗଜର ଅବଦାନ ଅଭୁଲା ରହିବ ବୋଲି ପ୍ରକାଶ କରିଛନ୍ତି।

***–ଅମିତାଭ ବେହେରା***
*କୋରାପୁଟ*

## ଟିମ୍ ସ୍ପିରିଟ୍

ଆ୦ ବର୍ଷୀୟ ଭାରତୀୟ
ବଂଶୋଦ୍ଭବ
ଅଶ୍ୱଥ କୌଶିକ ଖେଳି
ପୋଲାଣ୍ଡ ଜାସେକ
ଷ୍ଟୋପାଙ୍କୁ ହରାଇ
ଖୁସିରେ ବଜାଏ ତାଳି
ଲିଓନିଡ ଜାଏ ଜଳି
ନିଜ ନାମେ ଥିବା ସେମ୍ ରେକର୍ଡକୁ
କୌଶିକ ଦେବାରୁ ଟାଳି।
ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା
ଅର୍ଜନରେ
ହିରୋ ବ୍ରାଜିଲ ବିଫଳ
କୋଡ଼ିଏ ବର୍ଷପରେ ଫାଷ୍ଟ
ଥରପାଇଁ
ନିରାଶ ମେଞ୍ଜେସ ଦଳ
ଲୁସିଆନୋ ହେଲା କାଳ
ବ୍ରାଜିଲ ବ୍ରାସୋଙ୍କ
କ୍ରସ୍‌କୁ ହେଡ୍ କରି
ଗୋଲ ମାରି ମହାବଳ।
ଅଣ୍ଡର ନାଇଣ୍ଟିନ କ୍ରିକେଟ ୱାର୍ଲ୍ଡକପ୍
ଅଷ୍ଟ୍ରେଲିଆ ଚାମ୍ପିୟନ
ସିନିୟର ପରେ ଜୁନିୟର ଟିମ୍
ରଖିଲେ ଦେଶର ମାନ
ଚାମ୍ବ ମାରେ ସେଇ ଜନ
ଇଣ୍ଡିଭିଜୁଆଲ ଟିମ୍ ସ୍ପିରିଟ ଜମା
ବୃଥା ଯାଏ ନାହିଁ ଧନ।

**–ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ
DHARITRI
50 Years

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୩/୨୦୨୪ Bhubaneswar, Friday, February 23/ 2024


# ପ୍ରଣତୀ, ମନ୍ନତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ରୋତ୍ସାହନ

**ପ୍ରଣତିଙ୍କୁ ୫ ଲକ୍ଷ, ମନ୍ନତାଙ୍କୁ ୨ ଲକ୍ଷ**

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ସ୍ତରରେ କୃତୀତ୍ୱ ହାସଲ କରିଥିବା ଓଡ଼ିଶାର ଦୁଇ ମହିଳା ଆଥଲେଟ୍ ପ୍ରଣତୀ ନାୟକ ଓ ମନ୍ନତା ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଏଏମ୍ଏନ୍ଏସ୍/ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ପ୍ରତିଭା ସମ୍ପନ୍ନ ଜିମ୍ନାଷ୍ଟ ପ୍ରଣତି ନାୟକ କାଏରୋରେ ଅନୁଷ୍ଠିତ ସମ୍ମାନଜନକ ଏଫ୍ଆଇଜି ୱାର୍ଲ୍ଡ କପ୍‌ରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଣତିଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଆଇଆଇଏସ୍ ସୁଇମିଂ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ମନ୍ନତା ବିଆଇଏମ୍ଏସ୍‌ଟିଇସି ଆକ୍ୱାଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦେଇ ସମ୍ମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସମସ୍ତ ସହାୟତା ଯୋଗାଇ ଦିଆଯିବାନେଇ ଆଶ୍ୱାସନା ଦେଇଛନ୍ତି।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଇମିଂ ପ୍ରତିଭା ମନ୍ନତା ମିଶ୍ର ଓ ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ଶାମି

ନୂଆଦିଲ୍ଲୀ, ୨୨।୨

ଆଇପିଏଲ୍ ୨୦୨୪ ପୂର୍ବରୁ ଗୁଜରାଟ ଟାଇଟନ୍ସକୁ ଲାଗିଛି ବଡ ଝଟକା। ଦଳର ଷ୍ଟ୍ରାଇକ୍ ବୋଲର ମହମ୍ମଦ ଶାମି ଆଇପିଏଲ୍ ୨୦୨୪ରୁ ଓହରି ଯାଇଛନ୍ତି। ଦିନିକିଆ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଶାମି ବିଶ୍ୱକପ୍ ପରଠାରୁ ଭାରତ ପାଇଁ ଖେଳିନାହାନ୍ତି। ଶାମିଙ୍କ ବାମ ଗୋଡ଼ରେ ଆଘାତ ଲାଗିଥିବା ବେଳେ ସେ ଏଥିରୁ ସୁସ୍ଥ ହୋଇନାହାନ୍ତି। ସେ ଆସନ୍ତା ମାସରେ ବାମ ପାଦରେ ଅସ୍ତ୍ରୋପଚାର କରିବାର କାର୍ଯ୍ୟକ୍ରମ ରହିଛି। ଲଣ୍ଡନରେ ସେ ଅସ୍ତ୍ରୋପଚାର କରିବେ। ଦିନିକିଆ ବିଶ୍ୱକପ୍‌ରେ ଶାମି ଚମତ୍କାର ବୋଲିଂ କରି ୨୪ ଉଇକେଟ ନେଇଥିଲେ। ଏହା ପରଠାରୁ ସେ ଆକ୍ସନରୁ ଦୂରରେ ରହିଛନ୍ତି। ସେ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ବେଳେ ନିକଟରେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ୍ ପଡିଥିଲେ। ସେ ବାଦ୍ ପଡିବା ଗୁଜରାଟ ଫ୍ରାଞ୍ଚାଇଜ ପାଇଁ ବଡ଼ କ୍ଷତି ହୋଇଥିବା ବେଳେ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇନାହିଁ। ପୂର୍ବରୁ ଗୁଜରାଟ ଟାଇଟନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦଳ ଛାଡ଼ି ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଥିଲେ।

# ବୁମ୍‌ରାଙ୍କ ଅନୁପସ୍ଥିତି ଭାରତ ପାଇଁ ଚ୍ୟାଲେଞ୍ଜ

**ଚତୁର୍ଥ ଟେଷ୍ଟ**
ସ୍ଥାନ: ଜେଏସ୍‌ସି ଇଣ୍ଟରନ୍ୟାଶନାଲ କମ୍ପ୍ଲେକ୍ସ
ସମୟ: ପୂର୍ବାହ୍ନ ୯.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

ରାଞ୍ଚି, ୨୨।୨ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଚତୁର୍ଥ ମ୍ୟାଚ୍ ରାଞ୍ଚିରେ ଖେଳାଯିବ। ଶୁକ୍ରବାର ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ଭାରତ ଏହାର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦେଇଛି। ଏହା ଭାରତ ପାଇଁ ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି କରିପାରେ। ଚଳିତ ସିରିଜ୍‌ରେ ବୁମ୍‌ରା ଭାରତ ପାଇଁ ଟ୍ରମ୍ପ କାର୍ଡ ରହିଛନ୍ତି। ୩ ଟେଷ୍ଟରେ ସେ ୧୭ ଉଇକେଟ ନେଇଥିବା ବେଳେ ଭାରତୀୟ ବୋଲରଙ୍କ ମଧ୍ୟରେ ସର୍ବାଧିକ ଉଇକେଟ ହାସଲକାରୀ ରହିଛନ୍ତି। ତେବେ ୱାର୍କଲୋଡ ମ୍ୟାନେଜମେଣ୍ଟ କାରଣରୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ୩ ମ୍ୟାଚ୍‌ରେ ବୁମ୍‌ରା ୮୨.୩ ଓଭର ବୋଲିଂ କରି ସାରିଛନ୍ତି। ତେବେ ତାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ପେସର ଇଂଲଣ୍ଡ ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇବାରେ ଅସମର୍ଥ ହୋଇଥିବାରୁ ଏହା ଭାରତୀୟ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ରହିଛି। ମହମ୍ମଦ ସିରାଜ କେବଳ ରାଜକୋଟ ଟେଷ୍ଟର ପ୍ରଥମ ଇନିଂସରେ ପ୍ରଭାବଶାଳୀ ବୋଲିଂ କରିଥିବା ବେଳେ ମୁକେଶ କୁମାର ବିଶାଖାପାଟଣାରେ ଉଇକେଟ ଶୂନ୍ୟ ରହିଥିଲେ। ତେବେ ଭାରତୀୟ ସ୍ପିନର ଚଳିତ ସିରିଜରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଭାରତର ଟପ୍ ବୋଲର ରହିଥିବା ବେଳେ କୁଲଦୀପ ଯାଦବ ତୃତୀୟ ସ୍ପିନର ଭୂମିକାରେ ନଜର ଆସିଛନ୍ତି। ରାଞ୍ଚି ପିଚ୍‌ରେ ଭାରତ ତୃତୀୟ ସ୍ପିନର ଭାବରେ କାହାକୁ ଖେଳାଇବ ତାହା ସ୍ପଷ୍ଟ ହୋଇ ନାହିଁ। ଅକ୍ଷର ପଟେଲ ଓ କୁଲଦୀପଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ମହମ୍ମଦ ସିରାଜ ଭାରତର ପ୍ରଥମ ପସନ୍ଦର ବୋଲର ରହିଥିବା ବେଳେ ଭାରତ ୧ ପେସର ଓ ୪ ସ୍ପିନର କମ୍ବିନେଶନ ସହ ଓହ୍ଲାଇପାରେ। ଏପରିକି ଯୁବ ବୋଲର ଆକାଶ ଦୀପଙ୍କୁ ମଧ୍ୟ ପଦାର୍ପଣର ସୁଯୋଗ ମିଳିପାରେ।

ଅନ୍ୟପକ୍ଷରେ ଇଂଲଣ୍ଡ ଦଳ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। ହାଇଦ୍ରାବାଦରେ ପ୍ରଥମ ମ୍ୟାଚ୍ ଜିତିବା ପରେ ପରବର୍ତ୍ତୀ ଦୁଇ ମ୍ୟାଚରେ ଦଳ ପରାଜିତ ହୋଇଛି। ରାଞ୍ଚିର ପରିବେଶ ସ୍ପିନକୁ ସୁହାଇବାର ସମ୍ଭାବନା ଥିବାରୁ ଅଫ୍ ସ୍ପିନର ଶୋଏବ ବଶିରଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିପାରେ ଭ୍ରମଣକାରୀ ଦଳ। ବାଜ୍ ବଲ୍ ଆଭିମୁଖ୍ୟକୁ ନେଇ ଇଂଲଣ୍ଡ ଦଳ ସମାଲୋଚନାର ଶିକାର ହେଉଥିଲେ ମଧ୍ୟ ଦଳ ଏହାର ରଣନୀତି ପରିବର୍ତ୍ତନ କରିବାର ସମ୍ଭାବନା କମ୍। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବୋଲିଂ ଅଭ୍ୟାସ କରିଥିବା ବେଳେ ସେ ରାଞ୍ଚିରେ ବୋଲିଂ କରିବାର ଆକଳନ କରାଯାଉଛି।

# ଯୁବ ଆଥଲେଟଙ୍କୁ ସମ୍ମାନିତ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୨।୨ (ବିଜୟ ରଣା): କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ହକି, ରଗ୍‌ବୀ, କାୟାକିଂ ଓ କାନୋଇଂରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କେତେଜଣ ଯୁବ ଆଥଲେଟଙ୍କୁ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରିଛନ୍ତି। ଏହାଛଡ଼ା ନୂଆ 'ଓ' କାର୍ଯ୍ୟକ୍ରମର ଅଂଶବିଶେଷ ଡିଜିଟାଲ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀଙ୍କ ବ୍ୟତୀତ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଏବଂ ବିଭାଗୀୟ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ପ୍ରଦାନ କରିବାକୁ ଯାଇ ୫୯ ଆଥଲେଟଙ୍କୁ ମୋଟ ୯,୦୦,୫୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାୟାକିଂ ଓ କାନୋଇଂ ଆଥଲେଟଙ୍କୁ ୭,୪୦,୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ଜାତୀୟ ୧୪ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଉଭୟ ବାଳିକା ଓ ବାଳକ ରୌପ୍ୟ ପଦକ ଲାଭ କରିଛନ୍ତି। ପ୍ରତ୍ୟେକ ଖେଳାଳି ୫,୦୦୦ ଟଙ୍କା ଲେଖାଏଁ ପାଇଛନ୍ତି। ସେହିପରି ଓଡ଼ିଶା ହକି ହାଇପରଫର୍ମାନ୍ସ ସେଣ୍ଟରର ୧୪ ବର୍ଷରୁ କମ୍ ଗ୍ରାସରୁଟ୍ ଟିମ୍ କେଟି ସିଂ ବାବୁ ବାଳକ ହକି ଟୁର୍ନାମେଣ୍ଟରେ ୨ୟ ରନର ଅପ୍ ହୋଇ ପାରିଛି। ସମସ୍ତ ୧୬ ଖେଳାଳିଙ୍କୁ ଜଣଙ୍କ ପିଛା ୨,୫୦୦ ଲେଖାଏଁ ପ୍ରଦାନ କରାଯାଇଛି। ରିଲ୍ ମେକିଙ୍ଗ, ଫଟୋଗ୍ରାଫି ଓ ଫିଲ୍ମ ମେକିଙ୍ଗ ଭଳି କାଟେଗୋରିରେ ୨୭ଜଣଙ୍କୁ ପୁରସ୍କୃତ କରାଯାଇଛି।

# ଯୁବା ବାସ୍କେଟ୍‌ବଲ ଓପନରେ ୧୨ ଦଳ

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ସନ୍‌ସାଇନ୍ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଯୁବା ଓପନ ବାସ୍କେଟବଲ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଇନ୍ଦିରା ପାର୍କର ବାସ୍କେଟବଲ କୋର୍ଟରେ ମ୍ୟାଚଗୁଡ଼ିକ ଖେଳାଯିବ। ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟ ବାହାରର ୬ଟି ଦଳ ଗତଥରର ଚାମ୍ପିୟନ ହାଇଦ୍ରାବାଦର ଡନ୍ ବସ୍କୋ, ଝାଡ଼ଖଣ୍ଡ, ଛତିଶଗଡ଼, ରାଞ୍ଚି, ଆନ୍ଧ୍ର ପ୍ରଦେଶ ଓ ଉଲ୍‌ଭ୍ସ ପ୍ୟାକ୍ ସାମିଲ। ଭାଗ ନେବାକୁ ଯାଉଥିବା ରାଜ୍ୟ ଦଳଗୁଡ଼ିକ ହେଲେ ରାଉରକେଲା, ଯୁବା ସଙ୍ଗଠନ, ସେଞ୍ଚୁରିଅନ, ପୁରୀ, ଯୁବା ସିନିୟର ଓ କିଟ୍। ୧୨ ଦଳକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହାପରେ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଖେଳାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଅବସରରେ ସୌଭାଗ୍ୟ ଓଝା, ଜି.ଏମ୍. ଅଳକାନନ୍ଦ, କେ. ବିକେବ ଓ ଲଇଜାଲିନ ଜେନାଙ୍କୁ ସମ୍ମାନିତ କରାଯିବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୫,୦୦୦, ରନରଅପ୍‌କୁ ୧୫,୦୦୦ ଓ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ୭,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଆୟୋଜକ ସଙ୍ଗଠନର ସଭାପତି ବିଶ୍ୱଜିତ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଟୁର୍ନାମେଣ୍ଟ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଆୟୋଜକଙ୍କ ଦ୍ୱାରା ପ୍ରତିଯୋଗିତାର ଟ୍ରଫି ଏବଂ ଜର୍ସି ଉନ୍ମୋଚନ ହୋଇଥିଲା। ଏହି ଅବସରରେ ସନ୍‌ସାଇନ୍ ଯୁବ ସଙ୍ଗଠନର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ଆୟୋଜକମାନେ ଯୁବା ବାସ୍କେଟବଲ ଓପନର ଜର୍ସି ଉନ୍ମୋଚନ କରୁଛନ୍ତି।

# ପାରାମାଉଣ୍ଟ, ଏମ୍‌ସିସି ବିଜୟୀ

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଗୁରୁବାରଠାରୁ ୭ମ ନବଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଏମ୍‌ସିସି ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ପାରାମାଉଣ୍ଟ ୭ ଉଇକେଟରେ ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ଲିଲାଧର ପ୍ରଧାନ ସର୍ବାଧିକ ୫୭ ରନକରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ମିନାଲ ପରିଡ଼ା ୪ ଉଇକେଟ ନେଇଥିଲେ। ପାରାମାଉଣ୍ଟ ୨୦ ଓଭରରେ ୩ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଦେବାଶିଷ ସାମନ୍ତରାୟ ସର୍ବାଧିକ ୪୩ ରନକରି ଅପରାଜିତ ରହିଥିବାବେଳେ ସୁଦର୍ଶନ ସ୍ୱାଇଁ ୪୨ ଓ ବିଦ୍ୟାଧର ବେହେରା ୩୬ ରନ କରିଥିଲେ। ରଣଜୀ ଟ୍ରଫି ଖେଳାଳି ଅନୁରାଗ ଷଡ଼ଙ୍ଗୀ ଅତିଥିଭାବେ ଯୋଗଦେଇ ମିନାଲ ପରିଡ଼ାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏମ୍‌ସିସି ଜ୍ୟୋତି ମଟର୍ସକୁ ୫୮ ରନରେ ହରାଇ ଦେଇଥିଲା। ଏମ୍‌ସିସି ୨୦ ଓଭରରେ ୧୮୧ ରନକରି ଅଲ୍‌ଆଉଟ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୪୮ ରନ କରିଥିଲେ। ପ୍ରତିପକ୍ଷ ଦଳର ସୂର୍ଯ୍ୟ କୁମାର ଭୂତିଆ ୪ ଉଇକେଟ ପାଇଥିଲେ। ଜବାବରେ ଜ୍ୟୋତି ମଟର୍ସ ୧୫.୫ ଓଭରରେ ୧୨୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ରଶ୍ମି ରଞ୍ଜନ ସାହୁ ସର୍ବାଧିକ ୪୯ ରନ ସ୍କୋର କରିଥିଲେ। ଏମ୍‌ସିସିର ଜୀବନ ଜେନା ୩ଟି ଏବଂ ଉଦୟ ଜଟ ଓ ପ୍ରଣବ ଦୁବେ ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଜୀବନ କୁମାର ଜେନା ଅତିଥି ରଣଜୀ ତାରକା ଗୋବିନ୍ଦ ପୋଦ୍ଦାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ମିନାଲ ପରିଡ଼ା ଓ ଜୀବନ କୁମାର ଜେନାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ମାର୍ଚ୍ଚ ୪ରୁ ମେଜର ସନ୍ଦୀପ ସ୍ମାରକୀ ଟେନିସ୍

- ଓଡ଼ିଶାରେ ପ୍ରଥମଥର ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏଆଇଟିଏ ଟୁର୍ନାମେଣ୍ଟ
- ଚାମ୍ପିୟନ ଓ ରନରଅପ୍‌ଙ୍କୁ ମିଳିବ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ

ଭୁବନେଶ୍ୱର, ୨୨।୨ (ତପନ ସ୍ୱାଇଁ)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସହଯୋଗରେ ଗୁରୁକୁଳ ଟେନିସ ରିସର୍ଟ ଆନୁକୂଲ୍ୟରେ ସର୍ବଭାରତୀୟ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ (ପୁରୁଷ) ଚାମ୍ପିୟନଶିପ୍ ମାର୍ଚ୍ଚ ୪ରୁ ଆରମ୍ଭ ହେବାକୁ ଯାଉଛି। ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଏବଂ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୮ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥର ପ୍ରତିଯୋଗିତାର ପୁରସ୍କାର ରାଶିକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଓଡ଼ିଶାରେ ପ୍ରଥମଥର ପାଇଁ ୨.୫ ଲକ୍ଷ ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ (ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ) ଟୁର୍ନାମେଣ୍ଟ ହେବାକୁ ଯାଉଛି। ପୂର୍ବରୁ ଏହାର ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଥିଲା। ୨୦୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରଥମେ ରାଜ୍ୟସ୍ତରୀୟ ଥିଲା। ମାତ୍ର ଗତ ୩ ବର୍ଷ ଧରି ଗୁରୁକୁଳ ଟେନିସ ରିସର୍ଟ ଏହାକୁ ସର୍ବଭାରତୀୟ ସ୍ତରରେ ଆୟୋଜନ କରୁଛି। ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ମ୍ୟାଚଗୁଡ଼ିକ ଖେଳାଯିବ। ଚାମ୍ପିୟନ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ସହ ୩୦,୦୦୦ ଓ ରନରଅପ୍‌ଙ୍କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ପ୍ରତିଯୋଗିତା ପାଇଁ ୧୨୫୦ ଟଙ୍କା ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଥିଲା ଏବଂ ଏପର୍ଯ୍ୟନ୍ତ ରାଜ୍ୟ ଓ ଜାତୀୟ ସ୍ତରର ୧୯୦ ଖେଳାଳି ନାମ ପଞ୍ଜୀକୃତ କରିସାରିଛନ୍ତି। ଦେଶର ଅନେକ ପ୍ରତିଷ୍ଠିତ ଖେଳାଳିଙ୍କୁ ଏହି ଟୁର୍ନାମେଣ୍ଟରେ ଦେଖିବାକୁ ମିଳିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପୂର୍ବତନ ଏଟିପି ପ୍ରଫେଶନାଲ ତଥା ଗୁରୁକୁଳ ରିସର୍ଟର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ। ଏହି ଟୁର୍ନାମେଣ୍ଟ ପ୍ରତି ଓଟିଏର କିପରି ସହଯୋଗ ରହିଛି ଏବଂ ରାଜ୍ୟରେ ଟେନିସର ବିକାଶ ପାଇଁ କ'ଣ ସବୁ କରାଯାଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ ଓଡ଼ିଶା ଟେନିସ ଆସୋସିଏଶନ ଉପସଭାପତି ଶୁଭ୍ରାଂଶୁ ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ଚେୟାରମ୍ୟାନ ପ୍ରତାପ କୁମାର ପ୍ରଧାନ, ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ବାପା ଜଗଦାନନ୍ଦ ମହାପାତ୍ର, ଭାଇ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଚାମ୍ପିୟନଶିପ୍‌ର ଟ୍ରଫି ଓ ଜର୍ସି ଉନ୍ମୋଚନ ଅବସରରେ କର୍ମକର୍ତ୍ତାମାନେ। (ଫଟୋ: ବିକାଶ ନାୟକ)







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ